VANI VIHAR 1989-2024
35 YEARS
CELEBRATION

# ଉତ୍ତରଣ

## VANI VIHAR 89' ALUMNI ASSOCIATION

### @ 35 years, 2024





Azadi Ka Amrit Mahotsav
SMILES
TO A MILLION
ENERGY SECURITY
TO A BILLION
MCL
Enabling Ease of Living...
MAHANADI COALFIELDS LIMITED
(A Govt. of India Undertaking & Subsidiary of Coal India Limited)
Jagruti Vihar, Burla, Dist: Sambalpur-768020 (Odisha)
www.mahanadicoal.in | @mahanadicoal


VANI VIHAR 1989-2024
35 YEARS
CELEBRATION
ଉତ୍ତରଣ
VANI VIHAR 89' ALUMNI ASSOCIATION
@ 35 years, 2024
UTKAL UNIVERS

# Vani Vihar 89' Alumni Association

**ଉପଦେଷ୍ଟା ମଣ୍ଡଳୀ**

ପୃଥ୍ୱୀରାଜ ହରିଚନ୍ଦନ
ବିଭୁପ୍ରସାଦ ତରାଇ
ଦେବାଶିଷ ପଟ୍ଟନାୟକ
ପ୍ରଦୀପ୍ତ କୁମାର ଗାହାଣ
ସୌଭାଗ୍ୟ ରଞ୍ଜନ ଆଚାର୍ଯ୍ୟ
ରାମକୃଷ୍ଣ ମିଶ୍ର

**ଆବାହକ**
ଗଣେଶ୍ୱର ଜେନା

**ସଭାପତି**
ନୃସିଂହ ଚରଣ ସ୍ୱାଇଁ

**ଉପସଭାପତି**
ମନୋଜ କୁମାର ପଣ୍ଡା

**ଯୁଗ୍ମ ସମ୍ପାଦକ**
ନିରୁପମା ପୃଷ୍ଟି
ବରେନ୍ଦ୍ର ଉଚ୍ଛାୟତ
ମୀନାକ୍ଷୀ ପ୍ରିୟଦର୍ଶିନୀ
ବିଜୟ କୁମାର ରାଉତ
ବିଦ୍ୟୁତପ୍ରଭା ରାୟ
କ୍ଷିରୋଦ କୁମାର ସୁବୁଦ୍ଧି
ବିଜୟା ମିଶ୍ର
ବିଚିତ୍ରାନନ୍ଦ ବେହେରା

**ସାଧାରଣ ସମ୍ପାଦକ**
ଜିତେନ୍ଦ୍ରିୟ ପାତ୍ର

**କୋଷାଧକ୍ଷ**
ଅମ୍ବିକା ପ୍ରସାଦ ରାଉତ

**ସଙ୍ଗଠନ ସମ୍ପାଦକ**
ବିଷ୍ଣୁ ପ୍ରସନ୍ନ ଦାସ

**ସ୍ମରଣିକା ସମ୍ପାଦକ**
ପବିତ୍ର ମୋହନ କର

**ରାଷ୍ଟ୍ରୀୟ ସଂଯୋଜକ**
ସତ୍ୟବ୍ରତ ମହାପାତ୍ର

**ପ୍ରବାସୀ ସଂଯୋଜକ**
ପ୍ରଶାନ୍ତ କୁମାର ତ୍ରିପାଠୀ



ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା
रघुवर दास
राज्यपाल, ओड़िशा
**Raghubar Das**
Governor, Odisha

सत्यमेव जयते

ରାଜ ଭବନ
ଭୁବନେଶ୍ୱର-୭୫୧୦୦୮
राज भवन
भुबनेश्वर- ७५१००८
**RAJ BHAVAN**
BHUBANESWAR-751008

December 12, 2024

# *Message*

I am glad to know that **'Vani Vihar 89' Almuni Association**, an association of the passed out students of Utkal University 1989 batch is celebrating its 35th Annual Day on December 29, 2024 in the premises of Utkal University, Bhubaneswar.

The alumni of Utkal University have always been an integral part of its legacy of academic excellence and societal contribution. It is heartening to note that the Vani Vihar 89 Alumni Association has carried forward this tradition through its commendable initiatives, including charitable activities, assistance to meritorious marginalized students, and felicitation to eminent educationists and social workers. Such efforts not only reflect the values imbibed during the members' time at Utkal University, but also reinforce the spirit of giving back to the society.

I send my good wishes to the members of the Association and believe that the Association will continue to inspire others with its activities and contributions.

I wish the occasion and the publication all success.

**(Raghubar Das)**

Tel.: 91-674-2536111/2536222, Fax:91-674-2536582, E-mail: govodisha@nic.in, Website: www.rajbhavanodisha.gov.in



**MOHAN CHARAN MAJHI**
CHIEF MINISTER, ODISHA

सत्यमेव जयते

**LOKASEVA BHAVAN**
**BHUBANESWAR**

# *Message*

I am glad to know that the **Vani Vihar 89' Alumni Association** is bringing out a souvenir on 29th December, 2024 in commemoration of its 35th year of alumni meet.

A pre-eminent institution of Odisha, Utkal University has been leading the state's educational aspirations by achieving academic excellence for over eight decades. Coming together for a re-union, it will be an occasion for the 1989 alumni batch to reminisce the old memories associated with this glorious institution. I hope the meet will also be a nice platform for making valuable contribution to the growth of the alma mater.

I extend my warm greetings to the members of VV 89' Alumni Association and wish the publication all success.

**(MOHAN CHARAN MAJHI)**

Phone : {Office : 0674-2531100, 2531500, 2535100 (Fax)



**SHRI PRITHIVIRAJ HARICHANDAN**
MINISTER
Law, Works, Excise
Odisha

Phone 0674-2531525 (O)
3077 (EPABX)

D.O. No. ........................./MLWE

BHUBANESWAR
Date 13.12.2024

# *Message*

It gives me immense pleasure to learn that **Vani Vihar 89'**, the association of the alumni of 1989 batch is observing its 35th Foundation Day in the premises of the *alma mater* itself.

I'm overwhelmed as I'm also an alumnus of the same batch. It's a commendable endeavour of the organizers of the association to maintain the spirit for over 3 decades and keep the lamp of camaraderie glowing dazzler every passing day.

The activities of the association over the years in academic, cultural & charitable domains will surely motivate the younger generation to serve the society.

I wish the festival a grand success and the organization Vani Vihar 89' Alumni Association to be a beacon light for the alumni fraternity.

Prithviraj Harichandan

(Prithiviraj Harichandan)



# ସୂଚୀପତ୍ର


| କ୍ର.ନ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୦୧ | ବାଣୀ ବିହାର | ଆଲୋକ କୁମାର ରାୟ | ୦୧ |
| ୦୨ | ବାଣୀବିହାର | ଅନୂପ କୁମାର ମଲ୍ଲିକ | ୦୨ |
| ୦୩ | VV 89 - ସ୍ମୃତି ଏକ ରୁପା ଜହ୍ନ | ଆଭାମୟୀ ମହାପାତ୍ର | ୦୩ |
| ୦୪ | "Save me, Save Mankind" | Avaya Kumar Lenka | ୦୪ |
| ୦୫ | ସ୍ମୃତିରେ ବାଣୀ ବିହାର | ଗଣେଶ୍ୱର ଜେନା | ୦୫ |
| ୦୬ | ଶାଢ଼ି | ଚିରଶ୍ରୀ ଇନ୍ଦ୍ରସିଂ | ୦୬ |
| ୦୭. | ସ୍ମୃତି ତୁମେ ଥରେ ହେଲେ ଜିଇଁ ଉଠ | ଜୟନ୍ତ ମିଶ୍ର | ୦୬ |
| ୦୮ | ଯା ଭିତରେ ୩୭ ବର୍ଷ ବିତିଗଲାଣି ! | ଜିତେନ୍ଦ୍ରିୟ ପାତ୍ର | ୦୭ |
| ୦୯ | ନିଭୃତ ଅଭିସାର | ତାରାକାନ୍ତ ମଲ୍ଲିକ | ୦୮ |
| ୧୦ | Beatific Beauty | Debaraj Swain | ୦୯ |
| ୧୧ | ଚେନାଏ ସ୍ମୃତି | ଦେବେନ୍ଦ୍ର କୁମାର ବିଶ୍ୱାଳ | ୧୦ |
| ୧୨ | India's Future by 2030: A Vision for Transformation | Debendra Chandra Pradhan | ୧୧ |
| ୧୩ | କୁଆଁତାରା | ନରେନ୍ଦ୍ର ସାହୁ | ୧୩ |
| ୧୪ | ଧନ୍ୟବାଦ ବାଣୀବିହାର | ନିରୁପମା ପୃଷ୍ଟି | ୧୪ |
| ୧୫ | ଶୂନ୍ୟକକ୍ଷ | ନିତ୍ୟାନନ୍ଦ ମହାନ୍ତି | ୧୮ |
| ୧୬ | वो दिन याद है | नीलाम्बर महापात्र | ୧୮ |
| ୧୭ | I Took the Road Less Travelled by... | Niranjan Nayak | ୧୯ |
| ୧୮ | 'କିଛି କଥା' | ପ୍ରଭାମଞ୍ଜରୀ ପଟ୍ଟନାୟକ | ୨୧ |
| ୧୯ | REMINISCENCES | Pradipta Kumar Gahan | ୨୨ |
| ୨୦ | ସ୍ମୃତିରେ ବାଣୀବିହାର...... | ବିଭୂତି ଭୂଷଣ ପାତ୍ର | ୨୩ |
| ୨୧ | ଉଆଁସୀ | ବିଦ୍ୟୁତ୍ ପ୍ରଭା ରାୟ | ୨୪ |
| ୨୨ | ଭାଙ୍ଗର ରଙ୍ଗ | ବିଜୟ କୁମାର ପ୍ରଧାନ | ୨୬ |

| | | | |
|---|---|---|---|
| ୨୩ | ଶାଗୁଆନ ଗଛ | ବନ୍ଦନା ପଣ୍ଡା | ୨୭ |
| ୨୪ | ନିଶା ସେବନର ପ୍ରଭାବ ଓ ପ୍ରତିକାର | ବସନ୍ତ କୁମାର ବେହେରା | ୩୧ |
| ୨୫ | ତୁମେ ଗଲା ପରେ... | ଭରତ ଦାସ | ୩୨ |
| ୨୬ | The Infiltration of AI | Manoranjan Pati | ୩୨ |
| ୨୭ | ବିସ୍ଥାପିତ ମାଟି ଓ ଈଶ୍ୱର କଥା | ମନୋଜ ପୂଜାରୀ | ୩୩ |
| ୨୮ | ମରାଳ | ମନୋରଞ୍ଜନ ଦାସ | ୩୫ |
| ୨୯ | ରୋମନ୍ଥନ ଅତୀତ ସ୍ମୃତିର | ମାନିନୀ ରଥ | ୩୫ |
| ୩୦ | ଇତିହାସରୁ ଫର୍ଦ୍ଦେ | ମାନସ ରଞ୍ଜନ ପାଣିଗ୍ରାହୀ | ୩୬ |
| ୩୧ | Our Utkal University (Vani Vihar): Our Dreamland | Mahesh Kumar Dey | ୩୭ |
| ୩୨ | ନାଁ'ରେ ତାର ଶତ ସିଂହର ବଳ | ଯଶୋବନ୍ତ ଜେନା | ୪୦ |
| ୩୩ | ସ୍ମୃତି ତୁମେ ମୋ ପ୍ରିୟ ବାଣୀବିହାର.. | ରୁନୁ ଦାଶ | ୪୨ |
| ୩୪ | ବାଣୀବିହାରରେ ରାମ ମିଶ୍ର | ରାମକୃଷ୍ଣ ମିଶ୍ର | ୪୩ |
| ୩୫ | Horn of Plenty and Silence of Prosperity (Kamadhenu) | Rasananda Munda | ୪୫ |
| ୩୬ | ଗୋଟିଏ ଦେଶ – ଦୁଇଟି ନାମ ! | ରାଜବଲ୍ଲଭ କର | ୪୬ |
| ୩୭ | ମୂର୍ଖାମିର ପରିଣାମ | ଲକ୍ଷ୍ମୀ ପଣ୍ଡା | ୪୮ |
| ୩୮ | ଶୀତ ରାତି କେଉଁଠି କେମିତି | ଶାରଦା କାନ୍ତ ମିଶ୍ର | ୪୯ |
| ୩୯ | Flash Back to Life Behind | Suvendu Kumar Pati | ୫୦ |
| ୪୦ | ବାଣୀ ବିହାରର ସେଇସବୁ ଦିନ | ସତ୍ୟବ୍ରତ ମହାପାତ୍ର | ୫୧ |
| ୪୧ | ଜଗନ୍ନାଥଙ୍କ ନିଜ ଲୋକ | ସସ୍ମିତା ମହାନ୍ତି | ୫୨ |
| ୪୨ | ପବିତ୍ର ମନ୍ଥନ | ସୌଭାଗ୍ୟ କୁମାର ଆଚାର୍ଯ୍ୟ | ୫୪ |
| ୪୩ | ସମ୍ପାଦକଙ୍କୁ ପତ୍ର... | ସୁଜାତା ସାହୁ | ୫୬ |
| ୪୪ | ସ୍ମୃତି ଏକ ରୁପା ଜହ୍ନ | ସନାତନ ପଣ୍ଡା | ୫୮ |
| ୪୫ | "ବାଣୀବିହାରର ସ୍ମୃତି ଅନୁଭୂତି" | ସୀତାରାମ ମହାରଣା | ୫୯ |
| ୪୬ | Gone Are Those Days... | Smita Dash Sahoo | ୬୧ |
| ୪୭ | ସ୍ମୃତି ଏକ ରୂପାଜହ୍ନ | ସୁଜାତା ପ୍ରହରାଜ | ୬୩ |
| ୪୮ | ଭୁବନେଶ୍ୱରରେ ଗତ ଛ' ବର୍ଷର ଅନୁଭୂତି | ସୁଧାଂଶୁ ଶେଖର ମିଶ୍ର | ୬୬ |
| ୪୯ | ଗଛଟିଏ ଲଗାଇବା ମାଆ ନାଁରେ | ହରିହର ସାହୁ | ୬୭ |
| ୫୦ | ଅବସୋସ | ହିମାଂଶୁ ପଣ୍ଡା | ୬୮ |
| ୫୧ | ଜୀବନ ସଂଗୀତ | ହିରଣ୍ମୟୀ ମିଶ୍ର | ୬୯ |
| ୫୨ | ମୋ ସ୍ମୃତିରେ ବାଣୀବିହାର | ହେମନ୍ତ କୁମାର ନାୟକ | ୭୦ |
| ୫୩ | ହତାଶିଆ ପ୍ରେମ | କ୍ଷୀରୋଦ କୁମାର ସୁବୁଦ୍ଧି | ୭୩ |

# ସଂକଳ୍ପ, ସହଭାଗିତା ଓ ସିଦ୍ଧି

ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ମୁନସୀ ପ୍ରେମଚନ୍ଦ୍ ନିଜ ପାଇଁ ଗୋଟେ ନିୟମ ପ୍ରଣୟନ କରିଥିଲେ - 'ଦିନକୁ ଅନ୍ତତଃ ଦୁଇ ପୃଷ୍ଠା ଯଦି ନ ଲେଖନ୍ତି; ତେବେ ତାଙ୍କର ରାତ୍ରୀ ଭୋଜନର ଅଧିକାର ନାହିଁ' । ନୋବେଲ ବିଜୟୀ ହେମିଙ୍ଗ ୱେ ପ୍ରତିଦିନ ସକାଳେ ଲେଖାଲେଖି କରନ୍ତି । ଲୋକପ୍ରିୟ ଔପନ୍ୟାସିକ ଷ୍ଟିଫେନ କିଙ୍ଗ ପ୍ରତ୍ୟହ ଅତି କମରେ ୬ ପୃଷ୍ଠା ନିଶ୍ଚୟ ଲେଖନ୍ତି । ବର୍ଷୀୟାନ ଓଡ଼ିଆ କଥାକାର ଶ୍ରୀ ଅଚ୍ୟୁତାନନ୍ଦ ପତି ୯୮ବର୍ଷ ବୟସରେ ମଧ ପ୍ରତିଦିନ ପୃଷ୍ଠାଏ ଦି'ପୃଷ୍ଠା ଲେଖନ୍ତି । ସ୍କୁଲରେ ପଢିଲାବେଳେ ଆମେମାନେ ମଧ ଦିନକୁ ୧୦ଖଣ୍ଡ ଗଣିତ ଓ ଗୋଟେ ପ୍ୟାସେଜ୍ (ପାରାଗ୍ରାଫ୍) ଇଂରାଜୀ ଟ୍ରାନ୍ସଲେସନ୍ କରୁଥିଲୁ ।

ଶ୍ରୀମାଙ୍କର ଦିନଲିପି (ଡାଏରୀ) ଆଜି ବିକଳ୍ପ ଶିକ୍ଷାର ଆଧାର । ମହାତ୍ମା ଗାନ୍ଧୀଙ୍କ ଡାଏରୀ ମଧ ଆଧୁନିକ ବିଶ୍ୱର ଆନ୍ଦୋଳନ, ସତ୍ୟାଗ୍ରହ, ସେବା ଓ ରାଜନୀତି ପାଇଁ ମାର୍ଗଦର୍ଶିକା ସଦୃଶ ।

ଆମେ ଅନ୍ତତଃ ଚିନ୍ତାକରିବା କଥା ଯେ ଯଦି ବାଲ୍ମୀକି କିମ୍ବା ବ୍ୟାସ ଲେଖି ନ ଥାନ୍ତେ, ତେବେ ଆଜି ରାମାୟଣ ନ ଥାନ୍ତା କି ମହାଭାରତ ମଧ ନ ଥାନ୍ତା । ଯଦି ସାରଳା ଦାସ କିମ୍ବା ଜଗନ୍ନାଥ ଦାସ ଲେଖନୀ ଚାଳନା କରି ନ ଥାନ୍ତେ, ତେବେ ଓଡ଼ିଆ ଭାଷାରେ ମହାଭାରତ କିମ୍ବା ଭାଗବତ ବି ନ ଥାନ୍ତା ।

ଆମେ ଜାଣୁ ଯେ ପ୍ରାୟ ଅଢ଼େଇ ହଜାର ବର୍ଷର ପ୍ରାମାଣିକ ବ୍ୟାବହାରିକତା ଆଧାରରେ ଓଡ଼ିଆ ଭାଷାକୁ ଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି । ଅର୍ଥାତ ଲିପି ଉଦ୍ଭାବନ ପରେ ଶିଳାଲେଖ ଠାରୁ ଆରମ୍ଭ କରି ତାଳପତ୍ର ପୋଥି ଯାଏଁ, ଓଡ଼ିଆ ଭାଷାର ବ୍ୟବହାର ବେଶ୍ ପ୍ରାଚୀନ । ନିକଟ ଅତୀତରେ, ବ୍ରିଟିଶ ଶାସନ ସମୟରେ 'ଓଡ଼ିଆ ଗୋଟେ ଭାଷା ନୁହେଁ' ବୋଲି ଯେଉଁ ଭୟଙ୍କର ଷଡ଼ଯନ୍ତ୍ର କରାଯାଇଥିଲା, ତତ୍କାଳୀନ୍ ପ୍ରତିବଦ୍ଧ ଭାଷାବିତ୍ ଓ ସାହିତ୍ୟିକମାନେ ତା'ର ସଫଳ ମୁକାବିଲା କରି ସଂପ୍ରତି ବହୁପ୍ରଚଳିତ ଶବ୍ଦ 'ଓଡ଼ିଆ ଅସ୍ମିତା'ର ପ୍ରମାଣ ଦେବା ସହ ତାର ପ୍ରାଣ ପ୍ରତିଷ୍ଠା ମଧ କରିଥିଲେ । ଏପରିକି ବିମ୍ସ ଓ ରେଭେନସାଙ୍କ ଭଳି ସାହେବମାନେ ମଧ ଓଡ଼ିଆ ଭାଷାର ସୁରକ୍ଷା ଓ ସମ୍ମାନ ନିମନ୍ତେ ଅଣ୍ଟା ଭିଡ଼ିଥିଲେ ।

ଏହି ପରିପ୍ରେକ୍ଷୀରେ ଜଣେ ଓଡ଼ିଆ ଭାବରେ ଓଡ଼ିଆ ଭଳି ଶାସ୍ତ୍ରୀୟ ଭାଷାରେ ଲେଖିବା ବା ଲେଖିପାରିବା ଏକ ଜାତୀୟ କର୍ତ୍ତବ୍ୟ ଓ ଦାୟିତ୍ୱ ନୁହେଁ କି ?

ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ । ଆଉ ଯୁଗଟିଏ ପରେ ( ୧୨ ବର୍ଷ ପରେ) ଆମେ ଆମ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ କରିବୁ । କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଓଡ଼ିଆ ଭାଷା ସାହିତ୍ୟର ଆଦର ରହିଛି । ସାରଳା ଦାସ, ଜଗନ୍ନାଥ ଦାସ, ଭୀମ ଭୋଇ, ଫକୀର ମୋହନ, ଗୋପୀନାଥ ଆଦି ଯୋଗଜନ୍ମା ଓଡ଼ିଆ ସାହିତ୍ୟିକମାନେ ସମୃଦ୍ଧ ଐତିହ୍ୟ ପ୍ରତିଷ୍ଠା ଓ ବିଶ୍ୱ ସମକକ୍ଷ ଆଧୁନିକ ସାହିତ୍ୟ ରଚନା କ୍ଷେତ୍ରରେ ଓଡ଼ିଶା ରାଜ୍ୟ ଓ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି ।

କିନ୍ତୁ ବିଡ଼ମ୍ବନା, ଏଭଳି ଏକ ଶାସ୍ତ୍ରୀୟ ଭାଷା ଓ ଏଥିରେ ରଚିତ ସମୃଦ୍ଧ ସାହିତ୍ୟର ଦାୟାଦ ହୋଇ ମଧ ଆମେ ଓଡ଼ିଆରେ ଦିନକୁ ଦି'ଧାଡ଼ି ଲେଖିବାକୁ କୁଣ୍ଠିତ । ବାଣୀବିହାର ୮୯'(VV89') ଅନୁଷ୍ଠାନର ୩୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରକାଶ ପାଉଥିବା ଏହି ସ୍ମରଣିକା ନିମନ୍ତେ ଲେଖା ସଂଗ୍ରହ କଲାବେଳେ ସମ୍ପାଦନା ମଣ୍ଡଳୀର ଏଭଳି ଦୁର୍ଭାଗ୍ୟଜନକ ଅଭିଜ୍ଞତା ହୋଇଛି ।

ସମାଜରେ ଲିଙ୍ଗଗତ ବୈଷମ୍ୟ ଓ କୁସଂସ୍କାର ବେଶ୍ ପ୍ରଭାବୀ ଥିବାବେଳେ ବି ବିବାହଯୋଗ୍ୟା ଝିଅଟି ଦି' ଧାଡ଼ି (ଚିଠି) ଲେଖିପାରୁଥିବା ଓ (ପୁରାଣ) ପଢ଼ିପାରୁଥିବା ଜରୁରୀ ଥିଲା । ସେତେବେଳେ ବି, କଲିକତାରେ ଚାକିରି କରୁଥିବା ଏକମାତ୍ର ପୁଅ ନିକଟକୁ ଅସହାୟା ମା'ଟି ପାଇଁ ଚିଠି ଖଣ୍ଡେ ଲେଖିଦେବାକୁ ଚପଳମତି ତରୁଣଟିଏ ଖୋଜା ହେଉଥିଲା । ଲକ୍ଷ୍ମୀ ବ୍ରତ ଠାରୁ ଖୁଦୁରୁକୁଣୀ ଓଷା ପର୍ଯ୍ୟନ୍ତ, ଅନେକ ପର୍ବପର୍ବାଣିରେ ଓଷା ବହି ପଢ଼ା ପରମ୍ପରା ଆମ ସାହିତ୍ୟକୁ ଏକ ପାରିବାରିକ ଆବଶ୍ୟକତାରେ ପରିଣତ କରିଛି ।

ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର, ପ୍ରସାର ଓ ସମୃଦ୍ଧି ନିମନ୍ତେ ସମ୍ପ୍ରତି ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଉଦ୍ୟମ କରାଯାଉଛି ଓ ଅଭିନବ ପଦକ୍ଷେପ ନିଆଯାଉଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଏ ଦିଗରେ ଖୁବ୍ ସହାୟକ ହେଉଛି । ଖବରକାଗଜ ଗୁଡ଼ିକର ପ୍ରଭାତି ସଂସ୍କରଣ

ପ୍ରକାଶନ, ଅନେକ ଓଡ଼ିଆ ଚାନେଲ(ଟିଭି ଓ ୟୁଟ୍ୟୁବ)ର ପ୍ରଚଳନ, ଓଡ଼ିଆ ବିଭବ ଭଳି ପ୍ଲାଟଫର୍ମରେ ଓଡ଼ିଆ ସାହିତ୍ୟର ଡିଜିଟାଲ୍ ସଂରକ୍ଷଣ, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ, ବର୍ଷ ତମାମ୍ ସାରା ରାଜ୍ୟରେ ବିକ୍ଷିପ୍ତ ଭାବରେ ଅସୁମାରି ସାହିତ୍ୟ ସମାରୋହ ଓ ପୁସ୍ତକମେଳାର ଆୟୋଜନ, ସାହିତ୍ୟ ପତ୍ରିକା ପ୍ରକାଶନ ଆଦି ଏହାର ପ୍ରମାଣ । ଏସବୁ ପ୍ରୟାସର ମୂଳ ଉଦ୍ଦେଶ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ଓ ଉନ୍ନତିକରଣ ସହିତ ବିଶ୍ୱ ମଞ୍ଚରେ ନିଜ ଗରିମା, ସ୍ୱତନ୍ତ୍ର୍ୟ ଓ ଅସ୍ମିତାର ପ୍ରତିଷ୍ଠା ।

ସମାଜରେ ବାସ କରୁଥିବା ସାଧାରଣ ମଣିଷଟି ହିଁ ଭାଷା ସାହିତ୍ୟର ରକ୍ଷାକର୍ତ୍ତା । ବିଶ୍ୱରେ ପ୍ରତିଦିନ ଗୋଟିଏ ଗୋଟିଏ ଭାଷାର ମୃତ୍ୟୁ ଘଟିଚାଲିଛି । କେହି ଯଦି ବ୍ୟବହାର କଲାବାଲା ନ ରହନ୍ତି, ତେବେ ଭାଷାଟିର ମୃତ୍ୟୁ ଅବଶ୍ୟମ୍ଭାବୀ ।

ଅବଶ୍ୟ ଏଭଳି କୌଣସି ଆଶଂକା ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ନାହିଁ । ତଥାପି ଆମକୁ ସଜାଗ ରହିବାକୁ ପଡ଼ିବ । କୁହାଯାଏ ଯେ ପଶ୍ଚିମବଙ୍ଗ (ବିଶେଷତଃ କଲିକତା)ର ପ୍ରାୟ ଲୋକ ହାଟବଜାର କରି ଘରକୁ ଫେରିଲାବେଳେ ବଙ୍ଗଳା ପତ୍ରିକାଟିଏ କିଣି ଆଣିଥାଏ । ଆନନ୍ଦ ବଜାର ପତ୍ରିକା ଖବରକାଗଜର ଗ୍ରାହକମାନେ ପ୍ରାୟତଃ ମାସିକ 'ଦେଶ' ପତ୍ରିକାର ବି ନିୟମିତ ଗ୍ରାହକ । କହିବାର ତାତ୍ପର୍ଯ୍ୟ, ଭାଷାର ବ୍ୟବହାର (କହିବା, ପଢିବା ଓ ଲେଖିବା) ହିଁ ଗୋଟିଏ ଜାତିକୁ ଓ ତା'ର ଐତିହ୍ୟ, ପତିଆରା, ପ୍ରାସଙ୍ଗିକତା ଓ ସାଂପ୍ରତିକତାକୁ ବଞ୍ଚେଇ ରଖେ ।

ଆଜି ଏହି ଶୁଭ ଲଗ୍ନରେ, ଆମେ ସମସ୍ତେ ନିଜ ନିଜକୁ ପ୍ରଶ୍ନ କରିବା ଯେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶାର ବାସିନ୍ଦା ହିସାବରେ ଓଡ଼ିଆ ଭାଷାର ସର୍ବନିମ୍ନ ବ୍ୟବହାର (ଲେଖିବା ଓ ପଢ଼ିବା) ଆମେ କରିଛେ କି ? କରୁଛେ କି ? ଆଗକୁ କରିବାର ଯୋଜନା ଅଛି କି (ନିଜ ପିଲା ଓ ତାଙ୍କ ପିଲାମାନଙ୍କ ଜରିଆରେ) ?

ପୁଣି ଥରେ ମୂଳ ପ୍ରସଙ୍ଗକୁ ଆସିବା । ପରଜା ଭଳି ଉପନ୍ୟାସ ଲେଖିବାକୁ ଗାପୀନାଥ ମହାନ୍ତି କାରାପୁଟ ଭଳି ଉପାନ୍ତ ଅଞ୍ଚଳରେ ନିଜ ଯୁବାକାଳ ବିତେଇଦେଲେ । ଫକୀରମୋହନ ହୁଅନ୍ତୁ କି ବୈଷ୍ଣବ ପାଣି, ସାହିତ୍ୟ ସାଧନା ଜାରି ରଖିବାକୁ ସେମାନେ କମ୍ ବାଧାବିଘ୍ନର ସମ୍ମୁଖୀନ ହୋଇ ନାହାନ୍ତି ।

'ବାଣୀବିହାର' ଭଳି ବିଶ୍ୱ ବିଦିତ ଶିକ୍ଷାୟତନର ଜଣେ ପୁରାତନ ଛାତ୍ର ବା ଛାତ୍ରୀ ହିସାବରେ, ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚିମୂଷା ଭଳି, ଏ ଜାତିର ଭାଷା ଓ ସାହିତ୍ୟର ମର୍ଯ୍ୟାଦା ରକ୍ଷା ନିମନ୍ତେ, ଅନ୍ତତଃ ଦିନକୁ ପାଞ୍ଚ ଦଶ ପୃଷ୍ଠା ପଢ଼ିବା ଓ ପୃଷ୍ଠାଏ ଦି'ପୃଷ୍ଠା ଲେଖିବା ଉଚିତ ନୁହେଁ କି ?

**'ନୂଆବର୍ଷ - ୨୦୨୫' ସଂକଳ୍ପ, ସହଭାଗିତା ସିଦ୍ଧିର ବର୍ଷ ହେଉ**
**ସାହିତ୍ୟ, ସମ୍ପର୍କ, ସାମୂହିକତାର ବର୍ଷ ହେଉ**
**ପ୍ରେମ, ପ୍ରେରଣା ଓ ପ୍ରତିବଦ୍ଧତାର ବର୍ଷ ହେଉ ।**
**ଶୁଭେଚ୍ଛା ଓ ଅଭିନନ୍ଦନ ।**

**କିମଧିକମ୍ !**

**ସ୍ମରଣିକା ସମ୍ପାଦନା ମଣ୍ଡଳୀ**

# ବାଣୀ ବିହାର

**ଆଲୋକ କୁମାର ରାୟ**
ରାଜନୀତି ବିଜ୍ଞାନ ବିଭାଗ

ବାଣୀ ବିହାର ଜୀବନ ଜିଜ୍ଞାସାର
ଅସଜଡ଼ା ଅଥଚ ଉର୍ବର ଚରାଭୂଇଁ
ସପନ ବଣିକର ଅକୁହା ଅଙ୍ଗେନିଭା କାହାଣୀ ମୁଣ୍ଡପିଟେ ସଦା ତହିଁ ।।

ଯେଉଁଠି ଋତୁରାଜ ବସନ୍ତ ଶୋଭେ ସଦ୍ୟସ୍ନାତା ତୁଠ ଫେରନ୍ତା ନାରୀ ପରି
ଖୁବ୍ ସଯତ୍ନେ ଲୁଚାଏ ଅଙ୍ଗଶୌଷ୍ଠବ ଲୋକଲୋଚନରୁ ଯିବାକୁ ଅପସରି ।।

ଯେଉଁଠି ରାତିରେ ଶତ ତାରକା ଖୋଜିବୁଲନ୍ତି ବାଣ୍ଟିବାକୁ ଭାବନା ଅସୁମାରି
ରାତିର ଗଭାରେ ଯହିଁ ଫୁଟେ ସଦାସର୍ବଦା ଗଙ୍ଗଶିଉଳି ଅତି ସୁକୁମାରୀ ।।

ବାଣୀବିହାର ଲାଗେ ଅନେକ ସମୟେ ପୁରାଣ ବର୍ଣ୍ଣିତ ସୁନାହରିଣୀ
କିଏ କେତେ ଧାଇଁଛି ତା ପଛେ କିଏ ପୁଣି ଲେଖିଛି ନୂଆ କାହାଣୀ ।।

ଯହିଁ କେତେ ଈର୍ଷାର ହଲଦୀଘାଟ ନେଇଛି ଅଲଭ୍ୟ ଅସଭ୍ୟ ପ୍ରତିଶୋଧ
ଯହିଁ କେତେ ପ୍ରୀତି ପାର୍ବଣ ହାରିଛି କରି ପାରିନି ଆବେଗର ଗତିରୋଧ ।।

ଯହିଁ ଶ୍ରାବଣରେ ବୁନ୍ଦାଏ ଜଳ ପାଇଁ ଭାଙ୍ଗିଯାଏ ସମ୍ପର୍କର ମହତ ସେତୁବନ୍ଧ
ଯହିଁ ବୈଶାଖରେ ଖରା ମୃଗତୃଷ୍ଣା ସୃଷ୍ଟି ନକରିପାରି ହୁଏ ଅନ୍ଧ ।।

ଯହିଁ ଅପେକ୍ଷା ଗାଲରେ ହାତ ଭରାଦେଇ ବସିରହେ ସେମିତି ସମୟ କୋଳରେ
ଯହିଁ ଅସ୍ପଷ୍ଟ ଶୁଭେ କାନକୁହା କଥା ମନ ସହର ହରିତ ଉଦ୍ୟାନରେ ।।

ବାଣୀ ବିହାର ପୂନେଇଁରେ ଦିଶେ ଫୁଲେଇ ନଈର ଉତ୍ତାଳ ତରଙ୍ଗ ଯେପରି
ଅମାବାସ୍ୟା ରେ ପୁଣି ସେଇ ନଈରେ ବି ଥାଏ ଲୁହର ପଟୁଆର ସେପରି ।।

ଛୁରିଅନା ଫୁଲର ବାସ ଏବେ ବି ମହକାଏ ବାଣୀ ବିହାରର ସୁଠାମ ଅଳିନ୍ଦ
ଏବେବି ସେଠି ଶୁଭେ ରାତ୍ରୀର ନିସ୍ତବ୍ଧ ପ୍ରହରେ ପ୍ରତାରିତା କାହା କାନ୍ଦ ।।

ବାଣୀ ବିହାର କେବେ ପ୍ରେମର ତାଜମହଲ ପୁଣି କେବେ ଛଳନାର ଜୁଇ
କିଏ ସେଠି ହେଇଛି ତୃପ୍ତ ପୁଣି କିଏ ହରେଇଛି ଗଜାସ୍ୱପ୍ନ ତାରକସି ପାଇଁ ।।

# ବାଣୀବିହାର

**ଅନୂପ କୁମାର ମଲ୍ଲିକ**
ଗଣିତ ବିଭାଗ

୧

ରୀନା- ବାପା, ମୁଁ ଆଉ ଗୀତ ଗାଇବି ନାହିଁ

ବାପା - କାହିଁକି ?

ରୀନା - କାଲି ମୁଁ ଗୀତ ଗାଇବା ସମୟରେ କିଏ ଜଣେ ଝରକା ବାଟେ ମତେ ଚପଲ ପଟେ ଫୋପାଡିଲା ।

ବାପା - ଆଜି ଗାଇଦେ, ଆଉ ପଟେ ମିଳିଗଲେ ହଳେ ଚପଲ ହୋଇଯିବ ।

୨

ରମେଶ- ଆରେ ରାକେଶ, ଜାଣିଛୁ ଯେଉଁମାନେ ସିଗାରେଟ ବିଡି ଟାଣନ୍ତି ସେମାନେ ବୁଢା ହୁଅନ୍ତି ନାହିଁ ।

ରାକେଶ-କାହିଁକି ?

ରମେଶ- କାରଣ ସେମାନେ ବୁଢା ହେବା ପୂର୍ବରୁ ହିଁ ମରିଯାଆନ୍ତି । ଆଉ ଗୋଟେ କଥା ଜାଣୁ ?

ରାକେଶ-କଣ ?

ରମେଶ- ତାଙ୍କ ଘରକୁ କେବେ ଚୋର ଆସନ୍ତି ନାହିଁ ।

ରାକେଶ-କାହିଁକି ?

ରମେଶ- କାରଣ ସେମାନେ ରାତିତମାମ କାଶୁଥାନ୍ତି । ଚୋର ଭାବେ, ସେମାନେ ଶୋଇନାହାନ୍ତି ।

୩

ବାପା- (ପୁଅକୁ କହିଲେ) ଆରେ ଧନ ! ତୁ ଜୁଆ ଖେଳନା । ଜୁଆରେ ଆଜି ଜିଣିଲେ କାଲି ହାରିବୁ ।

ପୁଅ- ଠିକ୍ ଅଛି ବାପା’ ତାହା ହେଲେ ମୁଁ ଦି ଦିନ ପରେ ଖେଳିବି ।

୪

ବାପା ପୁଅକୁ କହିଲେ ତୁ ଯଦି ପରୀକ୍ଷାରେ ପାସ୍ ହେବୁ ମୁଁ ତୋ ପାଇଁ ଗୋଟେ ବାଇକ୍ କିଣିବି ।

ପୁଅ ରେଜଲ୍ଟ ବାହାରିବା ପରେ ଖୁସିରେ ମିଠା ବାଣ୍ଟିଲା ।

ବାପା- କାହିଁକି ମିଠା ବାଣ୍ଟୁଛୁ ?

ପୁଅ- ବାପା, ମୁଁ ପରା ସତୁରି ହଜାର ବଞ୍ଚାଇଦେଲି । କାରଣ ମୁଁ ଫେଲ ହୋଇଛି ?

୫

ଶିକ୍ଷକ- (ଶଙ୍କରାକୁ) ଆଜି କଣ ଏତେ ଲେଟ୍‌ରେ ଆସିଲୁ ?

ଶଙ୍କରା- ମୋ ବାପା ଓ ମା ଘରେ ଝଗଡା କରୁଥିଲେ ।

ଶିକ୍ଷକ- ସେମାନେ ତ ଝଗଡା କରୁଥିଲେ, ତୋର କାହିଁକି ଲେଟ୍ ହେଲା ?

ଶଙ୍କରା- ମୋର ଗୋଟେ ଜୋତା ମା ହାତରେ ଓ ଆଉଗୋଟେ ବାପାଙ୍କ ହାତରେ ଥିଲା ।

୬

ମାଲିକ- ମୁଁ ଚୋର ଚୋର କହି ଚିଲାଉଛି । ଚୋର ଖସିଗଲା, ତୁ ଧରି ପାରିଲୁନାହିଁ ?

ଚାକର- ଚୋର ଖସିଗଲେ କଣ ଗଲା ବାବୁ, ମୁଁ ପରା ତାର ଫିଙ୍ଗର ପ୍ରିଣ୍ଟ ରଖିଛି ।

ମାଲିକ- କେଉଁଠି ।

ଚାକର- ଏଇ ଦେଖ, ମୋ ବାମ ଗାଲରେ ।

୭

ଚାକର- ଆଜ୍ଞା ମୁଁ ଆଜି ଠାରୁ ଚାକିରି ଛାଡି ଯାଉଛି ।

ମାଲିକାଣୀ-କାହିଁକି ? କଣ ହେଲା ତୋର ?

ଚାକର- ଆପଣ ମୋତେ ବିଶ୍ୱାସ କରୁନାହାନ୍ତି ।

ମାଲିକାଣୀ-କିଏ କହିଲା ? ଘରର ସବୁ ଚାବି ତ ତୋ ପାଖରେ !

ଚାକର- ହେଲେ ସେଥିରୁ କୌଣସି ଚାବିରେ ଆପଣଙ୍କ ଆଲମାରି ଖୋଲୁନି ।

# VV 89 - ସ୍ମୃତି ଏକ ରୁପା ଜହ୍ନ

**ଆଭାମୟୀ ମହାପାତ୍ର**
ଅର୍ଥନୀତି ବିଭାଗ

କଲେଜ ଜୀବନର ଶିକ୍ଷା,ଭିନ୍ନ ରୂପ, ଭିନ୍ନ ଭାବନା ଓ ଭିନ୍ନତା ବିଭିନ୍ନ ବିଷୟ ମଧ୍ୟରେ । କେତେ ଆଶାନେଇ ମହାବିଦ୍ୟାଳୟରେ ପାଦ ଥାପି ପାଠପଢାସାରି ଯେତେବେଳେ ସ୍ନାତକ ଶିକ୍ଷା ସମାପ୍ତ କରୁ, ମନଭିତରେ ଉଙ୍କି ମାରୁଥିଲା କେଉଁ ବିଶ୍ୱବିଦ୍ୟାଳରେ PG କରିବି । ସେତେବେଳେ Economics ରେ graduation ସାରି Utkal University ରେ ନାମ ଲେଖାଇବାର ସୁଯୋଗ ପାଇଲି A&A Economics ରେ। ମନ ବହୁତ ଖୁସିଥିଲା, କାରଣ Utkal University ଏକମାତ୍ର University ଯାହାର ପ୍ରାଧନ୍ୟ ଓଡିଶାର ଶିକ୍ଷାୟନ କ୍ଷେତ୍ରରେ ଅଧିକ ଥିଲା। ରମାଦେବୀ (୨ୟ ଛାତ୍ରୀନିବାସରେ) 5th year ରେ ୫ଜଣ ଗୋଟିଏ ରୁମ୍‌ରେ ରହୁଥିଲୁ । ତାପରେ 6th yr. ରେ 4th Block ରେ ମୁଁ, Chhabi, Jyotsna, Banee ଏକାଠି ରହୁଥିଲୁ । ସମସ୍ତଙ୍କର Individual Room ଥିଲା । ବହୁତ ଭଲ ଲାଗୁଥିଲା । ମଝିରେ ମଝିରେ ରୋଷେଇ କରି ଖାଉଥିଲୁ। ଭଦ୍ରକରୁ ଇଲିଶି ଶୁଖୁଆ ନେଇ ଯେତେବେଳେ ରାନ୍ଧେ, ସେତେବେଳେ ହଷ୍ଟେଲ ସାରା ଶୁଖୁଆ ବାସ୍ନା ଭରିଯାଏ । ଇଲିଶି ଶୁଖୁଆକୁ ପଖାଳ, ବେଶ୍ ମଜାଦାର ଥିଲା ଖାଇବା । ସୁଖରେ ଦୁଃଖରେ, ଦେହ ଖରାପ ହେଲେ ସାଙ୍ଗମାନେ ବହୁତ Care ନେଉଥିଲେ । ମୋତେ ଭଲ ଲାଗୁଥିଲା ହଷ୍ଟେଲ ଜୀବନ, କାରଣ ମୁଁ କେବେ ଆଗରୁ Hostel ରେ ରହି ନଥିଲି। ବାପା ଭଦ୍ରକ କଲେଜରେ ଅଧ୍ୟାପକ ଥିଲେ' ତା ଆଗରୁ ପୁରୀ S.C.S କଲେଜରେ ୩ ବର୍ଷ ରହିଥିଲେ ।

ମୁଁ ପୁରୀରେ ୩ୟରୁ Matric pass କରିଥିଲି । ବାପା ୧ ନଂ ହଷ୍ଟେଲ (SSC College) ରେ Superintendent ଥିଲେ Quarter ରେ ରହୁଥିଲୁ । ମୁଁ Economics PG ପରେ B.E.d ଓ M:Ed କଲି Bhubaneswar ରେ ରହି Nalinidevi Govt training College ରୁ। ଭଦ୍ରକ ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା କରିବାରେ ମୋର ଖୁସି ଅନେକ । ମୁଁ Care hospital ରେ ଥିବାବେଳେ ! ବିଦୁ ମୋ ପାଖକୁ ପାନ ନେଇ ଆସିଥିଲା । ବହୁତ ଖୁସି ଲାଗିଥିଲା । ପବିତ୍ରଙ୍କ ଅନୁରୋଧ କ୍ରମେ କିଛିଟା ଲେଖିଦେଲି । ମୁଁ ତ ଲେଖିକା କି କବି ନୁହେଁ । ଭାଷା ସାହିତ୍ୟରେ କିଛି ବି ପାଣ୍ଡିତ୍ୟ ନାହିଁ । ତଥାପି କିଛି ସ୍ମୃତି ଆଉ କିଛି ଅନୁଭୂତି ଲେଖିଦେଲି । ଏବେ ବି ବାପାଙ୍କ ଘରକୁ ଗଲେ ବାଣୀବିହାରକୁ ଆଖି ଆପେ ଆପେ ଚାଲିଯାଏ । ମନେପଡିଯାଏ ସେଦିନର ସ୍ମୃତି- କେତେ କଥା, କେତେ ବ୍ୟାଥା .... ସବୁକିଛି ତା ଭିତରେ ଲୁଚିରହିଛି। ସାଙ୍ଗମାନଙ୍କୁ ଦୀର୍ଘଦିନର ବ୍ୟବଧାନ ପରେ ଏବେ ପାଇଲା ପରେ, ସେମାନଙ୍କ ସହ ମିଶି ସବୁକିଛି ... ପୁଣି ହସଖୁସିର ଦୁନିଆ ଗଢି ଉଠିଛି । ସମସ୍ତେ ବହୁତ ଭଲ... । ଏହି ଭଳି ମନର ଦୁଃଖ ବିଷାଦକୁ ଦୂର କରିଦେଇପାରୁଥିବା What's App Group ଭାଗ୍ୟରେ ଥିଲେ ମିଳେ । ସବୁବେଳେ ଆଖି ଆଉ ହାତ ଚାଲିଯାଏ ମୋବାଇଲ୍ ପାଖକୁ, ଟିକେ ସାଙ୍ଗମାନଙ୍କର ମଜାମସ୍ତିଭରା Message ପଢି ଖୁସିଲାଗେ । ଭାରାକ୍ରାନ୍ତ ମନଟା ହାଲ୍‌କା ହୋଇଯାଏ । ବୟସର ଅପରାହ୍ନରେ ସାଙ୍ଗମାନଙ୍କର ମେଳରେ ଜୀବନଟା ବେଶ୍ ମସ୍ତିଭରା ହୋଇଯାଏ। କାହିଁକିନା ବ୍ୟସ୍ତବହୁଳ ଦୁନିଆରେ, ପାରିବାରିକ ଜଞ୍ଜାଳ ଭିତରେ ମନକୁ ହାଲ୍‌କା କରିବାର ମହୌଷଧିହିଁ ଦୋସ୍ତୀ ।

ସୌଭାଗ୍ୟଙ୍କର ଗୋଟେ ଗୋଟେ ବାର୍ତ୍ତା What'sApp Group ରେ ବେଶ ମଜାଦାର... ସବୁବେଳେ ସେ ଏହି Group କୁ active କରିପାରିଛନ୍ତି । ନିରୁ ଆଉ ମୀନାକ୍ଷୀ କଥା କ'ଣ ଲେଖିବି ? ସେମାନେ ଏହି Group ର ଆଗଧାଡିର ନାରୀ ନେତ୍ରୀ.... ବେଶ ମଜ୍ଜାକରନ୍ତି ସେମାନେ। ସାରଦା, ଗଣେଶ, ରାମକୃଷ୍ଣ, ଆଲୋକ,ଫକୀରା, ଗୌରୀ, ଜୟନ୍ତ, ଅମ୍ବିକା, ସନ୍ତୋଷ, ନସିଂହ ସୂର୍ଯ୍ୟକାନ୍ତ । ଜିତୁ, ହେମନ୍ତ, ମନୋଜ, ଗଙ୍ଗା, କ୍ଷୀରୋଦ, ପବିତ୍ର, ସ୍ୱପ୍ନା, ପ୍ରଦୀପ, ବିଦୁ, ମୀନାକ୍ଷୀ, ଭରତ, ହରି, ଦେବେନ୍, ଦେବୀ,

ଦେବ ଆହୁରି ଅନେକ ସାଙ୍ଗ ସମସ୍ତେ ବେଶ୍ ହସଖୁସ୍... ମନୋଭାବର । ଫକୀରା ଆଉ ଗଣେଶ,... ଥରେ ମୋତେ ଆଉ ସ୍ୱପ୍ନାକୁ ନେଇ ଘରେ ଛାଡିଥିଲେ..... ସେମାନଙ୍କ ଏହି ଭଲ ପାଇବା ଆଉ Caring ଭାବ ବେଶ୍ ପ୍ରଶଂସନୀୟ । TUTU (Narendra) ଆଉ Tarakanta କେତେ ମିଶୁଥିଲେ ପାଠପଢିଲା ବେଳେ ! ମୋତେ Tutu Apa ଡାକୁଥିଲେ । ସେ କାହିଁକି ଚୁପଚାପ ଜାଣିହେଉନି ? ଗଣେଶ ଙ୍କ ଧର୍ମପତ୍ନି ବବିଙ୍କର ସହଯୋଗ ସବୁକାମରେ ଦକ୍ଷତା ପ୍ରତିପାଦନ କରିବା, ସମସ୍ତଙ୍କୁ ନେଇ ପରିଚାଳନା କରିବା... Picnic ରେ, GT ରେ ଦେଖିଛି ? ବହୁତ ଭଲଗୁଣ । ଆଜି ଅମର ନାୟକ (ଅମର ଭାଇ) ନାହାନ୍ତି, ତାଙ୍କ କଥା ମନେପଡେ ଚରମ୍ପା କଲେଜରେ Valuation work ବେଳେ ମୋର ସବୁ ସେ ବୁଝିଦିଅନ୍ତି । ବହୁତ ହେଲ୍ପ କରନ୍ତି । ତା'ଙ୍କ ଆତ୍ମାର ସଦ୍‌ଗତି ହେଉ । ମୋତେ କିଛି ଲେଖି ଆସେନା.... ତଥାପି ଲେଖୁ ଲେଖୁ ଲେଖିଦେଲି । ସ୍ମୃତି ଏକ ରୂପା ଜହ୍ନ ଭଳି ଆମ VV89 ସାଙ୍ଗମାନଙ୍କ ଜୀବନରେ ଝଟକୁ ଥାଉ ସବୁଦିନ ପାଇଁ ଯଦି କିଛି ତ୍ରୁଟି ଥାଏ କ୍ଷମା କରିବେ । ସବୁ ସାଙ୍ଗ ବହୁତ ଭଲ, ବାଦଲ, ବିପ୍ଳବ, ବିଜୟ (ପ୍ରଧାନ ଏବଂ ରାଉତ) ସେମାନେ ବି ମୋ ସହ ଭଲ ମିଶନ୍ତି । ତେଣୁ ସମସ୍ତଙ୍କୁ ନେଇ ଏହି Group ସବୁବେଳେ ଚଳଚଞ୍ଚଳ ଥାଉ ।

# "Save me, Save Mankind"

**Avaya Kumar Lenka**
Dept. of Sociology

Look at me, Look at me
I am full of love & life.
Do not betray me, never dislike me.
You shall be worshiped in life.

I am the daughter,
Source of joy & laughter
I am the mother
Source of family altogether.

Do not perceive me as a burden
Early at birth all on a sudden
I can learn, I can teach,
Also I can work & earn.

Always think about a bright future
of which I am certain.
I can work in kitchen,
Work in garden.

Whether business or politics,
I can excel under the sun,
God has gifted me
Just Like a son
Equal in every respect
To become a person

Again I appeal you all
Take care and make sure
I am not discarded
by anybody any where.

# ସ୍ମୃତିରେ ବାଣୀ ବିହାର

**ଗଣେଶ୍ୱର ଜେନା**
ରାଜନୀତି ବିଜ୍ଞାନ ବିଭାଗ
(ଆବାହକ: VV89')

ବାଣୀବିହାର ସେ ବାଣୀର ବିହାର
ନା ରତ୍ନର ଭଣ୍ଡାର କି ସ୍ୱପ୍ନର ସୌଦାଗର
ଆସିଥିଲି ଧାଇଁ ଦିନେ ସୁଦୂର ପଲ୍ଲୀରୁ
ରତ୍ନର ସନ୍ଧାନରେ ରତ୍ନଗର୍ଭାର ଆକର୍ଷଣରେ

ଖାଜିଲି ରତ୍ନ ଦିନେ ସ୍ୱପ୍ନର ଅନ୍ଧାରି ଆଡୁଆଳରେ
ସ୍ୱପ୍ନ ଏଠି ବିକା କିଣା ହୁଏ କ୍ଲାସ ରୁମରେ
ଅଳକା ମାର୍କେଟରେ କି ପାଣି ଟାଙ୍କି ପାଖରେ
ଅବା ପରିଜା ଲାଇବ୍ରେରୀରେ

ବାଲି ଘର କି ତାସ ଘର
କୋଣାର୍କ କି ତାଜ ମହଲ
ଗଢ଼ା ହୁଏ କି ଗଢୁ ଗଢୁ ଭାଙ୍ଗିଯାଏ
ଶିଳାରୁ ଶାଳଗ୍ରାମ
ସୁନେଲି ପ୍ରାତଃରୁ ଧୂମାଛନ୍ନ କ୍ଲାନ୍ତ ସାୟାହ୍ନ
ମୁଁ ଆଜି କରୁଛି ହିସାବନିକାଶ
ଭାଗ୍ୟ ଓ ଭବିତବ୍ୟର
ମୋ ଜୀବନ ଜୀବିକାର
ପାଇଲି କେତେ ଭାଗଫଳ
ରହିଲା କେତେ ଭାଗଶେଷ

ବାଣୀ ବିହାରରେ ସ୍ୱପ୍ନ
ପ୍ରେୟସୀ ଗୋଲାପି ଅଧର ପରି
କେବେ ସେଠୁ ମଧୁ ଝରେ
କି ଉତପ୍ତ ଲାଭା ଉଦ୍ଗିରଣ ହୁଏ
ବିଶ୍ୱାସ ଯେବେ କୋଣ ଠେସା ଦିଏ
ସନ୍ଦେହର ଘନ କୁହୁଡି ଆସ୍ତରଣ ତଳେ
ତନ୍ଦ୍ରାୟିତ ରଜନୀରେ ଜହ୍ନ ଯେବେ
ଲୁଚକାଳି ଖେଳେ କୃଷ୍ଣଚୂଡ଼ାର ଉଭାଡ଼ରେ
କିମ୍ବା ହଜି ଯାଏ ଜଳଦର ଅନ୍ତରାଳେ

ମେଘ ଡମ୍ବୁରୁ ସ୍ୱରେ
ବିଜୁଳିର ଚମକ ପୁଣି ଭାସି ଆସେ ଆଶାର କିରଣ ଧରି
ଛାତ୍ରାବାସର ଛାତ ଉପରକୁ
ଜହ୍ନକୁ ହାତ ବଢେଇ ଥିବା ପ୍ରାଣୀଟି
ପୁଣି କେବେ ନିଜେ ହୋଇଯାଏ ଜହ୍ନ କି ତାରା
ନିଜ ଅଜାଣତରେ

ଏଠି ପୁଣି ଗଢ଼ା ହୁଏ ସ୍ୱପ୍ନର ମିନାର

ଦୁର୍ଭେଦ୍ୟ ଦୁର୍ଗ ଅଟଳ ସୌଧ
ମୋ ବାଣୀ ବିହାର ସାଜିଛି ମୋ ପାଇଁ ଦିଗବାରେଣି
ମୋ କାୟାକଳ୍ପର ସୁଦକ୍ଷ ବିନ୍ଧାଣି
ମନେ ନାହିଁ କେବେ ନେଲି ତା ଠୁ ମେଲାଣି
ମା ଠାରୁ ସନ୍ତାନ କି କେବେ ନେଇପାରେ ମେଲାଣି !

ତାର ପଣତ କାନି ଆଜି ପୁଣି ଆଣିଛି ଟାଣି
ଜୀବ ଥିବା ଯାଏଁ ରହିଥିବି ରଣୀ !!

# ଶାଢ଼ି

**ଚିରଶ୍ରୀ ଇନ୍ଦ୍ରସିଂ**
ରାଜନୀତି ବିଜ୍ଞାନ ବିଭାଗ

ମୁଁ ଉତାରି ଦେଲି ସେ ଶାଢ଼ି
ଯାହାକୁ ପିନ୍ଧିଥିଲା ମୋର ଛାଇ,
ଗୋଟିଏ ଆଲୁଅ ନ ଥିବା ଦିନ
ଏବଂ ଅନ୍ଧାର ନ ଥିବା ରାତି
ଠିଆ ହୋଇଥିଲେ ମୁହାଁମୁହିଁ

ତୁଳନା କଲେ
ସଂଧ୍ୟାର ଆକାଶ ଦିଶୁଥାଇପାରେ
ବେଶି ସୁନ୍ଦର କେବେକେବେ
ସକାଳର ଆକାଶ କିନ୍ତୁ
ସଂଧ୍ୟାର ଆକାଶ ଠାରୁ, ସବୁବେଳେ
ବେଶି ଓସାର ବେଶି କୋମଳ
ଛାଇ ଠାରୁ ଓଜନିଆ ଦେହ
ଦେହ ଠାରୁ କେତେ ଗୁଣ ଓଜନିଆ ଶାଢ଼ି

ଖୋଜିବାକୁ ବାହାରି ଯାଇଥିଲି ମୁଁ
ମଣିଷର ଆତ୍ମା ଭାବ ଦିଆନିଆ କରେ
କେଉଁ ଭାଷାରେ ?
ନାରୀର ନିରବତା
ଗୁଣୁଗୁଣୁ ହୁଏ କେଉଁ ଶବ୍ଦରେ ?
ଭଲପାଇବାର କ୍ଷତ
ଲାଲ ଦିଶେ କେଉଁ ରକ୍ତରେ ?
ଓ କେଉଁ ତାରାର ଇସାରାରେ
କୂଳକୁ ଫେରିଆସେ
ଦିଗହଜା ନୌକା ?

ମୋ ଦେହରେ ଗୁଡେଇ ଧରିଛି ମୁଁ ତାରଟିଏ
ଦେଖ ତ !
କିଛି ରକ୍ତ ଲାଗିଛି ମୋ ଶାଢ଼ିରେ ?

# ସ୍ମୃତି ତୁମେ ଥରେ ହେଲେ ଜିଇଁ ଉଠ

**ଜୟନ୍ତ ମିଶ୍ର**
ରାଜନୀତି ବିଜ୍ଞାନ ବିଭାଗ

ଏ ହାଡୁଆ ଗାଲ, ଟୁଣୁକା ପେଟ, ଅଧା ପାଚିଲା କେଶ ସମ୍ଭାର ଆଉ ଅବଶ ଅବୟବ; ସବୁକୁ ଆଗକୁ ଠେଲିଦେଇ, ଟିକେ ନେଇଚାଲ ମତେ ସେ ଅଫେରା ଯୁଗ କୁ ।

ଜିଇଁବାକୁ ଇଚ୍ଛା ହୁଏ ପୁଣି ଥରେ ସେ ଦୁଃସ୍ଥ ଜୀବନ, ଦୁଇ ହଳ ପୋଷାକରେ ରାଜ କୁମାର ହବାର ସ୍ୱପ୍ନ, ଆଖିର ସ୍ୱପ୍ନରେ ଭବିଷ୍ୟତ କାନଭାସ୍‌ରେ ଆଙ୍କିବାକୁ ରଙ୍ଗବେରଙ୍ଗୀ ପଚ୍ଚଚିତ୍ର, ଭବିଷ୍ୟତର ଚିତ୍ର, କଳ୍ପନା ଆଉ ବାସ୍ତବତାର ମିଠା ସଂଘର୍ଷ ସବୁବେଳେ, ସବୁଦିନେ ।

ବାଣୀବିହାର କ୍ୟାମ୍ପସ୍‌ର ପ୍ରେମ, ଆମ ଲାଗି ପୁଣି ଥରେ ହେଇଯାଉ ଅପଢ଼ା ଅଧ୍ୟାୟ, ମହିଳା ଛାତ୍ରାବାସର ପ୍ରାନ୍ତ ଆମ ଲାଗି ଅମଡ଼ା ସହର, ରଂଗୀନ ଉପାଖ୍ୟାନମାଳ, ଖାଲି ଯାହା କଥା ଶୀର୍ଷକ ହଉ ଆମ ଅଭେକାଙ୍କ ଲଘୁ ବାର୍ତ୍ତାଳାପର ଛାତ୍ରାବାସ କ୍ୟାଣ୍ଟିନ୍, ପାଣି ସହ ଡାଲିର ଜନ୍ମଜନ୍ମାନ୍ତରର ସମ୍ପର୍କ, ସଂଘର୍ଷ ଆଉ ଜିଇଁବାର ଆଉ ଏକ ଭରସା ।

ଛୁଟି ଦିନର ଅୟମାରମ୍ଭ ରାମାୟଣ କି ମହାଭାରତ ସିରିଏଲ ଓ ପରିସମାପ୍ତି ମଧ୍ୟ ରାତ୍ରୀୟ କବିତା ପାଠୋତ୍ସବରେ ମଝି ଦିନସବୁ ଭବିଷ୍ୟତ ଗଢ଼ିବାର ନିହାଣ, ମୁଗୁରର ଟୁକ୍ ଟୁକ୍ ଶବ୍ଦକୁ ନେଇ କାହିଁ କେତେ ଦୂରେ ଛାଡ଼ିକି ଆସିଲି ସେ ଅଫେରା ରାଇଜ, ସ୍ମୃତି ତୁମେ ସ୍ୱପ୍ନ ହେଲେ ବି କେତେ ଯେ ବାସ୍ତବ, ମୃତ ହେଇ ବି କେତେ ଯେ ସଜୀବ... ।

# ଯା ଭିତରେ ୩୭ ବର୍ଷ ବିତିଗଲାଣି !

ଜିତେନ୍ଦ୍ରିୟ ପାତ୍ର
ବାଣିଜ୍ୟ ବିଭାଗ
(ସମ୍ପାଦକ : VV89')

କାଲିପରି ଲାଗୁଛି SCS College ରୁ B.Com ପାସ୍ କଲା ପରେ P.G. Admission ପାଇଁ Utkal University ଏବଂ Raveneshaw College ରେ apply କରିଥିଲି । ପ୍ରଥମେ Ravenshaw ରୁ intimation ପାଇ ସେଠାରେ admission କରିଥିଲି । ଗୋଟେ ସପ୍ତାହ ପରେ Vanivihar ରୁ ଡାକରା ପାଇଲି admission ପାଇଁ । ମୋର ଲକ୍ଷ୍ୟ ଥିଲା Revenshaw ରେ ସକାଳ ବେଳା P.G କରିବା ଏବଂ Costing College ରେ ICWAI କରିବା । କିନ୍ତୁ ମୋ ମାମୁଁ କହିଲେ P.G ବିଶ୍ୱବିଦ୍ୟାଳୟରେ କରାଯାଏ, ମହାବିଦ୍ୟାଳୟରେ ନୁହେଁ । ତେଣୁ ମୁଁ Vanivihar ରେ admission କଲି ।

ଏଠି ମୁଖ୍ୟତଃ ୩ଟି group ର ଛାତ୍ର/ଛାତ୍ରୀ ରୁହନ୍ତି । ୧– ରେଭେନ୍‌ସା ଗ୍ରୁପ୍ 2-BJP ଗ୍ରୁପ୍ ଏବଂ ୩– ଅନ୍ୟାନ୍ୟ କଲେଜ ଗ୍ରୁପ୍ । ପ୍ରଥମ ୩/୪ ମାସ ରେଭେନ୍‌ସା ଗ୍ରୁପ୍ ର ପ୍ରଭାବ ରହେ, ତାପରେ ସମସ୍ତେ ବାଣୀବିହାର ଗ୍ରୁପ ହୋଇଯାଆନ୍ତି । ଏଠାରେ ମୁଁ ଅନୁଭବ କଲି, କିଛି ଅଛନ୍ତି ଯେଉଁମାନେ କେବଳ ଚାକିରି ଲକ୍ଷ୍ୟରେ ଥାଆନ୍ତି, ଯାହା ବାହାରିଲେ apply କରିବେ ଏବଂ ପରୀକ୍ଷା ଦେବେ । ଦ୍ୱିତୀୟ ଗ୍ରୁପ୍ ଭଲ ଚାକିରି ଲକ୍ଷ୍ୟରେ ଥାଆନ୍ତି । Select କରି apply କରନ୍ତି ଏବଂ ପରୀକ୍ଷା ଦିଅନ୍ତି, ତୃତୀୟ ଗ୍ରୁପ୍ କେବଳ officer's ଚାକିରି ପାଇଁ apply କରନ୍ତି । ସେମାନେ କୌଣସି Clerical କିମ୍ବା ତୃତୀୟ ଶ୍ରେଣୀ ଚାକିରି ପାଇଁ apply କରନ୍ତି ନାହିଁ । କିନ୍ତୁ ଶେଷରେ ଦେଖାଗଲା, ଅଧିକ ଛାତ୍ରଛାତ୍ରୀ L.I.C ରେ ,BSNL ରେ, ଅଧ୍ୟାପନାରେ, Bank and Rly ଭଳି ସଂସ୍ଥାରେ ଯୋଗ ଦେଇଛନ୍ତି ।

୧୯୮୮ ମସିହା October ମାସରେ ଆମ dept. ଛାତ୍ରଛାତ୍ରୀ ମଧ୍ୟରୁ ୨୭ ଜଣ Study tour ରେ Bombay, Goa, Bangalore, Chennai ପ୍ରଭୃତି ସ୍ଥାନକୁ ଯାଇଥିଲୁ, ଆମ ସହିତ ପ୍ରଫେସର ପ୍ରଦ୍ୟୋତ କୁମାର ପ୍ରଧାନ guide ହିସାବରେ ଯାଇଥିଲେ । ଦୁର୍ଭାଗ୍ୟବଶତଃ Goa ରେ ସାରଙ୍କର ଗୋଡ ଭାଙ୍ଗିଯାଇଥିଲା, କିନ୍ତୁ ତା ସତ୍ତ୍ୱେ ସାର Tour Cancel ନକରି ଆମ ସହିତ ରହିଲେ । ଆଜି ମଧ୍ୟ ପ୍ରଧାନ ସାରଙ୍କର ଛାତ୍ରମାନଙ୍କ ପ୍ରତି ତ୍ୟାଗକୁ ମୁଁ ମନେମନେ ପ୍ରଣାମ କରେ । ସେଦିନ Bombay stock exchange 27th floor conference hallରେ ଆମମାନଙ୍କ ସହିତ Stock exechange authorityଙ୍କର Meeting ହୋଇଥିଲା । Question /answer session ପରେ ସେମାନେ ଆମମାନଙ୍କୁ Snax and tea ରେ ଆପ୍ୟାୟିତ କରିଥିଲେ । ଆମମାନଙ୍କ ଚା' ପିଇବାର ଶୈଳୀ ବିଶେଷ କରି । ଚା ସୁଡକା ଶବ୍ଦ ଏବଂ ଚିନି ଘାଣ୍ଟିବାର ଶବ୍ଦରେ Conference hall ଭିତରେ ଯେଉଁ ତରଙ୍ଗ ସୃଷ୍ଟିହେଇଥିଲା ତାହା ମନେ ପଡିଲେ ଆଜି ଅତ୍ୟନ୍ତ ହସଲାଗେ ।

୧୯୮୭ ରୁ ୧୯୮୯ ଏ ଦୁଇ ବର୍ଷର ବାଣୀବିହାରରେ ରହଣି ଛାତ୍ର ଜୀବନର ସବୁଠାରୁ ଶ୍ରେଷ୍ଠ ସମୟ ଥିଲା । ଏହି ସମୟରେ ଅନେକ କିଛି ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଥିଲୁ । ଜୀବନ ଦର୍ଶନ, ଜୀବନର ମାର୍ଗ, ଜୀବନର ମହତ୍ତ୍ୱ, ବଞ୍ଚିବାର ଶୈଳୀ ଏବଂ ଜିତିବା ପାଇଁ ସଂଗ୍ରାମ ....ଏହି ଠାରୁ ଆମକୁ ଶିଖିବାକୁ ମିଳିଥିଲା ।

ଆମ ସମୟରେ ବାଣୀବିହାରରେ ପାଠ ପଢିବା ଏକ ସମ୍ମାନର ବିଷୟ ଥିଲା । ଆଜି ଭଳି ଅନେକ technical education ବା MBA institute ନଥିଲା । ପ୍ରତି ମେଧାବୀ ଛାତ୍ରର ପ୍ରଥମ ପସନ୍ଦ ବାଣୀବିହାରରେ P.G କରିବା ଏକ ପ୍ରକାର ସ୍ୱପ୍ନ ଥିଲା ।

ପରିଶେଷରେ ଯୌବନର ଆକର୍ଷଣ ମଧ୍ୟ ଏଠାରେ ଏକ ପ୍ରମୁଖ ବିଷୟ ଥିଲା । ସତ୍ୟ ମହାପାତ୍ର ଭାଷାରେ ଏଠାରେ କିଛି ପ୍ରେମରେ ସଫଳ ଥିଲେ । କିଛି ଗ୍ରାମାଞ୍ଚଳରେ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବାରୁ ଏ ଦିଗରେ ଚେଷ୍ଟା କରି ନ ଥିଲେ ଏବଂ କିଛି ଚେଷ୍ଟା କରି ବିଫଳ ହୋଇଥିଲେ । ସଂଧ୍ୟା ସମୟରେ Alaka Market କୁ ବୁଲିଯିବା ନିତି ଦିନର ଏକ Agenda ହୋଇଯାଇଥିଲା । ଆମେ କମର୍ସ ବାଲା, ଏସବୁ ସୁଯୋଗର କମ୍ ବ୍ୟବହାର କରୁଥିଲୁ ।

ପରିଶେଷରେ ଏତିକି କହିବି ଯେ ଦୁଇ ବର୍ଷ ଅତ୍ୟନ୍ତ ସ୍ମରଣୀୟ ବର୍ଷ ଥିଲା, ଏଠାରେ Literature, Sports, Politics, Cinema, Philosopy , Travel ଭଳି ବିଷୟରେ Regular discussion ହେଉଥିଲା । ଯାହା ଦ୍ୱାରା ଜଣକର integrated Psychological development ହୋଇପାରୁଥିଲା । ଆମ Vanivihar -୮୨ର ଅନେକ ବଂଧୁ ଆଜି ରାଜନୀତି, ସାହିତ୍ୟ, କ୍ରୀଡା, ପ୍ରଶାସନ, ଅଭିନୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି ଏବଂ ଆମ group ର ଗୌରବ ବଢାଇଛନ୍ତି । ଶେଷରେ ଆମେ Vanivihar ରୁ ଅନେକ ପାଇଛୁ  ଅଥଚ ବିଶେଷ କିଛି ଦେଇପାରିନାହୁଁ ।

# ନିଭୃତ ଅଭିସାର

**ତାରାକାନ୍ତ ମଲ୍ଲିକ**
ଗଣିତ ବିଭାଗ

ଦିଗନ୍ତ ବିସ୍ତାରି ଅନ୍ଧାର
ନିଦ୍ରିତ ପ୍ରହରରେ ବାରମ୍ବାର
ପ୍ରବେଶ ତମର,
ମୋ ଛାତିର ବଗିଚାରେ ଫୁଲ ହୋଇ
ଫୁଟିଯାଏ ତମ ମୁହଁ ବାରମ୍ବାର ।

ମୋ ଅତୀତ ଓହ୍ଲେଇ ଆସେ
କୁଆଁତାରା ଗର୍ଭରୁ
ନିଭୃତ ଅଭିସାର ପାଇଁ
ନିସଙ୍ଗ ରକ୍ତରେ ଶୁଭେ
ସୂର୍ଯ୍ୟୋଦୟର ଦୃପ୍ତ ପଦଧ୍ୱନି ।।

ଅଜଚ୍ଛା ଚଢେଇଙ୍କ ଡାକ
ଅଜଣା ଫୁଲଙ୍କ ମହକ
ଲୁଚି ଛପି ପଶି ଆସନ୍ତି ମୋ
ଚରମ ଶୂନ୍ୟତା ଭିତରେ,
ସ୍ୱପ୍ନ ଭାସେ ଗଗନେ ପବନେ
ତା ସହ ଭାସୁଥାନ୍ତି
ପ୍ରଜାପତି ଯୋଡ଼େ
ନଇପଠା କଡେ କଡେ
ଅତି ସଂଗୋପନେ..।।

# Beatific Beauty

**Debaraj Swain**
Dept. of History

This is not a figment of imagination . This is a storyline that stems from experience while pursuing Post Graduation in Vani Vihar @ 1987-89.

I belonged to P.G.Department of history, she Labour Welfare which was adjacent to ours. I didn't know her name nor had any intention as well. She was a sixth year student , one year senior to me.

Besides being talented, she was extremely beautiful , curvaceous, vivacious with a ravishing beauty coupled with an amazing anatomical features.

Had the poet emperor ( kabi samrat) Upendra Bhanja seen her, he could not have resisted the temptation of writing a short version of "Lavanyabati". Clad in light-coloured sarees with matching assessories, corresponding manicure and pedicure she occasionally swaggered past our department oblivious of a group of male students standing on either side and double the number eye's staring at her with admiration. If on any day we could not have glimpse of her, we were obliged to walk past her class room stealing a quick look at her before she looked back to find out who was/were there.

One day me and my friend arrived late and were aghast to see that she was about to walk up the stairs. Wasting no time we followed her and preferred to walk two steps behind to admire her rear view. Again much to our appreciation as she walked up her long and dense hair folded into a stout braid pounded her waist in a rhythm that resembled the popular Dadara Taal. In a courteous way we accompanied her from behind as she trut in a majestic gait.

It goes without saying that the belle, nay angelic girl had a mesmerizing personality. We just appreciated a beatific beauty. Nothing beyond that. There was not even a Freaudian slip. In other words we looked at her with awe and reverence. It is not known where this angelic persona now. Wherever she lives right now, let her happy, healthy, and holistically hearty.

# ଚେନାଏ ସ୍ମୃତି

**ଦେବେନ୍ଦ୍ର କୁମାର ବିଶ୍ୱାଳ**
ଅର୍ଥନୀତି ବିଭାଗ

ସଂନ୍ଧ୍ୟାବେଳେ ଅଫିସରୁ ଫେରି ଥକିପଡିଥିବା ଶରୀରଟାକୁ ଚୌକିରେ ଟିକିଏ ଆଉଜିପଡିବା ସମୟରେ କେମିତି ବି ନିଦ ଲାଗିଯାଇଛି । ୧୫ ମିନିଟ୍ ପରେ ହଜିଯାଇଥିବା ସ୍ମୃତି ଗୁଡାକ ଭାସି ଉଙ୍କି ମାରୁଚି । ମୁଁ ଆଉଥରେ ପି.ଜି. ଛାତ୍ର ଜୀବନକୁ ଫେରିପାରିବି ନି ? କି ଖୁସି, ମଜା ! । ବେପରୁଆ, ଲଗାମଛଡା ହୋଇ ବିନା ଚିନ୍ତାରେ ଥଟ୍ଟାଟାପରା, ଚିଡାଚିଡି, ରାଗରୋଷ, ବାଡିଆବାଡି ଇତ୍ୟାଦି । ସତରେ ସେ ସମୟ ଅବିସ୍ମରଣୀୟ । ସେଥିପାଇଁ ତ କୁହାଯାଏ ଛାତ୍ରସମୟ ସବୁଠାରୁ ଭଲ । ୧୯୮୭ ମସିହାରେ ବାଣୀବିହାରରେ ଅର୍ଥନୀତି ଛାତ୍ରାଭାବରେ ନାମଲେଖାରେ ପ୍ରଥମ ଛାତ୍ରାବାସରେ ରହୁଥାଏ । ଧୀରେ ଧୀରେ ଆମ ବିଭାଗ ଛଡା ଅନ୍ୟ ବିଭାଗର ଛାତ୍ରମାନଙ୍କ ସହିତ ବଂଧୁତା ବଢିଯାଇଥାଏ । ବାହାରୁ ଆସୁଥିବା ପିଲାମାନଙ୍କଠରୁ 'ନାଲିଚୁଡା' ଶବ୍ଦଟି ଶୁଣି ଶୁଣି ଦେହସୁହା ହୋଇଯାଇଥାଏ । ସକାଳୁ ସକାଳୁ ଛାତ୍ରାବାସର ମେସ୍‌ର ଅରୁଚିକର ଖାଦ୍ୟ କଷ୍ଟରେ ଖାଉ କ୍ଲାସ କରିବାକୁ ଗଲାବେଳେ ବିଭିନ୍ନ ପ୍ରକାର କଥା ଆଲୋଚନା ହୁଏ । କେତେବେଳେ ଆଲୋଚନା ବିଷୟ ପାଠ ଉପରେ ହେଲାବେଳେ ଆଉ କେତେବେଳେ ପ୍ରସଙ୍ଗ ଥାଏ ଝିଅମାନଙ୍କ ବିଷୟରେ, ଟିଚରଙ୍କ ଲୁଙ୍ଗୁଡା ଗୁଣ ଉପରେ, ପୁଅଝିଅମାନଙ୍କ ସମ୍ପର୍କ ଉପରେ, ବାଣୀବିହାରର ସେଣ୍ଟ୍ରାଲ କ୍ୟାଣ୍ଟିନ, ଅଳକା ମାର୍କେଟ ଇତ୍ୟାଦି ଇତ୍ୟାଦି.... । ପୁଣି ସଂନ୍ଧ୍ୟାସମୟରେ ପାଖରେ ପଇସା ନଥିବା ସମୟରେ ଟିକିଏ ଛତୁଆ ବା ଚୁଡା ଖାଇ ବାହାରେ ବୁଲିବାକୁ ଚାଲିଯାଉଥିଲୁ ଗୁପଗୁପ ହୋଇ ।

ଯୁବା ବୟସରେ ମନରେ ଅଫୁରନ୍ତ ଭାବନା ଓ କଳ୍ପନା । ଚଢେଇ ପରି ଉଡିଯିବାକୁ ମନ ଉଛନ୍ନ । ଲାଇବ୍ରେରୀ ଓ ବିଭାଗଗୁଡିକ ପ୍ରେମୀଯୁଗଳଙ୍କୁ ଦେଖି ନିଆଁରେ ଘିଅ ପଡିବାଭଳି ମନ ସୀମା ଲଘଂନ କରିବାକୁ ତତ୍‌ପର । ମେସର ରାତ୍ରି ଭୋଜନ ପରେ ଗୋଟିଏ ରୁମ୍‌ରେ ୪ ରୁ ୫ ଜଣ ବସି ଯେଉଁ ଗସିପ୍ ହୁଏ, ତା'ର ଖୁସିଟା ପୂରା ନିଆରା । ଷଷ୍ଠ ବର୍ଷରେ ଗୋଦାବରୀଶରେ ରହୁଥିଲି । ଶେଷବର୍ଷରେ ପାଠର ଚାପ ଟିକିଏ ଅଧିକ ଥିଲା । ତା ପରେ ଗାଁ କୁ ପଳେଇଆସିଥିଲି ।

ବର୍ତ୍ତମାନ ୩୫ ବର୍ଷ ବିତିଗଲାଣି । ସାଙ୍ଗମାନେ ନିଜ ନିଜ ଅଫିସ୍ ଓ ସଂସାର ଭିତରେ ବ୍ୟସ୍ତ । ବୋହି ଯାଉଥିବା ପାଣି ନ ଅଟକିଲାପରି ବୟସଟା ଆଗକୁ ବଢି ଚାଲିଥିଲା । ଶରୀର, ମନ, ଭାବନା ଓ କଳ୍ପନା ଧୀରେ ଧୀରେ ଅବସ ହୋଇଗଲାଣି । ମାତ୍ର, ଭିଭି ୮୯ ବାଣୀବିହାର ବ୍ୟାଚର ଏହି ୩୫ବର୍ଷ ପୂର୍ତ୍ତି ପାଳନ ଉଦ୍ୟମ ପୁଣି ମନରେ ଆନନ୍ଦ ଓ ଜୋଶ୍ ସୃଷ୍ଟିକରି ପୂର୍ବ ସ୍ମୃତିଗୁଡିକୁ ରୋମାଞ୍ଚିତ କରୁଛି, ବୁଢା ବୟସଟାକୁ ଭୁଲି ଟୋକା ବୟସର ଅନୁଭୂତିକୁ ଜାଗ୍ରତ କରି ପାକୁଡା ପଡିଯାଇଥିବା ମୁହଁରେ ଚେନାଏ ହସ ସୃଷ୍ଟି କରୁଛି ।

ହଠାତ୍ ପତ୍ନୀର ବଡ ପାଟି ଶୁଣି ମୋର ଭାବନାଟା ବାସ୍ତବକୁ ଉପଲବ୍ଧି କରିଥିଲା । ମୁଁ ପୁଣି ବୁଢା ବୟସକୁ ଫେରି ଆସିଥିଲି ଓ ମୁରୁକି ମନକୁ ମନ ହସିଥିଲି... ।

# India's Future by 2030: A Vision for Transformation

**Debendra Chandra Pradhan**
Dept. of Physics

India stands at a pivotal juncture in its journey towards becoming a global powerhouse by 2030. Driven by rapid technological advancements, economic growth, sustainability efforts, and social reforms, the nation is poised to address challenges while creating unprecedented opportunities. The next decade will witness profound transformations across sectors, reshaping India's role on the global stage and impacting its citizens' lives. India's vision for 2030 is one of inclusive growth, innovation, and sustainability. As it leverages its demographic advantage and technological advancements, the nation is set to address pressing challenges while carving a path to global leadership. The transformation ahead is a testament to India's resilience, adaptability, and ambition—a journey that will redefine not only its destiny but also its role in shaping the world's future.

**Economic Growth and Middle-Class Dominance**

India's economy is projected to grow to $6.7 trillion by 2030, making it the third-largest globally. Structural reforms, increased investments, and a focus on manufacturing and exports will fuel this growth. The Production-Linked Incentive (PLI) schemes, introduced by the government, are catalysing growth in critical sectors like electronics, pharmaceuticals, and automotive manufacturing. These reforms aim to position India as a hub for global supply chains, particularly as countries diversify away from over-dependence on specific regions like China.

The Indian middle class will emerge as a dominant economic force, contributing significantly to consumer spending. With rising disposable incomes, this group will drive demand for better housing, quality education, healthcare, and premium goods and services. Retail markets will see a surge in e-commerce, driven by improved digital infrastructure and rural penetration of online platforms.

**Technological Advancements as a Catalyst**

Technology will be the backbone of India's transformation. Artificial Intelligence (AI), blockchain, robotics, and the Internet of Things (IoT) are expected to redefine the healthcare and logistics industries. AI applications in diagnostics, financial services, and supply chain optimization are set to increase, with India emerging as one of the top three global AI talent hubs. Similarly, drones will revolutionize sectors like agriculture, urban planning, and surveillance, supported by liberalized government policies and investments.

The digital economy is predicted to surpass $1 trillion by 2030, with 5G and advanced connectivity playing pivotal roles. Initiatives to develop smart cities will transform urban living by integrating technology into transportation, waste management, and energy use. This shift will improve resource efficiency and address challenges posed by rapid urbanization.

**Sustainability and Renewable Energy Leadership**

India's commitment to sustainability is evident in its ambitious renewable energy goals. By 2030, the nation aims to achieve 500 GW of renewable energy capacity, focusing on solar, wind, and green hydrogen. This transition not only aligns with global climate goals but also ensures energy security for its growing population. Urban areas will adopt sustainable practices, including water conservation technologies, eco-friendly buildings, and electric mobility solutions.

Additionally, India will lead the charge in electric vehicle (EV) adoption. With government incentives and expanding infrastructure, EVs will dominate urban transportation, reducing pollution and dependence on fossil fuels. Industries will integrate circular economy practices, minimizing waste and promoting resource reuse.

**Healthcare and Education Revolution**

By 2030, India's healthcare system will become more inclusive and tech-driven. Innovations in telemedicine, AI-assisted diagnostics, and personalized medicine will improve accessibility, particularly in rural areas. Investments in healthcare infrastructure, combined with the development of affordable medical devices, will enhance the quality of care. The pharmaceutical sector will continue to grow as a global supplier of generic medicines and vaccines.

In education, the emphasis will be on skilling and reskilling the workforce to meet the demands of emerging industries. Digital learning platforms and vocational training programs will bridge the skill gap, ensuring India's demographic dividend is fully utilized. The National Education Policy (NEP) 2020 will play a crucial role in transforming the traditional education system into a multidisciplinary, holistic model.

**Urbanization and Infrastructure Development**

Urbanization in India will intensify, with nearly 600 million people expected to live in cities by 2030. Smart city initiatives will drive sustainable urban development by integrating advanced technologies into urban planning. Infrastructure projects, such as high-speed rail networks, metro expansions, and efficient public transport systems, will address mobility challenges while creating jobs.

Affordable housing projects and real estate innovations will cater to the growing urban population, ensuring equitable access to essential services. Cities will adopt green practices, using IoT-based solutions for waste management, renewable energy integration, and water conservation.

**India's Global Influence**

By 2030, India will solidify its position as a global leader in various sectors. Its IT services industry, already a global benchmark, will expand into AI, cybersecurity, and cloud computing. The country's pharmaceutical and biotechnology industries will continue to play critical roles in addressing global health challenges. Furthermore, India's leadership in renewable energy and climate action will enhance its international reputation.

India's influence will also extend to geopolitical arenas, with active participation in global partnerships like BRICS, G20, and the United Nations. Strategic investments in defence and space exploration will further bolster its global standing, showcasing technological prowess and resilience.

# କୁଆଁତାରା

**ନରେନ୍ଦ୍ର ସାହୁ**
ରାଜନୀତି ବିଜ୍ଞାନ ବିଭାଗ

ଝର୍କା ଖୋଲା ରଖିଥାଅ
ନିଦ ଭାଙ୍ଗିଲେ
ମତେ ଦେଖିବ ପାହାନ୍ତି ଆକାଶରେ...
ସବୁ ତାରାଙ୍କୁ ନିଷ୍ପ୍ରଭ କରି

ଜହ୍ନକୁ ଲୁଚାଏ ମେଘର ଡେଣାରେ
ପ୍ରତୀକ୍ଷାର ଆବେଶରେ ଶୋଇରହେ
ଅଂଧାରର ବିଛଣାରେ...

କୁହ.. !
ମୁଁ କେମିତି ଦିଶେ... ?
କେବେକେବେ ଭାଙ୍ଗିଦିଏ ତମ ରଙ୍ଗୀନ୍ ସ୍ୱପ୍ନ
ଯେଉଁଠି ଦୁଃଖ, ଶୋକ କିଛି ବି ନ ଥାଏ
ସୁଖ ବୋଲି ଚେନାଏ ହସ
ତମ ନିଦରେ ଝଟକୁଥାଏ...

ଏମିତି ଲାଗେ -
ଜୀବନ ବି ସ୍ୱପ୍ନ ପରି ସୁନ୍ଦର
ଶବ୍ଦର ବଗିଚା, ଫୁଲମୟ... ମହ ମହ ।

ଯାହା କିଛି ଭାବିଚ କହିବାକୁ
ଏ ଯାବତ୍ କହି ପାରିନ...
ବିଶ୍ୱାସ ଜୁଟେଇବାକୁ ଝର୍କା ଖୋଲି ରଖିଚ
ଯଦିଓ ଜାଣିଚ
ତମକୁ ମୁଁ ଭଲପାଏ ନିଃସର୍ତ୍ତରେ... ।

ଛାଇ ଛାଇ ଆଲୁଅର ଘର
ଦୁଇ ଯୋଡା ଦୀର୍ଘଶ୍ୱାସ, ଆନ୍ତରିକ ଓ ଅସୀମ
ଗୋଟିଏ ଆତୁର ମନକୁ ନେଇ
ଭଲ ପାଇବାର ଖେଳ, ତମ ପାଇଁ
ଏ କଥା ବି ଭାବିଚ, ଗୋପନରେ...

ମୁଁ ବେଶୀ ବେଶୀ ଚିକ୍‌ମିକ୍ କରେ
ବୋଲି କି କ'ଣ...
ତମେ ଚାହିଁପାରନି ସହଜରେ
ଆହୁରି ତମକୁ ଝଲସେଇ ଦେଇ ମୁଁ ଝୁଲିପଡ଼େ
ଝର୍କା ରେଲିଂରେ ।

ତମେ କୁହ - ଏଇ ତମ ଆଖି
ଏଇ ତମ ଛାତି
ଦେଖ, ମୁଁ କେମିତି ଚିହ୍ନିଲି...

ମୁଁ କହେ - ତମ ଆଖିକୁ ଛୁଇଁଲି
କଷ୍ଟ ଦେଲି.. ?
ଯାହା କିଛି ଘଟୁଥାଏ
ସବୁ ଘଟିବାର ଥାଏ
ଝୁରିବାର ଥାଏ ବୋଲି
ମନର ମଣିଷଟି
କୁଆଁତାରା ପରି ଆକାଶକୁ ଉଡିଯାଏ.. ।

# ଧନ୍ୟବାଦ ବାଣୀବିହାର

**ନିରୁପମା ପୃଷ୍ଟି**
ଅର୍ଥନୀତି ବିଭାଗ

ସ୍ୱପ୍ନ ବିନା କ'ଣ ବଞ୍ଚି ହୁଏ ! ସମସ୍ତେ ସ୍ୱପ୍ନ ଦେଖନ୍ତି । ମୁଁ ବି ଦିନେ ସ୍ୱପ୍ନ ଦେଖିଥିଲି ବାଣୀବିହାରରେ ପାଠ ପଢ଼ିବାର ସ୍ୱପ୍ନ । କିନ୍ତୁ ଯେଉଁ କେତେଜଣ ସାଙ୍ଗଙ୍କୁ ମୋ ବାଣୀବିହାର ସ୍ୱପ୍ନ କଥା କହିଛି, ସମସ୍ତେ ବହୁତ ହସିଛନ୍ତି । କେମିତି ହସି ନ ଥାଆନ୍ତେ ! ମୋର ପରିକଳ୍ପନା ସେମିତି ଅଜବ ଥିଲା, ଯେମିତି ମୁଁ ନିଜେ ସବୁଠୁ ଅଲଗା, ନିଆରା ପିଲାଟାଏ । ମୋ ଚିନ୍ତାଧାରା ଛୋଟ ବେଳୁ ସମସ୍ତଙ୍କ ଠାରୁ ଥିଲା ଅଲଗା ।

ଘରେ ନାଁ ଦେଇଥିଲେ ନିରୁପମା । ଥରେ ସ୍କୁଲରେ ଶିକ୍ଷକ ପଚାରିଲେ, କହିଲ ପିଲେ, ଭଗବାନ ଯଦି ତମକୁ ପୁନର୍ଜୀବନ ଦେବେ, କଣ ତମେ ହେବ ? କେତେ କଥା ପିଲାମାନେ କହିଗଲେ । ମାତ୍ର ମୁଁ କହିଲି ଛୋଟ ପକ୍ଷୀଟିଏ ହେବି । ସାର୍ ପଚାରିଲେ କାହିଁକି ? ଉତ୍ତର ଦେଲି ମୁକ୍ତ ଆକାଶରେ ଘୁରି ବୁଲିବି ଶାନ୍ତିରେ ନିଜ ଚିନ୍ତାଧାରା ନେଇ, ଆଉ ଟିକେ ମାଡରେ ମରିଯିବି । ସମସ୍ତେ ହସିଲେ, ସପ୍ତମ ଶ୍ରେଣୀର ଛୁଆ କେତେ କଥା କହିଦେଲା ! "ହଉ, ତୋ ନାଁର ଅର୍ଥ କଣ କହିଲୁ" ? ମୁଁ କହି ପାରିଲିନି । ଘରେ ଆସି ବାପାଙ୍କୁ ପଚାରିଲ, କହିଲ ମୋ ନାଁ ର ଅର୍ଥ କଣ ? କାରଣ ମା କଣ ମୁଁ ଜାଣି ନଥିଲି । ସେ କେବେ ମୋ ସହିତ ସ୍ନେହରେ କଥା ହୁଏ ନାହିଁ । ସେଥିପାଇଁ ଯାହା ବି ପଚାରେ ବାପାଙ୍କୁ ହିଁ ପଚାରେ । ଘରେ ଯାହା କିଛି ପ୍ରେରଣା ଓ ସ୍ନେହ ତ କହି ପାରିବିନି ତଥାପି ଯାହା ପାଇଛି, ସବୁ ବାପା ଆଉ ମୋର ବଡ ଭଉଣୀ ଠାରୁ । ପ୍ରକୃତ ସ୍ନେହ ଆଦର ପାଇଥିଲି ଅଜା ଆଇଙ୍କ ଠାରୁ । ମାତ୍ର ଭଗବାନ ମୋ ପାଇଁ ନିଷ୍ଠୁର ନା ମୋର ପରୀକ୍ଷା ନେଉଥିଲେ, ମୁଁ କିଛି ବୁଝି ପାରୁନଥିଲି । ଚାରି ବର୍ଷ ବୟସରେ ଅଜାଙ୍କୁ ନେଇଗଲେ,ଦଶ ବର୍ଷ ବୟସରେ ଆଇଙ୍କୁ । ହୁଏତ ତା ବି ମୋ ଭାଗ୍ୟ ଥିଲା, କାହାର ସ୍ନେହ ଆଦର ହୁଏତ ନ ଥିଲା ମୋ କପାଳରେ । ଲେଖୁ ଲେଖୁ କୁଆଡେ ଚାଲି ଆସିଲିଣି । ବହୁତ ଭାବୁକ ପିଲାଟା ତ !

ଛାଡ ସେ ସବୁ କଥା । ଘରୁ କଣ ମିଳିଲା, କଣ ନାହିଁ ! ତାର ହିସାବ ଏଠି ଦବା ଠିକ ହେବ ନାହିଁ । ପ୍ରକୃତ ବିଷୟ 'ବାଣୀବିହାର କୁ ନେଇ ମୋ ସ୍ୱପ୍ନ', ହଁ, କେଉଁଠି ଥିଲି ? ମୋ ନାଁ ର ଅର୍ଥ । ବହୁତ ଥର ପଚାରିବା ପରେ ବାପା କହିଲେ ନିଃ+ଉପମା= ନିରୁପମା, ଅର୍ଥାତ ନାହିଁ ଉପମା ଯାହାର ସେ ନିରୁପମା । ସେ ସମସ୍ତଙ୍କ ଠାରୁ ନିଆରା, ତୁଳନା କରି ହେବନି କାହା ସହିତ । ବହୁତ ଖୁସି ହୋଇଗଲି, ତାପର ଦିନ ସ୍କୁଲରେ କହିଲି ସମସ୍ତଙ୍କୁ ଗର୍ବର ସହିତ । ନାଁର ଅର୍ଥ ମନରେ ଏକ ଉତ୍ସାହ, ପ୍ରେରଣା ଆଣିଲା । ଦୁନିଆରେ ଭଲ ମଣିଷଟିଏ ହେବି, ନିଜକୁ ପ୍ରତିଷ୍ଠିତ କରିବି ନାଁ ର ଅର୍ଥ ସହିତ ।

ପୁରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଥିବାବେଳେ ସବୁବେଳେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ କଥା ଭାବେ । ସ୍କୁଲରେ ସାତ ଆଠ ଜଣ ପିଲା ହିଁ ମୋ ସହିତ ବହୁତ ଭଲରେ ମିଶୁଥିଲେ । ବାକି ପିଲାମାନେ ମୋ ଗୋଡ ର ଅସୁବିଧା ଦେଖି ବହୁତ କଥା କୁହନ୍ତି ।

ତେଣୁ ଟିଫିନ ଛୁଟିରେ କାହା ସହିତ ମିଶିପାରେ ନାହିଁ । ବାଲକୋନିରେ ଚୁପଚାପ ଏକୁଟିଆ ଛିଡା ହୋଇ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ଅନାଇ କେତେ କଥା ଭାବିଯାଏ । କାରଣ ଆମ କ୍ଲାସ ବାଲକୋନିରୁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଦେଖାଯାଉଥିଲା । ସବୁବେଳେ ଭାବେ କେମିତି ସ୍କୁଲ ସରିବ, କଲେଜ ଯିବି । ମନସ୍ଥିର କରିନିଏ ସେଇ କଲେଜରେ ପଢିବି, ଯେତେ ବାଧାବିଘ୍ନ ଆସୁ ପଛେ । ତାପରେ ଏମ.ଏ କରିବି ବାଣୀବିହାରରେ । କିଛି ସାଙ୍ଗମାନଙ୍କ ଭାଇ ଭଉଣୀ ସେଠାରେ ପଢୁଥିବାର ଶୁଣିଥିଲି । କେଜାଣି କେମିତି ମନ ତଳେ ଏକ ସ୍ୱପ୍ନ ଉଙ୍କି ମାରିଥିଲା ଅଷ୍ଟମ ଶ୍ରେଣୀରୁ । ଏ ସ୍ୱପ୍ନ ସ୍ୱତଃପ୍ରବୃତ୍ତ । ବୋଧହୁଏ ଭଗବାନଙ୍କର ଇଙ୍ଗିତ । ସାଙ୍ଗସାଥୀମାନଙ୍କ ଠାରୁ ବହୁତ ଟାହିଟାପରା ଶୁଣିଛି । ପରିବାରରୁ ବି କିଛି ସେମିତି ସ୍ନେହ ଶ୍ରଦ୍ଧା, ସାହାଯ୍ୟ ଓ ସହଯୋଗ ପାଇ ନାହିଁ । ସେଥିପାଇଁ ସବୁବେଳେ ମନ ଦୁଃଖରେ କାନ୍ଦି କାନ୍ଦି ଭଗବାନଙ୍କ ସହିତ କଥା ହୋଇଛି । ଆଉ ସ୍ୱପ୍ନ ଦେଖିଛି ବାଣୀବିହାର ଯିବି, ଭଲ ଚାକିରି କରିବି, ନିଜକୁ

ଦୁନିଆରେ ପ୍ରତିଷ୍ଠିତ କରିବି, ନିଜର ମନୋବଳ, ଆତ୍ମସମ୍ମାନ, କଠୋର ପରିଶ୍ରମ ଆଉ ଭଗବାନଙ୍କ ଆଶୀର୍ବାଦ ସହିତ । ଆଗକୁ ବଢି ଚାଲିଲି ସେହି ବିଶ୍ୱାସରେ "ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ" ।

ସମୟ କ୍ରମରେ ସ୍କୁଲ ସରିଗଲା । ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ନାଁ ଲେଖାଇବା ପାଇଁ ଫର୍ମ ଆଣି ବାପାଙ୍କୁ ଜଣେଇଲି । ବାପାଙ୍କର ଦୃଢ ପ୍ରତିବାଦ, ପୁଅ ପିଲା କଲେଜରେ ତୁ ପଢିବୁନି । ତାଙ୍କୁ ବା କଣ ଦୋଷ ଦେବି । ସେତେବେଳେ ସମାଜର ପରିସ୍ଥିତି ଆଉ ମୋ ଭାଗ୍ୟର କିଛି ବିଡମ୍ବନା ହିଁ ଦାୟୀ । ମାତ୍ର ମୋର ଦୃଢ ସଂକଳ୍ପ ମୁଁ ସେଇ କଲେଜରେ ହିଁ ପଢିବି । ଆ.ଏ ପଢିବି ଓ ସେଠାରେ ଇକୋନୋମିକ୍ସ ଅନର୍ସ ନେଇ ବି.ଏ. ପଢିବି । ଘରେ ସମସ୍ତଙ୍କୁ ବୁଝାଇଲି, ମାତ୍ର କେହି ଶୁଣିଲେ ନାହିଁ । ଶେଷରେ ଭଗବାନଙ୍କ ନାଁ ନେଇ ଏକୁଟିଆ କଲେଜ ଯାଇ ଆଡମିଶନ କରିଦେଲି ନିଜର ପକେଟ ମନିରୁ । ତାପରେ ଭଗବାନଙ୍କୁ ଧନ୍ୟବାଦ ଦେଇ ତାଙ୍କ ଆଶୀର୍ବାଦରେ କଲେଜ ଜୀବନ ଆରମ୍ଭ କଲି । ଚାହୁଁ ଚାହୁଁ ଦୁଇ ବର୍ଷ ସରିଗଲା, ବହୁତ ଖୁସି ହେଲି ।

ଇକୋନୋମିକ୍ସ ଅନର୍ସରେ ଆଡମିଶନ ବି କରିଦେଲି । ସବୁ ସମୟରେ ମୋର ଲେକଚର ବହୁତ ସାହାଯ୍ୟ କରିଥାନ୍ତି, ମନ ବଳ ବଢାନ୍ତି । ସମୟ ଚକ୍ରରେ ଭଗବାନ ମୋ ପାଇଁ କଣ ରଖିଥାନ୍ତି, ସେ ହିଁ ଜାଣନ୍ତି । ପ୍ରତି ମୁହୂର୍ତ୍ତରେ ମୁଁ ତାଙ୍କୁ ହିଁ ସ୍ମରଣ କରେ, ଆଉ ଗୋଡର ଅସୁବିଧା, କଷ୍ଟ ପାଇଁ ଦୁଃଖ ଜଣାଏ । ବି.ଏ ଆଡମିଶନ ପରେ ମୋର ଗୋଟେ ଭଉଣୀ ଷ୍ଟେଟବ୍ୟାଙ୍କ ପି.ଓ. ପାଏ ଓ ସେ ମୋର ଗୋଡ ଅପରେସନ ପାଇ ଚେଷ୍ଟା କରେ । ମନ ଭିତରେ ମୋର ବହୁତ ଡର ଆସେ, କାରଣ ମୋର କୌଣସି କାମ ବିନା ବାଧା ବିଘ୍ନରେ ହୁଏ ନାହିଁ । ଚାକିରି ପରେ ବାପା ତାର ବାହାଘର କରିଦେଲେ । ମୁଁ ବହୁତ ମନ ଦୁଃଖ କଲି, ଭଗବାନଙ୍କୁ ଦୋଷ ଦେଲି । ଏ କଣ କରୁଛ ପ୍ରଭୁ ? ମାତ୍ର ଭଗବାନ ମୋ ସହିତ ସବୁବେଳେ ରହିଥାନ୍ତି । କଷ୍ଟ ବି ବହୁତ ଦିଅନ୍ତି । ଭଉଣୀ ବାହାଘରର ସାତ ଦିନ ପରେ ଘରକୁ ଆସିଥିଲା, ଆଉ ମତେ ନେଇ ଏସ୍. ସି. ବି. ହସପିଟାଲ ଡାକ୍ତର ତେଜେଶ୍ୱର ରାଓଙ୍କୁ ଦେଖାଇ ଆଡମିଶନ କରି ଅପରେସନ କରିବାକୁ କହିଲା । ମୁଁ ହସପିଟାଲରେ ଦୀର୍ଘ ନିଃଶ୍ୱାସ ଛାଡି ଭଗବାନଙ୍କୁ ଧନ୍ୟବାଦ ଦିଏ । ଆଉ ପ୍ରାର୍ଥନା କରେ ଭଲରେ ଅପରେସନ ହୋଇ ମୁଁ ଯେମିତି ଚାଲିପାରିବି । ସୁଖ ସହ ଦୁଃଖ ବି ହେଲା । ବି.ଏ. ଆଡମିଶନ କରିଛି, କ୍ଲାସ କେମିତି କରିବି ପାଠ କେମିତି ପଢିବି ଭଗବାନ ? ଭଉଣୀ ବୁଝାଏ, ଆଗ ଗୋଡ ଭଲ ହେଉ, ପାଠ ହୋଇଯିବ । ଗୋଟେ ସପ୍ତାହ କ୍ଲାସ କରି ମୋର କୃଷ୍ଣ ସାର୍, ସଂଯୁ ମ୍ୟାଡାମଙ୍କୁ ଅସୁବିଧା କଥା କହି ହସପିଟାଲ ଚାଲିଗଲି, ଭଗବାନଙ୍କୁ କହିଲି ସବୁ ତମ ହାତରେ ଛାଡିଲି, ବି.ଏ. ସାର୍ଟିଫିକେଟ ତମେ ହିଁ ଦେବ ।

ଅପରେସନ ଆରମ୍ଭ ହୁଏ, ଗୋଟେ ପରେ ଗୋଟେ କରି ତିନିଟି । ଗୋଟେ ବର୍ଷ ଚାଲିଯାଏ ହସପିଟାଲରେ । ଖଟରେ ଏକୁଟିଆ ପଡିପଡି ବହୁତ କିଛି ଭାବିଚାଲେ, ଭଗବାନଙ୍କୁ ପ୍ରଶ୍ନ କରେ, କଣ ମୋ ଜୀବନ ଏମିତି ଦୁଃଖ କଷ୍ଟରେ ଶେଷ ହେବ ? ବହୁତ ଲୋକ ଆସନ୍ତି ନିଜର ରୋଗୀଙ୍କୁ ଦେଖିବାକୁ । କିନ୍ତୁ ମୋ ପାଖରେ କେହି ନ ଥାନ୍ତି ମୋ ଡାକ୍ତର ଆଉ ତାଙ୍କ Students ଙ୍କ ଛଡା । ବୋଧହୁଏ ଭଗବାନଙ୍କୁ ମୋ ଡାକ ଶୁଭିଲା । ପାଖ ଖଟରେ ଗୋଟିଏ ଛୋଟ ଝିଅ, ଦଶ/ବାର ବର୍ଷର ରହିଲା । ତା ପାଖକୁ ତାର ମା, ବାପା, ବହୁ ବନ୍ଧୁବାନ୍ଧବ ସବୁବେଳେ ଆସୁଥିଲେ । ସେମାନେ ମତେ ବି ତାଙ୍କ ଝିଅ କରି ନେଲେ । ଏମିତି ସୁଖ ଦୁଃଖରେ ହସପିଟାଲ ଜୀବନ କଟିଗଲା ।

ବହୁତ ଆଶା ନେଇ ଶେଷ ବର୍ଷ ବି.ଏ. କ୍ଲାସକୁ ଗଲି । ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲି । ମାତ୍ର ବିଧିର ବିଧାନ, ପ୍ରିନସିପାଲ ମନା କରିଦେଲେ ଫାଇନାଲ ପରୀକ୍ଷା ଦେବାକୁ । କାରଣ ତମେ ଗୋଟେ ବର୍ଷ କଲେଜ ଆସିନ, ତମର ପାଠ ପଢିବାର ମନ ନାହିଁ । କ୍ଲାସରେ ସବୁ ପିଲା ବହୁତ ହସିଲେ । ଯେତେବେଳେ ମୁଁ ବ୍ୟସ୍ତବିବ୍ରତ ହୋଇ କହିଲି ସାର୍ ମୁଁ ପଢିଛି, ପରୀକ୍ଷା ଦେବି, କାନ୍ଦି କାନ୍ଦି ବସି ପଡିଲି । ପରେ ମୋର କୃଷ୍ଣ ସାର୍ ମୋତେ ବହୁତ ବୁଝାଇଲେ, ବ୍ୟସ୍ତ ହୁଅନା, କିଛି ଉପାୟ ନିଶ୍ଚୟ ଭଗବାନ ବାହାର କରିବେ । ତାପରେ କୃଷ୍ଣ ସାର୍, ସଂଯୁ ମ୍ୟାଡାମ ପ୍ରିନସିପାଲଙ୍କ ସହିତ କଥା ହେଲେ । ଗୋଟେ ଦିନ ପରେ କହିଲେ B.A 1st year ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଯା, ତୋ ପାଇଁ ସାର୍ ପରୀକ୍ଷା କରିବେ ଅଲଗା । ଅଜସ୍ର ଧନ୍ୟବାଦ ଭଗବାନଙ୍କୁ ଜଣାଇ କଲେଜରେ ପରୀକ୍ଷା ଦେଲି । ତାପରେ ବୋର୍ଡ ଫାଇନାଲ ପରୀକ୍ଷା ପାଇଁ ଅନୁମତି ମିଳିଲା । ମୋର ମନ ଭିତରର ବାଣୀବିହାର ସ୍ୱପ୍ନ ନାଚି ଉଠେ ଓ ଆଶାର ସଞ୍ଚାର ହୁଏ ମନ ଭିତରେ । ଲାଗିଲା

ଯେମିତି ଭଗବାନ ମୋ ସହିତ ଲୁଚକାଳି ଖେଳ ଖେଳୁଥିଲେ, ହସୁଥିଲେ ବୋଧେ, କହୁଥିଲେ ମୁଁ ଅଛି ପରା ତୋ ସହିତ, କେମିତି ତୋ ବାଣୀବିହାର ସ୍ୱପ୍ନ ସାକାର ହେବନି । ଉଠ ! ଆଗକୁ, ବଢ ।

ପ୍ରଥମ ଦିନ ପରୀକ୍ଷା ହଲରେ ଆଖିରୁ ଲୁହ ଝରିଆସେ । ସାହସ, ଶକ୍ତି କିଛି ଆସେନି, ନା ପ୍ରଶ୍ନ ପତ୍ର ପଢିପାରେ ନା ଲେଖିପାରେ । ଗୋଟେ ବର୍ଷ ହସପିଟାଲ ଖଟିଆରେ ପଡି ପଡି ବହୁତ ଦୁର୍ବଳ ଲାଗୁଥାଏ । ସେହି ମୁହୂର୍ତ୍ତରେ କାନରେ ଶୁଭିଯାଏ 'ବାଣୀବିହାର' ର ଡାକ । ସେ ଯେମିତି ହାତ ଠାରି ଡାକୁଛି ମୋତେ, ଆଉ କହୁଛି, କଣ ହାରିଗଲୁ ? ମୁଁ ପରା ତୋ ବାଟ ଚାହିଁଛି ! ବାଣୀବିହାର ର ଗଛପତ୍ର କ୍ଲାସରୁମ ତୋତେ ସ୍ୱାଗତ କରିବ । ପୁଣି ପିଠିରେ କାହାର ସ୍ପର୍ଶ । ମୋର ସେହି ପ୍ରିୟ କୃଷ୍ଣ ସାରଙ୍କର ପିଠି ଥାପୁଡାଇ କହୁଛନ୍ତି, ଲେଖିଚାଲ । Diagram କରି explain କର । ସବୁ ଠିକ୍ ହେବ । କାହିଁକି କାନ୍ଦୁଛୁ, ହାରି ଯାଉଛୁ, ତୁ ପରା ଆମ ସାହସୀ ଝିଅ ଭଲ ନମ୍ବର ରଖି ପାସ କରିବୁ । ପୁଣି ହାତର କଲମ ଚାଲିଯାଏ ଆଗକୁ ଆଗକୁ । ଚାହୁଁ ଚାହୁଁ ସବୁ ପରୀକ୍ଷା ସରିଯାଏ । ମନ ଭିତରେ ଉଙ୍କିମାରେ ସେହି ବାଣୀବିହାରର ସ୍ୱପ୍ନ, ଦୁନିଆରେ ପ୍ରତିଷ୍ଠିତ ହେବାର ସ୍ୱପ୍ନ ।

ପରୀକ୍ଷା ଫଳ ବାହାରେ । ନା ଘରେ କେହି ଖୁସି ହୋଇ ମୋର ସାହସ ବଢାନ୍ତି ନା କିଛି କହନ୍ତି । ଖାଲି ହଁ ବି.ଏ. ପାସ କରିଗଲୁ, ଭଲ ହେଲା । ମାତ୍ର କେହି ମୋର ଭାବନାକୁ ବୁଝିପାରନ୍ତି ନାହିଁ । ଚୁପଚାପ ବସି ବହୁତ କାନ୍ଦେ, ଭଗବାନଙ୍କ ସହିତ କଥାହୁଏ, ଗୋଟିଏ କଥା ତାଙ୍କୁ ପଚାରେ କେଉଁ କର୍ମ ଫଳରେ ପ୍ରଭୁ ଏତେ ଦୁଃଖ କାହିଁକି ? ପୁଣି ଏକୁଟିଆ ଚାଲିଯାଏ ମୋର ସେହି ପ୍ରିୟ କୃଷ୍ଣ ସାର୍‌ଙ୍କ ପାଖକୁ ବାଣୀବିହାର ଆଡମିଶନ କଥା ବୁଝିବାକୁ । ମାତ୍ର ମନ ଭିତରେ ବହୁତ ଭୟ, କେମିତ ଏକୁଟିଆ ଭୁବନେଶ୍ୱର ଯିବି, କୁଆଡେ ଯିବି ରାସ୍ତା ତ ଜାଣିନି ପୁଣି ରହିବା ଅସୁବିଧା । କିନ୍ତୁ ମନ ବଳ ବହୁତ । ଘରେ ବାପାଙ୍କର ଜୋର ବିରୋଧ ତୁ ବାହାରେ ପଢିବୁ ନାହିଁ । ତୋ ସହିତ କେହି ଯିବେନି ଟଙ୍କା ବି ଦେବିନି । ମାତ୍ର ମୋର ସେଇ ଗୋଟିଏ ଜିଦ୍,ଗୋଟିଏ ଉତ୍ତର, କିଛି ନ ଦିଅ, କେହି ନ ଯାଅ, ମୁଁ ନିଶ୍ଚିତ ବାଣୀବିହାରରେ ପଢିବି । ଭଗବାନ ମୋ ସହିତ ଯିବେ ମତେ ସବୁ ଦେବେ ।

ଆଡମିଶନ ଦିନ ସକାଳୁ ଉଠି କିଛି ଟଙ୍କା, ଯାହା କଲେଜ ବେଳେ ସଞ୍ଚୟ କରିଥାଏ, ନେଇକରି ଏକୁଟିଆ Bus ରେ ଭୁବନେଶ୍ୱର ଚାଲିଯାଏ ଭଗବାନଙ୍କ ସାହାରା ନେଇ, ଦୃଢ ବିଶ୍ୱାସର ସହିତ । ମାତ୍ର ମୋ ଭାଗ୍ୟର ବିଡମ୍ବନା, Bus ରୁ ପଡି ମୁଣ୍ଡ ଫାଟି ରକ୍ତ ବୋହୁଥାଏ । ବାହାରେ କିନ୍ତୁ ବହୁତ ବର୍ଷା ହେଉଥାଏ । ସେମିତି ରକ୍ତାକ୍ତ ଅବସ୍ଥାରେ ବର୍ଷାରେ ଭିଜି ଭିଜି ପହଞ୍ଚିଯାଏ ବାଣୀବିହାର ଇକୋନୋମିକ୍ସ ଆଡମିଶନ ହଲରେ । ଦୀର୍ଘ ନିଃଶ୍ୱାସ ଛାଡି ବସିପଡେ ମୁଣ୍ଡରେ ହାତ ଦେଇ । ଭୋକ ବହୁତ, ଛିଡା ହେବାକୁ ଶକ୍ତି ବି ନ ଥାଏ । ପାଞ୍ଚ ମିନିଟ ପରେ ନାଁ ଡକା ହୁଏ । ଜ୍ଞାନ ସାର୍ ଦେବଦୂତ ପରି ଆସି ମତେ ବହୁତ ସାହାଯ୍ୟ କରି, ଆଡମିଶନ କରିଦିଅନ୍ତି । ଭଗବାନଙ୍କୁ ଧନ୍ୟବାଦ ଜଣାଏ, ଧନ୍ୟବାଦ ଜଣାଏ ବାଣୀବିହାରକୁ ଯିଏ ମୋତେ ତା ପାଖକୁ ଏତେ ସବୁ ବାଧାବିଘ୍ନ ପରେ ବି ଡାକିଆଣେ ଆଉ କୋଳେଇନିଏ ।

ତାପରେ ଆରମ୍ଭ ହୁଏ ବାଣୀବିହାର ର ଜୀବନ । ମନରେ ଗୋଟିଏ ଆଶା, କେମିତି ଭଲରେ ପାଠ ପଢା ସରିବ, ଭଲ ଚାକିରି କରିବି । ସାଙ୍ଗ କହିଲେ ଆଠ/ଦଶ ଜଣ ହାତ ଗଣତିରେ, ଯେଉଁମାନେ ମୋ ପାଖେ ସବୁବେଳେ ଥାନ୍ତି । ସେକେଣ୍ଡ ହଷ୍ଟେଲର ଜୀବନ ଥିଲା ବହୁତ ସୁନ୍ଦର । ତା ପରିବେଶ, ବଗିଚା ସବୁକିଛି ବହୁତ ଭଲ ଲାଗୁଥିଲା । ସଂଧ୍ୟା ହେଲେ ସମସ୍ତଙ୍କ ପାଖକୁ ନିଜ ପରିଜନ ସାଙ୍ଗସାଥୀ ଆସନ୍ତି । ମାତ୍ର ମୁଁ ସେମିତି ଏକୁଟିଆ ଚାହିଁ ରହେ କିଏ ଆସିବ କି ? ଭଲରେ ସ୍ନେହରେ କଥା ପଦେ କହିବ କି ? ମାତ୍ର ସବୁକିଛି ଭାବନାରେ ରହିଯାଏ । ଆଉ କିଛି ମୁହୂର୍ତ୍ତ ପରେ ଉଦାସ ମନରେ ଭାବପ୍ରବଣ ହୋଇ ନିଜ ରୁମ୍‌କୁ ଚାଲିଯାଏ । ସେଥିପାଇଁ କେବେ ମନଖୋଲି ଉପଭୋଗ କରି ପାରିନି ସେହି ବାଣୀବିହାରର ମନୋରମ ପରିବେଶକୁ । ନିଜକୁ ପାଠପଢାରେ ହିଁ ସୀମିତ ରଖିଛି । ନିଜର ଏତେ ଦୁଃଖ, କଷ୍ଟ, ଅସୁବିଧା ଭିତରେ ସବୁବେଳେ ଅନୁଭବ କରିଛି ଯେମିତି ମତେ କେହି ଗ୍ରହଣ କରୁନାହାନ୍ତି, ବୋଧ ହୁଏ ମୁଁ ସେମାନଙ୍କ ପରି ନୁହେଁ । ହଁ, ଗୋଟେ କଥା କହିବାକୁ ଭୁଲିଗଲି, ମୋର ବଡ ଭଉଣୀ ଭୁବନେଶ୍ୱର ନୟାପଲ୍ଲୀରେ ସେତେବେଳେ ଥାଏ । ମାତ୍ର ତାର ପାରିବାରିକ ପରିସ୍ଥିତି ଅନୁକୂଳ ନଥିଲେ ବି ବେଳେବେଳେ ଶନିବାର ତା ଘରକୁ ମତେ ଡାକେ ।

ମନରେ ସବୁବେଳେ ଡର ଥାଏ କେମିତି ଭଲରେ ଭଲରେ ପାଠସାରି ଚାଲିଯିବି । 'ବାଣୀବିହାର' ଉତ୍କଳ ଇଉନିଭରସିଟିରୁ ସାର୍ଟିଫିକେଟ ନେଇ । ସେ ବି 'A & A Economics post graduate ' । ବହୁତ ମହତ୍ତ୍ୱପୂର୍ଣ୍ଣ ଥିଲା ମୋ ପାଇଁ । ଚାହୁଁ ଚାହୁଁ ଦୁଇ ବର୍ଷ ସରିଯାଏ, ଆଉ ମୁଁ ଫେରିଯାଏ ଘରକୁ ବାଣୀବିହାରକୁ ବିଦାୟ ଓ ଧନ୍ୟବାଦ ଦେଇ ।

ତା ପରଠାରୁ ଚାଲେ କର୍ମ ଅନୁସନ୍ଧାନରେ । ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲେ ଚାକିରି ପାଇଁ । ଶେଷରେ ଭଗବାନଙ୍କ ଆଶୀର୍ବାଦରୁ NALCO ପରି ଏକ ପ୍ରତିଷ୍ଠିତ ନବରତ୍ନ କମ୍ପାନିରେ ଚାକିରି ମିଳେ ନଭେମ୍ବର ୧୨,୧୯୯୪ ମସିହାରେ । ଯୋଗଦିଏ ସୁଦୂର କୋରାପୁଟର ଦାମନଯୋଡି ଅଫିସରେ, ବହୁ ବାଧାବିଘ୍ନ ପରେ । ଭଗବାନଙ୍କୁ ଅନ୍ତରରୁ ଧନ୍ୟବାଦ ଦିଏ, ଆଉ କହେ ପ୍ରଭୁ ସବୁକିଛି ତୁମରି ଦୟାରୁ ସମ୍ଭବ ହୋଇପାରିଲା । ସେଠାରେ ବହୁତ ଲୋକ ଏକୁଟିଆ ଝିଅ ଦେଖି, ମୋର ଶାରୀରିକ ଦୁର୍ବଳତାକୁ ବହୁତ ହଇରାଣ କରି ଚାଲନ୍ତି । ମାତ୍ର କହନ୍ତିନି, ଯାହାକୁ ରଖିବେ ଅନନ୍ତ କି କରି ପାରେ ବଳବନ୍ତ । ଭଗବାନ କିଛି ଦେବତୁଲ୍ୟ ଲୋକଙ୍କୁ, (ବଡ ବଡ ଅଫିସରଙ୍କୁ) ପଠାଇ ଦିଅନ୍ତି ମତେ ରକ୍ଷା କରିବାକୁ । ଏମିତି ଏମିତି ବହୁ ବାଧାବିଘ୍ନକୁ ଅତିକ୍ରମ କରି ତେର ବର୍ଷ କାଟିଦିଏ ଦାମନଯୋଡିରେ । ତାପରେ ଚାକିରିରେ ବଦଳି ହୋଇ ଆସେ ଭୁବନେଶ୍ୱର ହେଡଅଫିସ ନାଲକୋକୁ ।

ଆଜି ଦୁନିଆରେ ମୁଁ ଏକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ମାତ୍ର ସବୁବେଳେ ଭଗବାନଙ୍କୁ ପଚାରିଛି, ଏତେ ଦୁଃଖ, କଷ୍ଟ ମୋ ପାଇଁ କାହିଁକି ପ୍ରଭୁ ??? ନିଜର ବୋଲି ପାଖରେ କେହି ନାହାନ୍ତି, କିନ୍ତୁ ତମେ ମୋତେ କିଛି ଲୋକ ଦେଇଛ, ସାଙ୍ଗ ଦେଇଛ, ଯିଏ ନିଜ ଠାରୁ ବି ଅଧିକ ସ୍ନେହ, ପ୍ରେରଣା, ସହଯୋଗ ଦେଇଛନ୍ତି ଜୀବନର ପାଦେ ପାଦେ । ବୋଧହୁଏ ଏଇଟା ହିଁ ମୋ ଭାଗ୍ୟ । ଦୁନିଆରେ ସବୁବେଳେ ମୋ ପାଇଁ ଆକ୍ଷେପ, ଇଙ୍ଗିତ ଓ ଖରାପ ଚାହାଣି ରହିଛି । ମାତ୍ର ମୁଁ କେବେ ହାରିଯାଇନି ଜୀବନ ଯୁଦ୍ଧରେ । ଆଜି ବି ନିଜ ମନୋବଳ, ପରିଶ୍ରମ, ଭଗବାନଙ୍କ ଆଶୀର୍ବାଦରୁ ଦୁନିଆକୁ ସାମନା କରିଚାଲିଛି କିଛି ପ୍ରିୟ ସାଙ୍ଗ ଓ କିଛି ଶୁଭଚିନ୍ତକ ଅଫିସ ଲୋକଙ୍କ ସାହାଯ୍ୟ ଓ ପ୍ରେରଣାରେ ।

ଯେତେବେଳେ ୨୦୧୪ ମସିହାରେ ବାଣୀବିହାର ରୌପ୍ୟ ଜୟନ୍ତୀ ସମାରୋହକୁ ନିମନ୍ତ୍ରଣ ଆସିଲା, ଖୁସି ଯେତିକି ହୋଇଥିଲି, ତାଠୁ ବେଶୀ ଆଶ୍ଚର୍ଯ୍ୟଚକିତ ହୋଇଥିଲି । ବାଣୀବିହାରର ସବୁ ସ୍ମୃତି ଜୀବିତ ହୋଇଉଠିଥିଲା । ସେ ନିମନ୍ତ୍ରଣ ବି ମୋର ପିଲାଦିନର ସାଙ୍ଗ ସ୍ୱପ୍ନାଠୁ ପାଇଥିଲି, ଯିଏ ମୋ ସହିତ ଛାଇ ପରି ଛୋଟ ବେଳୁ ଥିଲା । ଯିବା ପାଇଁ ସଙ୍କୋଚ ଲାଗୁଥିଲା । କିନ୍ତୁ ମନ ଭିତରେ ଏକ ଆଶା ଓ ବିଶ୍ୱାସ ଜାଗ୍ରତ ହୋଇ ଉଠିଲା, ୨୫ ବର୍ଷ ପରେ ହୁଏତ କିଛି ସାଙ୍ଗ ମିଳିଯିବେ । ଯିଏ ଜୀବନର ଅପରାହ୍ନରେ ସାଥୀ, ସାହାରା ହୋଇ ଛିଡା ହେବେ ନିଃସଙ୍ଗ ଜୀବନରେ, ମୋତେ ମୋର ଦୁର୍ବଳତା ସହିତ ଗ୍ରହଣ କରିବେ, ହୃଦୟରେ ସ୍ଥାନ ଦେବେ । ମୋ ଜୀବନରେ ମୁଁ ସବୁବେଳେ ବନ୍ଧୁତ୍ୱର ସମ୍ପର୍କକୁ ହିଁ ସତ, ନିର୍ମଳ ଆଉ ଶାଶ୍ୱତ ମନେ କରେ । ଆମ ସେହି ରୌପ୍ୟ ଜୟନ୍ତୀରେ କିଛି ସାଙ୍ଗଙ୍କ ସହିତ ମିଶିଥିଲି । ପୁଣି ଧୀରେ ଧୀରେ ଜୀବନ ସ୍ରୋତରେ ବହୁ ସଂଖ୍ୟକ ବନ୍ଧୁ ବାନ୍ଧବୀ ମିଳିଛନ୍ତି, Covid ର ବିପଦ ସମୟରେ Whatsapp digital platfom ରେ । ଦୁଇବର୍ଷର ସେ କରାଳ ଭୟଙ୍କର ସମୟ ବିତିଯାଏ ବନ୍ଧୁମାନଙ୍କ ସହିତ ଗପସପ ଓ ଗୀତର ଆସରରେ ।

ଏବେ ୩୫ ବର୍ଷ ବିତିଯାଇଛି ବାଣୀବିହାର ଛାଡିବାର ଆଉ ମୋତେ ବହୁତ ବଡ ପରିବାର ମିଳିଯାଇଛି VV 89 ବନ୍ଧୁବାନ୍ଧବୀଙ୍କୁ ନେଇ ।

**"ଧନ୍ୟବାଦ ବାଣୀବିହାର"** । ବାଣୀବିହାର ଛାତ୍ରୀ କହିଲେ ଯେଉଁ ସମ୍ମାନ ମିଳେ ତାହା ଅବର୍ଣ୍ଣନୀୟ । ବହୁତ ଗର୍ବ ଅନୁଭବ ହୁଏ । ଏବେ ବି ଚାଲିଯାଏ ସେହି ବାଣୀବିହାର ପରିସରକୁ, କିଛି ସମୟ ପାଇଁ ପୁଣି ଅତୀତର ହସଲୁହ ସ୍ମୃତିରେ ଭିଜିଯାଏ । ମତେ ଲାଗେ ସବୁବେଳେ ମୁଁ ବାଣୀବିହାର ଭିତରେ ଅଛି, ଆଉ ବାଣୀବିହାର ମୋ ହୃଦୟ ଭିତରେ ।

## ଶୂନ୍ୟକଳ୍ପ

**ନିତ୍ୟାନନ୍ଦ ମହାନ୍ତି**
ଓଡ଼ିଆ ବିଭାଗ

ଛାତ ଉପରେ ଜହ୍ନ ବସିଛି
ଗୋଟେ କିଶୋରୀ ପରି
ଛାତ ତଳ ମୋର ନିଘୋଡ ନିଦରେ
କାଠଗଣ୍ଡିଟେ ପରି ପଡ଼ି ରହିଛି।

ମୋ ଦେହର ନିସ୍ତରଙ୍ଗ
ଛାଇ- ଖାଲି ଛାଇ ହିଁ ଦେଖୁଛି ଭାବୁଛି,
କାଲି ଗୋଟେ ସକାଳ-
ପକ୍ଷୀଙ୍କ ଗୀତରେ
ଫେରିବ କି ନାହିଁ ସୂର୍ଯ୍ୟର ସାଥିରେ।

ସବୁ ଜଡ଼ତାକୁ ଟେକିଦେଲି
ଧାଡ଼ି ଧାଡ଼ି ଠିଆ ହୋଇଥିବା
ବେଶ୍ୟା ପରି ନଈକୂଳ କାଶତଣ୍ଡୀ ଏବଂ
ସ୍ୱର୍ଣକାତର ସ୍ୱପ୍ନଙ୍କ ସହରକୁ।

ଦେହ ମୋର ଆତ୍ମା ମୋର
ଫେରିଆସୁଛି ପୁନଶ୍ଚ ଶୂନ୍ୟରେ
ଦୃଷ୍ଟିବଦ୍ଧ ହେଲାବେଳକୁ ପିଙ୍ଗଳ ସ୍ୱପ୍ନରେ
ଭାବୁଛି , କାଲି ଗୋଟେ କଅଁଳ ଖରାର ଛୁଆଁ
ଛୁଇଁବ କି ନାହିଁ ମୋର ଶୀତଳ ଦେହରେ।

ସ୍ୱପ୍ନ ସବୁ ଆପଣା ଛାଏଁ ଗର୍ଭବତୀ ହେବେ କଳଙ୍କରେ
ଲୁଚିଯିବେ ଘୋଡ଼ିଘାଡ଼ି ଲାଜରେ ଲାଜରେ
ପୋଡ଼ିଦେବେ ନିଜକୁ ଶ୍ମଶାନରେ
ସେତେବେଳେ ମୁଁ ପନ୍ଧିବି
ମୋର ଧଳା ଟ୍ରାଉଜର
ଢିଲା ପଞ୍ଜାବି
ତା ଭିତରେ ଦେଖୁଥିବି
କାଉର କା ଭିତରେ
ସକାଳ ଫେରିବ କି ନାହିଁ ସୂର୍ଯ୍ୟର ସାଥିରେ।

## वो दिन याद है

**नीलाम्बर महापात्र**
इतिहास बिभाग

चलो यादों के परतों को
फिर से खोलते हैं,
जो धूल जम गयी थी
उसको साफ करते हैं।

चमक शीशे सी बरकरार है
अब भी तेरे चेहरे पर,
मन मोह लेती है मुस्कुराहट
जब भी खिलती है तेरे चेहरे पर।

दोस्तो की गली मे जिंदगी आबाद था
एक दूसरे के प्रति लगाव था,विश्वास था
अभाव वाली जिंदगी पर मुक्कमल जहान था
मस्त मलंग दोस्त थे और जिंदगी आबाद था।

कंधे पर हाथ रखकर
दोस्ती की कसमें खाना याद है,
कुछ भी हो मगर
हर हाल में दोस्ती निभाना याद है।

अंक कम हों या ज्यादा
एक-दूसरे को दिलासा दिलाना,
दूसरे के पैकेट मनी को
अपना ही बताना।

कॉलेज के आखिरी दिन
चेहरे पर मायूसी छा जाना याद है,
आँख भरी-भरी सी हैं जुदा होने के गम में
फिर भी मुस्कुराना याद है।

# I Took the Road Less Travelled by...

**Niranjan Nayak**
Dept. of English

I met Deepika for the first time in the central hall for P.G. admission at Utkal University. She was standing in one corner, waiting for the teacher in charge of admission to summon her name.

The room was bustling with young graduates from different prestigious colleges of Odisha, and there she was, a sweet but shy girl with two large, fascinating eyes and a thick, long mane of wavy hair. She was so much, unlike the flamboyant and smart-looking girls from the city. She was not exactly pretty enough to create a ripple in someone's mind, but there was something about her that I found fascinating: her demure countenance, a pair of dark, lovely eyes that revealed more than they concealed, a strange uncertainty mixed with fear, playing on her serene face. I noticed her that day when the huge hall was full of so many pretty faces. Did I find her beautiful? I had never asked that question to me. After the classes began, she remained an interesting specimen to me who might be the last part of my experiment with love and romance at least after one full year of my planned adventures and misadventures with my friends.

But one thing I knew for sure was that I stood no chance when it would come to trying my love luck with all those pretty, smart girls I used to meet regularly in my classroom and wish them with a beaming smile but with very little hope of being reciprocated by a warm gesture that would make my day. Their cold response didn't break my day either. At night I used to fantasize about them and go back to bed praying to my truant god to give some shape to those fantasies at least in one erotic dream.

My University days were drastically different from my college days. During the first few months,

I missed the zest and zing of my college life in the absence of a few of my friends who were infamous for their notoriety. Some of them couldn't qualify for the entrance test, and the rest preferred to migrate outside the state in search of better opportunities, leaving me in despair.

An insignificant number of friends who were very close to me during my college days underwent a radical transformation just after landing in their new Alma mater. Some of them fulfilled their unfulfilled dreams of their college life when they managed without much difficulty to woo a girl of their choice and others decided to forget their frivolous college life and behaved sensibly and responsibly, keeping themselves preoccupied with their studies and rigorous preparation for job-oriented competitive exams. Finding a girl attractive and developing a crush for her was absolutely normal and perhaps the only viable option for someone like me who could not

establish an affinity with either of the two groups of achievers. I didn't mind being called a loser and grappling with my loneliness was a better option for me than embracing a way of life sans any conviction. I decided to be myself rather than copying the lifestyle of a hopeless lotus-eater or a robotic bookworm, selfish and hypocritical yet ironically responsible. I used to pity the fathers of the latter group who used to feel proud of the mundane achievements of their successful progenies with the hope that they would be a part of the amazing success story their children would script in future where they would twinkle like bright stars around the moon they gave birth to. Again the irony is, no one knows how unpredictably destiny behaves at times. Let me put a disclaimer here, I am not making any sweeping generalization. Observations like these could be dangerously polarized.

I was what I was, stubborn, self-destructive and careless. But I had no regret, no feeling of guilt and shame, and honestly not even an iota of envy for someone better than me at least academically. Like Shakespeare's Iago, I was what I was; a poor lost soul who never felt happy when some of my friends used to call me a genius gone astray. That was how my life at the university began and continued at sluggish pace, promising no change in the near future until one day I realized to my horror I had fallen in love with Deepika and that made all the difference to me.

# 'କିଛି କଥା'

**ପ୍ରଭାମଞ୍ଜରୀ ପଟ୍ଟନାୟକ**
ଇତିହାସ ବିଭାଗ

ସମ୍ଭାବ୍ୟ ଓ ସମ୍ଭାବନାକୁ ନେଇ ଗଢିଚାଲେ ଜୀବନ । ଜଞ୍ଜାଳ ଏବଂ ସମସ୍ୟା ଭିତରୁ ବି ଅନୁଭବି ହୁଏ ବଞ୍ଚିବାର ସ୍ୱାଦ ଓ ପାଇହୁଏ ଅଜସ୍ର ଆଶ୍ୱାସନା । ଜିବନର ଏଇ ପାହାଚରେ ଆଜି ବି ସୃଷ୍ଟି ହୁଏ ଅହେତୁକ ଉନ୍ମାଦନା, ଏକ ଅଦ୍ଭୁତ ଅନୁଭବ ଯାହା ନେଇଯାଏ ବିଗତ ୩୫ ବର୍ଷର ବାଣୀବିହାରର ଅଭୁଲା ପରିସରକୁ। ବଞ୍ଚିବା ଶିଖେଇଥିଲା ଏଇ ବାଣୀବିହାର। ଶିକ୍ଷା,ଦୀକ୍ଷାର ମନ୍ତ୍ରରେ ମନ୍ତ୍ରମୁଗ୍ଧ କରେଇଥିଲା ଜ୍ଞାନର ଏଇ ମାଟି। ବାସ୍ତବତାକୁ ସାମ୍ନା କରି ଏକ ସୁସ୍ଥ ଜୀବନ ଗଢିବାର କଳାରେ ଆମକୁ ସଜେଇଥିଲା ବାଣୀଙ୍କର ଏଇ ବିହାର। ଉନ୍ନତ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଆମର କିଛି ଉଦ୍ୟାକ୍ତା ବନ୍ଧୁ ଓ ବାନ୍ଧବୀଙ୍କର ସଫଳ ପ୍ରୟାସ ପୁଣିଥରେ ସୃଷ୍ଟିକରିଛି ଏକ ସମ୍ପର୍କର ସେତୁ। ଖୋଜି ଖାଜି ଅନେକଙ୍କୁ ସାମିଲ କରିଛନ୍ତି ବନ୍ଧୁତ୍ୱର ଏଇ ଅମୂଲ୍ୟ ସେତୁରେ। କେତେ ଉନ୍ମାଦନା, ଆଗ୍ରହ, ପରିଶ୍ରମ, ପ୍ରଚେଷ୍ଟା ସହିତ ବିଭିନ୍ନ ଦିଗ ପ୍ରତି ଗୁରୁତ୍ୱ ଦେଇ ଆଗାମୀ ବନ୍ଧୁମିଳନ ପର୍ବଟିକୁ ସ୍ମୃତିମଧୁର ଓ ରମଣୀୟ କରିବାର ପ୍ରୟାସର ନିଶାରେ ମସଗୁଲ କିଛି ଆୟାଜକ। ସେମାନେ ନିଶ୍ଚିତ ଧନ୍ୟବାଦାର୍ହ । ବନ୍ଧୁମିଳନରେ ସମୟ ବାହାର କରି ସାଙ୍ଗମାନଙ୍କ ପାଇଁ ଆଉ ନିଜ ଖୁସୀ ପାଇଁ ସାମିଲ ହେବାଲାଗି ବନ୍ଧୁ ଗାହଣ ର ଅନୁରାଧ ତା'ର ବନ୍ଧୁମିଳନର ଚିନ୍ତାକୁ ସୂଚାଉଥିଲା। ବନ୍ଧୁ ପବିତ୍ର କରଙ୍କ ବାର୍ତ୍ତାଟିଏ ପାଇଥିଲି ଫୋନ ମାଧ୍ୟମରେ ଲେଖାଟିଏ ପାଇଁ।ସମ୍ପାଦନା ମଣ୍ଡଳୀଙ୍କ ପ୍ରଚେଷ୍ଟା ମଧ୍ୟ ସ୍ୱାଗତଯୋଗ୍ୟ।

ବାଣୀବିହାରର ପରିସରକୁ ପ୍ରବେଶ କଲେ କେମିତି ଗାଟେ ଆପଣାର ଭାବ ଅନୁଭବ କରି ହୁଏ। ମୋ ବାପା ବାଣୀବିହାରରେ କାର୍ଯ୍ୟରତ ଥିଲେ। ସେଥିପାଇଁ ଆମେ ବି କ୍ୟାମ୍ପସରେ କ୍ୱାର୍ଟରରେ ରହୁଥିଲୁ। ବାଣୀବିହାର କ୍ୟାମ୍ପସରେ କୋଉ ଗଛରେ କଞ୍ଚା ସୁଆଦିଆ ଆମ୍ବ, କୋଉ ଗଛର ବଉଳ କାଳି ମିଠା, ବରକୋଳିର ସ୍ୱାଦ, ପିଜୁଳିର ସମୟ ଏସବୁ ୟୁନିଭରସିଟିର ହାଇସ୍କୁଲରେ ପଢିବା ଦିନଠୁ ଅର୍ଥାତ ତୃତୀୟ ଶ୍ରେଣୀରୁ ମୋର ଅନୁଭବରେ ଥିଲା। ଜୀବନର ଅର୍ଦ୍ଧାଶ ସମୟ ମୋର ବାଣୀବିହାରର ଧୂଳିମାଟିରେ କଟିଛି । ମନ୍ଦିର ଛକ ହେଉ, ପାଣିଟାଙ୍କିର ଅଳକା ମାର୍କେଟ ହେଉ ଇତିହାସ ବିଭାଗ ବା କ୍ୟାମ୍ପସର ପରିଚିତ ସାଙ୍ଗମାନଙ୍କ ଘର, କଲୋନୀ ପାର୍କ ସ୍କୁଲର ସମୟ .....ସବୁକିଛି ଆଖି ସାମ୍ନାରେ ଜୀବନ୍ତ ହାଇଯାନ୍ତି ଆପେ ଆପେ...।

ସମୟ ମାଡିଚାଲେ ଆଗକୁ। କର୍ତ୍ତବ୍ୟ, ଜଞ୍ଜାଳ, ଦାୟିତ୍ୱ ଭିତରେ ଜୀବନ ବି......। ବାପାଙ୍କର ପରିଣତ ବୟସରେ life certificate ଦେବାଲାଗି ତାଙ୍କୁ ନେଇ ଯେତେବେଳେ ବାଣୀବିହାର ଯାଏ, ଆମର ସେ କ୍ୱାର୍ଟର, ପାଣିଟାଙ୍କି ଠାରୁ ଆରମ୍ଭ କରି ସ୍କୁଲ, ଇତିହାସ ବିଭାଗ ଇତ୍ୟାଦି ଟିକେ ବୁଲିଆସିବାର ଇଚ୍ଛା କୁ ପୂରଣ କରିଦିଏ। ଅନେକ ଜାଗାରେ କେବେ କେମିତି ଇତିହାସ ବିଭାଗର ସେଇ ମାର୍ଗଦ୍ରଷ୍ଟା, ଯୋଗଜନ୍ମା, ଜ୍ଞାନୀ ଗୁରୁଙ୍କ ସହିତ ସାକ୍ଷାତ ହୁଏ। ଭାରି ଖୁସି ହୁଅନ୍ତି ସେମାନେ, ମୋତେ ବି ଭଲ ଲାଗେ ଯେତେବେଳେ ମୋତେ ଲାଗେ ସେମାନେ ମୋତେ ଚିହ୍ନିପାରୁଛନ୍ତି। ହୋଇପାରେ ବାପାଙ୍କ ପରିଚୟରୁ......। ହଁ,ମୁଁ ବାପାଙ୍କ ପରିଚୟରେ ଗର୍ବିତ, ବାଣୀବିହାରର ଇତିହାସ ବିଭାଗର ଛାତ୍ରୀ ଭାବେ ଆନନ୍ଦିତ। ବାଣୀବିହାର ପରିସରରେ ମୋର ପିଲାବେଳ ଧୂଳିଧୂସରିତ। ସେଇଠୁ ଶିଖିଛି ବଞ୍ଚିବା, ପଡିପଡି ଉଠିବା, ଝୁଣ୍ଟି ଝୁଣ୍ଟି ଚାଲିବା, ଏବେ ବି ବାଣୀବିହାରର ଶସ୍ୟଶ୍ୟାମଳା, ହରାଭରା ବଡବଡ ଗଛ ପାଖକୁ ଯାଇ ପଚାରିବାକୁ ଇଚ୍ଛା ହୁଏ ହେ ମହାଦ୍ରୁମ ! ମୋତେ ଚିହ୍ନି ପାରୁଛ ?

ବାଣୀବିହାରର ବିସ୍ମୃତ ସ୍ମୃତିକୁ ପୁଣି ଉଜ୍ଜୀବିତ କରିବାର ପ୍ରୟାସରେ ଚେଷ୍ଟିତ ମୋର ସମସ୍ତ ବନ୍ଧୁ, ବାନ୍ଧବୀଙ୍କୁ ମୋର ହୃଦୟରୁ ଅଜସ୍ର କୃତଜ୍ଞତା। ସେମାନଙ୍କର ପରିଶ୍ରମ ଆଉ ପ୍ରଚେଷ୍ଟା ସୀମାହୀନ ।

# REMINISCENCES

**Pradipta Kumar Gahan**
Dept. of History
(Chief Co-ordinator : VV89')

Thirty-five years since I completed in PG Department of History at Utkal University. It was 1987 when I enrolled myself in Utkal University, Vani Vihar, the most premier educational institution then, and even now.

Vani Vihar of our days was different from the present one. The atmosphere both outside and inside the campus was healthy, pleasant, and enchanting. There was a busy thoroughfare from the entry point of the university to V.S.S. Nagar. On either side of the road stood numerous hotels and shops. It was a self-sufficient mini-world. Madhu, Kasi, khira (hotels), Santosh (bara), Govind (pan shop), Kartik magazine shop, grocery, laundry, salon, and a lot of other shops provide services to the students.

The study atmosphere was equally inspiring in the university which attracted students from other states including foreigners. Being a student of Utkal University was a matter of pride and a hallmark of academic achievement. The classroom teaching was superb.

But the most prized asset was the friendship we developed with one another i.e., the whole of VaniVihar89 from seminar to cinema (preferably night show) from classroom to glass canteen, from town bus to township, and from hostel to hospital, etc. we always moved in groups.

Many events are still fresh in my memory cooking inside the room allotted to us. Arrangement of feasts, especially chicken without having proper utensils and tools yet, the taste of the cooked food was like that of manna, probably the pangs of hunger were behind the taste. Study tours, orchestra, after every exam was over, loitering near pani tanki as if waiting for the town bus and yet stealing some glances towards ladies' hostel, Annual function, and many such reminiscences, are as soothing as nostalgic.

Recently I came to know that the caretaker Rabi breathed his last a few days ago after a brief illness. May his soul rest in peace.

This year we the VaniVihar89 are organizing our 35th Annual Day. Hopefully, there will be a mega gathering. It will certainly be a great occasion giving all of us still another opportunity to come closer spreading love and affection among us and our family members.

Exploring Parija library was just like looking for Paradise on the earth. Diving deep into the ocean of knowledge was like finding a way towards maturity and wisdom.With wisdom came responsibility and this place of learning , mould our personalities and contributed immensely to make us stand by our own..My University not only shouldered the responsibility of providing learning but building experiences and refining my individuality…

Wishing all my dear friends and their family a beautiful and prosperous New Year 2025.

# ସ୍ମୃତିରେ ବାଣୀବିହାର......

**ବିଭୂତି ଭୂଷଣ ପାତ୍ର**
ଗଣିତ ବିଭାଗ

ବାଣୀବିହାର ହେ ବାଣୀବିହାର,
କିଛି ତ କହନ୍ତି ରାଣୀ ବିହାର,
କେତେ ସ୍ମୃତି କେତେ ଘଟଣାପ୍ରବାହ
ବକ୍ଷେ ଧରି ଚାଲୁ ତୁ ନିରନ୍ତର ।(୧)

ବାଣୀବିହାର ହେ ବାଣୀ ବିହାର;
ଭାରି ମଧୁମୟ ତୋ ପରିସର
ଆଦ୍ୟ ଯୌବନର ମୂକସାକ୍ଷୀ ତୁ
ଜୀବନ ଯୁଦ୍ଧର ଆଖଡାଘର । (୨)

ବାଣୀବିହାର ହେ ବାଣୀ ବିହାର
ପାଖରେ ତୋହର ଶନି ମନ୍ଦିର
ରାଜପଥ ଧାରେ ଅବସ୍ଥିତି ତୋର
କୋଳେ ଧରି କେତେ ଶିକ୍ଷା ମନ୍ଦିର ।(୩)

ବାଣୀବିହାର ହେ ବାଣୀ ବିହାର
ବହୁ ଦୂର ତୋତେ କରେ ଜୁହାର
ବିଦ୍ୟା ଆରାଧନା ନିମନ୍ତେ ଜୁଟିଲୁ
ଆମେ ସବୁ ସାଥି ଅଣାନବେର ।(୪)

ବାଣୀବିହାର ହେ ବାଣୀ ବିହାର
ଓଡ଼ିଶା ରାଇଜେ ତୁ ଥିଲୁ ସାର
ଅନେକ ସତୀର୍ଥ ତୋ କୋଳୁ ବାହାରି
ଜୀବନ ସଂଗ୍ରାମେ ସାଜିଲେ ବୀର । (୫)

ବାଣୀ ବିହାର ହେ ବାଣୀବିହାର
ଉଚ୍ଚ ଶିକ୍ଷା ପାଇଁ ତୁ ବଡ ଘର
ତୋ କୁହୁକ ଛୁଆଁ ତୋ ପାଣି ପବନ
ମନେ ଭରିଅଛି ଶକ୍ତି ଅପାର ।(୬)

ବାଣୀ ବିହାର ହେ ବାଣୀବିହାର
ତାଳପଦେଶ୍ୱରୀ ମନ୍ଦିରେ ତୋର
ଅନେକ ଦିବସ ସନ୍ଧ୍ୟା ବିତିଛି
ନିରୋଳା ମୁହୂର୍ତ୍ତ ସୁଖଦୁଃଖର ।(୭)

ବାଣୀବିହାର ହେ ବାଣୀ ବିହାର
ତୁ ସର୍ବଦା ଅଟୁ ନମସ୍ୟ ମୋର
ତୋ କୁହୁକ ଛୁଆଁ ଭରିଛି ମୋ ପ୍ରାଣେ
ଅଫୁରନ୍ତ ଶକ୍ତି ଉନ୍ମାଦନାର
ସ୍ମୃତିରେ ରହିଛି ସର୍ବଦା ମୋର
ବାଣୀ ବିହାର ହେ ବାଣୀ ବିହାର(୮)

# ଉଆଁସୀ

**ବିଦ୍ୟୁତ୍ ପ୍ରଭା ରାୟ**
ଓଡ଼ିଆ ବିଭାଗ

ସ୍ୱପ୍ନ ଭଳି ଲାଗୁଛି; କେମିତି କହିବି ? କ'ଣ ? ମନେ ଅଛି ସେତେବେଳର ବାଣୀବିହାର ବାଣୀମୟ ବାତାବରଣର କଥା ? ସତ କହିବାକୁ ଗଲେ ଦୀର୍ଘ ପଇଁତିରିଶ ବର୍ଷର ସେହି ସ୍ମରଣୀୟ ସୈରାତସବ। ଘର ସଂସାର, କର୍ମମୟ ଜଞ୍ଜାଳ ଭିତରେ ଭଗ୍ନପ୍ରାୟ। ଅତୀତର ଆଇନାରେ ସବୁ ଯେମିତି ଝାପ୍‌ସା ଝାପ୍‌ସା, ଅସ୍ପଷ୍ଟ। କିନ୍ତୁ କିଛି କିଛି ପାରିପାର୍ଶ୍ୱିକ ସ୍ମୃତି ଗନ୍ଧ ଭଳି ଏବେ ବି ମାନସପଟରେ ପ୍ରାଣବନ୍ତ।

ଗୋଟିଏ ବଡ଼ ଗ୍ରୁପ ଆମେ ରମାଦେବୀ ମହିଳା ମହାବିଦ୍ୟାଳୟରୁ ଆସି ସ୍ନାତୋକତର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ନାମ ଲେଖାଇଥିଲୁ। ଆମ ଭିତରୁ ଅଧିକାଂଶ ପିଲା ମୋ ଭଳି ନିଜ ଘର ଯିବା ଆସିବା କରୁଥିଲେ। ଛାତ୍ରୀ ନିବାସରେ ରହିବାର ଅଭିଜ୍ଞତା ଆମର ନଥିଲା। ଯେଉଁ ସ୍ମୃତିକୁ ମୁଁ ଉଲେଖ କରିବାକୁ ଯାଉଛି ତାହା ବାଣୀବିହାରର ଅଂଶ ନ ହେଲେ ବି ସେତେବେଳର ମୋ ଛାତ୍ରୀ ମାନସକୁ ବେଶ୍ ଆନ୍ଦୋଳିତ କରିଥିଲା।

ସେତେବେଳର ରାଜଧାନୀ ଭୁବନେଶ୍ୱର... ଶୁଣିବାକୁ, ଦେଖିବାକୁ ଯେତେ ଭଲ ଲାଗେ, ସେମିତି କିଛି ମାଧୁର୍ଯ୍ୟ ବା ଆତ୍ମିୟତାର ମହକ ଲୋକଙ୍କ ପାଖରେ ନଥାଏ। ଗୋଟେ ଧାବମାନ ଚଳଚଞ୍ଚଳ ସହର ଯେଉଁଠି ପ୍ରତି ଘଣ୍ଟାରେ ରୋଡ ଆକ୍ସିଡ଼େଣ୍ଟ, ଚୋରି, ଡକାୟତି, ରୋଡ ରୋମିଓଙ୍କ ଉତ୍ପାତ; ସବୁ। ଅହରହ ଚାଲିଥାଏ।

ଆମର ଭଡ଼ାଘର ବୀର ସୁରେନ୍ଦ୍ରସାଏ ନଗରରେ ଥାଏ। ଆମେ ୪-୫ଜଣ ସାଙ୍ଗ (ବିଭିନ୍ନ ବିଭାଗରେ ଅଧ୍ୟୟନରତା) ମିଶିକି ଚାଲିଚାଲି ବାଣୀବିହାରକୁ ଆସୁ। କ୍ଲାସର ସମୟ ସାରଣୀ ଅନୁସାରେ କେବେ କେବେ ମତେ ଏକୁଟିଆ ଆସିବାକୁ ହୁଏ। ବାପା ଘରେ ଥିଲେ ଆଣି ଛାଡନ୍ତି ନହେଲେ ଉଆଁସୀ ସହ ମୁଁ କ୍ଲାସକୁ ଆସେ।

ଉଆଁସୀ... ଆମ ଘରେ ବୋଲହାକ କରୁଥିବା ମଧ୍ୟବୟସ୍କା ଶ୍ୟାମଳ ବର୍ଣ୍ଣର ଆଦିବାସୀ ମହିଳା। ୟୁନିଭରସିଟି କେନାଲ ପାଖରେ ଥିବା ପଥର ବନ୍ଧ ବସ୍ତିରେ ରୁହେ। ସେତେବେଳେ ଗୋଟେ ବଡ଼ ବସ୍ତି ପଥରବନ୍ଧ ଏରିଆରେ ଗଢ଼ି ଉଠିଥିଲା, ଏବେ କିନ୍ତୁ ତାହା ଅଛି କି ନାହିଁ ଜଣା ନାହିଁ। ସ୍ୱାମୀ ତା'ର ନିୟମଗିରି ଅଞ୍ଚଳର ଡଙ୍ଗରିଆ କନ୍ଧ। ଅକ୍ଷପାଠ ପଢ଼ିଥିଲା, କେଉଁ ଗୋଟେ ଟ୍ରକ ଡ୍ରାଇଭର ସହ ଥରେ ଅଧେ ଭୁବନେଶ୍ୱର ଆସି ଏଠିକାର ଚାକଚକ୍ୟ ମୋହରେ ପଡ଼ିଯାଇଥିଲା। ନୂଆ ନୂଆ ଗଢ଼ିଉଠୁଥିବା ବିଭିନ୍ନ ଅଞ୍ଚଳରେ କଂକ୍ରିଟ୍ ଜଙ୍ଗଲ ନିର୍ମାଣ କାର୍ଯ୍ୟରେ ଲେବର କଣ୍ଟ୍ରାକ୍ଟରୀ କରି ନିଜ ପୈତୃକ ଜାଗାରୁ କିଛି କିଛି ପୁରୁଷ ଓ ମହିଳାଙ୍କୁ ଆଣି ଠିକା କାମରେ ଲଗଉଥାଏ। ସେମାନଙ୍କ ସହ ଉଁଆସୀ ବି ଭୁବନେଶ୍ୱର ଆସିଥିଲା।

ଅମାବାସ୍ୟାରେ ଜନ୍ମିତା ଉଁଆସୀ କ୍ରମେ ଦଇତାରୀ ପାଇଁ ପୂର୍ଣ୍ଣମୀ ଚାନ୍ଦ ବନିଯାଇଥିଲା। 'ଦଇତାରି' ହେଲା ଉଆଁସୀର ସ୍ୱାମୀ। ଯେଉଁ ଦିନ ଉଆଁସୀ ଦଇତାରିକୁ ମନ୍ଦିରରେ ଫୁଲମାଳ ପିନ୍ଧେଇଲା, ସେବେଠୁଁ ତା' ଜୀବନର ସୂର୍ଯ୍ୟ ଅସ୍ତମିତ ହେବାକୁ ଲାଗିଲେ। ମଦୁଆ ସ୍ୱାମୀର ଅତ୍ୟାଚାର ସହି ସହି ମନର ସମସ୍ତ କ୍ଷତ ଓ ରକ୍ତର କୋହ ସବୁ ଜମାଟ ବାନ୍ଧିବାକୁ ଲାଗିଲା। ଭୟଙ୍କର ଦୁର୍ଦ୍ଦିନକୁ କାନ୍ଧରେ ପକେଇ ସେ ଅଲଗା କାମ ଖୋଜି ଖୋଜି ଆମ ଘରେ ପହଞ୍ଚିଥିଲା। ଆମ ଘର କାମ ସହ କିଛି ପଡ଼ୋଶୀଙ୍କ କାମ ମଧ ତା ପାଇଁ ମୋ ବୋଉ ଯୋଗାଡ଼ କରି ଦେଇଥିଲା। ବହ।ତ ସଙ୍କୋଚ ଓ କର୍ମନିପୁଣା ଥିଲା ସେ। ହ।ଏତ ସେଥିପାଇଁ ଏକ ବତର ସହାନୁଭୂତି ଥିଲା ତା'ର ଆମ ଘର ସହ ଓ ମୋ ସହ। କେବେ କେବେ ସେ ମୋ ପାଇଁ ବାଣୀବିହାର କ୍ୟାମ୍ପସରେ ଖୋଜି କୋଉଠୁ ଆମ୍ବଡ଼ା, ପିଜୁଳି, ବରକୋଳି, ବଉଳକୋଳି ସବ। ଆଣିଦିଏ। ମୋ ବହି ବ୍ୟାଗକୁ ନିଜେ ଟେକି ଟେକି ଦୁନିଆଯାକର ଗପ ପେଡ଼ିକୁ ଖୋଲି ମୋ ସହ ଚାଲି ଚାଲି ଆସେ, ମୋ ଡିପାର୍ଟମେଣ୍ଟ ପାଖକୁ। ବିଭିନ୍ନ ପ୍ରକାର ଉପଦେଶସବୁ ଦେଇ ଫେରିଯାଏ ତା ଝୁମ୍ପୁଡ଼ି ବସ୍ତିକୁ। ସ୍ୱାମୀ ପାଇଁ ମୋହ ଓ ସ୍ୱାମୀର ଅତ୍ୟାଚାର ଦୁଇ ସ୍ରୋତ ଭିତରେ ଅହରହ ଟଳମଳ ଉଆଁସୀର ମନଟି କ୍ରମେ ବିଭ୍ରମ ହୁଏ। କେବେ ହାରେ, କେବେ ଜିତେ। ଜିତିକି ମଧ ହାରିଯିବାର

ଅସହାୟତାରେ ବି କେବେ କେବେ ସେ ଲହୁଲୁହାଣ ଫେଣ୍ଟାଫେଣ୍ଟିରେ ଅହରହ ଛଟପଟ ହେଉଥାଏ ।

ଅଚାନକ ଦିନେ ସାଧୁ (ଉଆଁସୀ ବସ୍ତିର ଜଣେ ଯୁବକ) ତା ହାତ ଧରି ଟାଣି ଟାଣି ବାଣୀବିହାର ମେନ୍‌ଗେଟ ସାମନା ଜାତୀୟ ରାଜପଥ ପାଖକୁ ଭିଡ଼ି ନେଇଥିଲା । ଆରେ ଏ କ'ଣ ! ! ଦୁର୍ଘଟଣା ! ! ଇସ୍ ଅନାଇ ହେଉନାହିଁ ଲୋକଟାକୁ... କିଏ ସେ ? ରାସ୍ତାପାର ହେଉ ହେଉ... । ଆକାଶଟା ଖସି ପଡ଼ିଲା ଯେମିତି ଉଆଁସୀ ଉପରେ । ଦଇତାରିର ରକ୍ତ ଜୁଡୁବୁଡୁ ଦେହକୁ ଦେଖି ପାଦତଳୁ ଖସିଗଲା ଯେମିତି ମାଟି । ମୁଣ୍ଡ ବୁଲାଇଦେଲା ତା'ର, ନିଜକୁ ବଞ୍ଚାଉ ବଞ୍ଚାଉ ଚିତ୍କାର କରୁଥିଲା... ବଞ୍ଚାଅ... ବଞ୍ଚାଅ... । ରାଜଧାନୀର ରାଜରାସ୍ତାକୁ ପ୍ରଭାବିତ କରୁଥିବା ଅନେକ ଉଜ୍ଜ୍ୱଳ ଆଲୋକ ନିଜ ନିଜ ବାଟରେ ଚାଲିଯାଉଥାନ୍ତି । କାହାର ଯେମିତି କିଛି ହୋଇନାହିଁ । କିଛି କେହି ଦେଖିପାରୁ ନାହାନ୍ତି । ବହୁ କଷ୍ଟରେ ସାଧୁ ସହ ମିଶି ଦଇତାରିର ଭଗ୍ନ ଦେହକୁ ମଣିଷ ବୁହା ରିକ୍‌ସାରେ ବୋହି ନେଲା ନିକଟସ୍ଥ ଡାକ୍ତରଖାନାକୁ ।

କିଛି ଦିନ ପରେ ଫେରିଲା ଦଇତାରି ନିଜର ଗୋଟେ ଗୋଡ଼ ହରାଇ, କିନ୍ତୁ ମନରେ ଓ ଦେହରେ ହିଂସ୍ର ବ୍ୟାଘ୍ରର ଲକ୍ଷଣ ନେଇ । ସାଧୁ ଉପରେ ତାର ବଡ଼ ରାଗ । ତାର କଟାସ ଭଳି ଚାହାଣୀ, ପାଗଳା କୁକୁର ଭଳି ଉତ୍ପାତ ଉଆଁସୀର ଧୂଳିଧୂସର ଜୀବନକୁ ଆହୁରି ଧୂମାୟିତ କରିଦେଲା ।

ସବୁ ସମ୍ପର୍କର ମାନେ ନେଇ କର୍ତ୍ତବ୍ୟ କରାଯାଏ ନାହିଁ । ଅନେକ ସମ୍ପର୍କ ଏତେ ଆକସ୍ମିକ ଆସେ ଯେ ଆଦୌ ବିଶ୍ୱାସ କରି ହୁଏନି । ସେହି ଭଳି ସାଧୁର ଆବିର୍ଭାବ ଉଆଁସୀ ଜୀବନକୁ ବିଭୋର ଓ ବିହ୍ୱଳିତ କରିଥିଲା ।

ଏଥରର ଚିତ୍ରପଟ କିନ୍ତୁ ଭାରି ଦୟନୀୟ । ପରିସ୍ଥିତି ହୃଦୟ ବିଦାରକ । ଅସହାୟତାପୂର୍ଣ୍ଣ ମାନସିକ ବିପର୍ଯ୍ୟୟ ଯେ ମଣିଷକୁ ଚରମ କ୍ରୋଧୀ ଓ ରକ୍ତମୁଖା କରିଦିଏ, ତା'ର ଜ୍ୱଳନ୍ତ ଉଦାହରଣ ଥିଲା ଉଆଁସୀ ଜୀବନର ଶେଷଭାଗ ।

ଦିନେ ଉଆଁସୀର ଝୁମ୍ପୁଡ଼ି ଘରେ ନିଆଁ ଲାଗିଗଲା । ଚାଳ ଛପର ଘର । ହୁତ୍ ହୁତ୍ ନିଆଁରେ ଆଉକିଛି ଘର ବି ଜଳିଗଲେ । କାଠ ବାକ୍‌ସରେ ସାଇତା ଉଆଁସୀର ବୁଜୁଳା ସହ ସାଇତା ତା'ର ସମସ୍ତ ସ୍ମୃତି ପୋଡ଼ି ପାଉଁଶ ହୋଇଗଲା । ପୁଲିସ୍ ଆସିଲା, ଖୋଳତାଡ଼ କଲା, ସମଗ୍ର ବସ୍ତିବାସିନ୍ଦା ଏକ ସ୍ୱରରେ କହିଲେ "ଏକୁଟିଆ ଥିଲା ଉଆଁସୀ, ଚୁଲିରୁ ନିଆଁ ଚାଳକୁ ଧରିଥିବ । ନିଆଁ ଘେରରୁ ସେ ବାହାରି ପାରିନି । ଜଳି ଯାଇଚି...

ବର୍ଷ ପରେ ବର୍ଷ ବିତିଯାଇଛି । ଉଁଆସୀ ନାମ୍ନୀ ଅସହାୟା ନାରୀଟି କିମ୍ବଦନ୍ତି ପାଲଟି ମୋ ଛାତିରେ ରହିଯାଇଛି ଗୋଟେ ଚପା ଦୀର୍ଘଶ୍ୱାସ ହୋଇ... ।

# ଭାଙ୍ଗର ରଙ୍ଗ

**ବିଜୟ କୁମାର ପ୍ରଧାନ**
ଓଡ଼ିଆ ବିଭାଗ

ଫକୀର ମୋହନ ଛାତ୍ରାବାସର ୧୩୧ ନମ୍ବର ରୁମ୍ ! ଗ୍ରାଉଣ୍ଡ ଫ୍ଲୋର । ୧୯୮୮ ମସିହା ବିଷୁବ ସଂକ୍ରାନ୍ତି, ରାତି ୯ ଟା ବାଜିଥିଲା ପ୍ରାୟ । ପାର୍ଟ ଟାଇମ୍ ଜବ୍ କରିଥିଲୁ ଦୈନିକ ସମ୍ବାଦ କାର୍ଯ୍ୟାଳୟରେ ସବ୍ ଏଡିଟର ଭାବେ ମୁଁ, କୁଳମଣି, କାଳୀ ପ୍ରସନ୍ନ ଏବଂ ବିଭୂତି । ସଭିଏଁ ପି.ଜି । ପ୍ରଥମ ବର୍ଷରୁ ନିଜର ଖର୍ଚ୍ଚ ମେଣ୍ଟାଇବା ପାଇଁ ଲାଗିଯାଇଥିଲୁ । ସାମ୍ବାଦିକ କାମସାରି ହଷ୍ଟେଲ ଅଭିମୁଖେ ଫେରୁଥିବାବେଳେ, ବାଣୀବିହାର ପାଣି ଟାଙ୍କି ତଳ ବଡ ଗୋଲେଇକୁ ଲାଗିଥିବା 'ଅଳକା' ମାର୍କେଟ ଆଡେ ସମସ୍ତଙ୍କ ସାଇକେଲ ହ୍ୟାଣ୍ଡେଲ ମୋଡି ହୋଇଗଲା ମୁରବୀ ବନ୍ଧୁ କାଳିପ୍ରସନ୍ନଙ୍କ ନିର୍ଦ୍ଦେଶକ୍ରମେ । କେହି କିଛି ବୁଝିବା ଏବଂ କହିବା ପୂର୍ବରୁ କାଳୀପ୍ରସନ୍ନ ଆମକୁ ନେଇ ପହଂଚାଇ ଦେଲା ସେଠାରେ ଥିବା ଛେନା, ରାବିଡ଼ି ଓ ଭାଂଗ ଦୋକାନରେ । କହିଲା, "ଆଜି ପଣା ସଂକ୍ରାନ୍ତି, ଆମେ ଟିକେ ଟିକେ ଭାଙ୍ଗ ଖାଇବା ।" ଅଭିଜ୍ଞତାହୀନ ଅଜବ ଜୀବ ଆମେ ପ୍ରଥମେ ଅରାଜି ହେଲୁ । କୁଳମଣି ଏବଂ ବିଭୂତି ଆଦୌ କାଠି ପୂରାଇ ଦେଲେ ନାହିଁ । ମୁଁ ଟିକେ ସାହସ କରି କହିଲି, ହେଉ ଦେଖିବା । କାଳୀ ପ୍ରସନ୍ନ ଏବଂ ମୁଁ ଦୁହେଁ ଦଶ ପଇସା କିମ୍ବା ଚଉରଣା ଲେଖାଏଁ ପଇସାରେ ଭାଙ୍ଗ ଅର୍ଡର ଦେଲୁ । ଠିକ୍ ମନେ ନାହିଁ, ଖୁବ୍ ଭଲ ଲାଗିଲା । ସେଠୁ ଆସି ୧୩୧ ରୁମରେ ପହଂଚି ମୋର ସାନ ଭାଇ ପ୍ରକାଶ, ଯେ କି ମୋ ପାଖରେ ରହି +୨ ପରୀକ୍ଷା ପାଇଁ ପଢାପଢି କରୁଥିଲା, ସେ ଭାତ ଓ ଡାଲମା କରି ରଖିଥିଲା । ଭାଙ୍ଗ ଖାଇବା ପରେ ଖାଇବାର ଆଗ୍ରହ ଯେ କିପରି ଓ କେତେ, ତାହା କେବଳ, ଭାଙ୍ଗୁଆ ଜାଣେ । ସେଦିନ ମୋର ଆଉ ଗୋଟେ ସାନଭାଇ ବିମ୍ବାଧର ଆସିଥିଲା ।ଆମ୍ଭେ ତିନି ଭାଇ ଖାଇବା ପାଇଁ ଏକାଠି ସବୁ ବାଢି ବସିଗଲୁ । ଖାଇବା ସମୟରେ ସମଗ୍ର ପୃଥିବୀରେ ମୁଁ ଏକମାତ୍ର ଖିଆଳି ବୋଲି ଦର୍ଶାଇ ମୁଁ ଖାଇ ଚାଲିଲି ଏବଂ ଅତ୍ୟଧିକ ଭାଙ୍ଗ ନିଶା କାରଣରୁ ମୁଁ ଅନର୍ଗଳ ଯାତ୍ରା ଡାଇଲାଗ୍ କହି ରାଜକୀୟ ହସ ହସିଥିବା କଥା ପରେ ଜାଣିବାକୁ ପାଇଥିଲି । ବିମ୍ବାଧର ଖାଇ ସାରି ଚାଲିଗଲା, କିନ୍ତୁ ବାକି ରହିଲା ଭାଙ୍ଗର ରାଜ୍ । ରାତି ପ୍ରାୟ ୧୧ଟା ବେଳକୁ ମୁଁ ଯେତେବେଳେ ମୋର ସିଂଗଲ ଖଟଟିକୁ ଆବୋରି ଶୋଇବାକୁ ଗଲି ସମଗ୍ର ବ୍ରହ୍ମାଣ୍ଡ ମୋ ଆଖି ସାମ୍ନାରେ ଘୂରିବାକୁ ଲାଗିଲା । ନା ମୁଁ ଶୋଇପାରିଲି, ନା ମୁଁ ଉଠିପାରିଲି । କେବଳ ଚିତ୍କାର କରୁଥିଲି ତଳେ ଶୋଇଥିବା ମୋ ସାନଭାଇ ପ୍ରକାଶକୁ ସମ୍ବୋଧନ କରି ମୁଁ ଆଉ ବଂଚିବି ନାହିଁ । ଶୀଘ୍ର ଆଣି ମୋତେ ଖଟା ପାଣି ପିଆ, ମୋ ଭାଙ୍ଗ ନିଶା କମୁ । ମୋତେ ଯେମିତି ଲାଗୁଥିଲା ସମଗ୍ର ପୃଥିବୀ, ଆକାଶ ଘୂରୁଛି । ସେ ବିଚରା ସାନ ଭାଇଟି ମୋର, ଡରି ଡରି ଜୀବନ ବିକଳରେ ଚିହ୍ନା ସାଙ୍ଗମାନଙ୍କ କବାଟ ବାଡେଇ ଆମ୍ବୁଲ, ଆଚାର, ତେନ୍ତୁଳି ପାଇଁ ଚେଷ୍ଟା କରି ଫେରିବା ବେଳକୁ ମୋର ଅବସ୍ଥା ସାଂଘାତିକ୍ । ବହୁ ନିଶା ସତ୍ତ୍ୱେ ବି ମୋର ଖିଆଲ ଥିବା ମୁଁ ଅନୁଭବ କରୁଥିଲି ଏବଂ ଭାବୁଥିଲି ବାନ୍ତି ହୋଇଯାଆନ୍ତା କ ! ସତକୁ ସତ ଏମିତି ଏକ ବାନ୍ତିର ଫ୍ଲୋ ଆସିଲା ଯେ, ପ୍ରାୟ ୧୦ ଫୁଟ ଦୂରତା କଭର କରି ମୋ ବାନ୍ତି ରୁମର ଖଟ ଉପରୁ ଡ୍ରେନ ପର୍ଯ୍ୟନ୍ତ ଲମ୍ବିଯାଇଥିଲା । ଉତ୍ପାତ କରି ଖାଇଥିବା ସମସ୍ତ ଖାଦ୍ୟ ମୋ ପେଟରୁ ଡ୍ରେନ ଆଡେ ଚାଲିଯିବା ପରେ ମୋର ଶରୀର ଟିକେ ଶାନ୍ତ ପଡିଲା ଓ ମୁଁ ନିସ୍ତେଜ ହୋଇ ଖଟରେ ପଡି ରହିଲି । ସମୟକ୍ରମେ ନିଦରେ ଶୋଇ ସକାଳୁ ଉଠିବା ବେଳକୁ ମୋର ମୁଣ୍ଡଟା ଘୁରୁଥିଲା ଏବଂ ଦେହ ଅତ୍ୟନ୍ତ ଦୁର୍ବଳ ଲାଗୁଥିଲା । ପ୍ରାୟ ତିନି ଚାରି ଦିନ ପର୍ଯ୍ୟନ୍ତ ଏମିତି ଅବସ୍ଥାରେ ରହି ଆସ୍ତେ ଆସ୍ତେ ସୁସ୍ଥ ହେଲି ଓ ସେହି ଦିନଠାରୁ ଆଉ କେବେ ଭାଙ୍ଗ ଖାଇନାହିଁ । କି ଆଉ ଉତ୍ପାତ କରିବାର ନାହିଁ । ଭାଙ୍ଗର ରଙ୍ଗ ଏମିତି ମୋର ଦେହ ମନରେ ଲାଗିଯାଇଛି ଯେ ଭାଙ୍ଗକୁ ଦୂରୁ ଜୁହାର ।

# ଶାଗୁଆନ ଗଛ

**ବନ୍ଦନା ପଣ୍ଡା**
ଉଦ୍ଭିଦ ବିଜ୍ଞାନ ବିଭାଗ

ମାମୁଁମାନେ ସବୁ ଭୁବନେଶ୍ୱରରେ କଲେଜ ଆଉ ଉତ୍କଳ ୟୁନିଭରସିଟିରେ ପଢୁଥିଲେ । ଚାରି ମାମୁଁ ପ୍ରାୟ ଛୁଟିରେ ଆମ ଘରକୁ ଆସି ଯାଉଥିଲେ। ତେଣୁ ପ୍ରାୟ ଅଜା ଆଇ ମଧ୍ୟ ଆସିଥାନ୍ତି। ଜେଜେ ବାପା ଜେଜେମା ବି ଆମ ସାଙ୍ଗରେ ବହୁତ ସମୟରେ ଥାନ୍ତି ଆଉ ବଢିଆ ଗପସପ କରନ୍ତି। ତେଣୁ ଏଇ ବୁଢ଼ା ବୁଢୀ ଗୁରୁଜନଙ୍କ ସାଙ୍ଗରେ ମୋର ଖୁବ୍ ଭଲ ଆସର ଜମେ। ସେମାନଙ୍କ ପ୍ରତି ଏକ ଅଲଗା ଆକର୍ଷଣ ଥାଏ। ତାଙ୍କ ମନ ବୁଝିପାରେ, ଏକରକମ ବୟୋଜ୍ୟେଷ୍ଠମାନଙ୍କୁ ସାଙ୍ଗ ପରି ଗ୍ରହଣ କରିପାରେ। ସେମାନେ ବି ଭାରି ଭଲ ପାଆନ୍ତି ମତେ। ସେମାନେ ଯାହା କୁହନ୍ତି। ମୋତେ ବେଦର ଗାର ପରି ଲାଗେ।

ପିଲାଦିନେ ଅଜା କହିବା ଶୁଣିଥିଲି , ଆରେ ଶାଗ ଦଶ ଏକର କରିବାକୁ ୧୫ ଦିନ ଲାଗେ । ନଡିଆ ଗଛ କି ଶାଗୁଆନ ଗଛ ଗୋଟିଏ ପାଇଁ ୧୫ ବର୍ଷ ଦରକାର । ଭାରି ଉପକାରୀ ଗଛ। ଶାଗୁଆନ ତ ବହୁତ୍ ମୂଲ୍ୟବାନ କାଠ ,ଯେତେ ବର୍ଷ ପୁରୁଣା ହୁଏ ସେତେ ମୂଲ୍ୟ ବଢିଯାଏ ତାର । ପାଣି ପବନ ଯେତେ ଖାଏ ସେତେ ମଜବୁତ୍ ହୁଏ। ମୁଁ ବି ଯେତେବେଳେ ଭୁବନେଶ୍ୱରରେ ପଢିଲି, ବସରେ ଯିବା ଆସିବା କଲି ହଷ୍ଟେଲରୁ। ନୟାଗଡରୁ ଭୁବନେଶ୍ୱର ଆସିଲା ବେଳେ ବସ୍ ଝରକାରେ କେତେ ଯେ ଶାଗୁଆନ ବଣ ଅତିକ୍ରମ କରି ଆସେ , ତାର ପବନ ସାଙ୍ଗରେ ସୁ ସୁ ଶବ୍ଦ ସହ ଅଜାଙ୍କ କଥାଗୁଡିକ କାନରେ ବାଜୁଥାଏ । ସୁନା ସାଙ୍ଗେ ତୁଳନା କଲେ ବି ଅଧିକା ହେବ ଶାଗୁଆନ ର ରେଟ୍ । କଳନା କରୁଥାଏ ଏ ଜଙ୍ଗଲ ଭିତରେ କେତେ ଗଛ ଥିବ ? କେତେରେ କେତେ ଗୁଣିଲେ ଏ ଜଙ୍ଗଲର ଦାମ ସେତିକି ହେବ ? ବାପ୍ ରେ! ସେଇଥିପାଇଁ ଏତେ ରେଞ୍ଜର ,ଫରେଷ୍ଟର ,ଗାର୍ଡ ସବୁ ଦରମା ନେଉଛନ୍ତି । ସେଥିପାଇଁ ସେମାନେ ଏତେ ପଇସାବାଲା ।ଏତେ କଥା ସେତେବେଳେ ମୁଣ୍ଡରେ ପଶେନା।

କେବେ କେବେ ଗାଁ କୁ ଯାଏ ବାପା ବୋଉଙ୍କ ସାଙ୍ଗରେ। ପ୍ରଥମେ ପହଞ୍ଚି ଯାଉ କଟକ ବାଦାମବାଡ଼ି ବସଷ୍ଟାଣ୍ଡ । ସେଠୁ ଧରୁ ଆମେ ଗାଁ ବସ୍ ।ବାଟ ସାରା ବାଉଁଶ ବଣ । ଖାଲି ବୁଦା ବୁଦା,କଣ୍ଟା, ଝରକା ବନ୍ଦ କରିବାକୁ ପଡେ। ନହେଲେ କଣ୍ଟା ଦେହରେ ବାଜିବ ଯେ! ସରୁରାସ୍ତା ନା! ଭାବେ ୟା ଦାମ କିଏ ବା ପଚାରୁଛି, ଶସ୍ତା ହୋଇଥିବ ଭାବି ମନେମନେ ହସେ।

ସମୟ ବିତିଗଲା, ବାହାଘର ହୋଇଗଲା ଇଞ୍ଜିନିୟର ତରୁଣଙ୍କ ସହିତ। ଖୁବ୍ ଶାନ୍ତିପ୍ରିୟ ଲୋକ। ଧୀର, ଭଦ୍ର ଓ ସଚ୍ଚୋଟ ମଣିଷ ।ସେଥିପାଇଁ ପ୍ରାଇଭେଟ୍ ପ୍ଲଟ ବଦଳରେ ବିଡିଏ ପ୍ଲଟରେ ଘର ତୋଳିବା ଏକ ସ୍ୱପ୍ନ ଥିଲା ତରୁଣଙ୍କର । କୌଣସି ଗଣ୍ଡଗୋଳ ନାହିଁ,ସବୁ ପ୍ରକାର ସୁବିଧା। ପାହାଡ ପାଖରେ ନିଛାଟିଆ ଜାଗା ହେଉପଛେ ଯଥାସମ୍ଭବ ପଇସା ଯୋଗାଡ କରି ଜାଗା ଖଣ୍ଡିଏ ମିଳିଗଲା ଲଟେରୀରେ। ଘର କରିବା କିନ୍ତୁ ସମ୍ଭବପର ହେଲା ନାହିଁ। ବହୁତ୍ ଡେରିରେ ନାନା ଝାମେଲା ଭିତରେ ଘରଟିଏ କଲୁ । ସମସ୍ତେ କହିଲେ ଏଠି ରୁହ, କିଛି ଅସୁବିଧା ହେବନି । ନା ବାବା, ଏଠି କିଏ ରହିବ ? ଟିକିଏ ବି ଗହଳି ଚହଳି ନାହିଁ। ଖାଁ ଖାଁ, ଚୁପଚାପ ଅନ୍ଧାର ।

ଘର ଶେଷରେ ଭଡାରେ ଦିଆହେଲା । ପଛ ମଉସାଙ୍କ ଘରକୁ ଭଦ୍ରାମିର ସହ ଦେଖାକରିବାକୁ ଗଲୁ । ତରୁଣ ମନା କରୁଥିଲେ। ମୁଁ କିନ୍ତୁ ବାଧ୍ୟ କଲି, ଚିହ୍ନା ଥାଉ ନା!! କେତେ ବେଳେ କଣ ଦରକାର ପଡିବ, ଭଲ ମନ୍ଦ ରେ ଠିଆ ହେବେ। ୫ ଥର କଲିଙ୍ଗ ବେଲ୍ ମାରିଲା ପରେ ଜଣେ ବୁଢ଼ା ମଉସା କବାଟ ଫିଟାଇଲେ ।

- ଆଜ୍ଞା ନମସ୍କାର। ଆମ ଘରଟା ଆପଣଙ୍କ ପଛ ପଟେ। ଆମେ ଟିକେ ଆସିଛୁ ଦେଖାକରିବାକୁ ,ଆପଣଙ୍କ ପୁଅ ଅଛନ୍ତି ?
- କାହିଁକି ? ମୋତେ ଦେଖିବାକୁ ଆସିନାହାନ୍ତି କି ? ଏଇଟା ମୋର ଘର। ମଉସାଙ୍କ ମୁହଁରେ ଗାମ୍ଭୀର୍ଯ୍ୟର ପରିମାଣ ଏତେ ଥିଲା ଯେ କିଛି ଭରସି କରି କହି ହେଉ ନଥିଲା।
- ନାଇଁ ମଉସା, ମାନେ କଣକି, ଆମେ ଘରଟିକୁ ଭଡା ଦେଇ କି ଯାଉଛୁ । ଟିକେ କହିକି ଯାଇଥାନ୍ତି । ଭଲମନ୍ଦ ଦରକାର ହେଲେ

ଫୋନ କରିବୁ । ଯେବେ ଆସିକି ରହିବୁ ସାଙ୍ଗ ସାଥୀ ହୋଇ ତ ରହିବାନା ! ।

- ଯାହା କହିବା କଥା କୁହନ୍ତୁ ମୋତେ, ମୁଁ ଏ ଘରର ମାଲିକ । ମୋ ପୁଅ ଦୁଇ ଜଣ ଆମେରିକାରେ ଫ୍ୟାମିଲି ଧରି ରହୁଛନ୍ତି ।
- ଓହୋଃ ଆପଣ ଏଠି ଏକା ରହନ୍ତି ? ଟିକେ ପାଣି ମିଳିବ ?
- ହଁ ,ଆସନ୍ତୁ ଘର ଭିତରକୁ ।

ଷ୍ଟିଲ ଗ୍ଲାସରେ ଥରଥର ହାତରେ ପାଣି ଦୁଇ ଗ୍ଲାସ ଆଣିଦେଲେ ମଉସା । ରୋଷେଇ ଘର ଭିତରୁ । ଟିକେ ଅନ୍ଧାରିଆ ଥିଲା ଭିତର । କେମିତି ନ ହେବ ? ଏତେ ଗଛ ପଛ କୁ ମାନେ ଆମ ଘର ଆଡକୁ ଆମ୍ବ, କରମଙ୍ଗା, ପିଜୁଳି । ଘରେ ଦିନ ବେଳେ ବି ଲାଇଟ୍ ଦରକାର । ଚାରିଆଡେ ଝରକା ବନ୍ଦ ।

ଯଦିଓ,ସେ ସବୁ ଗଛ ପତ୍ର ଠିକ୍ ଅଛି, ମୋର ବେଶୀ ରାଗ ଥିଲା ସେଇ ଲମ୍ବା ସରୁ ଶାଗୁଆନ ଗଛଟା ଉପରେ । କିଛି ଦିନ ପରେ ଆକାଶ ଛୁଇଁବ ବୋଧେ । ଠିକ୍ ଆମରି ପାଚେରି କଡକୁ ଲାଗି ଠିଆ ହୋଇଛି । ହିସାବ ଅନୁସାରେ ଜାଗା କିଣିଲାବେଳୁ ଲଗେଇ ଦେଇଛନ୍ତି ବୋଧେ ବୁଢ଼ା ମଉସା । ଅଜା ସତ କହୁଥିଲେ । ୧୦ ବର୍ଷ ଲାଗିଯାଏ ବଡ଼ ହେବାକୁ ।କାଟିଲେ ନିଶ୍ଚୟ ବହୁତ୍ ପଇସା ହେବ । ନହେଲେ ଦି ପୁଅ ତ ଆମେରିକାରେ । ଏଠି ଶାଗୁଆନ ଗଛକୁ ଜଗି ବସିଛନ୍ତି । ପଇସାରେ ଏତେ ଲୋଭ ? ପୁଣି ଶାଗୁଆନ ରୁ ଆମଦାନୀ କରିବେ ?

ଫେରିଆସିଲି କିଛି ନକହି ସିନା, ସବୁବେଳେ ଭୟ ଥାଏ କାଳେ ଗଛଟା ପବନରେ ପଡ଼ି ଯାଇଥିବ । ବ୍ୟସ୍ତ ଲାଗେ । ଭଡାଟିଆଙ୍କୁ ଫୋନ୍ କରି ବୁଝେ । ୩ବର୍ଷ ପରେ ଆସି ନିଜେ ନିଜ ଘରେ ରହିଲୁ । ଖୁବ୍ ଖୁସି ଲାଗୁଥାଏ । ନିଜ ଘରେ ରହିବାର ଆନନ୍ଦ ସତେ କେତେ ଆଜି ଯାଏ ଜାଣି ପାରି ନଥିଲି ।ସବୁ ଆନନ୍ଦ ଉଲ୍ଲାସ ଭିତରେ ସେ ଡେଙ୍ଗା ଶାଗୁଆନ ମୋତେ ଯେମିତି ଆଚ୍ଛନ୍ନ କରି ରଖିଥିଲା । ଏକ ଭୟଙ୍କର ଚିନ୍ତା ମାଡ଼ି ବସୁଥିଲା । ବର୍ଷା ପବନ ହେଲା ମାତ୍ରେ ଠାକୁର ଘରକୁ ଦୌଡୁଥିଲି । କାଚ ଝରକା ବାଟେ ଗଛକୁ ଦେଖି ହାତ ଯୋଡ଼ି କହୁଥିଲି ! ପ୍ରଭୁ ! ନିଜ ରକ୍ଷା ନିଜେ କର । ଆଉ କେମିତି ଏଥିରୁ ଉଦ୍ଧାର ପାଇବି ?

କାଲି ମଉସାଙ୍କୁ ଦେଖିଥିଲି ବାଲକୋନୀରୁ । ଟିକେ ହସି ନମସ୍କାର ଜଣାଇ କହିଲି ଏଠି ଆମେ ରହିଲୁଣି ବୋଲି ।କିନ୍ତୁ କହିପାରିଲିନି ଆଉ କିଛି ।

ପରଦିନ ପୁଣି ଦିଜଣଯାକ ତାଙ୍କ ଘରକୁ ଗଲୁ । ତାଙ୍କ ଘରେ ପୂର୍ବଭଳି ପାଣି ଗିଲାସ ଧରି ଭାବୁଥିଲି.... ।

ଆଜି ନିଶ୍ଚେ କହିବି । ଟିକେ ପବନ ହେଲେ ଗଛଟା ଦୋହଲୁଛି । ହଠାତ୍ କେବେ ଯଦି ପଡିଯିବ ତେବେ ମୋ ଠାକୁର ଘର ଗଲା ।କାଚ ଲଗେଇ ବାକୁ କିଏ ବୁଦ୍ଧି ଦେଲା କେଜାଣି ତରୁଣ ଙ୍କୁ । ଷ୍ଟାଇଲ ମାରି କାଚ ଲଗେଇ ଠାକୁର ଘର ତିଆରି ଦେଇଛନ୍ତି । ଭଗବାନ, ବୁଢ଼ା ମାନି ଯାଆନ୍ତେ କି ଶାଗୁଆନ ଗଛଟା କାଟି ଦେବାକୁ । ଯାହା ଦାମ ହେବ ଆମେ ଦେଇ ଦିଅନ୍ତୁ ପଛେ ।

ହଠାତ ମଉସା ଙ୍କ କଥାରେ ଚମକି ପଡିଲି ।

-ପାଣି ପିଅନ୍ତୁ ,କଣ ଭାବୁଛନ୍ତି ? ଗଛ କଥା କି ?

ଆରେ ଇଏ କେମିତି ଜାଣିଲେ ମୋ ମନ କଥା ? ବୁଢାଲୋକ ବହୁତ ଅନୁଭବ ଅନୁଭୂତି ହୋଇଯିବଣି । ବୟସ ହେଲାଣି ୭୭/୭୮ ଲାଗୁଛି । ଘର ଭିତରକୁ ଅନେଇଲି ଆଉ କେହି ଦିଶୁନାହାନ୍ତି । ପୁଣି କହି ଉଠିଲେ -କାହାକୁ ଖୋଜୁଛନ୍ତି ? ବୁଢ଼ୀ ପରା ଚାଲିଗଲେଣି ୫ ବର୍ଷ ହେଲା ।ଏହି ଘର ମୁଁ କରିଥିଲି ବଡ ଆନନ୍ଦରେ ସାଙ୍ଗ ହୋଇ ରହିବୁ ବୋଲି । କିଛି କୁଆଡୁ ନଥିଲା ।ମୋତେ ଏକା କରି ଚାଲିଗଲା ହଠାତ୍ ।

ବାପ୍‌ରେ, ଏ ତ ସବୁ ମନେ ମନେ ଜାଣି ଦେଉଛନ୍ତି କିଛି ନ କହୁଣୁ ! !

- ତାହେଲେ ମଉସା ଆପଣ ଏକା ଏଠି କାହିଁକି ଅଛନ୍ତି ? ଆପଣ ପିଲା ମାନଙ୍କ ପାଖକୁ ଚାଲି ଯାଉ ନାହାନ୍ତି ? ତରୁଣ ପଚାରିଲେ ।
- ପିଲାମାନେ ବିଦେଶରେ ରହୁଛନ୍ତି । ସେଠୋକାର ଚଳଣିରେ ଆମେ ଚଳିପାରି ନଥାନ୍ତୁ । ସେମାନେ ସେଠି ଘର କିଣି ରହିଲେଣି । ଆଉ ଫେରିବେନି ଏଠାକୁ । ଯେଉଁ ୨/୪ ଦିନ ପାଇଁ ବି ଆସନ୍ତି ବଡ଼ କଷ୍ଟ ହୁଏ ତାଙ୍କୁ । ତମ ମାଉସୀ ଆଉ ମୁଁ ଖୁବ ଶାନ୍ତିରେ ଥିଲୁ ଏଠି ।

  ମୁଁ ଖାଲି ଏକଡ଼ ସେକଡ ହେଉଥାଏ, କେମିତି ସେ ଗଛ କଟା କଥା କହିବି ତରୁଣ ଟିକେ ଆରମ୍ଭ କରନ୍ତେ ଭଲା ।
- ମଉସା ଆପଣ ଏବେ ପୁରାଏକା ଏଠି ରହିବା କଥା ନୁହେଁ । କେତେବେଳେ କଣ । ସମୟ କଟୁନଥିବ ଆପଣଙ୍କର ।
- ନା ନା, ସେମିତି ଲାଗୁନି କିଛି ।ଏ ଘର ଗଛପତ୍ର ଦାୟିତ୍ୱ ନେଲାବେଳକୁ ମୋର ସମୟ କଟିଯାଏ ।

  ମୁଁ ଧଡ କରି କହି ପକେଇଲି ।

- ଏ ଗଛ ସବୁ କଣ ଆପଣ ଲଗେଇଛନ୍ତି ? ଏତେ ଗଛ ! ସବୁ ଆମ୍ବ ପଟକୁ ବଢ଼ି ଯାଇଛି ।ଆଉ ସେ ଶାଗୁଆନ ଗଛଟା......
- ହଁ ସବୁ ମୁଁ ଲଗେଇଛି, ଯତ୍ନ ମଧ ନିଏ । ଶାଗୁଆନ ଗଛଟା କଥା ବହୁତ୍ ଲୋକ ପଚାରନ୍ତି ।

ସେଇଟା ମୋ ମା ଲଗାଇଥିଲା । କହୁ କହୁ ଆଖିରୁ ଲୁହ ପୋଛିଲେ ମଉସା । ଘର ଭିତରୁ ଖୁଁ ଖୁଁ କାଶ ଶୁଭିଲା । ଚମକି ପଡିଲୁ ତରୁଣ ଆଉ ମୁଁ । ଆଉ ଆଶ୍ଚର୍ଯ୍ୟ ହେଲୁ ଶୁଣି ମଉସାଙ୍କ ଠାରୁ ଯେ ତାଙ୍କ ମାଆ ବଞ୍ଚିଛନ୍ତି, ଆଉ ସେ ଏବେ ଘରେ ଅଛନ୍ତି ।

- ମା, ମା ଅଛି ଭିତରେ,ଶୋଇଥିଲା ତ !, ଉଠିପଡିଲା ବୋଧେ । ତା କାନରେ ସେ ଶାଗୁଆନ ଗଛ କଥା ପଡିଯାଇଥିବ କି କଣ ।

ମୁଁ କହିଲି ଆପଣଙ୍କ ମା ?

ହଁ ମା ମା ୯୫ ବର୍ଷ ହେଲାଣି ତାକୁ । ୨ ବର୍ଷ ହେଲା ବିଛଣାରେ ପଡିଛି । ମୁଣ୍ଡ ,କାନ ଆଦି ଖୁବ୍ ପ୍ରଖର, କିନ୍ତୁ ଦେହ ଆଉ ଜମା ଭଲ ନାହିଁ । ଶେଯରୁ ଉଠିପାରୁନି ,ହାତ ଗୋଡ ପଡିଗଲାଣି ।

ତାଙ୍କ କଥା ସବୁ ଆପଣ ବୁଝନ୍ତି ?

ହଁ ରେ ମା, ମୋ ଛଡା ଆଉ ତାର କିଏ ଅଛି ? ତାଛଡା ମୋର ବି କେହି ନାହିଁ । ସମସ୍ତେ କହୁଛନ୍ତି ଏଘର ବିକି ପିଲାଙ୍କ ପାଖକୁ ପଳାଇବାକୁ କିନ୍ତୁ ଏ ଶାଗୁଆନ ଗଛଟାକୁ ଛାଡି କୁଆଡେ ଯିବି ?

ମନେ ମନେ ଚିଡି ଉଠିଲି, ଏ ବୟସରେ ବି ଶାଗୁଆନ ଗଛକୁ ଜଗି କି ବୁଢା ବସିଛି ,କେତେ ଲୋଭ ମ ତାର ?

କିନ୍ତୁ ଆଉ ବେଶି କହିପାରିଲିନି ସେ ବିଷୟରେ । ବିଦାୟ ନେଇ ଚାଲି ଆସିଲୁ । ଏମିତି ଏମିତି ଗୋଟେ ଦୁଇଟା ବର୍ଷ ପୁଣି ଚାଲିଗଲା ।

କୁମାର ପୂର୍ଣ୍ଣିମା ଥିଲା, ସେଇ ବାଲକୋନିରେ ଟେରାକୋଟାର ଚଉରା ତୋଷାଳୀ ମେଳାରୁ ଆଣି ସ୍ଥାପନ କରିଥିଲି । ହଷ୍ଟେଲରୁ ଆସିଥିଲା ଝିଅ । ସକାଳେ ଆଞ୍ଜୁଳି ଦେଲା । ରାତିରେ ଜହ୍ନ ଦେଖି ଚାନ୍ଦ ପୂଜା କଲା ।ଠିକ୍ ଚଉରା ଉପରେ ଜହ୍ନ ଯେମିତିକି ଜାଗା ଖୋଜି ଖାଜି ଦେଖି ରହିଯାଇଛି ।ଠାକୁର ଘର କାଚ ଉପରେ ଲିଚୁ ଲାଇଟ୍ ଏପଟେ ଷ୍ଟିଲ ବାଡ ପାଖରେ ଶାଗୁଆନର ଦୀର୍ଘ କାୟା । ଝିଅ କହୁଥିଲା ଖୁବ୍ ସୁନ୍ଦର ଦିଶୁଛି ଆମ୍ବଡାଳ ଭିତରେ ଜହ୍ନ ,ଶାଗୁଆନ କଡରେ ଚଉରା । କାଚ ଝରକା ଭିତରୁ ଜଗନ୍ନାଥଙ୍କ ଆଖି । ଫଟୋ ଉଠାଇ ଫେସବୁକରେ ଅପଲୋଡ ହେଲା ଫଟୋ । ସକାଳୁ ସକାଳୁ ବୋବାଳି ଛାଡିଲା ରାମୁ ,ମା ଦେଖ ବାଲକାନିରେ ନୂଆ ଚଉରା ପୁରା ଭାଙ୍ଗି ଯାଇଛି । ଆମ୍ବଡାଳ ପଡି ନୂଆ ଚଉରା, ତୁଳସୀ ଗଛ ସବୁ ଖଣ୍ଡ ଖଣ୍ଡ ବିପର୍ଯ୍ୟସ୍ତ । ନା, ଆଉ ନୁହେଁ, ଦୁଇ ବର୍ଷ ହେଲା ଢେର ଡରି ଡରି ରହିଲିଣି । ଯେମିତି ହେଲେ ଯିବି ଆଜି, ସେ କଥା ଛିଡାଇବି ।

ତରୁଣଙ୍କୁ ଜବରଦସ୍ତ ସାଙ୍ଗରେ ନେଇ ତାଙ୍କ ଘରେ ପହଞ୍ଚିଲି । ମଉସା ମୁଁ ଆଜି ଶାଗୁଆନ ଗଛ ବିଷୟରେ କଥା ହେବାକୁ ଆସିଛି । ଯାହାହେଲେ ଆଜି ଫାଇନାଲ ହେବ ।

ଆପଣ ଏତେ ଲୋଭ କରୁଛନ୍ତି କାହିଁକି ? କେତେବା ପଇସା ମିଳିବ ଗଛ କାଟି ବିକ୍ରି କଲେ ? ଘରକରି ରହିଲେ ପଡିଶାଙ୍କ କଥା ବି ଟିକେ କଣ ବୁଝିବେ ନା ନାହିଁ ? କାଲି ଡାଳ ପଡି ମୋ ଚଉରା ଭାଙ୍ଗିଗଲା । କାଲି ପୁଣି ଶାଗୁଆନ ଗଛ ପଡିଲେ ମୋର ଠାକୁରଙ୍କ ଘର ଭାଙ୍ଗିଯିବ ।

- ବ୍ୟସ୍ତ ହୋଇ ପଡିଲେ ମଉସା , ନା ନା ଝିଅ, ମୁଁ ଆମ୍ବ ଗଛ ଟା କାଟି ଦଉଛି ଆଜି । ଶାଗୁଆନ ଗଛ କଥା କହନା । ମୋ ମାଁ ର ପ୍ରିୟ ସେ ଗଛ । ସେ ମୋ ପାଇଁ ଲଗେଇଛି, ମୁଁ କାଟି ପାରିବିନି ଜମା ।
- କି ଲୋକ ହେ, କେତେ ଦିନ ଆଉ ଜୀବନ ଯେ ଏତେ ଲୋଭ କରୁଛନ୍ତି ଆପଣ ?

ଭିତରୁ ଜୋର କାନ୍ଦ ଶୁଭିଲା । ମଉସା ଦୌଡ଼ି ଗଲେ ଭିତରକୁ । ଆମେ ବାଧ୍ୟରେ ଚାଲି ଆସିଲୁ ।

ଦଶହରା ପରେ କଲୋନୀ ରେ ଭୋଜି ଚାଲିଥିଲା । ଭୋଜି ପରେ ମିଟିଙ୍ଗ ଥିଲା କଲୋନୀର । ସେ କଥାର ସମାଧାନ ଆଜି ନିଶ୍ଚୟ ହେବ । ଏତେ ଅଶାନ୍ତି ନେଇ କିଏ କେତେ ଦିନ ରହିବ । ଖାଇଲା ବେଳେ ଦେଖିଲି ବୁଢ଼ା ମଉସା ବି ଆସିଛନ୍ତି ।କେତେ ଧୈର୍ଯ୍ୟ ତାଙ୍କର ! ଲମ୍ବା ଲାଇନ୍ ରେ ଠିଆ ହୋଇ ଖାଇବା ଆଣିଲେ । ବସିବାକୁ ଚେୟାର୍‌ଟିଏ ବି ନାହିଁ, ପୁଣି ପ୍ରବଳ ଖରା ।ପତ୍ରଟାକୁ ଦି ହାତରେ ଧରି ବସିବା ଜାଗା ଖୋଜୁଥାନ୍ତି । ହୁଅନ୍ତୁ ହଇରାଣ ,ଲୋଭୀମାନେ କେବଳ ନିଜ ସୁଖ ଦେଖନ୍ତି । ଠିଆ ହୁଅନ୍ତୁ ଖରାରେ । ପୁଣି ଦେଖିଲି ଧୀରେ ଧୀରେ ବୋଧେ ଝାଉଁଳି ପଡୁଥିଲେ. ଆଉ ସହି ପାରିଲିନି । ନିଜ ଚୌକି ଖଣ୍ଡକ ନେଇ ତାକୁ ବସେଇ ଦେଲି ।ପାଣି

ଗିଲାସେ ଆଣି ଦେଇ ତାଙ୍କ ହାତରୁ ପତ୍ର ଖଣ୍ଡକ ଧରି କହିଲି ମଉସା ଆଗ ଟିକେ ପାଣି ପିଇ ଦିଅନ୍ତୁ, ମୁଁ ଏଇଠି ଠିଆ ହେଇଛି । ଯାହା ଦରକାର କହିଲେ ଆଣିଦେବି । ଆରାମରେ ଖାଇଲେ ଚିଙ୍ଗୁଡି ଘାଣ୍ଟ । ଖିରି, ପୁଣି ପଛରେ ଆଣି ଦେଲି । ବହୁତ ଖୁସିରେ ଘରକୁ ଗଲେ । ମୋ ମନରେ କିନ୍ତୁ ଗଛ କଥା ଚାଲିଥାଏ ।କଣ କରିବି ,ଆଜି ଥାଉ ମିଟିଂରେ କହିବିନି । ଭଲ ଦିନଟା, ତାଙ୍କ ମନରେ କଷ୍ଟ ହେବ ।

ତା ପରଦିନ ୧୧ ଟାରେ ମଉସା ଚାଲି ଆସିଲେ ଆମ ଘରକୁ । ଝିଅ ଟିକେ ଆମ ଘରକୁ ଆସିବ ମା ଡାକୁଛି,

କଣ କଣ ସବୁ ମୋ ମନ ଭିତରକୁ ଆସିଲା । ବୁଢା ପୁଅଠୁ ଗଛ କଥା ଶୁଣିଥିବ ବୋଧେ । କି କହିବ ଗଛ କାଟିବାକୁ କହନା ବୋଲି । ବୁଢ଼ୀ ଲୋକ ହୁଅନ୍ତୁ ପଛେ ଆଜି ମାନିବିନି । ମରିବାକୁ ବସିଲେଣି, ଲୋଭ ଛାଡୁନି ।

- ମାଉସୀ ଜୁହାର ହେଉଛି ।
- ହଁ ରେ ମା ଅହିସୁଲକ୍ଷଣି ହୁଅ । ତୋରି ଘର ଆମ ପଛରେ ନା !!
- ହଁ ମାଉସି, ଦି ଥର ଆସିଲିଣି, ଦେଖା ହଉନି ତୁମ ସହ ।
- ତତେ କୋଟି କୋଟି ଆଶୀର୍ବାଦ କରୁଛି ମା ! ତୁ ମୋ ପିଲାକୁ ଖରାରେ ଚୌକି ଦେଲୁ ,ଖାଇବା ଆଣିଲୁ ,ପାଣି ଆଣି ଦେଲୁ , ତୋ ପିଲାଙ୍କର ମଙ୍ଗଳ ହେବ ହବ ଲୋ ମା । ଭଗବାନ କୋଟି କୋଟି ପରମାୟୁ ଦିଅନ୍ତୁ ତୋତେ,ତୋ ସ୍ୱାମୀକୁ, ପିଲାଙ୍କୁ । ପରିବାରକୁ ମା ମଙ୍ଗଳା ଘଣ୍ଟ ଘୋଡେଇ ରଖନ୍ତୁ । ଭଗବାନ ତ ମୋତେ ନେଉ ନାହାନ୍ତି ,ନ ହେଲେ ବଞ୍ଚିବାର ଆଉ କଣ ଲାଭ ଅଛି କହିଲୁ ? ଯା ହେଉ ମୋ ପୁଅ ଗୋଟିଏ ଭଲ ପଡ଼ିଶା ପାଇଛି । ମୁଁ ଏଥର ଶାନ୍ତିରେ, ଖୁସିରେ ଆଖି ବୁଜିବି । ଏକୁଟିଆ ରହୁଛି, ତାର ଆଉ କିଏ ସାହା ଭରସା ଅଛି ମା ଛଡ଼ା ? ମୋ ଯୋଗୁଁ କୁଆଡେ ହେଲେ ଯାଇପାରୁନି । ମୁଁ ହେଉଛି ତାର ସେଇ ଶାଗୁଆନ ଗଛ ।

ମୁଣ୍ଡିଆ ମାରି ଫେରିଲା ବେଳେ ଭାବୁଥିଲି, ଲୋଭ ନାହିଁ ତ ଗଛଟା କାଟୁ ନାହାନ୍ତି କାହିଁକି ? ଛାଡ଼ ...ପୁଣି କେବେ କହିବି ବେଳ ଦେଖି ।

ପରଦିନ ସକାଳୁ ସକାଳୁ ପାଟିତୁଣ୍ଡ ଶୁଣି ବାଲକୋନୀକୁ ଦଉଡ଼ି ଆସିଲି । ଜାଣିଲି,ବୁଢ଼ୀ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସରଳ ନିରାଡ଼ମ୍ବର ଭାବରେ ତାଙ୍କ ମର ଶରୀରକୁ ବିଦାୟ ଦେଲେ କଲୋନୀ ଲୋକେ । ରାମ ନାମ ସତ୍ୟ ହେ ଶୁଭିଲା । ମଉସା କାନ୍ଦି କାନ୍ଦି ମୋ ହାତକୁ ଜାବୁଡ଼ି ଧରିପକେଇଲେ । ଗାଁ କୁ ଯିବି କହି ଗାଡିରେ ବସିଲେ ।ରାସ୍ତା କଡରେ ଠିଆ ହୋଇ ବୁଢୀ ମାଙ୍କୁ ପ୍ରଣାମ କଲି । ମନରେ ଅନାବନା ସୂତା ଗୁଡେଇ ହେଇ ଯାଉ ଥାଏ । କଣ ମୋର ଏସବୁ କହିବାର ନଥିଲା କି ?

ଶୁଦ୍ଧ ଘର କାମ ସାରି ବୁଢା ମଉସା ଆସିଲେ ଘରକୁ । ଆମ ଘର ବାହାରେ ରହି ଡାକିଲେ ।ଫରେଷ୍ଟ ଅଫିସ ରୁ ଅର୍ଡର ଧରି କହିଲେ ଝିଅ ! ଆଜି ଗଛଟା କାଟିଦେବି । ଡରିବାର ନାହିଁ, ଠାକୁର ଘରେ ପଡିବନି । ସେମାନେ ସେପଟକୁ ସବୁ ପକେଇବେ । ସ୍ୱତନ୍ତ୍ର ଗଛ କଟାଳି ଆସୁଛନ୍ତି ।

- କିନ୍ତୁ ମଉସା ଏତେ ଶୀଘ୍ର କାହିଁକି ! କିଛି ଦିନ ଯାଉ ।
- ନା ନା ମୋ ପାଇଁ ମୋ ମା ଥିଲା ଶାଗୁଆନ ଗଛ । ତାକୁ ଜଗିବା ପାଇଁ ମୁଁ ପିଲାଙ୍କ ପାଖକୁ ଯାଉନି କହିଲେ ତାକୁ ସମସ୍ତଙ୍କ ଆଗରେ ବାଧିବବୋଲି ମୁଁ ଶାଗୁଆନ ଗଛ ନାଁରେ ରହିଥିଲି । ଆଉ କଣ ଦରକାର ଏବେ ? ତୁ ବି ଭାବୁଥିବୁ, ସମସ୍ତେ ଭାବୁଥିବେ, ମୁଁ ବହୁତ୍ ଲୋଭୀ ବୋଲି । ସତରେ ମୁଁ ଖୁବ୍ ଲୋଭୀ ଲୋ ଝିଅ, ପ୍ରବଳ ମାତୃଲୋଭୀ ।

ଦେଖୁ ଦେଖୁ ଗଛଟା ଗଡ଼ି ଗଡ଼ି ହୋଇ ଲୋଟିଗଲା ମଉସାଙ୍କ ବାଡିରେ । ଉପରୁ ଦେଖୁଥିଲି, ମଉସା ବିକଳ ହୋଇ କାନ୍ଦୁଥିଲେ । ମେସିନରେ କାଟି ଗଛ କଟାଳିମାନେ ଯେତେ ଗଡ଼ି କରୁଥିଲେ ମୋ ଛାତି ଭିତରଟା ସେତିକି ଖଣ୍ଡ ଖଣ୍ଡ ହୋଇଯାଉଥିଲା । ମଉସାଙ୍କ ଲୁହ ଦୁଃଖରେ ଝରୁଥିଲା,ମୋ ହୃଦୟରୁ ଅନୁତାପର ରକ୍ତ ଝରୁଥିଲା । ମୋ ଯୋଗୁଁ ତାଙ୍କ ବୁଢ଼ୀ ମା ଚାଲିଗଲେନି ତ !!! ଧକ୍କାରୁ ଥିଲି ମୁଁ ନିଜକୁ । ମଉସା ଗରିବମାନଙ୍କୁ ଡାକି ଶାଗୁଆନ କାଠ ଗୁଡ଼ିକ ବାଣ୍ଟି ଚାଲିଥିଲେ ମାଗଣାରେ । ସେଥିରେ ସବୁଠୁ ବଡ଼ ଗଡିଟି ମୋ ନାଁରେ ଥିଲା । ମଉସା ମୋତେ ଓ ମୁଁ ତାଙ୍କୁ ନୀରବରେ ଚାହିଁ ରହିଥିଲୁ ।

# ନିଶା ସେବନର ପ୍ରଭାବ ଓ ପ୍ରତିକାର

**ବସନ୍ତ କୁମାର ବେହେରା**
ରାଜନିତୀ ବିଜ୍ଞାନ ବିଭାଗ

ଡ୍ରଗ ଅପବ୍ୟବହାର ପ୍ରାୟତଃ ଗଣମାଧ୍ୟମ ଏବଂ ସମାଜରୁ ପଳାୟନ ମାଧ୍ୟମ କିମ୍ବା ଆନନ୍ଦର ଉତ୍ସ ଭାବରେ ଚିତ୍ରିତ ହୋଇଥାଏ, କିନ୍ତୁ ବାସ୍ତବତା ଅଧିକ ଗୁରୁତର ଅଟେ । ଏହା ଆମର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ଗଭୀର ଓ ଘାତକ ପ୍ରଭାବ ପକାଇଥାଏ । ଶାରୀରିକ ସ୍ତରରେ ନିଶାସେବନ ଦ୍ୱରା ହୃଦ୍‌ଘାତ , ଯକୃତର କ୍ଷତି, ଶ୍ୱାସକ୍ରିୟା ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଘଟାଏ । ଏହା ଆମ ହୃତପିଣ୍ଡ ଓ କିଡ୍‌ନି ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଉପରେ ପ୍ରଭାବ ପକାଏ । ସେମାନେ ଆମର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିବାରୁ ଆମକୁ ରୋଗ ଏବଂ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଏ । ସମୟ ସହିତ ପଦାର୍ଥର ଅପବ୍ୟବହାର ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ଅବସ୍ଥାରେ ଅପୂରଣୀୟ କ୍ଷତି, ଏବଂ ମୃତ୍ୟୁ ମଧ ହୋଇପାରେ ।

ମାନସିକ ସ୍ତରରେ ନିଶା ସେବନ ମଧ ସମାନ ଭାବରେ ବିନାଶକାରୀ । ଏହା ଜ୍ଞାନଗତ କାର୍ଯ୍ୟକୁ ଦୁର୍ବଳ କରିପାରେ, ଯାହା ସ୍ମୃତି ଶକ୍ତି ହରାଇଥାଏ, ଏକାଗ୍ର ହେବାର କ୍ଷମତା ହ୍ରାସ କରିଥାଏ ଏବଂ ସଠିକ୍ ନିଷ୍ପତ୍ତି ନେବାରେ ଅସୁବିଧା କରିଥାଏ । ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ଯେପରିକି ଚିନ୍ତା ଏବଂ ଉଦାସୀନତା, ଡ୍ରଗ୍ ବ୍ୟବହାର ଦ୍ୱାରା ହୋଇଥାଏ । ନିଶା ଏକ ଦୁର୍ଦ୍ଦାନ୍ତ ଚକ୍ର ସୃଷ୍ଟି କରେ ଯାହା ଭାଙ୍ଗିବା କଷ୍ଟକର । ନିଶା ଜୀବନରେ ସମସ୍ତ ଦିଗକୁ ଛାଇ ଦେଇପାରେ ଯାହାକି ପ୍ରତିଦିନ ପରିସ୍ଥିତିରେ କାର୍ଯ୍ୟ କରିବା ଅବିଶ୍ୱସନୀୟ ଭାବରେ ଚ୍ୟାଲେଞ୍ଜ କରିଥାଏ ।

ସାମାଜିକ ଭାବରେ, ଡ୍ରଗ୍ ଅପବ୍ୟବହାରର ପ୍ରଭାବ ପରିବାର, ବନ୍ଧୁ ଏବଂ ସମଗ୍ର ସମ୍ପ୍ରଦାୟକୁ ପ୍ରଭାବିତ କରିବା ପାଇଁ ବ୍ୟକ୍ତିଗତ ଉପଭୋକ୍ତା ଠାରୁ ଅଧିକ ବିସ୍ତାର କରିଥାଏ । ସମ୍ପର୍କ ତିକ୍ତ ହୋଇଯାଏ ଏବଂ ବେଳେବେଳେ ଅପୂରଣୀୟ ଭାବରେ ନଷ୍ଟ ହୋଇଯାଏ । ନିଶା ସେବନ ଯୋଗୁ ସୃଷ୍ଟି ହୋଇଥାଏ ଅସ୍ଥିରତା, ଚାକିରି ହରାଇବା ଏବଂ ଆଇନଗତ ସମସ୍ୟା ସୃଷ୍ଟି କରିପାରେ, ଯାହା ପୂର୍ବରୁ କଷ୍ଟସାଧ ପରିସ୍ଥିତିକୁ ଜଟିଳ କରିଥାଏ ଏବଂ ପୁନରୁଦ୍ଧାର ପଥରେ ଜଟିଳତା ଯୋଗ କରିଥାଏ ।

ନିଶା ସେବନରୁ ନିଜକୁ ରକ୍ଷା କରିବା ପାଇଁ ଆମକୁ ସକ୍ରିୟ ପଦକ୍ଷେପ ନେବାକୁ ପଡିବ ।

ଶିକ୍ଷା ଓ ଜ୍ଞାନ ହେଉଛି ଶକ୍ତି । ଡ୍ରଗ୍ ବ୍ୟବହାର ସହିତ ଜଡିତ ବିପଦ ଏବଂ ପରିଣାମ ବୁଝି ଆମେ ସୂଚନାଯୋଗ୍ୟ ନିଷ୍ପତ୍ତି ନେଇପାରିବା ଏବଂ ନିଶା ଜାଲରୁ ଦୂରେଇ ରହିପାରିବା ।

ସପୋର୍ଟ ସିଷ୍ଟମ୍ ଆବଶ୍ୟକ ସମୟରେ ସାହାଯ୍ୟ ଖୋଜେ । ବିଶ୍ୱସ୍ତ ବନ୍ଧୁ, ପରିବାର, କିମ୍ବା ବୃତ୍ତିଗତମାନଙ୍କ ସହିତ ଖୋଲା କଥା ହୋଇ ଚ୍ୟାଲେଞ୍ଜଗୁଡିକ ଦୂର କରିବା ପାଇଁ ଆବଶ୍ୟକ ଭାବପ୍ରବଣତା ପ୍ରଦାନ କରିପାରିବ । ମନେରଖିବା ଅତ୍ୟନ୍ତ ଜରୁରୀ ଯେ ସାହାଯ୍ୟ ଖୋଜିବା ଦୁର୍ବଳତାର ନୁହେଁ, ଶକ୍ତିର ସଙ୍କେତ ଅଟେ ।

ସୁସ୍ଥ ବିକଳ୍ପ ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତି । କ୍ରୀଡା, ଏବଂ ସୃଜନଶୀଳ କାର୍ଯ୍ୟଗୁଡିକ ଆମ ପାଇଁ ସକାରାତ୍ମକ ଆଉଟ୍‌ଲେଟ ଯୋଗାଇଥାଏ ଏବଂ ଆମର ଜୀବନ ଶୈଳୀକୁ ବୃଦ୍ଧି କରାଇଥାଏ ।

ସାଥୀ ଚାପକୁ ପ୍ରତିରୋଧ ସକାରାତ୍ମକ ପ୍ରଭାବ ସହିତ ନିଜକୁ ଘେରି ରୁହନ୍ତୁ ଏବଂ ଡ୍ରଗ୍ସକୁ ନା କହିବାରେ ଆତ୍ମବିଶ୍ୱାସୀ ରୁହନ୍ତୁ । ସାଥୀ ଚାପ ଏକ ଶକ୍ତିଶାଳୀ ଶକ୍ତି ହୋଇପାରେ କିନ୍ତୁ ଆମର ମୂଲ୍ୟବୋଧରେ ସତ୍ୟ ରହିବା ଏବଂ ସୁସ୍ଥ ପସନ୍ଦ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ସମ୍ବଳର ଉପଲବ୍ଧ ଉତ୍ସଗୁଡିକ ବ୍ୟବହାର କରନ୍ତୁ ଯେପରିକି ହଟଲାଇନ, ପରାମର୍ଶ ସେବା, ଏବଂ ପୁନର୍ବାସ କାର୍ଯ୍ୟକ୍ରମ । ନିଶା ସହିତ ସଂଘର୍ଷ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ଉପକରଣଗୁଡିକ ମାର୍ଗଦର୍ଶନ ଏବଂ ସମର୍ଥନ ପ୍ରଦାନ କରିପାରିବ ।

ପରିଶେଷରେ, ନିଶା ସେବନର ପ୍ରଭାବ ଗଭୀର ଏବଂ ସୁଦୁରପ୍ରସାରୀ । ଏହା ଆମର ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଏବଂ ସାମାଜିକ ସମ୍ପର୍କ ଉପରେ ପ୍ରଭାବ ପକାଇଥାଏ । ତଥାପି ନିଜକୁ ଶିକ୍ଷା ଦେଇ, ସମର୍ଥନ ଲୋଡିବା ସୁସ୍ଥ କାର୍ଯ୍ୟକଳାପରେ ନିୟୋଜିତ ହେବା, ସାଥୀଙ୍କ ଚାପକୁ ପ୍ରତିରୋଧ କରିବା ଏବଂ ସମ୍ବଳ ବ୍ୟବହାର କରି ଆମେ ନିଜକୁ ଏବଂ ଆମର ପ୍ରିୟଜନଙ୍କୁ ଡ୍ରଗ୍ ଅପବ୍ୟବହାରର ବିନାଶକାରୀ ପଥରୁ ରକ୍ଷା କରିପାରିବା । ଏକତ୍ର ଆସି ଏକ ଭବିଷ୍ୟତ ପାଇଁ ପ୍ରତିଶ୍ରୁତି ଦେବା ଯେଉଁଠାରେ ଆମେ ଆମର ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରାଥମିକତା ଦେଇଥାଉ । ଆମେ ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଶକ୍ତିଶାଳୀ ହେବା ଏବଂ ଏକ ସମ୍ପ୍ରଦାୟକୁ ପ୍ରତିପୋଷଣ କରିବା ।

# ତୁମେ ଗଲା ପରେ...

**ଭରତ ଦାସ**
ଅର୍ଥନୀତି ବିଭାଗ

ସଜନୀ ରେ
ମୁଁ ଏକା ଥିଲି, ଭଲ ଥିଲି
ଚମ୍ପା ଫୁଲ ପରି
ଚହଟୁଥିଲି
ମତୁଆଲା ପବନର
ଅମାନିଆ ଇସାରାରେ
କାଶତଣ୍ଡି ସମ ଦୋହଲୁଥିଲି ।

ତୁମ ନିଦୁଆ ଆଖିର
ନଜର ଆଗରେ
କେଜାଣି କାହିଁକି, ସରମିଗଲି
ଆଖିରେ ଆଖିର ମିଳନ ପରେ ମୁଁ
ଲାଜକୁଳୀ ଲତା ପାଲଟି ଗଲି ।
ମିଛ ଦୁନିଆରେ
ନିଜକୁ ହଜାଇ
ତୁମ ନୟନର ତାରା ମୁଁ ଥିଲି
ଅଭିମାନ କରି
ଚାଲିଗଲ ସିନା
ଜିଅନ୍ତା ଶବଟେ ପାଲଟିଗଲି ।

ତୁମ ସ୍ମୃତି ଧରି
କେତେ ବା ଚାଲିବି
ଅସରା ବାଟର ପଥିକ ହେଲି
ତୁମ ପାଶେ ଏଠୁଁ
ନେଇଯାଅ ସାଥୀ
ହାତ ଛାଡିବିନି
କଥା ମୁଁ ଦେଲି ??

# The Infiltration of AI

**Manoranjan Pati**
Dept. of Mathematics

Four, Three, Two, One, Zero.
Gingerly AI infiltrates every neuro.
You may hate or love, or hate to love,
Reason & Resolution is the AI for every sorrow.

Black Box is the new homogeneity of
Artificial Intelligence.
Indolence has inflated by elevating
machine dependence.
AI is playing like a cop to hook the crook.
Being the Super Man, AI has extended its
excellence.

In a pulse of time, a man loses his wealth by
Cyber Crime.
The quest for justice ends in despair by the
passage of time.
AI has decoded the meaning of love for money
and honey.
AI impelled drones in rituals and wars has
contolled prime time.

The universe and Galaxy are now in the
hand of every mortal.
AI has hijacked the information of You, Me
and of All.
Common becomes uncommon by grabbing
AI quantum
Everything is fair in love and war,
But AI can not replace the Supreme Soul.

# ବିସ୍ଥାପିତ ମାଟି ଓ ଈଶ୍ୱର କଥା

**ମନୋଜ ପୂଜାରୀ**
ରାଜନୀତି ବିଜ୍ଞାନ ବିଭାଗ

ରାଜ୍ୟରେ ପୁଞ୍ଜିନିବେଶ ପାଇଁ ସର୍ବଦା ନିମନ୍ତ୍ରଣ କରୁଥିବା ଶିଳ୍ପଖୋର ମୁଖ୍ୟମନ୍ତ୍ରୀ ଯେତେବେଳେ ଏକ ବହୁରାଷ୍ଟ୍ରୀୟ କମ୍ପାନିକୁ ରାଜ୍ୟର ପଶ୍ଚିମାଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୁଇ ହଜାର ତିନି ଶହ ଚାଳିଶ ହେକ୍ଟର ଜମି ଦେବା କଥା ଘୋଷଣା କଲେ, ତାହା ଥିଲା ସେ ଅଞ୍ଚଳର ସମସ୍ତ ଲୋକଙ୍କ ପାଇଁ ସବୁଠାରୁ ବଡ଼ ବ୍ରେକିଂ ନ୍ୟୁଜ୍ । ସବୁରି ମୁଁହରେ ପ୍ରଶ୍ନ, ସତେ ନା କ'ଣ ?

ସେଇଠୁ ଆରମ୍ଭ ହେଲା କଳ୍ପନାଜଳ୍ପନାର ପର୍ବ । ପଛୁଆ ପଶ୍ଚିମାଞ୍ଚଳର ସେଇ ଜମି ସୁନା ପାଲଟିଗଲା ବୋଲି କହିଲେ ସହରର ଜମି ଦଲାଲଗଣ ଓ ଚେଷ୍ଟା କଲେ କିଣିନେବାକୁ ଅଧିକରୁ ଅଧିକ ଜମି । ଶୁଣାଗଲା କମ୍ପାନି କୁଆଡେ କ୍ଷତିପୂରଣ ଦେବ ଏକର ପିଛା ଆଠ ଲକ୍ଷ । ଗାଁ ଛାଡି ସହର ପଳେଇଥିବା ଲୋକ ହଠାତ୍ ପୁଣି ଗ୍ରାମାଭିମୁଖୀ ହେଇଉଠିଲେ । ନିଜର ବାପା, ଅଜା କେତେ ଜମି ରଖିଦେଇ ଯାଇଛନ୍ତି, ସେଥିରୁ କେତେ ମିଳିବ, ହିସାବ କରିବସିଲେ । ଜମିଜମାର କାଗଜପତ୍ର ବ୍ୟସ୍ତ ହେଇ ଖୋଜି ବସିଲେ ।

କିଛିଦିନ ଭିତରେ ମାଟିର ଭୂଗୋଳକୁ ନେଇ ଟଙ୍କାର ଗଣିତ ଏମିତି କଷାଚାଲିଲା ଯେ ଚାଷବାସ କରି ବଞ୍ଚୁଥିବା ସେ ଅଞ୍ଚଳର ଲୋକେ ଆତଙ୍କିତ ହୋଇଉଠିଲେ । ଧୀରେ ଧୀରେ ଛୋଟ ଛୋଟ ସଭାସମିତି କଲେ ଓ କହିଲେ - ମାଟି ନୁହେଁ ତ ଇଏ ଆମର ମା..ଆ..ଟି । କୁଳାଙ୍ଗାର ନ ହେଲେ କିଏ କେବେ ଛାଡ଼େ ଭିଟାମାଟି ? ହେଲା ଆମେ ଗରିବ । ମାନିଲୁ, ଚାଷବାସରେ ଆଜିକାଲି ଲାଭ ନାହିଁ । ତା' ବୋଲି କ'ଣ କମ୍ପାନିକୁ ଜମି ଛାଡିଦେବୁ, କାରଖାନା ବସେଇବ ? ସେକଥା ହବାକୁ ଦବୁ ନାଇଁ ।

ଦିନ କେଇଟାରେ ଦୁଇ ଭାଗରେ ବିଭକ୍ତ ହେଇଗଲା ସାରାଟା ଅଞ୍ଚଳ । କମ୍ପାନି ସପକ୍ଷବାଦୀ ଆଉ କମ୍ପାନି ବିପକ୍ଷବାଦୀ । ଉଭୟ ପକ୍ଷ ଭେଟିଲେ ପ୍ରଶାସକଙ୍କୁ, ରାଜନେତାଙ୍କୁ, ସାମାଜିକ କର୍ମୀଗଣଙ୍କୁ । ତା'ପରେ କଲେ ସଭାସମିତି, ବିକ୍ଷୋଭ ପ୍ରଦର୍ଶନ, ରାଲି, କୁଶପୁତ୍ତଳିକା ଦାହ ଇତ୍ୟାଦି । ଅତୀତର ସବୁ ଭାଇବିରାଦରି କଥା ଭୁଲିଯାଇ ଏଥର ଉଭୟ ପକ୍ଷ ପରସ୍ପରକୁ ଶତ୍ରୁ ବୋଲି ଧରିନେଲେ ।

ବିସ୍ଥାପିତ ହେବାକୁ ଯାଉଥିବା ଗୋଟେ ବଡ଼ ଗାଁର ଖୁବ୍ ବଡ଼ ପଡ଼ିଆରେ, ଦିନେ କମ୍ପାନି-ବିପକ୍ଷବାଦୀମାନେ ଏକ ବିରାଟ ସାଧାରଣ ସଭା କରୁଥିଲେ । ସେମାନେ ହାତରେ ଧରିଥିଲେ ଜନଜାତିଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର । ସଂଗ୍ରାମ ପାଇଁ ଉତ୍ତେଜିତ ହେଇ ଭାଷଣ ଦେଉଥିଲା କେହି । ହଠାତ୍ ସେଇଠି ପହଞ୍ଚିଗଲେ କମ୍ପାନି-ସପକ୍ଷବାଦୀ ଲୋକେ ହାତରେ ନେଇ ଆଧୁନିକ ମାରଣାସ୍ତ୍ର । ଦେଖୁ ଦେଖୁ ଆରମ୍ଭ ହେଲା ରକ୍ତାକ୍ତ ସଂଘର୍ଷ । ତାଜା ରକ୍ତରେ ଭିଜିଲା ପଡ଼ିଆର ଶୁଷ୍କ ମାଟି, ସୁନା ପାଲଟିବାକୁ ଯାଉଥିବା ମାଟି । ସ୍ୱପ୍ନ ଦେଖଉଥିବା ମାଟି । ଅନେକ ମାଟିର ମଣିଷଙ୍କ ମା...ଆ..ଟି !

ଗଣମାଧ୍ୟମରେ ବିଦ୍ୟୁତ୍ ବେଗରେ ପ୍ରସାରିତ ହେଇଗଲା ରକ୍ତାକ୍ତ ସଂଘର୍ଷର କାହାଣୀ । ଟେଲିଭିଜନ ଚେନେଲ୍‌ମାନଙ୍କ ଭିତରେ ପ୍ରତିଯୋଗିତା ଆରମ୍ଭ ହେଇଗଲା ଖବର ପରିବେଶଷକୁ ନେଇ । ବିଧାନସଭାରେ ବିରୋଧୀ ଦଳଙ୍କୁ ମିଳିଗଲା ଏକ ବଡ଼ ଇସ୍ୟୁ । କମ୍ପେଇଦେଲେ ବିଧାନସଭାରେ, ମୁଖ୍ୟମନ୍ତ୍ରୀ ଉତ୍ତେଜିତ ନ ହେବା ପାଇଁ ସମସ୍ତଙ୍କୁ ନିବେଦନ କଲେ । ତଦନ୍ତ କମିଶନ ବସେଇବା କଥା ଘୋଷଣା କଲେ । ମୃତାହତଙ୍କୁ କ୍ଷତିପୂରଣର ପ୍ରତିଶ୍ରୁତି ଦେଲେ ।

ନିରବ ରହିଥିବା ଦିଲ୍ଲୀର କେନ୍ଦ୍ର ସରକାର ହଠାତ୍ ସକ୍ରିୟ ହେଇ ଉଠିଲେ । ତା'ସହିତ ଚେଇଁ ଉଠିଲା ପରିବେଶ ମନ୍ତ୍ରଣାଳୟ, ଜଙ୍ଗଲ ବିଭାଗ, ଖଣି ବିଭାଗ ପ୍ରଭୃତି । ସମସ୍ତେ ଆଣିଲେ ଗଦା ଗଦା ଆପତ୍ତି, ଅଭିଯୋଗ । ଚାଲିଲା କାଗଜପତ୍ର, ଖୋଳତାଡ଼ । ଜନସ୍ୱାର୍ଥ ମାମଲା ବି ଦାୟର ହେଇଗଲା କୋର୍ଟରେ । ମୁଖ୍ୟମନ୍ତ୍ରୀ ବାରମ୍ବାର ଗସ୍ତ କଲେ ଦିଲ୍ଲୀ । ତାଙ୍କ ସରକାର ଦୌଡ଼ିଲେ ହାଇକୋର୍ଟ, ସୁପ୍ରିମକୋର୍ଟ ।

ଶେଷରେ ଜଙ୍ଗଲ ଆଇନ ଉଲ୍ଲଂଘନ, ପରିବେଶ ନିୟମ ଭଙ୍ଗ, ଜନଜାତି ଅଧିକାର ଆଇନ ଖିଲାଫ, କାଗଜପତ୍ର ଜାଲିଆତି ଇତ୍ୟାଦି କାରଣରୁ କମ୍ପାନି ପ୍ରତିଷ୍ଠା ବିପକ୍ଷରେ ମତପ୍ରକାଶ କଲେ ଉଚ୍ଚତମ ନ୍ୟାୟାଳୟ ।

ତା'ପରେ ? ପଡ଼ିରହିଲା ସେମିତି ଦୁଇ ହଜାର ତିନି ଶହ ଚାଳିଶ ହେକ୍ଟର ଜମି । ସୁନା ହେବାକୁ ଯାଉଥିବା ମାଟି । ଅନ୍ନଜଳ ଦଉଥିବା ମାଟି । ରକ୍ତଭିଜା ମା..ଆ..ଟି ।

XXX

ସେ ଅଞ୍ଚଳରେ ପ୍ରଚାର ହେଲା ଯେ ଦେଶ ସ୍ୱାଧୀନ ହେବା ଦିନରୁ ନିର୍ମିତ ହେବ ବୋଲି ଶୁଣାଯାଉଥିବା ନଦୀବନ୍ଧ ଯୋଜନାଟି ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ । ପ୍ରଶାସନିକ ଓ ସରକାରୀ କଳର ତତ୍ପରତା ଦେଖି ଲୋକେ ଏଥର ବିଶ୍ୱାସ କଲେ ଯେ ପ୍ରକୃତରେ କାମ ହେବାକୁ ଯାଉଛି । ସରକାରୀ ଲୋକେ, ବୁଡ଼ିବାକୁ ଯାଉଥିବା ଗାଁର ଲୋକଙ୍କୁ ଭେଟି, ଏହି ପ୍ରକଳ୍ପଟି ହେଲେ କେତେ ଯେ ଲାଭ ହେବ, ତାହା ବୁଝେଇଲେ । କ୍ଷତିପୂରଣ ପେକେଜ୍‌ଟି ଅତି ଲୋଭନୀୟ ବୋଲି ଘୋଷଣା କଲେ । ବିସ୍ଥାପନଜନିତ ସମସ୍ୟା ପ୍ରତି ସରକାର ଅତି ସହାନୁଭୂତିଶୀଳ ବୋଲି ବନ ବିଭାଗ, କୃଷି ବିଭାଗ, ରାଜସ୍ୱ ବିଭାଗ, ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ବୁଝେଇଦିଆଗଲା ।

ବିସ୍ଥାପିତ ହେବାକୁ ଯାଉଥିବା ଗୋଟେ ଖୁବ୍ ବଡ଼ ଗାଁର ଲୋକେ ସନ୍ଧ୍ୟାରେ ଏକ ସଭାର ଆୟୋଜନ କଲେ । ଗାଁର ପ୍ରାଚୀନ ଓ ପ୍ରସିଦ୍ଧ ମନ୍ଦିର ଆଗରେ ହେଉଥିବା ସଭାରେ ଅନେକ ପ୍ରସଙ୍ଗ ଆଲୋଚିତ ହେଲା । ନିଜ ନିଜ ଭବିଷ୍ୟତକୁ ନେଇ ସମସ୍ତେ ଥିଲେ ଚିନ୍ତିତ । ସମସ୍ତଙ୍କୁ ଶାନ୍ତ ହେବାକୁ କହି ମନ୍ଦିରର ପୂଜାରୀ ଉତ୍ଥାପନ କଲେ ଏକ ଗମ୍ଭୀର ପ୍ରଶ୍ନ "ପ୍ରଭୁ ଯିବେ କୁଆଡ଼େ" ? ସମବେତ ଗ୍ରାମବାସୀଙ୍କ ପାଖରେ ନ ଥିଲା କୌଣସି ଉତ୍ତର ।ତର୍କ ବିତର୍କ ଅବଶ୍ୟ ହେଲା । ମାତ୍ର ସମାଧାନର ବାଟ ଥିଲା ବନ୍ଦ । ରାତି ଅଧିକ ହେଲା । ବର୍ଷା ଟୋପାଏ ଲେଖାଏଁ ପଡ଼ିଲାରୁ ସଭା ଶେଷ ହେଲା । ରାତିରେ ହେଲା ଅଦିନିଆ ଝଡ଼ ବର୍ଷା ।

ତହିଁ ଆରଦିନ ସକାଳୁ ଗ୍ରାମବାସୀଙ୍କ ପାଇଁ ଅପେକ୍ଷା କରିଥିଲା ଏକ ବିସ୍ଫୋରକ ଆବିଷ୍କାର । ମନ୍ଦିରରେ ଆଉ ପ୍ରଭୁ ନ ଥିଲେ । ତତ୍‌କ୍ଷଣାତ୍ ଏକ ଜରୁରୀ ସଭାର ଆୟୋଜନ କରାଗଲା । ସବୁ ମର୍ମାହତ ମନରେ ଗୋଟିଏ ପ୍ରଶ୍ନ, କିଏ ଚୋରେଇ ନେଲା ପ୍ରଭୁଙ୍କୁ ? କାଳେ କୌଣସି ଅଲୌକିକ ଶକ୍ତି କୃପାରୁ ପୂଜାରୀ କିଛି ଜାଣିପାରିବେ ଭାବି ସମସ୍ତେ ବିକଳ ହେଇ ଅନେଇଲେ ତାଙ୍କ ମୁହଁକୁ । ଆକାଶକୁ ଅନେଇ ରହସ୍ୟମୟ ସ୍ୱରରେ ସିଏ କହିଲେ "ତାଙ୍କ ଇଚ୍ଛା ବିନା ତାଙ୍କୁ କ'ଣ କିଏ ଚୋରେଇପାରେ ? ବିସ୍ଥାପିତ ହେବା ପୂର୍ବରୁ ଏହା ତାଙ୍କ ଲୀଳା । ନଦୀବନ୍ଧ ଯୋଜନା ପାଇଁ ପୃଥିବୀରେ ଏ କ୍ଷୁଦ୍ର ଅଞ୍ଚଳଟି ସିନା ଜଳମଗ୍ନ ହେବ, ମାତ୍ର ସମଗ୍ର ବ୍ରହ୍ମାଣ୍ଡ ଦିନେ ଜଳାର୍ଣ୍ଣବ ହେବ ପ୍ରଳୟ ପ୍ରୟୋଧି ଜଳେ । ସମଗ୍ର ମଣିଷ ଜାତି ହେବ ବିସ୍ଥାପିତ । ସେତେବେଳେ..." ? ହଠାତ୍ ସିଏ ଚୁପ୍ ହେଲେ ଆଖି ବନ୍ଦ କରି ।

ମାସେ ପରେ ରାଜ୍ୟର ସୀମାନ୍ତ ଅଞ୍ଚଳରୁ ଧରାପଡ଼ିଥିବା ଦୁଇ ଜଣ ମୂର୍ତ୍ତିଚୋର ସବୁ କଥା ମାନିଗଲେ ପୁଲିସ୍ ଆଗରେ । ତେବେ ଚୋରି ମୂର୍ତ୍ତି ବର୍ତ୍ତମାନ କୋଉଠି ଥିବ, ସେକଥା କହିବାରେ ସେମାନେ ଅକ୍ଷମତା ପ୍ରକାଶ କଲେ । ମୂର୍ତ୍ତିଚୋରି ରେକେଟ୍, ଚାହିଲେ ଗୋଟିଏ ଦିନରେ ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡକୁ ଚୋରି ମୂର୍ତ୍ତି ପଠେଇ ଦେଇପାରେ ବୋଲି ସୂଚନା ଦେଲେ ।

ଖବରଟି ଜଳମଗ୍ନ ହେବାକୁ ଯାଉଥିବା ସେଇ ଗାଁର ପୂଜାରୀଙ୍କ ପାଖରେ ପହଞ୍ଚିଲା । ସିଏ ଦାର୍ଶନିକ ପରି ଆକାଶକୁ ଅନେଇ କହିଲେ "ସିଏ ତ ଲୀଳାମୟ ! ଚାହିଲେ ବିସ୍ଥାପିତ ହେବେ, ଚାହିଲେ ଅବସ୍ଥାପିତ ହେବେ । ତାଙ୍କ ଲୀଳାଖେଳା ଆମ ବୁଝିବା ବାହାରେ ।"

## ମରାଳ

**ମନୋରଞ୍ଜନ ଦାସ**
ଅର୍ଥନୀତି ବିଭାଗ

ନୂଆକରି ଫୁଲଫୁଟିଥିବା କୃଷ୍ଣଚୁଡା ତଳେ,
ଅପେକ୍ଷା କରେ ମୁଁ ତାକୁ,
ପର ଝାଡି ଆସିବ ସେ, ଡେଣା ମେଲାଇ
ପବନରେ ଆହୁଲା ମାରି,
ଶୀତର ପ୍ରଥମ କୋହଲା ଉଷ୍ମତାରେ

ଉଣେଇଶ ନମ୍ବର ମିନିବସ୍‌ରେ ।
ଝର୍କାପାଖ ସିଟ୍‌ରେ ବସି ରହିଁରହେ ।
ତାର ଆସିବା ବାଟକୁ
ହାଫପ୍ୟାଣ୍ଟ ପିନ୍ଧା ହେଲପର
ଦୁଇଥର ଡବାକୁ ପିଟି ବସ ଛାଡିବା ପର୍ଯ୍ୟନ୍ତ ।

ଛକ ଉପରେ ଚକାମାଲି ପକାଇଥିବା ଜ୍ୟୋତିଷଟି
ହାତରେଖା ଦେଖି, ଆଭାଷ ଦେଇଥିଲା
ଚଳଚଞ୍ଚଳ ମରାଳର ଆଗମନ,
(ମୋଠାରୁ ଦୁଇ ଟଙ୍କା ନବା ବିନିମୟରେ)
ଶୀତର ଜମାଟ ବନ୍ଧା କୁହୁଡି ଆସିବା ଆଗରୁ ।

ଅନେକ ଦିନ ପରେ, ଆଶା ପ୍ରତ୍ୟାଶାର
ଅବସାନରେ ପୂର୍ଣ୍ଣଚ୍ଛେଦ ପୁର୍ବରୁ,
କେହିଜଣେ କହିବାର ଶୁଣିବାକୁ ପାଇଥିଲି
ଦୂର ନଳବନର ସଂରକ୍ଷିତ ଅଞ୍ଚଳରେ ।
ସେମାନେ ଆସନ୍ତି । ଅଳସ ଗତିରେ, ମାଳମାଳ ମରାଳ,
ସୁଦୂର ସାଇବେରିଆରୁ ।
ସେଠାକୁ କୁଆଡେ ଆମ ଭଳି ସାଧାରଣ ପ୍ରଜାତିର ପ୍ରବେଶ ମନା

## ରୋମନ୍ଥନ ଅତୀତ ସ୍ମୃତିର

**ମାନିନୀ ରଥ**
ଇତିହାସ ବିଭାଗ

କିଥା ଅଛି କହି ଜାଣିଲେ କଥା ସୁନ୍ଦର, ଆଉ ଚାଲି ଜାଣିଲେ ବାଟ ସୁନ୍ଦର । ହେଲେ ମୁଁ ଭାବୁଛି ଲେଖି ଜାଣିଲେ ଗପ ସୁନ୍ଦର କଣ ? ମତେ ଲେଖି ଆସେନି, ସେଥିପାଇଁ ଲେଖିବା ପ୍ରୟାସରେ ଏତେ ଦିନ ଚାଲିଗଲା । ବାଣୀବିହାର ଅନୁଭୂତି ଦି ଚାରିପଦ ଲେଖିବାକୁ ଚେଷ୍ଟା କରୁଛି । ବାଣୀବିହାର ପଢା ସମୟର ଦୁଇ ବର୍ଷ ମୋର ବିତିଛି ହଷ୍ଟେଲ, କ୍ଲାସ ରୁମ ଆଉ library ରେ । ତା ଭିତରେ କେତେ ଅନୁଭବ ଆଉ ଅନୁଭୂତି.. କିଛି ମନେ ଅଛି ଆଉ କିଛି ସମୟ କ୍ରମେ ବିସ୍ମୃତ । ଘର ଛାଡି ପ୍ରଥମ ଥର ବାହାରେ ରହିବାର ଦୁଃଖଦ ଅନୁଭୂତି ହଷ୍ଟେଲରେ ରହିବା ପରେ ସାଙ୍ଗମାନଙ୍କ ମେଳରେ ଅନେକାଂଶରେ କମିଯାଇଥିଲା । ନୂଆ ସାଙ୍ଗ, ନୂଆ ଜୀବନ ଚର୍ଯ୍ୟା, ଆଉ ହଷ୍ଟେଲ ରହଣିର ଅନେକ ଅନେକ ଖୁସିର ସମୟ ଆଜି ବି ମନରେ ଖୁସି ଭରି ଦିଏ । ଏମିତିକି ହଷ୍ଟେଲ ଛାଡିବା ବେଳର ଦୁଃଖ ଏବେ ବି ମନେ ପଡେ । ଆମେ କେତେ ଜଣ ସାଙ୍ଗ ତ ଆଗରୁ କଥା ହେଇଥିଲୁ ହଷ୍ଟେଲ ଛାଡିଲା ବେଳେ କେହି କାହାକୁ ଦେଖା କରିବୁନି, କାରଣ ଥିଲା କେହି କାହାର ଦୁଃଖ ମୁହଁ ଦେଖିପାରିବୁନି । ସେ ବନ୍ଧୁତ୍ୱର ବନ୍ଧନ ଥିଲା କିଛି ଅଲଗା ପ୍ରକାର... କ୍ଲାସ ରୁମର ଗୋଟେ ଘଟଣା ମନେ ପଡେ । ମୁଁ present ଥାଇ ମଧ୍ୟ ମୋ ରୋଲ ନମ୍ବରରେ ବାରମ୍ବାର proxy ପଡେ, ସେତେବେଳେ ବିରକ୍ତ ଲାଗୁଥିବା ସେଇ ଘଟଣା ଟି ଆଜି କିନ୍ତୁ ହସିବାର ଖୋରାକ ଯୋଗାଏ ।

ଆମ ପ୍ରଫେସରମାନେ ବହୁତ ଭଲ, ହେଲେ, ଜଣଙ୍କ lecture ଶୁଣିଲା ମାନେ ମତେ ନିଦ ଆସେ (ମୋର ତାଙ୍କ ନାଁ ମନେ ନାହିଁ) । ସିଏ ବି ଥିଲା ଜୀବନର ଗୋଟେ ଅଲଗା ସମୟ.. ସବୁ କିଛି ସ୍ୱପ୍ନମୟ । ନା ଏବେ ସେ ସମୟ ଅଛି ନା ବାଣୀବିହାର ର ସେ ଅବହାଓ୍ୱା. ଖାଲି ସ୍ମୃତି.... ସମୟର ଦୌଡରେ ସାମିଲ ଆମେ ଅଣନିଶ୍ୱାସୀ ହେଇ ଧାଉଁଛେ ଯନ୍ତ୍ରବତ ।

# ଇତିହାସରୁ ଫର୍ଦ୍ଦେ

**ମାନସ ରଞ୍ଜନ ପାଣିଗ୍ରାହୀ**
ଗଣିତ ବିଭାଗ

କାଲି ଅଫିସରୁ ଆସୁ ଆସୁ ଭିଭି୮୯ ଗ୍ରୁପରେ ପବିତ୍ର ର ଲେଖା ପଢି ନିଜେ କିଛି ଲେଖିବା ପାଇଁ ମନ ହେଲା । କାରଣ, ପ୍ରେରଣାର ନଦୀ ବହିଯାଇଥିଲା ମନ ଭିତରେ। ହଁ, ଏବେ ନ ଲେଖିଲେ ପାଞ୍ଚ ବର୍ଷ ଅପେକ୍ଷା କରିବାକୁ ପଡିବ ଯେ ! ନା ନା, ଏଇଥର ଲେଖିବାକୁ ପଡିବ । ବେଶି ନ ଲେଖି ପାରିଲେ ବି ୪/୬ ଧାଡି ଲେଖିବାକୁ କହିଛି. କାଗଜ ବି ଅଛି, କଲମ ଭି ଚାଲୁଛି, ମାନେ ଚାରି/ଛ ଧାଡି ଲାପଟପ ରେ ଲେଖି ଦେବି ମୁଁ। ଜଲଦି ଜଲଦି ଡ଼ିନର ସାରି ଲାପଟପ ଖୋଲି ବସିଗଲି। ଭାବିଲି ସେଇ ପଇଁତିରିଶ ବର୍ଷ ତଳର ଇତିହାସରୁ ଫର୍ଦେ ଲେଖିଦେବି । ହେଲେ କଣ ଲେଖିବି ? କୋଉ ବିଷୟରେ ଲେଖିବି ? ବୟସ ଆସି ୫୬ ଟପିଲାଣି, କାଲି କଥା ଆଜି ଭୁଲିଯାଉଛି । ଆଜିକାଲି ଅଫିସ ରେ ଯୋଉ ପ୍ରକାର ର Stress, କିଛି ମନେରହୁନି । ପୁଣି ପଇଁତିରିଶ ବର୍ଷ ତଳର କଥା ଏତେ ଶୀଘ୍ର କେମିତି ମନେପଡିବ ? ଆଜି ଆଉ ଲେଖିହବନି, କାଲି ନିଶ୍ଚୟ ଲେଖିଦେବି ଭାବି ଲାପଟପ ଟା ବନ୍ଦ କରି ଶୋଇବାକୁ ଗଲି ।

ଆଜି ରବିବାର, ପୁଣି ଛାଡଖାଇ । ତିନି ଦିନ ପୂର୍ବେ ମହାପାତ୍ର ବାବୁଙ୍କର ଫୋନ ଆସିଥିଲା, କହୁଥିଲେ ଯେ ଛାଡଖାଇ ପାଇଁ ସେ ମାଂସ ତରକାରି ଆଉ ମାଛ ବେସର କରିକି ଆଣିବେ ଆମ ଘରକୁ। ଏଇଠି ଭାତ ତଥା ଅନ୍ୟ ଅଦରକାରୀ (ଆରେ ଭାଇ ମାଂସ ତରକାରୀ ହେଲେ ଡାଲି,ଭଜା ବା ଅନ୍ୟ ନିରାମିଷ ଖାଦ୍ୟ ଅଦରକାରୀ ହେଇଯାଏ ।) ବ୍ୟଞ୍ଜନ ଆମ ଘରେ ତିଆରି ହବ । ତେଣୁ ଛାଡଖାଇଟା ଆମ ଘରେ ପାଳନ ହବ ।

ସକାଳୁ ସକାଳୁ ଉଠି ନିତ୍ୟକର୍ମ ସାରି ଅର୍ଦ୍ଧାଙ୍ଗିନୀଙ୍କୁ ପଚାରିଲି : କିଛି ଆସିବ କି ମାର୍କେଟରୁ ? ଉତ୍ତର ଆସିଲା:ହଁ, ତମେ ତ ଭୁଲା ଲୋକ, ତିନିଟା ଜିନିଷ କହିଲେ ଦୁଇଟା ଆଣିବ । କାଗଜରେ ଲିଷ୍ଟ କରି କି ନେଇ ଯାଅ । ଭାବିଲି, ସତ କଥା, ଆଜି ଭୁଲିଗଲେ ଚଳିବନି ରେ ବାବା । ଲିଷ୍ଟ ଗୋଟିଏ ତିଆରି ହେଲା ଆଉ ବାହାରିଗଲି ମାର୍କେଟକୁ । ମାର୍କେଟରୁ ଲିଷ୍ଟ ଅନୁସାରେ ସବୁ ଜିନିଷ ଆଣି ଥୋଇଦେଲି ଡାଇନିଂ ଟେବୁଲ ଉପରେ । ଭାବିଲି ଯାହାହଉ, ଆଜି ଆଉ ଭୁଲ ହେଇନି । ରୋଷେଇ ଘରୁ ଶବ୍ଦ ଶୁଣାଗଲା କି ଲୋକ ଗୋଟେ ତୁମେ, ଆମ ଘରେ କଣ ଜାଗା ନାହିଁ, ଜିନିଷଗୁଡାକ ଡାଇନିଂ ଟେବୁଲ ଉପରେ ଥୋଉଛ ! ଓଃ, ଆଜି ପରା ମହାପାତ୍ର ବାବୁ ତାଙ୍କ ପତ୍ନୀ ସହିତ ଆସିବେ, ଦେଖିଲେ କଣ ଭାବିବେ ?

ଜିନିଷ ଗୁଡିକ ନିର୍ଦ୍ଦିଷ୍ଟ ଜାଗାରେ ରଖି ଗାଧେଇବା ପାଇଁ ବାଥରୁମରେ ପଶିଲି । ଗାଧୁଆ କାମଟା ଶୀଘ୍ର ଶୀଘ୍ର ସାରି ଜଳଖିଆ ଖାଇ ଲାପଟପ ଖୋଲି ବସିଗଲି ୪/୬ ଧାଡି ଲେଖିବା ପାଇଁ । ପତ୍ନୀଙ୍କୁ ତାଗିଦ କରି କହି ଦେଲି: ଏବେ ଆଉ ମୋତେ ଡିଷ୍ଟର୍ବ କରିବନି, ଲେଖା କାମଟା ଶୀଘ୍ର ସାରିବାକୁ ପଡିବ, ମହାପାତ୍ର ବାବୁ ଆସିବା ପୂର୍ବରୁ। ୧୯୮୯ ଗ୍ରୁପରେ ବହୁତ ଭଲ ଭଲ ଲେଖିବା ବାଲା ଅଛନ୍ତି, ମୋ ଦ୍ୱାରା କଣ କିଛି ଲେଖା ହୋଇପାରିବ ? ପୁଣି ଯଦି ବା କିଛି ଲେଖିବି, ଆରମ୍ଭ ଆଉ ଶେଷ ଠିକରେ ହବ ? ଭାଇ ସତ କହୁଛି, ଏଇଟା ମୋ ପାଇଁ ମିଲିଅନ ଡଲାର ପ୍ରଶ୍ନ ଥିଲା । ତଥାପି ଚେଷ୍ଟା କରିବି, ପଛଘୁଞ୍ଚା ନାହିଁ ବୀରର ଜାତକେ । ହୁଁ, ଭାବନା ଶକ୍ତିକୁ ରିମାଇଣ୍ଡ କରି ନେଇଗଲି ପଇଁତିରିଶ ବର୍ଷ ପଛକୁ । ଝାପ୍ସା ଝାପ୍ସା ମନେପଡିଲା ଗଣିତ ବିଭାଗ, ମୋ ସାଙ୍ଗରେ ଆଡମିଶନ ନେଇଥିବା କିଛି ବନ୍ଧୁ ଆଉ ବାନ୍ଧବୀ ମାନଙ୍କ ଅସ୍ପଷ୍ଟ ମୁହଁଗୁଡିକ , ମନରେ ଶତ ହସ୍ତୀର ବଳ ମିଳିଲା । ପୁଣି ଚେଷ୍ଟା କଲି ମନେପକେଇବାକୁ ଏଭଳି କିଛି କଥା ଯାହା କି ମୁଁ ଲେଖିପାରିବି/କହିପାରିବି ସମସ୍ତଙ୍କ ପାଖରେ ।

ଏ ଭିତରେ କେତେବେଳେ ଆଖି ଦୁଇଟା ବନ୍ଦ ହୋଇଯାଇଛି ଆଉ ଚେୟାରରେ ବସି ଶୋଇପଡିଛି, ଜମା ଜଣାପଡିଲାନି । ହଠାତ ପତ୍ନୀଙ୍କ ଡାକ ଶୁଣି ଚାଏଁକିନା ନିଦଟା ଭାଙ୍ଗିଗଲା, ଧଡପଡ ହୋଇ ଉଠିଲି । ଘଣ୍ଟା ଉପରେ ନଜର ପଡିଲା, ଦିନ ଆସି ଗୋଟାଏ ଉପରେ ହେଲାଣି, ମହାପାତ୍ର ବାବୁ ସପତ୍ନୀକ ଘରେ ପହଁଚିଗଲେଣି । ଲାପଟପଟାକୁ ଶଟ୍ ଡାଉନ କରି ଡ୍ରଇଂ ରୁମ୍‌କୁ ଗଲି । ନମସ୍କାର, ପ୍ରତି ନମସ୍କାରର ଦିଆନିଆ ସରିଲା ପରେ ବସିଗଲୁ ଫାମିଲି ଖଟି କରିବା ପାଇଁ ଛାଡଖାଇ ପର୍ବର ଆରମ୍ଭ ହେବା ପୂର୍ବରୁ। ମଝିରେ ମଝିରେ ମସ୍ତିଷ୍କ ଭିତରେ ଖେଳେଇ ହୋଇଯାଉଥିଲା: ହବନି, ମୋ ଦେଇ କିଛି ହବନି, ୪/୬ ଧାଡ଼ି କଣ ଦୁଇଟା ଶବ୍ଦ ବି ଲେଖିପାରିବିନି, ଓଃ, ପାଞ୍ଚ ବର୍ଷ ଅପେକ୍ଷା କରିବାକୁ ପଡିବ ! !

# Our Utkal University (Vani Vihar): Our Dreamland

**Mahesh Kumar Dey**
Dept. of English

Today is October 6, 2024 (Sunday). It is almost 11 PM. At the society's common space, the Navratri is being celebrated by all who participate in *rasa garba* and *dandiya* dance with several Bollywood hits. I have settled myself to my study-table and chair pressing my mind to create something with my laptop. I make a reverse travel through my memory lane. Before thirty-five years in 1989, I completed my MA at Utkal University (our Vani Vihar) situated in the temple city namely Bhubaneswar. I was asked by my friend Pabitra to submit a write up before a couple of days. I promised to do so and submit before the deadline. Here are my uncontrollable thoughts shared with my friends. Have a reading and enjoy the subjective experiences-sweet and sour, mixed with some bitterness.

Utkal University is really a Dreamland to all of us who enter its rocky and green campus. People say that the Sun rises in the east. For all alumni members of this historical institution, the Sun rises here only and never sets. An undergraduate from a small town of Odisha dreams to study in this best institution of the state. This is like a passport to your aspirations, success, and prosperity. The professors will give us the right directions about the aims and objectives, strategies for good result, preparations for jobs in future through competitive examinations, making a love affair with a beautiful classmate from the opposite sex, etc. You will be away from the family pressures, availing full liberty and enjoyment in life. There will be no parental control and no vigilance of anyone around your private self.

The first year of MA (Part One) began with the hostel admission, sharing the room with a batchmate from another subject, with another social background and geographical region (he is completely a different personality). You begin to know how to share the life with him, both private and public, and sometimes beyond that. When you go to the common toilets and bathrooms, you come across so many bathroom singers from different corners of the state. You go to the library of Parija Library standing at the heart of the university with a top arch decorating its head and see motivated students and scholars doing so many intellectual activities and pursuits to fulfill their dreams. Parents have sent them here with a dream and they must achieve it by hook or by crook. It is a mini-Odisha in true sense of the term.

I remember attending the welcome party organized by your seniors. I began to feel like a member of the departmental family far away from my own personal family. The Head of the Department and the hostel superintendent become your local guardians. After a few days, the winter comes and the picnic party is organized by your seniors and your own classmates. Knowingly or unknowingly, I

became a part of it. I participated in the Ganesh and Saraswati Puja held at the department. I participated in some seminars and conferences as student volunteers and got the opportunity to listen to some great creative artists and scholars of the subject. When we get out of the department, we together feel that we should not return back to our respective rooms immediately but should spend some time at the university canteens that include the central canteen, the glass canteen and other canteens near the water tank. We assembled there, took snacks and gossiped a lot with open hearts ("*Dil kholke*"). Now we must return to the hostel like tired animals and relax for a while. We take shower and put on our evening cloths to come out of the hostels and start our walking in mini groups. My friends can easily guess the direction of our walks. The evening cool breeze begins to blow from the south towards the campus and we start walking towards the ladies' hostels to spend some time with our female friends. Some unfriendly persons go to theatres for Hindi and English movies. Several romantic and intensely passionate conversations take place among friends assuming to be lovers-cum- life partners of the future. Some desperate beings move towards Rama Devi Women's College in search of better visuals and recreations there near the gate. I used to remember those moments often and say myself "kete swapna, kete asha…eita jibana".

Time flies so fast. We reached at the end of the first year. We are about to appear at the Part I examinations. We organized the farewell party for your seniors. We organized the farewell of our retiring faculties. The summer vacation following our annual university examinations must be spent at the native place. I took a bus to my home town in order to spend some days with your parents, family members, relatives in the nearby villages, and the village friends mostly. I have returned from the university, so local childhood friends want to listen my stories, offering me snacks and tea for this exchange. I begin to tell them about the girl friends, their beauty, their family backgrounds, and some imaginative fanciful affairs (not true), and the films that I have seen in the city-theatres during the last one year, etc.

Part II begins like the climax of a Shakespearean tragedy. We shifted ourselves to single rooms in other hostels. We are given better facility with more privacy to organize our lives in a better way. Our chosen friends join us in small groups to organize late-evening parties with drinks. The rich friends who can afford extra money (because they receive more money towards their monthly expenses) lead such parties at their own cost to entertain poor friends from lower/lower-middle class background like us. One of my friends used to say GTPS (Get Together, Pay Separate) before the beginning of such parties. After several rounds of drinks, the friends who propose pay the bills for the pennyless ("*fakadram giridharies*") like us.

More adventures took place with another round of picnic, welcome party for juniors, the Ganesh Puja, the Saraswati Puja, the films both Hindi and Odia in theatres, late-night orchestras in the city corners, the realistic social plays at the Rabindra Mandap, the political rallies by student leaders, the strikes for problems in hostels, and many unforeseen circumstances. I remember visiting the state library at times for using its resources and for

reading, being away from my so-called disturbances. The second year became more crucial as we had to score a good result at this final university examination. Our future career depends on this result only. We began to realize suddenly that we must maintain a balance between the love-life and the student-life. We gave our best shots and waited for the result. I tasted a drop of liquor on the last day before leaving the hostel on the request of my intimate friend. Our hard work for two years will be duly rewarded surely.

The final curtain was drawn now. We should wind up everything. The puzzling questions overpower our minds. What to do now? We all behave like Hamlet with a moral dilemma. We return home at least for a couple of months because we do not have any shelter in the capital city. We remain at home, depend on the parents' bank to get our food and cloths, wait for our results, and follow the same routine life, stereotypical, mechanical, dull and boring. We are away from Vanivihar friends with whom we were more like a family for two long years. We now remember that "A friend in need is a friend indeed". We miss our friends a lot and cherish the bygone days on the university campus. All friends have their own destiny and separate paths to follow. All our memories we must cherish throughout the rest of life, till the last breath we take. Friends meet to depart one day. In a physical sense, it is separation in terms of place and distance. In a metaphorical sense, it is the passage of time gradually leading to death. Who knows when we leave this beautiful earth and remain in the memory of our dear friends. Sometimes we are remembered by them in our absence. I have been searching for my hostel roommate from History department for last so many years. I have not traced him yet. He is in my memory but no idea about his whereabout. I do not know if he remembers the same way or not.

It is unbelievable that we have finished thirty-five years of our postgraduation at the university. When we are going to celebrate this anniversary year in December 2024, I went back to my past life of two years at the university from 1987 to 1989. Some photographs from my old album came to mind, some memories, sweet, sour, and bitter, some tragic incidents, and some achievements…a mixed feeling to end this write up.

The last line to end my short narrative is taken from the famous Bollywood film "jina yahan, marna yahan, iske siwa jana kahan". The well-known Odia novelist Gopinath Mohanty writes at the end of his novel entitled *Amrutara Santana* the following statement: "*jibana re suada achhi, marana nahi, dukkha nahi*" (Life has zest in it; there is no death, no sorrow). Let us remember our past days at the Dreamland…our Utkal University, our dearest Vani Vihar campus. The dandiya music and dance has stopped now. I looked at the ticking wall-clock that mentions twelve. I stopped typing further and shut down the device saving my draft.

# ନାଁରେ ତାର ଶତ ସିଂହର ବଳ

**ଯଶୋବନ୍ତ ଜେନା**
ଗଣିତ ବିଭାଗ

ବାଣୀବିହାର ! ଏଇ ନାଁ ଟା ହୃଦୟ ଭିତରେ ସ୍ମରଣ ହେବା ମାତ୍ରେ ଶରୀରରେ ଆସି ଯାଉଥିଲା ଶହେ ସିଂହ ର ବଳ । ଭାବନାର ଶକ୍ତି ଶୂନ ହେଇ ଯାଇ ନାଲିବତୀ ଟିଏ ଜଳୁଥିଲା ଆଉ ସେଥିରୁ ଖାଲି ଗୋଟିଏ ସଙ୍କେତ ପ୍ରଦର୍ଶିତ ହେଉ ଥିଲା "ଆଗକୁ ମାଡି ଚାଲ,ପରେ ବିଚାର କରିବା" ।

ପଥମ: ବାଣୀବିହାର ର ଗୋପବନ୍ଧୁ ଛାତ୍ରାବାସ ରେ ରହିବାର । ଅଳ୍ପ କିଛି ଦିନ ବିତି ଥାଏ । ସେଦିନ ଆମ ଶେଷ ବର୍ଷର ଭାଇ ଓ ଭଉଣୀ ମାନଙ୍କ ପରାମର୍ଶ ହେଉ ବା ଆଦେଶ କ୍ରମେ ସକାଳ ଦଶଟାରୁ ରାତି ନଅ ଟା ପାଖାପାଖି ବିଶ୍ୱବିଦ୍ୟାଳୟ ର କୁଳସଚୀବଙ୍କୁ ଆମେ ମାନେ ଘେରାଉ କରି ରଖିଥିଲୁ । ତା ପରେ ବିଶ୍ୱବିଦ୍ୟାଳୟ ପରିସରରେ ପୁଲିସ ଅନୁପ୍ରବେଶ କରି ତାଙ୍କୁ ବାହାରକୁ ନେଇ ଯାଇଥିଲେ । ଏଣୁ ଆମ ମାନଙ୍କ ପାଖକୁ ନିର୍ଦ୍ଦେଶ ଆସିଲା ଯେ ଆମକୁ ଦଳବଳ ନେଇ ଏବେ ହିଁ ରାଜଭବନ ଯିବାକୁ ପଡିବ । ରେଭେନସା କଲେଜ ଓ ଅନ୍ୟ ସ୍ଥାନରୁ କିଛି ଛାତ୍ର ପୂର୍ବରୁ ଆସି ବିଶ୍ୱବିଦ୍ୟାଳୟ ରେ ଉପସ୍ଥିତ ଥିଲେ । ବାଣୀବିହାର ର ବଡ ଭାଇ ପଣିଆ ର ସମ୍ମାନ ରଖିବାକୁ ଆମ ସମସ୍ତଙ୍କ ଯିବା ଟା ନିହାତି ଦରକାର ଥିଲା । ଆଚାର୍ଯ୍ୟ ବିହାର ଛକ ଦେଇ ସମସ୍ତେ ବାହାରି ପଡିଲୁ ପଦଯାତ୍ରା ରେ ସଚିବାଳୟ ଦିଗରେ । ପାଖ କଡ ଦେଇ ବହୁତ ଗୁଡାଏ ପୁଲିସ ଗାଡି ଆଗକୁ ମାଡି ଯାଉ ଥାଆନ୍ତି । ସାଙ୍ଗ ମାନଙ୍କ ଗହଣ ରେ ଚାଲୁଥିଲା ବେଳର ଅଲଗା ଆନନ୍ଦ ସହିତ ମିଶି ଯାଉଥିଲା ଭୁବନେଶ୍ୱର ରାତିର ଶୀତଳ ପବନ । ସମସ୍ତେ ପହଞ୍ଚିଲୁ ରବୀନ୍ଦ୍ର ମଣ୍ଡପ ପାଖରେ । ସେଠାକାର ଦୃଶ୍ୟ ଦେଖି କେତେ ଜଣ ବନ୍ଧୁ ଆଗଭର ହୋଇ ନିଜ ନିଜ ର ଚପଲ ଧରି ପ୍ରସ୍ତୁତ ହେବାରେ ଲାଗିଲେ । ଅନ୍ୟ କେତେଜଣ ପ୍ୟାଣ୍ଟ ର ତଳୁ ଦୁଇ ଚାରିଟା ଭାଙ୍ଗ ପକାଇ ସାରି ଥିଲେ ।

ପୁଲିସ ପ୍ରମୁଖ ସମସ୍ତଙ୍କୁ ପ୍ରଥମେ ବହୁତ ସମୟ ପର୍ଯ୍ୟନ୍ତ ବୁଝାଇବାକୁ ଚେଷ୍ଟା କଲେ । "ଆଗକୁ ରାସ୍ତା ସବୁ ସମୟରେ ୧୪୪ ଧାରା ର ଅନ୍ତର୍ଭୁକ୍ତ । ମାନ୍ୟବର ରାଜ୍ୟପାଳ (ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ) ମହୋଦୟଙ୍କ ବୟସ କୁ ଦେଖି ରାତି ଅଧ ରେ ଉଠା ଯାଇ ପାରିବନି । ଏବେ ଫେରି ଯାଅ । କାଲି ସକାଳେ ଆସିଲେ ଆମେ ନିଜେ ତାଙ୍କ ଠାରୁ ସମୟ ନେଇ ଦେଖା କରାଇ ଦେବୁ ।"

ଆମ ଅମାନିଆ ବୟସର କୂଳ ଲଘା ସୁଅ ପାଖରେ ତାଙ୍କର ସମସ୍ତ ପ୍ରୟାସ ପାଣିରେ ଗାର ହେଇ ରହିଗଲା । କିଛି ସମୟ ମଧ୍ୟରେ ଆରମ୍ଭ ହେଇଗଲା ଠେଲା ପେଲା ପୁଲିସ ର କର୍ଡନ ଭାଙ୍ଗିବା ପାଇଁ । ଏଇ ସମୟରେ ମୁଁ ମୋର କିଛି ରେଭେନସା ବନ୍ଧୁଙ୍କ ସହିତ ଯାଇ ସାମ୍ନା ରେ ଛିଡା ହୋଇଗଲୁ ।

ପୁଲିସ ପ୍ରମୁଖ ବାରମ୍ବାର ଡାକବାଜି ଯନ୍ତ୍ରରେ କହି ଚାଲିଥାନ୍ତି "ଦୟା କରି କର୍ଡନ ଭାଙ୍ଗନ୍ତୁ ନାହିଁ ।" ତାହା ଦ୍ୱାରା ଠେଲା ପେଲା ଉପରେ କୌଣସି ପ୍ରକାରର ପ୍ରଭାବ ପରିଲକ୍ଷିତ ହେଲା ନାହିଁ । କିଛି ସମୟ ଏହି ଭଳି ବ୍ୟତୀତ ହେଲା ପରେ ଡାକବାଜି ଯନ୍ତ୍ରରୁ ଆଉ ଏକ ଶବ୍ଦ ଗୁଞ୍ଜରଣ ହେଲା "ଚାର୍ଜ" । ଜଣେ ପୁଲିସଙ୍କ ଲାଠି ର ପିତଳ ଗୁବା ଅଂଶଟି ସିଧା ମୋ ମୁଣ୍ଡ ଉପରେ ପଡିଲା, ଯାହା ଫଳରେ ଅଳ୍ପ କିଛି ମୁହୂର୍ତ୍ତ ପାଇଁ ମତେ ଚାରି ଦିଗ ଅନ୍ଧାର ଦେଖା ଗଲା ଓ ମୁଁ ପିଚୁ ରାସ୍ତା ଉପରେ ଗଡି ପଡିଲି । ତା ପରେ ମଧ୍ୟ ଲାଠି ମହୋଦୟ ସ୍ଥିର ନ ରହି ମୋ ଗୋଡ ଓ ପିଠି ଉପରେ ଚାରି ପାଞ୍ଚ ଥର ବୁଲି ଗଲେ । ଯାହା ସବୁ ଏତେ ଶୀଘ୍ର ହୋଇଗଲା ତାହା ବୁଝି ପାରିବା ପରେ ଚାରି ଆଡକୁ ଦୃଷ୍ଟିପାତ କରି ଜାଣିଲି ଯେ ଆମ ର ସମସ୍ତ ସାଙ୍ଗସାଥୀ ଛତ୍ରଭଙ୍ଗ ଦେଇଛନ୍ତି, ଆଉ ଯେଉଁ ମାନେ ନିଜର ଚପଲ ଆଗରୁ ଓହ୍ଲାଇ ନ ଥିଲେ, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଛାଡିଯାଇଥିବା ଚପଲ ଗୁଡିକ ମଧ୍ୟରେ ଆମେ ତିନି ଜଣ ଛାତ୍ର ପିଚୁ ରାସ୍ତା ମଝିରେ ପଡିରହିଛୁ ।

ଅଳ୍ପ କିଛି ସମୟ ପରେ ତିନି ଚାରି ଜଣ ପୁଲିସ ଆସି ଆମ ତିନି ଜଣଙ୍କୁ ତାଙ୍କ ଗାଡିରେ ଭର୍ତ୍ତି କରି ଶହୀଦ ନଗର ଥାନାରେ ଆଣି ବସାଇଲେ । ଥାନା ମୁଖ୍ୟ ଆମକୁ ବହୁତ ଡେରି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଉପଦେଶ ଦେଉଥିଲେ ବି ତାହା ଆମର ଭଣ୍ଡାରୀ ଗର୍ତ୍ତ

ମାଧ୍ୟମରେ ନିର୍ଗତ ହେଇ ଯାଉଥିଲେ । ସକାଳ ୫ ଟା ବେଳେ ଆମକୁ ବାଣୀବିହାର ମୁଖ୍ୟଦ୍ୱାର ନିକଟରେ ଛାଡିଦିଆଗଲା । ଛୋଟେଇ ପେଙ୍ଗେଇ ନିଜ ନିଜ ଛାତ୍ରାବାସ ରେ ପହଞ୍ଚିବାକୁ ପଡିଲା । ସେଦିନ ବିଶ୍ୱବିଦ୍ୟାଳୟ ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଟି ଖୋଲିବା ପରେ ମଲମ ପଟି କରାଇ ଓ କିଛି ନାଲି ନେଳି ବଟିକା ଗିଳି ପୁଣି ଥରେ ମୁଖ୍ୟ କାର୍ଯ୍ୟାଳୟର ସାମ୍ନା ରାସ୍ତାରେ ବହୁ ସମୟ ଧରି ଧାରଣାରେ ବସିବାକୁ ପଡିଲା ।

ତା ପରଦିନ ସକାଳ ୯ ରୁ ୧୦ ଟା ଭିତରେ ସମସ୍ତେ ପୁଲିସ ର ତତ୍ତ୍ୱାବଧାନରେ ରାଜଭବନ ପର୍ଯ୍ୟନ୍ତ ଚାଲି ଚାଲି ଆଉ ଚିଲେଇ ଚିଲେଇ ଗଲୁ । ଆମର କିଛି ଛାତ୍ର ନେତା ମାନ୍ୟବର ରାଜ୍ୟପାଳଙ୍କୁ ଭେଟି ଆମର ସମସ୍ୟା ସମାଧାନର ପ୍ରତିଶ୍ରୁତି ନେଇ ଆସିବା ପରେ ସମସ୍ତେ ସେଠାରୁ ଫେରିଲୁ ।

ଛୋଟା ଗୋଡରେ ଏତେ ବାଟ ଚାଲି ଚାଲି ଯାଇ ପୁଣି ଫେରିବାର ଶକ୍ତି କେଉଁଠୁ ଆସିଲା ? ପ୍ରଭୁ ଶ୍ରୀରାମଙ୍କ ନାମର ସ୍ମରଣ ରେ ଯେମିତି ପବନପୁତ୍ର ହନୁମାନଙ୍କ ଶକ୍ତି ବହୁଗୁଣରେ ବୃଦ୍ଧି ପାଉଥିଲା, ସେହିପରି ବାଣୀବିହାର ନାମର ସ୍ମରଣରେ ଆମର ମଧ୍ୟ ।

ଦ୍ୱିତୀୟ: ଏମ.ଫିଲ. କରୁଥିବା ସମୟର କଥା । ସେଦିନ ବମ୍ବେ ଯିବା ପାଇଁ ଟିକଟ କାଟିବାର ଥିଲା । ନୂଆ ନୂଆ କମ୍ପ୍ୟୁଟର ମାଧ୍ୟମରେ ଟିକଟ କାଟିବା ର ବ୍ୟବସ୍ଥା ଷ୍ଟେସନ ସାମ୍ନାର ଏକ ନୂଆ ପ୍ରାସାଦ ରେ କରାଯାଉଥାଏ । ସ୍ଲିପ୍ ଟିଏ ଧରି ଲାଇନରେ ଛିଡା ହେଇ ରହିଲି । ଦୁଇ ଜଣ ପୁଲିସ ବାଲା ବଡ ବଡ ବାଡି ଖଣ୍ଡେ ଲେଖା ଧରି ସିମେଣ୍ଟ ବେଞ୍ଚ ଉପରେ ବସି ଢୋଳାଉ ଥାଆନ୍ତି । ଲାଇନ ତା ସ୍ଥାନରୁ ବଢିବାର ନାଁ ନେଉ ନଥାଏ । ସାଇଡ ରୁ କିଛି ଦଲାଲ ଶ୍ରେଣୀୟ ଲୋକ ବାରମ୍ବାର ଟିକେଟ କାଟି ନେଇ ଚାଲୁଥାନ୍ତି । ଟିକଟ କାଟୁଥିବା କର୍ମଚାରୀ ଜଣକ ବଡ ଖୁସିରେ ସେମାନଙ୍କ ସହିତ ବାର୍ତ୍ତାଳାପ କରି ହସି ହସି କାର୍ଯ୍ୟବ୍ୟସ୍ତ ହେବାର ନାଟକ କରୁଥାଆନ୍ତି । ଲାଗୁଥିଲା ଯେମିତି ଲାଇନ ରେ ଛିଡା ହେବା ଲୋକଙ୍କ ପାଇଁ ନୁହେଁ, ଦଲାଲ ମାନଙ୍କ ପାଇଁ ତାଙ୍କର ନ୍ୟୁକ୍ତି କରାଯାଇଛି । ଦେହ ସହିଲାନି । ହୃଦୟ ଭିତରେ ବାଣୀବିହାର ନାମର ସ୍ମରଣ ଆସିଗଲା । ଆଗେଇ ଯାଇ କର୍ମଚାରୀ ଜଣଙ୍କୁ ପ୍ରଥମେ ଲାଇନ ପ୍ରତି ଧ୍ୟାନ ଦେବାକୁ ସତର୍କ କରେଇ ଦେଇ ଆସିଲି । କୁକୁର ଲାଞ୍ଜ ସିଧା ତ ହବାର ନଥିଲା । ଦଲାଲ କେତେଜଣ ମତେ ଘୁରିବାରେ ଲାଗିଲେ । ଢୋଳାଉ ଥିବା ପୁଲିସବାଲା ଙ୍କୁ ଉଠାଇ ପଚାରିଲି "ଏଠି କଣ ପାଇଁ ଅଛ ? ଶୋଇବା ଲାଗି ? ଯାଇ ଦେଖ, ସେଠି କଣ ଚାଲିଛି ।" ଦୁଇ ଜଣ ଉଠି ଟିକେ ଟିକଟ କାଉଣ୍ଟର ପାଖରୁ ବୁଲି ଆସିଲେ । ଲକ୍ଷ୍ୟ କଲି ଯେ କର୍ମଚାରୀ ଜଣକ ବାରମ୍ବାର ମୋତେ ଚାହୁଁ ଥାଆନ୍ତି ଆଉ ଟିକଟ କାଟିବାର ଗତି କମେଇ ଚାଲିଥାନ୍ତି । ମୋର ପାଳି ଆସିଲା ବେଳକୁ ମହାଶୟ ଘୋଷଣା କଲେ ଯେ "ଚାରିଟା ବାଜିଗଲା, ଆଉ ଟିକଟ କଟା ଯାଇ ପାରିବନି, କାଲି ଆସ ।" ଏତେ ସମୟ ଧରି ଭିତରେ ଯେଉଁ ଲାଭା ଟକ ଟକ ହେଉଥିଲା, ହଠାତ୍ ଉଦଗୀରଣ ହେଲା । କାଉଣ୍ଟର ଭିତରକୁ ହାତ ଗଳାଇ କୀ ବୋର୍ଡ ଉଠାଇ କର୍ମଚାରୀ ଜଣକ ଉପରକୁ ଫିଙ୍ଗି ପୁଲିସବାଲାଙ୍କ ଉପରେ ଗର୍ଜିବା ଆରମ୍ଭ କରିଦେଲି । ମୋର ଉଗ୍ର ରୂପ ଦେଖି ମୁଖ୍ୟ ପରିଚାଳକ ଆସି ପହଞ୍ଚିଲେ ଓ ସବୁ ଶୁଣି ମତେ ବୁଝାଇଲେ ଯେ "ଚାରିଟା ବାଜିବା ପରେ ଦିଲ୍ଲି ରୁ କନେକ୍ସନ କଟି ଯାଏ, ତେଣୁ ଆଜି କିଛି ହେଇ ହବନି, ଯାହା ହେବ କାଲି । "ମୁଁ କହିଲି ମୋର କିଛି ଭୁଲ ନ ଥାଇ କାଲି ପୁଣି ଥରେ ଲାଇନ ରେ କାହିଁକି ଛିଡା ହେବି ।" ସେ ମୋ ଠାରୁ ମୋ ସ୍ଲିପ ଟି ନେଇ ନିଜ ପାଖରେ ରଖିଲେ ଓ ପର ଦିନ ନିଜେ ଟିକଟ କଟାଇ ମତେ ଧରାଇଲେ ।

ସତ କହିବାକୁ ଗଲେ ବାଣୀବିହାର ଛାଡିବା ପରେ "ଆଗକୁ ମାଡି ଚାଲ, ପରେ ବିଚାର କରିବା" ସ୍ଥାନ ରେ "ବୁଝି ବିଚାରି ଆଗକୁ ଚାଲ" ବା "ହାତେ ମାପି ଚାଖଣ୍ଡେ ଚାଲ" ମନ୍ତ୍ର କୁ ଆପଣେଇ ନେଇ ଏମିତି ସବୁ ଦୁଃସାହସ କରିବା ପାଇଁ ବଳ କେବେ ଜୁଟାଇ ପାରି ନାହିଁ ।

# ସ୍ମୃତି ତୁମେ ମୋ ପ୍ରିୟ ବାଣୀବିହାର..

**ରୁନୁ ଦାଶ**
ଓଡ଼ିଆ ବିଭାଗ

ଏକ ସ୍ମୃତିର ଡୋରିରେ ବାନ୍ଧିଦେଇଥିଲ ଯାହା ଆଜି ବି ଜୀବନ୍ତ ...ଆଜି ବି କର୍ମବ୍ୟସ୍ତ ଜୀବନରେ ନିରୋଳାରେ ବସିଲେ ମନେପଡେ ୮୯ ବ୍ୟାଚ୍ ବାଣୀବିହାରର ୧ ନମ୍ବର ଛାତ୍ରୀ ନିବାସର କଥା ଓ ଯେଉଁଠି ଆମେ କେତେ ଜଣ ଘର ଠାରୁ ଦୂରରେ ରହୁଥିଲୁ ଓ ହେଲେ ଧୀରେ ଧୀରେ ସେ ସମ୍ପର୍କ ଏତେ ନିବିଡ ହୋଇଗଲା ଯେ ଆଜି ବି ପରସ୍ପର ଭିତରେ ବାନ୍ଧିହୋଇଯାଇଛୁ। ମନେପଡେ ସେଦିନ... ଯେତେବେଳେ ମାସିକ ଖର୍ଚ୍ଚ ନ ଆସିବା ଆଗରୁ ହଷ୍ଟେଲ ପାଖ କ୍ୟାଣ୍ଟିନରେ ପାର୍ଟିର ଯୋଜନା .... ମନେ ପଡେ ସେଦିନ ଶ୍ରେଣୀ କକ୍ଷରୁ ବାହାରି ଅବସର ସମୟରେ ଗୁପଚୁପ ଖାଇବାର ମଜା.... ମନେପଡେ ସେଦିନ ସମସ୍ତେ ମିଶି ଏକାଠି ମଜା କରିବା... ମନେପଡେ ସେଦିନ ଯେଉଁଠି ସବୁ ରାଗ, ରୁଷା, ଅଭିମାନ ଏକାଠି ହୋଇ ଭଲପାଇବାରେ ବଦଳିଯାଉଥିଲା ଓ ମନେପଡେ ସେଦିନ ଯେତେବେଳେ ସକାଳର କଅଁଳ ଖରାରେ ଚିର ସବୁଜିମା ଦେଖାଯାଉଥିବା ତୁମେ କିଭଳି ସମୟର ତାଳେ ତାଳେ ଚଳଚଞ୍ଚଳ ହୋଇ ଉଠୁଥିଲ କିଶୋର କିଶୋରୀଙ୍କ ଗହଣରେ। ସତରେ ସେ ସ୍ମୃତି ......ସେ ସମ୍ପର୍କ ନିଆରା। ଆଜି ବି ମନ ଖୋଜେ ତୁମକୁ ଅଳି କରିବାକୁ, ଟିକେ ଫେରେଇ ଆଣ ନା..ସେ ଦୁଇ ବର୍ଷକୁ, ସେ ଅତୀତକୁ ...ସେ ସ୍ମୃତିକୁ... ହେଲେ କବିଙ୍କ ଭାଷାରେ ସ୍ମୃତି କେବେ ଶୀତ ସକାଳର କଅଁଳ ଖରାର ତାତି ତ ଆଉ କେବେ ପାଉଁଶ ତଳର ନିଆଁ ..... ।

ଆଉ ଏଇ ସ୍ମୃତିର ଫେଣ୍ଟାଫେଣ୍ଟି ଚକ୍ରବ୍ୟୁହ ଭିତରେ ଯେମିତି ପ୍ରତିଧ୍ୱନିତ ହେଉଛି ‘ଏଇ ! ମୁଁ ସେଇ ସ୍ମୃତି ୮୯ ବାଣୀବିହାରର ....

ଦିନ ବିତିଯାଏ ... ସ୍ମୃତି ରହିଯାଏ ...ସମ୍ପର୍କ ଦୁଇ ବର୍ଷର, ମାତ୍ର ସ୍ମୃତି ଖାଲି ପଇଁତିରିଶ ବର୍ଷର ନୁହଁ କାଳକାଳର...

କେମିତି ଲେଖିବି....କଣ ଲେଖିବି ...କେଉଁଠୁ ଲେଖିବି ଭାବିବାବେଳକୁ ସମ୍ପର୍କର ସୂତାଗୁଡାକ ଯେମିତି ଅଡୁଆ ହାଇଯାଉଛି। ଗୋଟିଏ ଖିଅ ଯୋଡ଼ିଲାବେଳକୁ ଆରଗୁଡାକ ଯେମିତି କହୁଛନ୍ତି "ଆରେ, ଆମକୁ ତା ସମ୍ପର୍କ ର ସ୍ମୃତି ରେ ଗୁନ୍ଥିବାକୁ ଭୁଲିଯିବୁନି ତ....ସମ୍ପର୍କ ଆଉ ସ୍ମୃତି ଯେମିତି ଅତୁଟ ବନ୍ଧନ ରେ ବାନ୍ଧି ହୋଇ ରହିଛନ୍ତି ..

ସ୍ମୃତି ...ସତରେ ରୂପା ଜହ୍ନ ଟିଏ ..କେବଳ ଝଲସୁଛି..ଆଉ ସେ ଝଲକ ଭିତରେ ଉଙ୍କିମାରୁଛ ତୁମେ..ଆଉ ତୁମ କୋଳରେ ବିତିଥିବା ସେ ସୁନ୍ଦର ମୁହୂର୍ତ୍ତ ..ସବୁ ଅଜଣା ଅଚିହ୍ନା ବନ୍ଧୁ ବାନ୍ଧବୀଙ୍କୁ ଏକାଠି କରି ତୁମେ ଦେଇଥିଲ ଏମିତି ଏକ ଭଲ ପାଇବାର ମନ୍ତ୍ର ...ସବୁ ସମ୍ପର୍କ ଭିତରେ ବନ୍ଧୁତ୍ୱର ଦିବ୍ୟ ଶାଶ୍ୱତ ସମ୍ପର୍କ।

# ବାଣୀବିହାରରେ ରାମ ମିଶ୍ର

**ରାମକୃଷ୍ଣ ମିଶ୍ର**
ପରିସଂଖ୍ୟାନ ବିଭାଗ

ଚୁଡ଼ା ଛାପରୁ ବାହାରିପାରି ନଥିବା ଜୀବଟିଏ କେମିତି କେଜାଣି ରେଭେନ୍ସାର ଚାରି ବର୍ଷର ମିଠା ଖଟା ଅନୁଭବ ସହ ବାଣୀବିହାରରେ ପହଞ୍ଚିଥିଲା, ତାହା ବଖାଣି ବସିଲେ ଗ୍ରନ୍ଥଟିଏ ହେବ। ରେଭେନ୍ସାର ନାଲି କୋଠା, ପୂର୍ବ ଛାତ୍ରାବାସ ରହଣିକାଳର ମାଦକତା, ଆଦ୍ୟ ଯୌବନର ଉଦ୍ଦାମତା ଆଉ ସେତେବେଳର ଗପ କବିତାର ମୋହ....ଏବେ ବି ମନରେ ମିଠାପଣ ଆଣିଦିଏ। 'ସତ ସ୍ୱପ୍ନ କି ସ୍ୱପ୍ନ ସତ', ଏମିତି ଅନେକ ଅଦ୍ଭୁତ ଅଛିଣ୍ଡା ଅନୁଭବ ସହ କେମିତି ଭାବରେ ଗୋଟେ ଗାଉଁଲି ନାଲି ଚୁଡ଼ା ନିର୍ଯାସ ରାମ ମିଶ୍ର ବାଣୀବିହାରରେ ପହଞ୍ଚିଲା, ତାହାବି ରହସ୍ୟମୟ ଲାଗେ ଆଜି !

ଏମିତି ଭାବରେ ୧୯୮୭ ଆଦ୍ୟ ପର୍ବରେ ବାଣୀବିହାରରେ ରାମ ମିଶ୍ର ତା ନିଜର ଗୋଟିଏ ନିଜସ୍ୱ ଅବୟବ ସହ ଉପସ୍ଥିତି ଜାହିର କରିବା ଆରମ୍ଭ କରିବା ନିହାତି ସତ।

ପାଠ କମ୍। ସଂଘର୍ଷ ବେଶୀ। ସାହିତ୍ୟର ମୋହ, ପରିସଂଖ୍ୟାନ ବିଭାଗର ପାଠ। ନିଜ ଭିତରେ ବାରମ୍ବାର ହଜି ହଜାଉଥିବାର ଦ୍ୱନ୍ଦ୍ୱଭରା ମୁଁ, ରାମ ମିଶ୍ର ବାଣୀବିହାରରେ।

ପରିସଂଖ୍ୟାନ ବିଭାଗ। ନୂଆ ସାଙ୍ଗ, ରେଭେନ୍ସା ବାହାରର ସମସ୍ତେ ଜଣେ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ। ଗୋପବନ୍ଧୁ ଛାତ୍ରାବାସ ରୁ ବାଣୀବିହାର ଜୀବନ ଆରମ୍ଭ। ଅଦ୍ଭୁତ ଧୀଶକ୍ତିସମ୍ପନ୍ନ କେତେ ନୂଆ ଚେହେରା ଭିତରେ ମୁଁ ନାଲି ଚୁଡ଼ା, ନିଜ ଅସ୍ତିତ୍ୱ ଖୋଜି ପାଉ ନ ଥିବା ରାମ ମିଶ୍ର।

ହଜିଯାଉଥିବା ମୁଁ। କିଛି ଘନିଷ୍ଠ ବନ୍ଧୁମାନଙ୍କର ଭରସା ମୋତେ ବଳ ଦେଇଛି। ପରିସଂଖ୍ୟାନ ବାହାରେ ବି ବିଶାଳ ବନ୍ଧୁ ମଣ୍ଡଳ। ଟିଉସନ୍ ଆଉ କିଛି ବୃତ୍ତି ସମ୍ବଳ ସହ ପାଠପଢ଼ା ଏବଂ ଆଡ୍ଡା। ବେଶି ସାହିତ୍ୟ, କିନ୍ତୁ ପଛ ଧାଡ଼ିରୁ। ଏମିତିରେ ପ୍ରଥମ ବର୍ଷ ଶେଷ।

ବାଣୀବିହାରରେ ଦ୍ୱିତୀୟ ବର୍ଷ ଖୁବ୍ ରୋମାଞ୍ଚକର। ଗୋଦାବରୀଶ ଛାତ୍ରାବାସ ରୁମ୍ ନମ୍ବର ୯। ୧୯୮୮-୮୯। ପୂର୍ବ ବର୍ଷ ୧୯୮୭-୮୮ରେ ବାଣୀ ବିକାଶର ସମ୍ପାଦକ ପାଇଁ ନିର୍ବାଚନ ଲଢ଼ି ପରାଜିତ ହେଇଥିବା ଅଗ୍ରଜ ପ୍ରଫୁଲ୍ଲ ମିଶ୍ର ପରିସଂଖ୍ୟାନ ବିଭାଗର। ସେହି ଠାରୁ ଆରମ୍ଭ ହେଲା ସାଧାରଣତଃ ନିଜ ଭିତରେ ବଞ୍ଚୁଥିବା ରାମ ମିଶ୍ରର ନୂଆ ଏକ ପରିଚ୍ଛେଦ। କିଛି କବିତା, କିଛି ଗପ, କିଛି ସାହିତ୍ୟରେ ଆଗରୁ ନିଜର ଅନାବନା ସୃଷ୍ଟି, ଆଉ ପହଞ୍ଚ ଅପହଞ୍ଚ କେଉଁଠି କେମିତି କବିତା ପାଠୋତ୍ସବରେ ନିଜର ସ୍ୱଳ୍ପ ପରିଚୟ ଡିଆରିଥିବାରୁ ପ୍ରିୟ ବନ୍ଧୁମାନଙ୍କ ଆଦର ଓ ଆଗ୍ରହ ନେଇ ମୁଁ ନିର୍ବାଚନ ଲଢ଼ିଲି। ନିର୍ଦ୍ଦଳୀୟ। ଜିତିଲି, ବହୁତ ବ୍ୟବଧାନରେ ବନ୍ଧୁ ପ୍ରଦୀପ୍ତ ସାହୁଙ୍କ ଠାରୁ, ଯିଏ ଅତ୍ୟନ୍ତ ପ୍ରିୟ, ପ୍ରତିଷ୍ଠାସମ୍ପନ୍ନ, ହାତ ଗଣତି ଆଗଧାଡ଼ିର ଛାମୁଆଁ ସାହିତ୍ୟକାର ଛାତ୍ର ଭାବେ ସେତେବେଳେ ନାଁ କରିସାରିଥିଲେ।

ପାଠ ର ଚାପ, ପରିବାରର ବିଶ୍ୱାସ, ସକ୍ରିୟ ନିର୍ବାଚନରେ ଭାଗ ନେବା; ସବୁ ସହଜ ହୋଇଯାଇଥିଲା ଏଇ ବାଣୀବିହାରର ବନ୍ଧୁମାନଙ୍କ ପାଇଁ। ବନ୍ଧୁ ମାନଙ୍କ ନାଁ ନେଲେ କଥା ସରିବନି। ନ ନେଲେ ବି କଥା ଅଧା ରହିଯିବ। ନିର୍ବାଚନ ସମୟରେ ପ୍ରଶ୍ନ ଥିଲା ରାମ ମିଶ୍ର କ'ଣ ଓଡ଼ିଆ କି ଇଂରେଜୀର ଛାତ୍ର ନୁହେଁ? ଏମିତି ଅନେକ ଅବିଶ୍ୱସନୀୟ ବିଶ୍ୱାସ ଭିତରେ ଶୁଖିଲା ପାଠ ପରିସଂଖ୍ୟାନ ରାମ ମିଶ୍ରକୁ ପରିଚୟ ଦେଲା। ପୁଅ ସାଙ୍ଗ ଯେତେ ଝିଅ ସାଙ୍ଗ ବି ସେତେ। ସାଙ୍ଗମାନଙ୍କ ନାଁ ନେଲେ କାହା ନାଁ ନେବି ଅବା! କିଛି ପ୍ରିୟ ବନ୍ଧୁ ଯା ଭିତରେ ଆକାଶର ତାରା ହେଇଗଲେଣି। କିଛି ହୁଏତ ଚେହେରା ସତ ନାଁ ମିଛ, ନାଁ ସତ ଚେହେରା ମିଛ ପରିସର ଭୁକ୍ତ, କିନ୍ତୁ ଗଣେଶ ମନ୍ଦିର ସହ ଯୋଡ଼ି ହୋଇ ରହିଥିବା ଏବେର ଭିଭି-୮୯ ବନ୍ଧୁସବୁ ଏବେର ମା ପରିବାର। ଆବାକାବା ଭାବରେ ବିଭୋର ମୁଁ ରାମ ମିଶ୍ର।

'ବାଣୀ ବିକାଶ' ର ସଂପାଦକ, ୧୯୮୮-୮୯। ପୃଥ୍ୱୀରାଜ ସଭାପତି, ବିଚିତ୍ର ସଂପାଦକ, ସଂଜୟ ଚଟ୍ଟର କ୍ରୀଡା ସଂପାଦକ, ରାମ ମିଶ୍ର ବାଣୀ ବିକାଶର ସଂପାଦକ।

ଲେଖିବା ପଢିବା ଅଲଗା କଥା, ସଂପାଦନା ଅଲଗା । ସେଥିରେ ପୁଣି ଟିଉସନ୍ କରିବା ଓ ନିଜ ପାଠ ତଥା ପରୀକ୍ଷା ପାଇଁ ପ୍ରସ୍ତୁତି । ପ୍ରତି ସନ୍ଧ୍ୟାରେ ୨-୩ ଘଣ୍ଟା ପ୍ରେସ୍‌ରେ ।

ପଦ୍ମଭୂଷଣ ପୂଜନୀୟ ମନୋଜ ଦାସଙ୍କ ସହ ସାକ୍ଷାତକାର ଏବେ ବି ରୋମାଞ୍ଚ ଆଣେ । ବନ୍ଧୁ ରଜତ ମିଶ୍ର, ଆଦ୍ୟ ତ୍ରିପାଠୀ ଏବଂ ଆଉ କିଛି ଅନ୍ତରଙ୍ଗ ସାଙ୍ଗ ଙ୍କୁ ନେଇ ଏହି ଅସାଧାରଣ ଜୀବନ୍ତ ଈଶ୍ୱରଙ୍କ ସହ ବିତେଇଥିବା ସମୟ ଅଦ୍ଭୁତ ଥିଲା । ଭିନ୍ନ ଏକ ଈଶ୍ୱର(ମନୋଜ ଦାସ)ଙ୍କ 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ', 'କନକ ଉପତ୍ୟକାର କାହାଣୀ', 'ତନ୍ଦ୍ରାଲୋକର ପ୍ରହରୀ', 'ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ, 'ଅମୃତ ଫଳ', 'ମନୋଜ ଦାସଙ୍କ କଥା ଓ କାହାଣୀ, 'ଗୋଧୂଳି ରବାଘ', 'ଆରଣ୍ୟକ' ଆଦି ଗଳ୍ପ ଓ ଉପନ୍ୟାସ ସାରାଂଶ ତାଙ୍କ ଠାରୁ ଶୁଣିବା ବୁଝିବାର ଆବାକାବା ମୂହୁର୍ତ୍ତସବୁ ମାନସ ପଟରେ ହୃଦ ପୃଥିବୀରେ ଛାଇଯାଇଛି ଚଉଦିଗରୁ ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ପ୍ରଖ୍ୟାତ କବି ଶ୍ରୀଯୁକ୍ତ ସୌରୀନ୍ଦ୍ର ବାରିକ୍ (ଆକାଶ ପରି ନିବିଡ଼) ମହୋଦୟଙ୍କ ସହ ସାକ୍ଷାତକାର ଏବଂ ପ୍ରସାର ଭାରତୀର ପ୍ରଥମ ଅଧକ୍ଷ , ପ୍ରଖ୍ୟାତ ସାହିତ୍ୟିକାର ପଦ୍ମଭୂଷଣ ଶ୍ରୀଯୁକ୍ତ କର୍ତ୍ତାର ସିଂ ଦୁଗ୍ଗଲଙ୍କ ସହ ସାକ୍ଷାତକାର ବି ଅବିସ୍ମରଣୀୟ । ବାଣୀ ବିକାଶର ସମ୍ପାଦକ ଭାବରେ ପ୍ରଖ୍ୟାତ ସାହିତ୍ୟକାର ଫତୁରାନନ୍ଦଙ୍କ ସହ ଭେଟ, ବାଣୀ ବିକାଶର ଉନ୍ମୋଚନ ଭୁଲିପାରିବିନି ।

ଏସବୁ ଭିତରେ ମୁଁ ନିଜକୁ ବାରମ୍ବାର ହଜେଇ ପାଉଛି ଆଜି ଯାଏଁ । ରେଭେନ୍ସା ମତେ ଦୁନିଆ ଦେଖେଇଛି । ବାଣୀବିହାର ମତେ ଦୁନିଆ କଣ( ?) ବୁଝେଇଛି । ବାଣୀବିହାର ଯେମିତି ମୋ ପୃଥିବୀ !!

ବାଣୀବିହାରରେ ବିନ୍ଦାସ୍ ଜୀବନ ଜିଇଁବା, ରାତି ଅନିଦ୍ରା ରହି ଅଛିଣ୍ଡା ପାଠର ସୂତ୍ର ଖୋଜିବା, ମଧୁ, ସିଂ ହୋଟେଲ ଠୁ଼ ଆରମ୍ଭ କରି ଗ୍ଲାସ୍, ସେଣ୍ଟ୍ରାଲ କ୍ୟାଣ୍ଟିନ୍‌ରେ ମସ୍ତି, ଅତି ସୁବିଧାରେ ଥିଲେ ପାଣିଟାଙ୍କି ମାର୍କେଟ କମ୍ପ୍ଲେକ୍ସରେ ସନ୍ଧ୍ୟା ବିତେଇବା ସହ କୁନ୍ତଳାକୁମାରୀ ଓ ରମାଦେବୀ ଛାତ୍ରୀନିବାସ ଆଡ଼କୁ ଚୋରା ନଜର ବୁଲେଇଆଣିବାର ସେ ସମୟ ସବୁ ଏବେ ବି ମନରେ ଉଦ୍ଦୀପନା ଜଗାଏ ।

ସମୟ ସରି ଆସୁଥାଏ । ପରୀକ୍ଷା ସମୟ । କେମିତି କେଜାଣି ପରୀକ୍ଷା ବି ସରିଲା । ଫଳ ବାହାରିଲା । ସବୁ ସନ୍ଦେହ ଦ୍ୱନ୍ଦ୍ୱ ଦୂର ହେଲା ନିଜର ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଫଳାଫଳ । କିଛି ଛୋଟ ମୋଟ ଚାକିରି ଭିତରେ ପୁଣି ବାଣୀ ବିହାରରେ ଏମ୍.ବି.ଏ ପାଠ୍ୟକ୍ରମରେ ଦାଖିଲା ସହ ଆଉ ଦୁଇ ବର୍ଷର ରହଣି । ସେ ଆଉ ଏକ କାହାଣୀ । ଚାକିରି ଆରମ୍ଭ । କଲିକତାରୁ ଭୁବନେଶ୍ୱର ଆସି ଏମ୍.ବି.ଏ ପରୀକ୍ଷା ଦେବା ଓ ବାଣୀବିହାର ଛାଡ଼ିବା । କିନ୍ତୁ, ୧୯୮୭-୮୯ ବାଣୀବିହାରର ସେ ମହକ ନଥିଲା, ସେ ମାଦକତା ନ ଥିଲା, ସେ ଅଙ୍ଗୀକାରବଦ୍ଧତା ନଥିଲା ୧୯୮୯-୯୧ ବେଳକୁ । ୧୯୮୭-୮୯ ମତେ ଜୀବନ ଦେଇଛି, ଜୀବିକାର ବାଟ ଦେଖେଇଛି, ସାଙ୍ଗ ସାଥୀ ସହାଦର ଦେଇଛି, ଜୀଇଁବାର ରାସ୍ତା ସୁଗମ କରେଇଛି ।

ବାଣୀବିହାରରୁ ପ୍ରେମ କଣ ଜାଣିଲି, ବିଶାଳ ବନ୍ଧୁ ପରିବାରରେ ସାମିଲ ହେଲି, ବିଷୟ ବୃତ୍ତି ବାହାରେ ଭିଭି-୮୯ ବଟବୃକ୍ଷର ଛାଇରେ ଜୀବନର ମହୁ ସାଉଁଟିବାର ରାହା ଖୋଜି ପାଇଲି । ବାଣୀବିହାର । ଦର୍ପଣ ସାମ୍ନାରେ ନିଜ ଉଲଗ୍ନ ଚେହେରା ଦେଖି ଡରି ନଯିବାର ନିର୍ଭର ପ୍ରତିଶ୍ରୁତି ଆଉ ପ୍ରତିବଦ୍ଧତା ବାଣୀବିହାର ହିଁ ଶିଖେଇଛି ମତେ ।

# Horn of Plenty and Silence of Prosperity (Kamadhenu)

**Rasananda Munda**
Dept. of English

In classical antiquity, the horn of plenty or cornucopia symbolized abundance and nourishment. Its origins began with the story of the birth and nourishment of baby Zeus (the sky and thunder god of the Greeks) who was hidden from his devouring father Kronus in a cave on Mount Ida on the island of Crete. One of his attendants was a goat named Almathea which means "nourishing goddess." She fed him her milk and kept him strong and nourished. But one day, this future king of the gods was playing with Almathea and accidentally broke off one of her horns with his super strength. But Zeus also has unusual abilities and the broken-off horn was was touched with divine power that provided never-ending nourishment.

In Oriental context Kamadhenu is a mythological cow that symbolizes source unending prosperity. It can be better coined as Silence of Prosperity bcuz the cow is comparatively a silent innocuous animal than others. And it has a symbol of great value in Indian culture.

**My Cow :**

In between Graduation and PG, I probably spent a considerably lengthy period in my village .... maybe 6 months during cillege days.i.e. 1987. I wouldn't generally mix up well with friends in village and mostly prefer household chores.During that period we had a country (&G6@) cow that had given birth to a baby calf. But that cow was too wild (–2G).Anybody in my family could hardly control it after it comes back home after grazing in the evening. It would rush into any room in search or barge into anybody's yard or field as if it was ever hungry.

As you know country cows donot yield much milk, yet that cow was so lovable. My daily routine was to cut extra grass and feed her and milch her and play around with the cute calf. It was really funny.

Next thing was cultivating crops. During those days earth in crop fields used to be fertile due to the presence of large number of cows in everyone's household in villages. Cowdung was the main source of organic fertilizer. And every year they used to grow maize and bazra in backyard fields.

What I did that year, inside the maize crops I planted barbatti saplings all around and gave chemical fertilizer alongwith organic.

After somedays PG classes started in Vani Vihar and I left village. I forgot what I did. And Lo ! There was bumper produce of barbatti that year and .... so much so that they had no option but to go out and sell in the market.

It is always pleasurable remembering all those glorious days of childhood and adolescence that passed away in hoary zone of silent past in our lives, but feels as if it was yesterday.

Yet, what inspires a man most is his silent past than the ever elusive noisy future. Wading through the crowd of busy world has never been easy unless empowered and ignited by the Silent past of prosperity that can't be compared with hollow world of materialism. Celebrating our cultural functions maybe sparse events signifying and reminding ourselves those never-returning glorious days.

If we carry in mind with us our precious things of the past, it would perhaps never allow us to go astray and would rather inspire for better and better and build up the mental resilience and resolution to conquer.In true sense, that's our Kamadhenu.

# ଗୋଟିଏ ଦେଶ – ଦୁଇଟି ନାମ !

**ରାଜବଲ୍ଲଭ କର**
ଅର୍ଥନୀତି ବିଭାଗ

ସାରା ବଶ୍ୱ ଆମ ଦେଶକୁ "India" ନାମରେ ଜାଣିଛି । ପୃଥିବୀ ମାନଚିତ୍ରରେ "India" ଅଛି, ''ଭାରତ'' ନାହିଁ । କୌଣସି ବିଦେଶୀ 'ଭାରତ' ନାମରେ ଏହି ଦେଶକୁ ଜାଣନ୍ତି କି ? ଏହା ଏକ ବିଡମ୍ବନା ଓ ବିସ୍ମୟ ଯେ ବିଦେଶୀ ଦେଇଥିବା ନାମ ମାଧ୍ୟମରେ ବିଶ୍ୱରେ ଆମର ପରିଚୟ । ''ଭାରତ'' ନାମ ମଧ୍ୟରେ ରହିଛି – ଆମର ଗୌରବମୟ ଇତିହାସ । ସଂସ୍କୃତ ଭାଷାରେ ''ଭାରତ'' ଶବ୍ଦର ଅନେକ ଅର୍ଥ ରହିଛି । ଏହା ମଧ୍ୟରେ ଗୋଟିଏ ଅର୍ଥ ହେଉଛି –''ଯିଏ ଜ୍ଞାନର ଅନ୍ୱେଷଣରେ ଅଛି'', ଅର୍ଥାତ ଏ ହେଉଛି ସେଇ ଦେଶ, ଯେଉଁଠି ଜ୍ଞାନର ଅନ୍ୱେଷଣ କରାଯାଏ । ବହୁ ପ୍ରାଚୀନ କାଳରେ ଆମର ଦେଶର ନାମ ''ଭାରତବର୍ଷ'' ଥିଲା । ଭାରତବର୍ଷ, ଅର୍ଥାତ ଭରତଙ୍କ ରାଜ୍ୟ (Land of Bharat) । ହସ୍ତିନାପୁରର ରାଜା ଦୁଷ୍ମନ୍ତ ଓ ରାଣୀ ଶକୁନ୍ତଳାଙ୍କ ପୁତ୍ର ଚକ୍ରବର୍ତ୍ତୀ ସମ୍ରାଟ ଭରତଙ୍କ ନାମରୁ ଦେଶର ନାମ ''ଭାରତ'' ହୋଇଛି । ସେ କୌରବ ଓ ପାଣ୍ଡବମାନଙ୍କ ପୂର୍ବଜ ଥିଲେ । ସେ ଏକ ଦର୍ଦ୍ଧର୍ଷ କ୍ଷତ୍ରିୟ ଥିଲେ, ଯିଏ ରାଜ୍ୟ ପରେ ରାଜ୍ୟ ଜୟ କରି ଏକ ବୃହତ ଅଞ୍ଚଳକୁ ଶାସନାଧୀନ କରିପାରିଥିଲେ । ତାଙ୍କ ଶାସିତ ସାମ୍ରାଜ୍ୟ ମଧ୍ୟରେ ଆଜିର ପାକିସ୍ଥାନ, ଆଫଗାନିସ୍ତାନ, ବଙ୍ଗଳାଦେଶ, ବର୍ମା (ବ୍ରହ୍ମ ଦେଶ), ନେପାଳ, ତିବ୍ବତ ଆଦି ଅନ୍ତର୍ଭୁକ୍ତ ଥିଲା ।

ମହାଭାରତରେ ଆମ ମାତୃଭୂମିକୁ ଭାରତବର୍ଷ ବୋଲି କୁହାଯାଇଛି । ପୁରାଣ ଏବଂ ଗୀତା ପରି ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ଦେଶର ନାମ ''ଭାରତ'' ବୋଲି ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣରେ ଦେଶର ସୀମା ବିଷୟରେ ମଧ୍ୟ ଉଲ୍ଲେଖ ରହିଛି, – ''ମହାସାଗରର ଉତ୍ତରରେ ଏବଂ ବରଫାବୃତ୍ତ ପର୍ବତର ଦକ୍ଷିଣରେ ଅବସ୍ଥିତ ଦେଶ ହେଉଛି ଭାରତ, ଯେଉଁଠି ଭରତଙ୍କ ବଂଶଧର ବାସ କରନ୍ତି'' । ଏତତବ୍ୟତୀତ ଭାରତର ଅନ୍ୟ ଦୁଇଟି ପ୍ରାଚୀନ ନାମ ହେଉଛି – ଜମ୍ବୁଦ୍ୱୀପ ଓ ଆର୍ଯ୍ୟାବ୍ରତ ।

ବର୍ତ୍ତମାନର ନାମ India, ଭାରତର ଉତ୍ତର-ପଶ୍ଚିମର ପ୍ରବାହିତ ନଦୀ ସିନ୍ଧୁରୁ ଆସିଛି । ପାରସ୍ୟର ଲୋକେ ଏହି ନଦୀକୁ ''ହିନ୍ଦୁ'' ଏବଂ ଗ୍ରୀକମାନେ ''ଇନ୍ଦୁ'' ବୋଲି ଉଚ୍ଚାରଣ କରୁଥିଲେ । ପ୍ରଥମ କରି ଭାରତର ନାମକରଣରେ ''ଇଣ୍ଡିଆ''ର ବ୍ୟବହାର ହୋଇଛି ୫ମ ଶତାବ୍ଦୀରେ କିଙ୍ଗ ଆଲଫ୍ରେଡଙ୍କ ଇଂରାଜୀରେ ଲିଖିତ ବିଶ୍ୱ ଘଟଣାର ଇତିହାସ ସନ୍ଦର୍ଭରେ । ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ ପାରସ୍ୟମାନେ ସିନ୍ଧୁ ଉପତ୍ୟକା ଦଖଲ କଲାବେଳେ ପ୍ରଥମେ ହିନ୍ଦୁସ୍ତାନ ଶବ୍ଦ ବ୍ୟବହାର କରିଥିଲେ, ଯାହାର ଅର୍ଥ – ହିନ୍ଦୁମାନଙ୍କର ଭୂମି ମୋଗଲ ଶାସନ ସମୟରେ ଆମର ଦେଶକୁ ହିନ୍ଦୁସ୍ତାନ ବୋଲି କୁହାଯାଉଥିଲା ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ ବ୍ରିଟିଶ ମାନଚିତ୍ରଗୁଡ଼ିକ ରେ ଅଧିକରୁ ଅଧିକ 'ଇଣ୍ଡିଆ' ଶବ୍ଦ ବ୍ୟବହାର ହେଲା । ଅଗଷ୍ଟ ୧୮୫୮ରେ, ବ୍ରିଟିଶ ସଂସଦ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରୁ ବ୍ରିଟିଶ ରାଣୀଙ୍କୁ ଶାସନଭାର ହସ୍ତାନ୍ତର ପାଇଁ ''Government of India Act" ପାସ କରାଗଲା, ଫଳସ୍ୱରୂପ ଆମର ଦେଶର ସରକାରୀ ନାମ ହେଲା, India । ପୁଣି Indian Independence Act, ୧୯୪୭ ଦ୍ୱାରା ଆମେ ସ୍ୱାଧୀନତା ପାଇଲେ ସତ, କିନ୍ତୁ 'ଭାରତ' ନିଜର ଅସ୍ତିତ୍ୱ ହରାଇଲା ।

ସ୍ୱାଧୀନତା ସଂଗ୍ରାମ ସମୟରେ – ''ଭାରତ ମାତା କି ଜୟ'', ଏବେ ମଧ୍ୟ ଜାତୀୟତାର ମନ୍ତ୍ର ଭାବରେ ସମସ୍ତଙ୍କୁ ପ୍ରେରିତ କରିଥାଏ । ଏହା ସତ୍ତ୍ୱେ, ଆମ ସମ୍ବିଧାନର ମୁଖବନ୍ଧରେ ଲେଖା ହେଲା – "We the people of India" । ସମ୍ବିଧାନର ଧାରା (୧)ରେ ଦେଶର ନାମ "India, that is Bharat" ବୋଲି କୁହାଯାଇଛି । ଅତ୍ୟନ୍ତ କ୍ଷୋଭର କଥା, ଦେଶର ମୂଳ ନାମ 'ଭାରତ'କୁ 'ଇଣ୍ଡିଆ'ର ଏକ ସହଯୋଗୀ ବା ସହାୟକ ନାମ ଭାବେ ଉଲ୍ଲେଖ କରାଯାଇଛି । ଫଳସ୍ୱରୂପ, 'ଭାରତର ସମ୍ବିଧାନ' 'ଇଣ୍ଡିଆର ସମ୍ବିଧାନ'ହୋଇଗଲା;

ଏବଂ ସର୍ବତ୍ର 'ଇଣ୍ଡିଆ' ଶବ୍ଦର ବହୁଳ ବ୍ୟବହାର ଫଳରେ ''ଭାରତ'' ନାମ ଗୌଣ ହୋଇ ପଡିଛି ।

ଏହି ପ୍ରରିପ୍ରେକ୍ଷୀରେ ଜାମାଇକାର କୃଷ୍ଣକାୟ ଜାତୀୟବାଦୀ ନେତା ମାର୍କ୍ସ ଗାର୍ଭିଙ୍କ ଏକ ବକ୍ତବ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ - "People without the knowledge of their past history, origin & culture are like a tree without roots." ।

କୌଣସି ଦେଶକୁ ନ୍ୟୂନ କରି ଦେଖାଇବା ପାଇଁ ଏହାର ନାମ ପରିବର୍ତ୍ତନ ଏକ ପ୍ରଚ୍ଛନ୍ନ ପ୍ରୟାସ । ଇଂରାଜୀ ଉପନିବେଶକାରୀଙ୍କ ଦ୍ୱାରା ଦିଆ ଯାଇଥିବା ନାମ 'ଇଣ୍ଡିଆ' ଦାସତ୍ୱର ପ୍ରତୀକ, ଏବଂ ଏହା ଭାରତ ଲୋକଙ୍କ ଭାବନା ଓ ଆତ୍ମସମ୍ମାନକୁ ଆଘାତ ଦେଇଥାଏ । ସ୍ୱାଧୀନତା ଠାରୁ ଅଦ୍ୟାବଧି 'ଇଣ୍ଡିଆ' ଶବ୍ଦର ନିରନ୍ତର ବ୍ୟବହାର କେବଳ ଲଜ୍ଜାଜନକ ନୁହେଁ, ବରଂ ଜାତୀୟତା ବିରୋଧୀ । ବ୍ରିଟିଶ ଭେଦାଭେଦ ଶାସନର ଏହା ଏକ ନମୁନା । ବ୍ରିଟିଶ ସରକାର ଆମ ଦେଶର ପ୍ରକୃତ ନାମକୁ ବ୍ୟବହାର ନକରି ଏକ ଅପଭ୍ରଂଶ ନାମକୁ ବ୍ୟବହାର କରିବା ଉପନିବେଶବାଦୀଙ୍କ ଏକ ଗୂଢ ଅଭିସନ୍ଧି । ପୃଥିବୀର ଅନେକ ଦେଶ ସ୍ୱାଧୀନତା ସମୟରେ କିମ୍ବା ତା'ପରେ ସେମାନଙ୍କର ମୂଳ ନାମକୁ ପୁନଃ ପ୍ରତିଷ୍ଠା କରିଛନ୍ତି, ଯେପରିକି - 'ସିଲନ୍' ରୁ 'ଶ୍ରୀଲଙ୍କା', 'ଡଚ୍ ଗୁଏନା' ରୁ 'ସୁରିନାମ୍', ଗୋଲ୍ଡ କୋଷ୍ଟରୁ 'ଘାନା', କଙ୍ଗୋରୁ 'ଜାୟେର', ଜାଞ୍ଜିବର ରୁ 'ତାନଜାନିଆ', ଫର୍ମୋଜାରୁ 'ତାଇ'ୱାନ', ସିଆମରୁ 'ଥାଇଲ୍ୟାଣ୍ଡ', ବର୍ମାରୁ 'ମିଆଁମାର' ଆଦି ଅନେକ । ଏଥିରେ ସେ ଦେଶର ସ୍ୱାଭିମାନର ପରିପ୍ରକାଶ ଘଟିଛି । ଏହା ଆମ ପାଇଁ ଏକ ଏକ ଉଦାହରଣ ।

ବର୍ତ୍ତମାନ ଆମ ଦେଶ ପାଇଁ ୩ଟି ନାମର ପ୍ରଚଳନ ଲକ୍ଷ୍ୟ କରାଯାଏ, ଯଥା - ଇଣ୍ଡିଆ, ଭାରତ ଏବଂ ହିନ୍ଦୁସ୍ତାନ । ଏସବୁର ରାଜନୀତିକ ଦୃଷ୍ଟିକୋଣରୁ ବ୍ୟବହାର କରି ଅଦ୍ଭୁତ ଅର୍ଥ ପ୍ରକାଶ କରିଥାନ୍ତି । ଅନେକ ଇଣ୍ଡିଆକୁ ବିକାଶଶୀଳତାର ପ୍ରତୀକ ଭାବରେ ନେଉଥିବା ବେଳେ ଭାରତକୁ ଅବହେଳିତ, ପଛୁଆର ପ୍ରତୀକ ଭାବରେ ଉପସ୍ଥାପନ କରିଥାନ୍ତି । ହିନ୍ଦୁସ୍ତାନ ଶବ୍ଦ ବ୍ୟବହାର କରି ଦେଶରେ ଅସ୍ଥିରତା ପରିସ୍ଥିତିର ଅବତାରଣା କରନ୍ତି ।

ଆମ ଦେଶର ଅନେକ ସହରର ନାମ ପରିବର୍ତନ କରାଯାଇଛି, ଯଥା - ମାଡ୍ରାସ, ବମ୍ବେ, କୋଲକାତା, ବରୋଦା, ବାଙ୍ଗାଲୋର, ଗୁରଗାଁଓ, 'ଲଟିଏର, କାଲିକଟ ଆଦି ଅନେକ । ଏସବୁ ସହରର ପୁନଃ ନାମକରଣ ହେଇ ପାରିଥିଲା ବେଳେ ଦେଶର ଏକ ନାମକରଣ କାହିଁକି ହୋଇ ନପାରିବ ? ଖୁଶିର କଥା, ୨୦୧୧ ମସିହାରେ ''Orissa'' କୁ ପରିବର୍ତ୍ତନ କରାଯାଇ ''Odisha'' କରାଯାଇଛି । ଏଥିଯୋଗୁ ''ଓଡିଶା'' ଶବ୍ଦର ବିକୃତ ଉଚାରଣରୁ ନିବାରଣ ମିଳିଛି । ଦେଶ ଭିତରେ ଆମେ ସମସ୍ତେ ''ଭାରତ''ବୋଲି କହିଥାଉ, India ବୋଲି କହିବା ଓ ଶୁଣିବା ପ୍ରାୟ ନାହିଁ । ଦେଶ ଭିତରେ ଗୋଟେ ନାମ, ଦେଶ ବାହାରେ ଆଉ ଗୋଟେ ନାମ – ଏ ତ ବଡ ଅଦ୍ଭୁତ । ତେଣୁ, 'ସଂସଦ' ଏବଂ 'କେନ୍ଦ୍ର ସରକାର' ସମ୍ବିଧାନର ଧାରା (୧)କୁ ପରିବର୍ତନ କରି, ଦେଶର ନାମକୁ କେବଳ 'ଭାରତ'' ବାଲି ନାମିତ କରି, ଜାତୀୟତାର ଭାବଧାରାକୁ ଆଗେଇନେବା ପାଇଁ ପଦକ୍ଷେପ ଏକାନ୍ତ ଆବଶ୍ୟକ । ଏହା ଦ୍ୱାରା ସାରା ପୃଥିବୀରେ ''ଭାରତ'' ନାମ ମାଧ୍ୟମରେ ପରିଚୟ ସୃଷ୍ଟି ହୋଇପାରିବ । ଇଂରାଜୀ ନାମର ଅପସାରଣ ଏକ ସାଙ୍କେତିକ ପଦକ୍ଷେପ ହେଲେ ମଧ୍ୟ, ଏହା ଦେଶବାସୀଙ୍କ ମନରେ ଏକ ନବଜାଗରଣ ସୃଷ୍ଟି କରିବା ସହ ଭବିଷ୍ୟତ ପିଢୀକୁ ଦେଶର ଇତିହାସ ସହ ଯୋଡି ଜାତୀୟତାର ବିକାଶରେ ସହାୟକ ହୋଇ ପାରିବ ।

# ମୂର୍ଖାମିର ପରିଣାମ

**ଲକ୍ଷ୍ମୀ ପଣ୍ଡା**
ସଂସ୍କୃତ ବିଭାଗ

ବାତ୍ୟା "ଦାନା" ପାଇଁ ସମସ୍ତ ପ୍ରକାର ସରକାରୀ ପ୍ରସ୍ତୁତି ପରେ ନିଜର କମକ୍ଳାନ୍ତ ଅବଶ ଶରୀରଟାକୁ ବିଛଣାରେ ଲୋଟାଇଦେଇ ଝରକାକୁ ଚାହିଁ ଭାବୁଥିଲା ତା ବ୍ୟକ୍ତିଗତ ଜୀବନରେ ଆସିଥିବା ଅନେକ ବାତ୍ୟାକୁ ବିନା ପ୍ରସ୍ତୁତିରେ କେମିତି ସାମ୍ନା କରି କରି ଥକି ପଡିଛି ।

୧୯୬୭ ମସିହାରେ କେଉଁ ଏକ ନିକଟ ମଫସଲ (ଯେଉଁ ଗାଁକୁ ଯିବା ପାଇଁ ଆଜି ଯାଏଁ ବି ଭଲ ପିଚୁ ରାସ୍ତାଟିଏ ହୋଇ ନାହିଁ) ରେ କାର୍ତ୍ତିକ ମାସ ବଡ ଓଷା ଦିନରେ ତାର ଜନ୍ମ, ବୋଧହୁଏ ସେ ଦିନ ଗୁରୁବାର ଥିଲା ବୋଲି କିମ୍ବା ଅଜାମିଳ ଭଳି ଶେଷ ସମୟରେ ଠାକୁରଙ୍କ ନା ଡାକିଦେଲେ ସବୁ ପାପ କ୍ଷୟ ହୋଇଯିବ ଭାବି ବାପା ବୋଉ ସେହିଭଳି ନାଁଟିଏ ଦେଇଥିଲେ । ଯେହେତୁ ବାପା ରାଜ୍ୟ ବାହାରେ ଚାକିରି କରୁଥିଲେ, ସେ ଦଶମ ଶ୍ରେଣୀ ଯାଏଁ ସେହି ନିପଟ ମଫସଲରେ ରହି ପାଠ ପଢୁଥିଲା । ଘରେ ଛଅ ଭାଇ ଭଉଣୀ, ଚାଷବାସ ଦେଖାଶୁଣା କରିବାକୁ ଦୁଇ ଜଣ ମାମୁ ଓ ତାଙ୍କ ସହିତ ଦୁଇ ଜଣ ଚଷା ପୁଅ, ଏହି ଭଳି ୧୦/୧୧ ଜଣଙ୍କ ପାଇଁ ଘର କାମରେ ମାଆଙ୍କୁ ସାହାଯ୍ୟ କରିବା ଓ ରୋଷେଇ ବାସ ପ୍ରଭୃତି ଘର କାମ କରି କରି ତାର ଦିନ ସରିଯାଉଥିଲା । ବିଲ୍‌କୁଲ୍ ଦସ୍ତଖତ କରି ଜାଣି ନ ଥିବା ତା ବୋଉ ଭାବୁଥିଲା ସ୍କୁଲ୍ ରେ ଯେତିକି ସମୟ ରହୁଛି ସେତିକି ସମୟ ହିଁ ପାଠପଢା ସମୟ, ବାକି ଅନ୍ୟ ସମୟ କେବଳ ଘର କାମ କରିବା ତାର ପ୍ରଥମ ଦାୟିତ୍ୱ । ଘରେ ଯଦିଓ ସେତେବେଳେ ସମୟର ବଡ ଡାବଲ ରେଡିଓଟିଏ ଥିଲା, କିନ୍ତୁ ସମ୍ବାଦ ଶୁଣିବା ଦୂରର କଥା ରେଡିଓକୁ ଚାହିଁବାକୁ ଡର ଲାଗୁଥିଲା । ସେ ସମୟରେ ସେଭଳି ଗାଁରେ ଖବର କାଗଜ ପଢିବା ସ୍ୱପ୍ନ ଥିଲା । ସେ କି ପାଠ ପଢୁଥିଲା କେଜାଣି ମେଟ୍ରିକ୍ ପାସ୍ କରିବ ବୋଲି ଭାବି ନ ଥିଲା, ଯେଉଁ ଦିନ ଭଲ ନମ୍ବର ରଖି ମେଟ୍ରିକ୍ ପାସ୍ କରିଛି ବୋଲି ଭାଇମାନଙ୍କ ଠାରୁ ଜାଣିଲା ଓ ଶୈଳବାଳାରେ ପଢିବା ପାଇଁ ବାପା ଭାଇ କଥା ହେଉଥିବାର ଶୁଣିଲା, ସେଦିନ ରାତି ସାରା ତାକୁ ନିଦ ହୋଇ ନ ଥିଲା ।

ସ୍ପଷ୍ଟ ମନେଅଛି ବର୍ଷା ଦିନେ ଦସ୍ତା ଟ୍ରଙ୍କରେ ସବୁ ଜିନିଷ ପତ୍ର ଧରି ତାଟି ଲାଗିଥିବା ଶଗଡ ଗାଡିରେ ଗାଁ ଠାରୁ ୭ କିଲୋମିଟର ଦୂର ବସ୍‌ଷ୍ଟାଣ୍ଡକୁ ଆସିଲା ବେଳେ ସେ ଭାବୁଥିଲା କେମିତି ଯାଇଁ ଏତେ ବଡ କଲେଜରେ ଏତେ ସାଙ୍ଗମାନଙ୍କ ପାଖରେ ଦିନ କାଟିବ । କି ଜ୍ଞାନ ଅଛି ଅବା ତାର ! ନୁଆ ନୁଆ ସାଙ୍ଗମାନେ ଖାଲି ଇଙ୍ଗ୍‌ଲିସ୍ ରେ ଫସ୍ ଫସ୍ ହୋଇ କଥା ହୋଉଥିଲା ବେଳେ ସେ ଖାଲି ବକ୍ ବକ୍ ହୋଇ ତାଙ୍କୁ ଅନାଇ ରହୁଥିଲା, ନା କିଛି ବୁଝୁଥାଏ ନା କହିବାକୁ କିଛି ଭାଷା ପାଉଥାଏ । ଦିନେ ତା ରୁମରେ ମିଶିକି ରହୁଥିବା ୮ଜଣ ସାଙ୍ଗ କଥା ହେଲାବେଳେ, ଖାଲି ଡେରାଡୁନ୍ ବାବଦରେ କଥା ହେଉଥାନ୍ତି । ସେ ଡରି ଡରି ପଚାରିଦେଲା "ଡେରାଡୁନ୍‌ଟା କଣ କଟକର" ? ସବୁ ସାଙ୍ଗ ହୋ ହୋ ହୋଇ ହସି ଉଠିଲେ, ଲାଜ ଅପମାନରେ ସେ ଆଉ କେବେ କୌଣସି କଥାରେ ଭାଗ ନିଏ ନାହିଁ । ଯେଉଁ ଦିନ କ୍ଳାସର ସବୁ ପିଲାଙ୍କ ସାମ୍ନାରେ ଇତିହାସରେ ସର୍ବାଧିକ ନମ୍ବର ରଖିଥିବା ରୋଲ୍ ନମ୍ବରଟା କହି କିଏ ସେହି ପିଲା ଠିଆ ହୁଅ ବୋଲି ମାଡାମ କହିଲେ, ସେତେବେଳେ ମଧ୍ୟ ଡରି ଡରି ତାକୁ ଠିଆ ହେବାକୁ ପଡିଲା, କାହିଁକି ନା ସେ ଭାବୁଥିଲା ମାଡାମ ଆଉ ଭୁଲ୍ ରୋଲ ନମ୍ବରଟା ପଚାରୁ ନାହାନ୍ତି ତ ?

କୌଣସି ମତେ ଶୈଳବାଳା ପାଠ ସାରି ବାଣୀବିହାରକୁ ଆସିଲା ପରର ଆଉ ଏକ ଘଟଣା ତାର ୫ମ ବର୍ଷ ଓ ୬ଷ୍ଠ ବର୍ଷର ପୁଅ ଝିଅ ମିଶି ପିକ୍‌ନିକ୍‌ରେ ବଡ ଘାଗରା ଓ ସାନ ଘାଗରା ବୁଲିଯାଇଥିଲେ । ଏହି ଅବସରରେ ୬ଷ୍ଠ ବର୍ଷରେ ପଢୁଥିବା ଦୁଇ ଜଣ ବଡ ଭାଇ ପିକ୍‌ନିକ୍‌ଟାକୁ ଦାୟିତ୍ୱ ସହକାରେ ଭଲ ପରିଚାଳନା କରିଥିଲେ । ସମସ୍ତଙ୍କର ଭଲ ଯତ୍ନ ମଧ୍ୟ ନେଉଥିଲେ । ତାଙ୍କ ପ୍ରତି ମନେ ମନେ ସମ୍ମାନ ବଢିଯାଇଥିଲା । ଆଉ ଦିନେ ଗୋଟିଏ ସେମିନାରରେ ତାଙ୍କ ଭିତରୁ ଜଣେ ବଡ ଭାଇ ଏକ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ବକ୍ତୃତା ଦେଇଥିଲେ, ତାଙ୍କ ଭିତରେ ଏତେ ଗଭୀର ଜ୍ଞାନ ଅଛି ବୋଲି ସେ ଚକିତ ହୋଇଯାଇଥିଲା ଓ ତାଙ୍କ ପ୍ରତି ଥିବା ସମ୍ମାନ ଦୁଇ ଗୁଣ ବଢିଯାଇଥିଲା । ଦିନେ ବର୍ଷା ଭିଜା ଅପରାହ୍ନ ୫ ଟାରେ ସେହି ଭାଇ ତାଙ୍କର ୨ଜଣ ସାଙ୍ଗଙ୍କ ସହିତ ଲେଡିଜ୍ ହଷ୍ଟେଲ୍ ସାମ୍ନା ଦେଇ ସୁପର ମାର୍କେଟ ଯାଉଥିବାର ସେ ଦେଖିଲା । ଅନ୍ୟ ୩ଜଣ ଝିଅ ସାଙ୍ଗଙ୍କ ସହ ମିଶି ସେ ଆଗରୁ ସୁପରମାର୍କେଟରେ ଥିଲା ଦୂରରୁ ସେ ଭାଇଙ୍କୁ ଦେଖି ତାଙ୍କ ପ୍ରତି ଏତେ ସମ୍ମାନ ଆସିଯାଇଥିଲା ଯେ ତାର ଇଚ୍ଛା ହେଲା ଭାଇଙ୍କ ସାମ୍ନାକୁ ଯାଇ ନମସ୍କାର କରି ଚକଲେଟ୍ ଦବା ପାଇଁ ।

୨/୪ ଟା ଚକ୍‌ଲେଟ୍ ମଧ୍ୟ କିଣି ଆଣିଲା, ଫେରିଲା ବେଳେ ଦଉଡି ଯାଇଁ ସେ ଭାଇଙ୍କୁ ୩ଟି ଚକଲେଟ୍ ଦେଇ ନମସ୍କାର କରି ଫେରିଲା । ରୁମ୍ ର ଅନ୍ୟ ସାଙ୍ଗମାନେ ଯେତେବେଳେ ପଚାରିଲେ ସେ ବ୍ରଜ ଭାଇଙ୍କ ସାଙ୍ଗରେ ଆସୁଥିବା ଭାଇଙ୍କୁ ତୁ କଣ ଦେଲୁ କି ? ସେ ଚକଲେଟ୍ ଦେଇଛି ବୋଲି କହିଲା ଏଇ ଚକଲେଟ୍ ଦେଲି ସବୁ ସାଙ୍ଗମାନେ ହୋ ହୋ ହୋଇ ହସିଉଠି କହିଲେ "ହେ ଭଗବାନ, ତୁ ଏ ଚକଲେଟ କାହିଁକି ଦେଲୁ ?" କାହିଁ କଣ ଅସୁବିଧା ହେଲାକି ? ସେମାନେ କହିଲେ ସେ ଚକ୍‌ଲେଟ ଉପରେ କଣ ଲେଖା ହୋଇଛି ଦେଖିଲୁ ? ସେ ପଢିଲାବେଳକୁ ଲେଖା ହୋଇଛି । "Kiss me" । ସେ କହିଲା ଏତେ କଥା ପଢିନି କି ଜାଣିନି, ଭଲ ଦାମିକା ଚକଲେଟ୍ ବୋଲି ଭାବି ଦେଲି । ସେମାନେ ତାକୁ ବହୁତ ଗାଳି ଦେଇ କହିଲେ ଏ ଚକଲେଟ୍ କିଏ କାହାକୁ ଦିଅନ୍ତି ଜାଣିଛୁ ? ସେ ପଚାରିଲା କିଏ

# ଶୀତ ରାତି କେଉଁଠି କେମିତି

**ଶାରଦା କାନ୍ତ ମିଶ୍ର**
ରାଜନୀତି ବିଜ୍ଞାନ ବିଭାଗ

ଜାନୁଆରୀ ମାସର କାକରଭିଜା ସକାଳ । ପୂର୍ବ ଆକାଶରୁ ସୁନେଲି ଆଭା ଦିଶିଲାଣି । ଚତୁର୍ଥ ହଷ୍ଟେଲ ମୁଖ୍ୟ ଫାଟକ ଆଗରେ ଥିବା ପିଣ୍ଡି ପାଖରେ ଦଶ ବାର ଜଣ ଅନ୍ତେବାସୀ ଏକାଠି ହୋଇ କୋଳାହଳ କରୁଥାନ୍ତି । ସେହି କୋଳାହଳରେ ଅଜିତ୍‌ର ନିଦ ଭାଙ୍ଗିଗଲା । ବ୍ଲକ 'ଏଫ୍' ରେ ଥିବା ନିଜ ରୁମର ଝରକା ଦେଇ ଦେଖିନେଲା ଛାତ୍ରମେଳି ବସିଛି । ପାଖ ଶିଡିଘରୁ ତଳକୁ ଓହ୍ଲାଉଥିବା ପାଦ ଚପଲ ଶବ୍ଦସବୁ ସ୍ପଷ୍ଟ ଶୁଣାଯାଉଥିଲା ତାକୁ । ତରବରରେ ସର୍ଟପ୍ୟାଣ୍ଟ ଓ ଟି ସାର୍ଟ ପିନ୍ଧିପକାଇ ସେ ବାଥରୁମ୍ ବେସିନରେ ଭଲକରି ମୁହଁ ଧୋଇ ନେଲା । ଚପଲ ପିନ୍ଧି ବାହାରିଲା ସେହି ଫାଟକ ଆଡକୁ ।

ବାଣୀବିହାର ପରିସରରେ ଛାତ୍ର ମାନଙ୍କ ନିମନ୍ତେ ଥିବା ଚତୁର୍ଥ ଛାତ୍ରାବାସଟି ଅନ୍ୟଗୁଡିକ ଠାରୁ ପୃଥକ ସ୍ୱତନ୍ତ୍ର । ଏଠାରେ ଧାଡି ଧାଡି କରି ବଖରାସବୁ ନଥାଏ । ଛାତ୍ରମାନେ ରହିବା ପାଇଁ ଥାଏ ଛ'ଟି ଅଲଗା ଅଲଗା ବ୍ଲକ । ଏ ଠାରୁ ଏଫ ପର୍ଯ୍ୟନ୍ତ । ବ୍ଲକଗୁଡିକ ପୁଣି ଯୋଡିହୋଇଥାଏ ମୁଖ୍ୟ କୋଠା ସହିତ । ଯେଉଁଠି ଥାଏ କମନ୍ ରୁମ ରୋଷାଇଶାଳ ଓ ଡାଇନିଂ ହଲ ଆଦି । ଏ ଛାତ୍ରାବାସରେ ପ୍ରତ୍ୟେକ ଛାତ୍ରଙ୍କ ନିମନ୍ତେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବା ବ୍ୟକ୍ତିଗତ ବଖରା ଥାଏ ଯାହା ସେମାନଙ୍କର ପ୍ରାଇଭେସିକୁ ଅଧିକ ସୁନିଶ୍ଚିତ କରେ । ଫଳରେ ଗୋଟିଏ ବ୍ଲକ୍‌ରେ ଘଟୁଥିବା କାରନାମା ଅନ୍ୟ ବ୍ଲକ୍‌ର ଛାତ୍ର ସହଜରେ ଜାଣିପାରନ୍ତିନି । ସେହି ସୁଯୋଗକୁ ହାତଛଡା କରି ନ ଥିଲା ରୋମିଓ କିଷନ୍ ।

ଅଜିତ୍ ଫାଟକ ପାଖରେ ପହଞ୍ଚିଲାବେଳକୁ ସେଠାରେ ଛାତ୍ରମାନଙ୍କ ସଂଖ୍ୟା କୋଡିଏରୁ ଉର୍ଦ୍ଧ୍ୱ ହୋଇଗଲାଣି । ସମସ୍ତଙ୍କ ତୁଣ୍ଡରେ କେବଳ କିଷନ୍‌ର ନାଆଁ ଥାଏ । କିଏ କହୁଥାଏ ଶଳା ଟା ଆସୁତା କଥା ବୁଝିବା । ପୁଣି କିଏ କହୁଥାଏ ଭାରି ସାହାସିଆଟା ସେ । ଆଉ କିଏ କହୁଥାଏ ସେ ଭାଗ୍ୟବାନ ଟାଏ ରେ ସବୁ ମୁଖ ସାଉଁଟି ନେଲା ଶିତ ରାତିରେ ଫୁଲ୍ ଉଷୁମ୍ ଟାଣି ନେଲା । କଥା କଣ ବୁଝୁ ବୁଝୁ ଅଜିତ୍ ଜାଣିଲା କିଷନ୍ ଗତ ରାତିରେ ତାର ପ୍ରେମିକାକୁ ଆଣି ନିଜ ରୁମରେ ରଖିଥିଲା । ସାରା-ରାତି ତାହା ସହିତ ରହିବା ପରେ ଆଜି ଭୋରରୁ ତାକୁ ବାଇକରେ ବସାଇ ନେଇ ଛାଡିବାକୁ ଯାଇଛି ।

୧) ସେ ଶଳା ଆସୁ, ଏଇଠି ଆଜି ତା ପରୀକ୍ଷା ନେବା । ରାତି ସାରା କଣ ସବୁ ଘଟିଲା ଗୋଟି ଗୋଟି କରି ଶୁଣିବା

ଅଜିତ୍ ରହୁଥିବା ଏଫ୍ ବ୍ଲକର ସବା ତଳ ମହଲାରେ କିଷନ୍ ରୁହେ । ଷଷ୍ଠ ବର୍ଷ ବାଣିଜ୍ୟ ବିଭାଗର ଛାତ୍ର ସେ । ଘର ତାର ଫୁଲବାଣୀ ଜିଲ୍ଲାରେ, ଦେଖିବାକୁ ଖୁବ୍ ଭଲଗୋରା ନ ହେଲେ ମଧ୍ୟ ଆକର୍ଷଣୀୟ ରଙ୍ଗର ଶରୀର । ଡେଙ୍ଗା ଓ ଓସାରିଆ ଛାତି ସହିତ ସାଇଜିଆ ନିଶ ଓ ଦାଢି । ତା ପୁରୁଷ ଚେହେରା ସହଜରେ ଛାତ୍ରୀମାନଙ୍କ ନଜରକୁ ଆସିଯାଏ । ସେଥିପାଇଁ ତାର ଅନେକ ଝିଅ ସାଙ୍ଗ ଥାନ୍ତି । ହେଲେ ସେ କିନ୍ତୁ ଜଣକୁ ତା ପ୍ରେମିକା ମାନେ । ତାକୁ ବାଇକ ପଛରେ ବସାଇ ଭୁବନେଶ୍ୱରରେ ବୁଲେ ନିଇତି ସଂଜରେ । ସେଦିନ କିନ୍ତୁ କଥା ଆହୁରି ଆଗେଇ ଯାଇଥିଲା । ତେଣୁ ସମସ୍ତେ ଜଗିଛନ୍ତି ଫାଟକ ପାଖରେ, କେତେବେଳେ ଫେରିବ କିଷନ୍ । କିଛି ସମୟ ପରେ ନିଜ ହିରୋ ହୋଣ୍ଡା ବାଇକ୍ ଚଲାଇ ଆସି ପହଞ୍ଚିଲା କିଷନ୍ । ସମସ୍ତେ ତାକୁ ଘେରିଗଲେ........

# Flash Back to Life Behind

**Suvendu Kumar Pati**
Dept. of Poltical Science

Rejuvenation and Nostalgia are perhaps the words added to English dictionary to express our lives in Vani Vihar days. The moment I open "Smruti Tume Rupa Janha" group, I find the memories as fresh as the life was then 35 years back. I wrote earlier too, the memories of VaniVihar life can't be caged in any narrative expressions. It is a feeling which can only be sensed, a memory which can only be cherished and a life which can only be realized. Vani Vihar has given enough to each one of us. I owe my existence in the society to the learnings of VaniVihar and its life.

The revelation that I am making is not without a basis. I could see and feel the present conditions of most of my school and college friends at Kendrapara whom I left behind to join University and I could imagine the maximum height that I might have climbed in the absence of an entry to the P G deptt., as in our days it was not available everywhere. It would have been a disappointing life in the absence of a broad horizon that was only visible from 22 departments of Vani Vihar encompassing diversified students of different thoughts, cultural orientations and educational backgrounds having a common GOAL of life to cherish with and to Aim Ahead.

The best part of our life in Vani Vihar was that, unlike other technical and vocational institutions, there was no noticeable enmity among boarders and day scholars, no hostility among inmates of Hostels *inter se* and the feeling of oneness was quite visible the moment we get into a Town Bus, enter a movie Hall or a Market place. The same feeling of oneness has grown and developed into a large Family bond with untiring and relentless efforts of a Coterie of VV-89, stationed in and around Bhubaneswar, who continued to ensure that Yearly meet up with family during X mas vacation happen every year with a jumbo celebration in 5 years gap that has been realised since Silver jubilee year 2014. It has not only kept us united with a tight Bond but also helped us so far in lending our shoulders to friends and their families to lean on, in difficult days.

Touch wood, our VaniVihar whatsapp group is the only group among several other groups, in which I am a member, where every chat is received in a fun way and healthy spirit without slightest sign of jealousy, complexity and ill feeling ever being expressed, be it Soubhaghya's bombardment on Sara Alli Khan or Viji solo dance being watched by Bulu in the foreground, but definitely with amusement in its peak all the time.

Let's rejoice and celebrate the bond of friendship off line this time. Happy for being with you all and to be with you all to feel the warmth on the celebration day.

# ବାଣୀ ବିହାରର ସେଇସବୁ ଦିନ

**ସତ୍ୟବ୍ରତ ମହାପାତ୍ର**
ରାଜନୀତି ବିଜ୍ଞାନ ବିଭାଗ

ସାର୍ !

ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସେଇ ଦିନ ସବୁ ମୋ ମନରେ ଏବେ ବି ସତେଜ। କେମିତି ବା ନ ହେବ ! ପ୍ରଥମ ଥର ପାଇଁ ମୁଁ ଘରୁ ବାହାରକୁ ଆସିଥିଲି, ଅନ୍ୟ ଏକ ସହରକୁ। ଯଦିଓ ସହର ମା ପାଇଁ ନୂଆ ନଥିଲା, କିନ୍ତୁ ପରିବେଶ..... ଆହା ! କି ପରିବେଶ ! ! ସଂପୂର୍ଣ୍ଣ ନୂଆ ପରି feelings। ସତେ ଯେମିତି ସ୍ୱପ୍ନର ରାଇଜ।

ପିଲାବେଳୁ ମୁଁ ସାଧାରଣ ଛାତ୍ର ଥିଲି। କୌଣସି ପ୍ରକାରେ ରେ ପଢ଼ାପଢ଼ି କରି ବାଣୀବିହାର ଯାଏଁ ପହଞ୍ଚି ଥିଲି। ଏଥର କିନ୍ତୁ ଭଲ କରିବାର ନିଶା ଚଢ଼ିଲା। ସବୁ ଦିନ ରାଜନୀତି ବିଜ୍ଞାନର ବିଭିନ୍ନ କ୍ଲାସକୁ ଯାଇ ମନ ଦେଇ ଶୁଣିବା ଛଡ଼ା ଆଉ ନୂଆ କଣ କରିହେବ, ସେ କଥା ଭାବେ। ସାର୍ ଓ ମାଡାମ୍ ମାନେ ଭାରି ଭଲ। କେତେ ଜଣ ସ୍ନେହ ଆଦରରେ ପଢ଼ାନ୍ତି। ଜଣେ ସାର୍‌ଙ୍କ ପାଖରେ କିଛି ଭଲ reference ବହି ଅଛି ଶୁଣି ମୁଁ ତାଙ୍କ ପାଖରେ ପହଞ୍ଚିଲି। ସାର୍ ଭାରି ଭଦ୍ର ଓ ନରମ ସ୍ୱଭାବର। ଧୀରେ ଧୀରେ କଥା କୁହନ୍ତି। ସେ ମୋତେ ସନ୍ଧ୍ୟାବେଳେ department ରେ ଥିବା ତାଙ୍କ ରୁମ୍‌କୁ ଆସିବାକୁ କହିଲେ।

ସନ୍ଧ୍ୟାବେଳେ ସାର୍ ତାଙ୍କ ନିଜ ପିଲାମାନଙ୍କୁ ନେଇ ସେଇ ରୁମ୍‌ରେ ବସନ୍ତି। ନିଜ ପଢ଼ା ସହ ପିଲାମାନଙ୍କ ପଢ଼ା ମଧ୍ୟ ଦେଖନ୍ତି। ମୁଁ ଯିବା ପରେ ମତେ ସେ ତାଙ୍କର କିଛି ବହି ଦେଖାଇଲେ। ଗୋଟିଏ ବହିରେ ମତେ ଭଲ content ମିଳିଲା। ମୁଁ ଖୁସି ହାଇ ସାର୍‌ଙ୍କୁ ଅନୁରୋଧ କଲି ବହି ଟି ମତେ ଦେବା ପାଇଁ। ସାର୍ କହିଲେ, "ନିଅ, କିନ୍ତୁ ଏଇ ରୁମ୍ ଭିତରେ ହିଁ ପଢ଼। ହଷ୍ଟେଲକୁ ନେଇ ପଢ଼ିବା ପାଇଁ ଦେଇପାରିବିନି।" ଛୋଟ ରୁମ୍‌ଟେ, ପୁଣି ସେଥିରେ ତାଙ୍କ ସାନ ବଡ଼ ହୋଇ କିଛି ଛୁଆ ପଢୁଛନ୍ତି। ମତେ ଅବାଗିଆ ଲାଗିଲା।

ମନେ ଥିବ ଯେ, ସେଇ ସମୟ ରେ Xerox ସୁବିଧା କେବଳ ରୂପାଲୀ ଛକରେ ହିଁ ଥିଲା। ଆମେ ଟାଉନ ବସରେ ଯାଇ ଫଟୋ କପି କରିଥାଉ। ତେଣୁ ମୁଁ ସାର୍‌ଙ୍କୁ କହିଲି, "ସାର୍, ମତେ ବହିଟି ଅଳ୍ପ ସମୟ ପାଇଁ ଦିଅନ୍ତୁ। କିଛି ଚାପ୍ଟର ଫଟୋ କପି କରି ଚାଲି ଆସିବି।" ସାର୍ ଅମାୟିକ ହସ ଟିଏ ଫୁଟାଇ କହିଲେ, "ବହି ଟି ହଜିଯିବାର ସମ୍ଭାବନା ଅଛି। ତେଣୁ ଦେଇପାରିବି ନାହିଁ।" ମୁଁ ଭାବିଲି ସାର୍ ମୋର ସାଇକଲରେ ଯାଇ କପି କରିବା କଥାକୁ ଡରୁଛନ୍ତି, କାଳେ ବହିଟି ରାସ୍ତାରେ କେଉଁଠି ଗଳି ପଡ଼ିବ।

ମୁଁ ଭରସା ଦେବା ସ୍ୱରରେ କହିଲି, "ସାର୍, ମୁଁ ବସ୍‌ରେ ଯାଇ ଫଟୋ କପି କରି ତୁରନ୍ତ ଫେରାଇଦେବି।" ସାର୍ ଓଠରେ ସେମିତି ମିଠା ହସଟେ ଲଖେଇ ଧୀରେ କହିଲେ, 'ନାଁ, ଯଦି କିଛି ହୋଇଯାଏ, ବହିଟି ହଜିଯିବାର ସମ୍ଭାବନା ଅଛି।"

ମୋର ପଢ଼ା ଭଲ କରିବାର ନିଶା ତ ଉଦ୍ରେକ ହୋଇଯାଇଛି, ତେଣୁ ମୁଁ ମଧ୍ୟ ନଛୋଡ଼ବନ୍ଦା। ମୁଁ କହିଲି, 'ସାର୍, ଯଦି ବସ୍ ଖରାପ ହୋଇ ଗଲା, ତାହାଲେ ମୁଁ ଚାଲି ଚାଲି ବା ରିକ୍ସାରେ ଫେରି ଆସିବି। ଏଇ ଯିବି ଆଉ ଆସିବି। ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଭରସା ରଖନ୍ତୁ।"

ସାର୍ ସେମିତି ମୃଦୁ ହସ ଝରାଇ କହିଲେ, 'ନା, ଦେଇପାରିବିନି। କାରଣ ଯଦି କିଛି ହୋଇଯାଏ, ତା'ହେଲେ ବହିଟି ତ ମତେ ଆଉ ମିଳିବନି।"

ମୁଁ କିଛି କ୍ଷଣ ସାର୍‌ଙ୍କୁ ଅନାଇ ରହିଲି, ତାପରେ ଧିରେ ଧିରେ ପଚାରିଲି, କାରଣ ମୋ ଭାବନା ଟା ପୁରା ଭିନ୍ନ ରକମ ର ଥିଲା,'ସାର୍, ଆପଣ ଭାବୁଛନ୍ତି ଯେ ରୂପାଲୀ ଛକକୁ ଯିବା ବା ଫେରିବା ବାଟରେ ଯଦି ମୋର କିଛି ହୋଇଯାଏ, ଯେମିତି କି accident, ତାହେଲେ ବହିଟି ହଜି ଯାଇପାରେ ? ସାର୍ ଏଥର ଭଲ କରି ମୁଣ୍ଡ ହଲାଇ ହଁ ଭରିଲେ। ସତ କହୁଛି ଭାଇ,ମୋ ମୁଣ୍ଡ ପୁରା ଟିଣ ହୋଇଗଲା। ଏମିତି କିଏ ଭାବି ପାରନ୍ତି ବୋଲି ମୋର କଳ୍ପନାର ବାହାରେ ଥିଲା।

ସାର୍‌ଙ୍କ ପୁସ୍ତକ ପ୍ରୀତି ଆଗରେ ମୁଣ୍ଡ ନୁଆଁଇ ମୁଁ ବେଶ୍ କିଛି ଦିନ ସନ୍ଧ୍ୟା ବେଳେ ତାଙ୍କ ରୁମ୍‌ରେ, ତାଙ୍କ ପିଲାମାନଙ୍କ ସହ ବସି ନୋଟ୍ ତିଆରି କଲି। ସାର୍ ଭାରି ଭଲ ଲୋକ ଥିଲେ, କିନ୍ତୁ ତାଙ୍କର ଏ ଚିନ୍ତାଧାରା ମତେ ଅଦ୍ଭୁତ ଲାଗିଥିଲା।

# ଜଗନ୍ନାଥଙ୍କ ନିଜ ଲୋକ

**ସସ୍ମିତା ମହାନ୍ତି**
ସମାଜ ବିଜ୍ଞାନ ବିଭାଗ

ବାହାରେ ଜଳଖିଆ ଖାଇବାର ଥିଲେ ପ୍ରାୟତଃ ମୁଁ ଦୋଷା ଖାଇବାକୁ ପସନ୍ଦ କରିଥାଏ ।କାରଣ ଏହା ସ୍ୱାଦିଷ୍ଟ, ଏଥିରେ ତେଲ ମସଲା ବେଶି ନଥାଏ ଓ ଗୋଟିଏ ଖାଇଦେଲେ ପେଟ ପୂରିଯାଏ । କିନ୍ତୁ ଦୋଷା ପ୍ରସ୍ତୁତ କରିବା ସମୟସାପେକ୍ଷ । ତେଣୁ ପିଲାମାନେ ଦୋଷା ମଗେଇବାବେଳେ ଦୋକାନୀକୁ ପ୍ରଥମେ ଗୋଟିଏ ଗୋଟିଏ ବରା କିମ୍ବା ଚପ୍ ଦେବାକୁ କୁହନ୍ତି ।ଗପସପ ହୋଇ ସେତକ ଖାଉ ଖାଉ ଦୋଷା ଆସିଯାଏ । ମୁଁ କିନ୍ତୁ ସେତେବେଳେକୁ ଘେରାଏ ବୁଲି ଆସିଥାଏ ବାଣୀବିହାରରୁ ।

ବାଣୀବିହାର ଛାଡ଼ିବା ପ୍ରାୟ ପଇଁତିରିଶ ବର୍ଷ ହୋଇଗଲାଣି ।ଅଥଚ ଆଜି ବି ମନେହୁଏ ମୁଁ ଫାଷ୍ଟ ଲେଡିଜ୍ ହଷ୍ଟେଲର ରୁମ୍ ନମ୍ବର ପଇଁଚାଳିଶରେ ଅଛି । ହଷ୍ଟେଲରୁ ବାହାରି ବେଣୀ ହଲେଇ ଛଇ ଦେଖେଇ ଗପି ଗପି ସାଙ୍ଗମାନଙ୍କ ସହିତ ଡିପାର୍ଟମେଣ୍ଟକୁ ଯାଉଛି ଯଦିଓ ଆଜି ସେ ଲମ୍ବା ବେଣୀ ଆଉ ନାହିଁ। ପୋଷ୍ଟ ଅଫିସ୍, ଷ୍ଟେଟ୍ ବ୍ୟାଙ୍କ୍, ପାଣିଟାଙ୍କି ପାଖ ବସ୍‌ଷ୍ଟପ୍, ଅଳକା ମାର୍କେଟ୍, ଏକ ନମ୍ବର କ୍ୟାଣ୍ଟିନ୍, ଶିବ ମନ୍ଦିର, ତାଳପଦେଶ୍ୱରୀ ମନ୍ଦିର, ସେଣ୍ଟ୍ରାଲ କ୍ୟଣ୍ଟିନ୍,ଗ୍ଲାସ୍ କ୍ୟାଣ୍ଟିନ୍, ପରିଜା ଲାଇବ୍ରେରୀ, ଅଡିଟୋରିୟମ୍, ପଲିଟିକାଲ ସାଇନ୍ସ ଡିପାର୍ଟମେଣ୍ଟ ତଳେ ଥିବା ଫୁଲେଇ ଗୋଲାପି ବାଗେନ୍ଭିଲ୍ଲା, ଝୁମର୍ ପରି ଲଟକିଥିବା ସୁନାରି ଫୁଲ, ଶୁକଦେବ ନାୟକ ସାର୍ଙ୍କ କ୍ଲାସ, ରୀତା ରାୟ ମ୍ୟାଡାମ୍‌ଙ୍କ ଶାଢ଼ି, ସିଟ୍‌ଟିଏ ପାଇଁ ଷ୍ଟୁଡେଣ୍ଟ ସ୍ପେଷାଲରେ ପିଲାମାନଙ୍କର ଠେଲାପେଲା, କ୍ରିକେଟ ମ୍ୟାଚ୍, ଗଛମୂଳେ ବସି ଜୋତା ସିଲଉଥିବା ମୋଚି, ଲେଡିଜ୍ ହଷ୍ଟେଲ ପାଖରେ ଚକ୍କର କାଟୁଥିବା ରୋମିଓ ଏବଂ ହଷ୍ଟେଲ ସାମ୍ନା ଗଛ ତଳେ ହାତରେ ହାତ ଛନ୍ଦି ଚୁପି ଚୁପି ଗପୁଥିବା ରାଧାକୃଷ୍ଣ ଯୋଡିମାନଙ୍କୁ ଏବେ ବି ଦେଖେ ମନ ଆଇନାରେ ।

କଟକରେ ଜନ୍ମହୋଇ ବଢ଼ିଛି ମୁଁ। ସ୍ନାତକ ପର୍ଯ୍ୟନ୍ତ ପାଠପଢା ମଧ୍ୟ କଟକରେ ।ଆମ ସମୟରେ ରେଭେନ୍ସା ମହାବିଦ୍ୟାଳୟରେ ସମାଜ ବିଜ୍ଞାନରେ ସ୍ନାତକୋତ୍ତର ଶ୍ରେଣୀ ନ ଥିଲା। ତେଣୁ ବାଣୀବିହାରରେ ହଷ୍ଟେଲରେ ରହି ପଢ଼ିବାକୁ ହେଲା । ପ୍ରଥମ ଥର ପାଇଁ ଘର ଛାଡ଼ି ବାହାରେ ରହିବାର ଅନୁଭୂତି ଥିଲା ସଂପୂର୍ଣ୍ଣ ନୂଆ। ବାଣୀବିହାରରେ ପଢ଼ିବାର ପ୍ରଥମ ବର୍ଷ ବା ଫିଫ୍‌ଥ୍ ଇୟରରେ ପ୍ରଦୀପ୍ତା, ସମ୍ପୂର୍ଣ୍ଣା ଏବଂ ମୁଁ ପ୍ରଥମେ ଫାଷ୍ଟ ଲେଡିଜ୍ ହଷ୍ଟେଲର ରୁମ୍ ନମ୍ବର ତେଷଠିରେ ରହୁଥିଲୁ। ସିକ୍ସଥ୍ ଇୟରରେ ଡବଲ ରୁମ୍ ମିଳୁଥିଲା । ତେଣୁ ସମ୍ପୂର୍ଣ୍ଣା ଓ ମୁଁ ପଇଁଚାଳିଶ ନମ୍ବର ରୁମରେ ରହିଲୁ। ଫିଫ୍‌ଥ୍ ଇୟରରେ ଆମ ସହିତ ଓଡ଼ିଆ ଡିପାର୍ଟମେଣ୍ଟର କୃଷ୍ଣପ୍ରିୟା ଓ ସୁକାନ୍ତି ମଧ ରହୁଥିଲେ । ଆମେ ତିନିଜଣ ରେଭେନ୍ସାରୁ ଏବଂ ଗୋଟିଏ ଡିପାର୍ଟମେଣ୍ଟରୁ ଆସିଥିଲୁ। ପ୍ରଦୀପ୍ତା ଓ ମୁଁ ଏକା ସ୍କୁଲରେ ,ଏକା ସେକ୍ସନରେ ପଢୁଥିଲୁ। ତେଣୁ ଆମ ତିନିଜଣଙ୍କ ଭିତରେ ଅଧିକ ଘନିଷ୍ଠତା ଥିଲା । ଆମେ ପଇସାପତ୍ର ଏକାଠି ରଖୁଥିଲୁ ଓ ସେଥିରୁ ଖର୍ଚ୍ଚ କରୁଥିଲୁ। ଗୋଟିଏ କ୍ରିମ୍, ପାଉଡର ଓ ପେଷ୍ଟ ବ୍ୟବହାର କରୁଥିଲୁ। ସବୁ ଜିନିଷ ଆମର କମନ୍ ଥିଲା, ବ୍ୟକ୍ତିଗତ ବୋଲି କିଛି ନଥିଲା। ପାଣିଟାଙ୍କି ପାଖ ଅଳକା ମାର୍କେଟରେ ଛୋଟ ମୋଟ ଜିନିଷ ସବୁ ମିଳିଯାଉଥିଲା । କିନ୍ତୁ ଅନ୍ୟାନ୍ୟ ଜିନିଷପତ୍ର ପାଇଁ ଆମେ ରମାଦେବୀ ମହିଳା ମହାବିଦ୍ୟାଳୟ (ବର୍ତ୍ତମାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ) ସାମ୍ନାରେ ଥିବା ମାର୍କେଟ ଉପରେ ନିର୍ଭର କରୁଥିଲୁ। ଜିନିଷ କିଣିବା ବାହାନାରେ ସପ୍ତାହକୁ ପ୍ରାୟ ଥରେ ଦୁଇଥର ଆମେ ସେଠାକୁ ଯାଉଥିଲୁ ଓ କିଣାକିଣି ସାରି ଚାଟ୍, ଗୁପ୍‌ଚୁପ୍ ରୋଲ୍ ଇତ୍ୟାଦି ଖାଇ ହଷ୍ଟେଲକୁ ଫେରୁଥିଲୁ। ଆଜିକାଲି ପରି ସେତେବେଳେ ପିଜ୍ଜା, ବର୍ଗର, ଚାଓମିନ୍, ବିରିୟାନୀ, ମୋମୋ, ପାଓଭାଜି ଇତ୍ୟାଦି ମିଳୁ ନଥିଲା । ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ୍, ଅନ୍ଲାଇନ୍ ସପିଂ, ସ୍ୱିଗି କିମ୍ବା ଜୋମାଟୋରେ ମଗେଇ ମନମୁତାବକ ଖାଦ୍ୟ ଖାଇବା କଳ୍ପନାର ବାହାରେ ଥିଲା। ହଷ୍ଟେଲରେ ଏୟାର କଣ୍ଡିସନର୍ କିମ୍ବା ଆଟାଚ୍ ବାଥ୍‌ରୁମ ବ୍ୟବସ୍ଥା ନଥିଲା। ଆର୍ଥିକ ଅବସ୍ଥା ଯେତେ ସ୍ୱଚ୍ଛଳ ହେଲେ

ମଧ୍ୟ ହଷ୍ଟେଲରେ ସମସ୍ତେ ସାଧାରଣ ଜୀବନ ଯାପନ କରୁଥିଲେ ଓ ସମାନ ସୁବିଧା ସୁଯାଗ ଉପଭାଗ କରୁଥିଲେ। ହଷ୍ଟେଲର ରୁଟିନ୍‌ବନ୍ଧା ଖାଦ୍ୟ ଖାଇଖାଇ ପାଟି ଅରୁଚି ଲାଗିଲେ ସେଠାରେ କାମ କରୁଥିବା ମୋହନ ହାତରେ ସେଣ୍ଟ୍ରାଲ କ୍ୟାଣ୍ଟିନ୍‌ରୁ କେବେ କେମିତି ଅଣ୍ଡା କିମ୍ବା ଚିକେନ୍ ତରକାରି ମଗା ହେଉଥିଲା। ଛୁଟିଦିନରେ ଆମେ ଆଳୁଚପ୍, ମିକ୍ସଚର ଓ  ପିଆଜ ଚକଟି,ଆମ୍ବୁଲ, କଞ୍ଚାଲଙ୍କା ପାଗ କରି ପଖାଳ ଖାଉଥିଲୁ।ସେ ଖାଦ୍ୟର ତୃପ୍ତି ଆଜି ପଞ୍ଚ ତାରକା ହୋଟେଲ୍‌ରେ ମଧ୍ୟ ମିଳିବା ମୁସ୍କିଲ। ଜୀବନ ଖୁବ୍ ସରଳ। ଆମେ ଚେଷ୍ଟା କରି ତାକୁ ଜଟିଳ କରୁ।ଜଟିଳତାର ଯନ୍ତାରେ ଜୀବନ ଅଟକି ଯାଏ। ଆମେ କେବଳ ବଞ୍ଚିବାକୁ ଚେଷ୍ଟା କରୁ। ଥରେ ଆମେ ତିନିଜଣ କ୍ଲାସ ଶେଷହେବା ପରେ ରମାଦେବୀ ସାମ୍ନାକୁ ଯାଇଥାଉ। ସେତେବେଳେ ସମସ୍ତଙ୍କର ଚାଲିବା ଅଭ୍ୟାସ ଥିଲା।ପ୍ରାୟ ଆମେ ଗଲାବେଳେ ଗପସପ କରି ଚାଲିଚାଲି ଯାଉ।ଫେରିବା ସମୟରେ ଯେହେତୁ ଜିନିଷପତ୍ର ଥାଏ ଏବଂ ବିଳମ୍ବ ଯୋଗୁଁ ହଷ୍ଟେଲର ଫାଟକ ବନ୍ଦ ହୋଇଯିବାର ଭୟ ଥାଏ, ଆମେ ଟାଉନ୍ ବସ୍‌ରେ ଆସୁ। ସେତେବେଳେ ଓଲା, ଉବର୍ ଦୂରର କଥା ଅଟୋ ଖଣ୍ଡେ ବି ଭୁବନେଶ୍ୱରରେ ଚାଲୁ ନଥିଲା। ଯିବାଆସିବା ପାଇଁ ମୁଖ୍ୟତଃ ସମସ୍ତେ ଟାଉନ୍ ବସ୍ ଉପରେ ନିର୍ଭରଶୀଳ ଥିଲେ।ଆମେ ସେଦିନ ଆବଶ୍ୟକ ଜିନିଷ କିଣିସାରି ଖାଇବାକୁ ବାହାରିଛୁ ହଷ୍ଟେଲର କିଛି ସାଙ୍ଗ ଦେଖାହେଲେ। ସେମାନଙ୍କର ଅଧିକ ଟଙ୍କା ଆବଶ୍ୟକ ପଡ଼ିବାରୁ ଆମେ ସେମାନଙ୍କୁ ଆମ ପାଖରେ ଥିବା ଟଙ୍କା ଦେଇଦେଲୁ।ଆମ ବେଳେ ଏଟିଏମ୍ କାର୍ଡ କିମ୍ବା ୟୁପିଆଇର ପ୍ରଚଳନ ନଥିଲା। ତେଣୁ ସୁବିଧା ଅସୁବିଧାରେ ପରସ୍ପରକୁ ପଇସାପତ୍ର ସାହାଯ୍ୟ କରୁଥିଲୁ। ଫେରିବାବେଳେ ବସ୍ ଭଡ଼ା ଦେବାକୁ ମଧ୍ୟ ଆମ ପାଖରେ ପଇସା ନଥିଲା।ଆମେ ନ ଖାଇ ଚାଲିଚାଲି ହଷ୍ଟେଲକୁ ଫେରିଲୁ। ସକାଳ ନଅଟା ବେଳେ ଯାହା ହଷ୍ଟେଲରେ ମିଲ୍ ଖାଇଥିଲୁ। ଆମ ପେଟରେ ସେତେବେଳକୁ ମୂଷା ଦୌଡିଲାଣି।ପ୍ରବଳ ଭାକ ଓ ଶାଷରେ ତଣ୍ଟି ପାଟି ଶୁଖି ଅଠାଅଠା ଲାଗୁଥାଏ।ଆମ ପାଖରେ ପାଣି ଟୋପାଏ ନଥାଏ, ସମସ୍ତେ କ୍ଳାନ୍ତ। ତୁରନ୍ତ ରମ୍‌ରେ ପଇସା ନେଇ କ୍ୟାଣ୍ଟିନ୍‌କୁ ଗଲୁ। କୋବି ଚପ୍ ବାସ୍ନାରେ ଭୋକ ଆହୁରି ଦୁଇ ଗୁଣ ବଢିଗଲା। ଗୋଟିଏ ଲେଖାଏଁ କୋବିଚପ୍ ଦେବାକୁ କହି ଦୋଷା ଅର୍ଡର କଲୁ।ଦୋଷା ଖାଇସାରିବା ପରେ ବି ଭୋକ ଲାଗୁଥାଏ। ସେତେବେଳେ କ୍ୟାଣ୍ଟିନ୍‌ରେ ପିଲା ଭର୍ତ୍ତି ହୋଇଥାନ୍ତି। ଆମର କିନ୍ତୁ କେଉଁ ଆଡକୁ ନିଘା ନଥାଏ। ନିଜ ନିଜ ଭିତରେ କଥାହୋଇ ଆଉ ଗୋଟେ ଗୋଟେ ଦୋଷା ଦେବାକୁ କହିଲୁ। କ୍ୟାଣ୍ଟିନ୍ ବୟ ପୁଣିଥରେ ଦୋଷା ଆଣିବା ଦେଖି ଆମ ପାଖ ଟେବୁଲରେ ବସିଥିବା ପୁଅଟିଏ ପାଟି କରିଉଠିଲା, ଆରେ ! ଏଗୁଡା ପୁରୀଆ କିରେ ! ଆଉଜଣେ କହିଲା, ହଁ ଭାଇ ଜଗନ୍ନାଥଙ୍କ ନିଜଲୋକ ତ ! ସେମାନଙ୍କ କଥା ଶୁଣି ଆମ ହାତ ଅଟକି ଗଲା। ଖାଇବା ବନ୍ଦକରି ବୁଲିକି ଅନେଇଲୁ। ସମସ୍ତେ ଆମ ଆଡକୁ ଚାହିଁ ହସୁଥିଲେ।ହଷ୍ଟେଲର ମୁଖ୍ୟ ଫାଟକ ବନ୍ଦ ହେବା ସମୟ ପାଖେଇ ଆସୁଥିଲା। ଟିକିଏ ହସିଦେଇ ଆଉ ବିଳମ୍ବ ନକରି ତିନିହେଁ ଖାଇବାରେ ମନଦେଲୁ। ଫେରିବାବେଳେ ଭାବୁଥିଲି ସେମାନେ ଆମକୁ ପେଟୁ ବୋଲି କୁହନ୍ତୁ ପଛେ , ଜଗନ୍ନାଥଙ୍କ ନିଜଲୋକ ହେବା କ'ଣ କମ୍ ଭାଗ୍ୟର କଥା !!!

# ପବିତ୍ର ମନ୍ଥନ

**ସୌଭାଗ୍ୟ ରଞ୍ଜନ ଆଚାର୍ଯ୍ୟ**
ରାଜନୀତି ବିଜ୍ଞାନ ବିଭାଗ

ବାଣୀବିହାର ପଇଁତିରିଶତମ ସ୍ମରଣିକା ସଂପାଦକ ବନ୍ଧୁଙ୍କ ଘନ ଘନ ତାଗିଦ। ଲେଖା ଦିଅ ସ୍ମୃତିର ଅବତାରଣା କର। ଜବରଦସ୍ତ ମନ୍ଥନ କର ଅତୀତଟାକୁ, ନ ପାରୁଛ ଯଦି କିଛି ପବିତ୍ର ମନରେ ଅବତାରଣା କର,ଯାହାକୁ ନ୍ୟାରେଟିଭସ୍ ବୋଲି ଆଜିକାଲି କୁହାଯାଉଛି। କିନ୍ତୁ ଲେଖା ଦରକାର, ନହେଲେ ଆମର ପ୍ରାୟୋଜକ ମାନଙ୍କୁ କି ଉତ୍ତର ଦିଆଯିବ ?

ଏବେ ବାଧହୋଇ ଭାବିଛି ଆଜି କିଛିଟା ମନ୍ଥନ କରିବି, ହେଲେ ଘର ଭିତରୁ ମନ୍ଥନ ଆରମ୍ଭ ହୋଇଯାଉଛି, ଅଷ୍ଟମଙ୍ଗଳା ପର ଠାରୁ ଆଜିଯାଏଁ, ସବୁ ନେଗେଟିଭ । କିଛିଟା ସତ କିନ୍ତୁ, ବହୁତ ବଢେଇ ଚଢେଇ ତିଆରିହେବାର କାରୁକାର୍ଯ୍ୟ ସହିତ।

କ୍ୟାମ୍ପସ ଲାଇଫଷ୍ଟାଇଲ ଟିକିଏ ଅଜଣା ରହିଥିଲା ମୋ ପାଇଁ। ଖାଲି ନ୍ୟାରେଟିଭସ୍ ଶୁଣୁଥିଲି। କିଏ ନିଜକୁ ଶ୍ରେଷ୍ଠ ଭାବି ଦିଲ୍ଲୀ ସହରରେ ରଖୁଥିଲା, ଆଉ କିଏ ନିଜକୁ ଗାଁ କଲେଜ ସ୍ୱପ୍ନ ଭିତରେ ଲୁଚାଇଦେଉଥିଲା। କିଏ ଓଡିଆ ଅସ୍ମିତାର ଶବ୍ଦଗୁଡ଼ିକ ସ୍ୱଷ୍ଟ ଶୁଣାଇ ଶୁଣାଇ କିଛି ବ୍ୟକ୍ତିବିଶେଷ ମହାବୀର ଜୈନଧର୍ମର ପରିବ୍ରାଜକ ହୋଇଥିଲେ। ଖଟିର ସଂଜ୍ଞା ଅନେକ ରୂପ ନେଉଥିଲା।

ଶାଢିପିନ୍ଧା ଝିଅଗୁଡିକ ଭାବି ଶାଶୁଘରର ଦୁଃସ୍ୱପ୍ନ ମଧ୍ୟରେ ସ୍ୱପ୍ନରେ ଖୋଜିବୁଲୁଥିଲେ ଏକ ନୂଆ ଦୁନିଆ। କିଛି ଯୁବ ଗୋଷ୍ଠୀଙ୍କ ଲକ୍ଷ୍ୟ ଥିଲା ଦୂରରୁ କିଛି ଟିପ୍ପଣୀ ଛାଡିବା। ହେଲେ ଏ ଯୁବଗୋଷ୍ଠୀଙ୍କ ମଧ୍ୟରୁ ମାତ୍ର କାଁ ଭାଁ କେତେକ ଙ୍କୁ ଛାଡିଦେଲେ, କେହି ଆଗେଇ ଯାଇ ନଥିଲେ ସେମାନଙ୍କ ଦୁଆରେ ନୂଆ ସପନ ବିକିବା ପାଇଁ । ସେ ଦିନ ଥିଲା, ପୁରୁଣାକାଳିଆ ସମୟ, ତେଣୁ ତେଣ୍ଡାପଦରରେ ତେଣ୍ଡା ଥିଲା, ପାଣି ଥିଲା, ହେଲେ ତେଣ୍ଡା ଚଳାଇବା ଓଡିଆ ଅସ୍ମିତାର ବାହାରେ ଥିଲା।

ହଁ, ସେଦିନ ହଠାତ ହାଲ୍ଲା ଉଠିଲା ସେହେନାଇ ବାଜୁଛି କ୍ୟାମ୍ପସ ଭିତରେ। ଯଦିଓ ତାହା ଉଡାଖବର ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଅନେକ ସେହେନାଇ ବାଜିଉଠିଥିଲା। ହେଲେ କ୍ୟାମ୍ପସ ବାହାରେ, କ୍ୟାମ୍ପସର କପୋତକପୋତିଙ୍କୁ ନେଇ। ଲଭ୍ ଇନ୍ ଲାଇବ୍ରେରିଆ ହୋଇଯାଇଥିଲା, ସତ ସତିକା ବନ୍ଧନ। ହେଲେ ଲାଇବ୍ରେରିଆର ଏକୁଟିଆ ଅତିଥିଟିର ଅପେକ୍ଷାର ଅନ୍ତ ହୋଇ ନଥିଲା। ଜଣେ ନାମୀ କବିଙ୍କ କିଛି ଗୁପ୍ତ କବିତାର ସଙ୍କଳନ ଏ ସମ୍ବନ୍ଧରେ ଆଲୋକପାତ କରିଥାଏ।

ପିଲାଟି କହୁଥିଲା, ଲାଇବ୍ରେରୀ ରେ ତାର ପାଠରେ ମନ ଲାଗୁନାହିଁ, କେତେ କେତେ କପୋତ କପୋତି ବସିଛନ୍ତି। ହସୁଛନ୍ତି। ସେସବୁ ଦେଖିବାର ଇଚ୍ଛା ହେଉଛି। ନିଜ ପାଇଁ ପିଲାଟି ଥରେ ଅଧେ ଚେଷ୍ଟା କରିଥିଲା। କୁଇଜ୍ ରେ ଯୋଗ ଦେବା ପାଇଁ ଈପସିତ ସାଥୀ ଠାରୁ ସମ୍ମତି ମାଗିଲା । ହେଲେ ଉତ୍ତର ଆସିଲାନି କିଛି । ତଥାପି ପ୍ରଚେଷ୍ଟାର ଦିଗବଳୟ ଆଗରେ କିଛି ଦେଖିବାର ଉଦ୍ଦଣ୍ଡ ଉଦ୍ଦୀପନା ଥିଲା । ଯଦିଓ ପାଠବର୍ଷର ସୀମା ସରିଯାଇଥିଲା ତଥାପି ସୁନ୍ଦର ମେକ୍‌ଅପ୍ ନେଇ ଧାଇଁ ଯାଇଥିଲା, ଦୂରରୁ ଉଡିଆସିଥିବା ଆଉ ଗୋଟିଏ ସ୍ୱଦେଶୀ କପାତି ପାଖକୁ। ହେଲେ ପରଦେଶରେ ବସାବାନ୍ଧିଥିବା କପୋତି ଟି ନିଜ ମାଟିର ଲୋକଟିକୁ ଚିହ୍ନଟ କରିପାରି ନଥିଲା। ଖେଳଟି ଅମୀମାଂସିତ ଭାବେ ରହିଯାଇଥିଲା।

ଆଜିର ଶ୍ରେଷ୍ଠ ଚନ୍ଦ୍ରମଣ୍ଡଳ ଦାବୀଦାର ଥିବା ତଥା ନବେ ଦଶକରେ ପ୍ରୀତିର ଅମୃତ ଢାଳି ପାରୁଥିବା, ଶ୍ରୀମାନ କେତେ ପରିଶ୍ରମ କରିଛନ୍ତି, ହେଲେ ଫଶିଥିଲେ ଓ୍ୱାନ୍ ଇଜ୍ ଥ୍ରୀ ଏପିସୋଡରେ, ଫେରିଗଲେ ହତାଶ ହୋଇ । ତିନି ଦଶକ ପରେ କିଛିଟା ସଫଳ ହୋଇପାରିଛନ୍ତି ବୋଲି ଆଜିକାଲି ଆଲୋଚନା ହେଉଛି । ହେଲେ ଆଉ ଗୋଟିଏ ଟୁ ଇନ ଓ୍ୱାନ୍ ଏପିସୋଡରେ ଥିବା ରୋମିଓ, ବାଡୁଅ ରହିଗଲା ତାକୁ ଠକିଦେଇଥିଲା ତାର ବୟ ସହୋଦର, ଯଦିଓ ଦୁଇ ଜଣ କେବଳ ଏକ ଭାବନାରେ ବଢରହିଥିଲେ।

ମୁଁ ପ୍ରାୟ କ୍ୟାମ୍ପସ ଭିତରେ ରହିପାରୁ ନଥିଲି ସଂଧ୍ୟା ସମୟରେ। କିଛି ରୋଜଗାର ପାଇଁ ଘର ଘର ବୁଲିବାପାଇଁ ପଡୁଥିଲା। କିନ୍ତୁ ସେଦିନ କଣ ପାଇଁ ରହିଯାଇଥିଲି। ହଠାତ ହୋ ହୋ ଓ ଶୁଦ୍ଧ ଓଦା ଓଡ଼ିଆ ଅସ୍ମିତାର ଶବ୍ଦଗୁଡ଼ିକ ଭାସିଉଠିଲା ଦୁଇନମ୍ବର ଛାତ୍ରାବାସ ଆଗରୁ। ଦୌଡିଯାଇ ଦେଖିଥିଲି ଜଣେ ଯୁବକଙ୍କ ଉପରେ ଆକ୍ରମଣ କରିଚାଲିଛନ୍ତି,

ବାଣୀବିହାରର ଉଦଣ୍ଡ ଯୁବଗୋଷ୍ଠୀ । ଶୁଣିଲି କୁଆଡେ ତିନି ଜଣ ଅଜଣା ନିରୀହ  ଯୁବକ କଞ୍ଚା ଓଡିଆ ଅସ୍ମିତାର ଶବ୍ଦ ଉଚ୍ଚାରଣ କରି, ଆମ ଛାତ୍ରାବାସର କିଛି ପିଲାଙ୍କ ଉପରେ ବଳପ୍ରୟୋଗ କରିଥିଲେ, ହେଲେ ଏହା ଅସହ୍ୟ ହେବାରୁ ଅନ୍ୟମାନେ ହଠାତ୍ ସଙ୍ଘବଦ୍ଧ ହୋଇ ସେମାନଙ୍କ ଉପରେ ପ୍ରତି ଆକ୍ରମଣ କରିଥିଲେ । କିନ୍ତୁ ମୁଁ ପହଞ୍ଚିଥିଲା ବେଳକୁ ଦୁଇ ଆଗନ୍ତୁକ ଫେରାର, ଏକ ଶିକାର । ସବୁଠାରୁ ମଜାକଥା ହେଲା, ଆମର ଜଣେ ବନ୍ଧୁ ଯେ ମାଛିକୁ ମ କୁହନ୍ତି ନାହିଁ, ସେ ମଧ ତାଙ୍କ ହସ୍ତର ସୁବ୍ୟବହାର ସେଦିନ କରିଥିଲେ ମଜା ନେବା ପାଇଁ । ଅନ୍ଧାରର ସଯୋଗ ନେଇ ଦୁଇ ଶକ୍ତ ମୁଥା ପକାଇଥିଲେ ବେହୋସ ଭାବେ ଅଭିନୟ କରୁଥିବା ଆଗନ୍ତୁକକୁ ।  ମୁଁ ଯେବେ ପଚାରିଲି, ସେ କହିଥିଲେ, ଅନ୍ଧାରରେ ଓ ଗହଳିରେ ଆଗନ୍ତୁକ ମୋତେ ଦେଖିନଥିବ, ତେଣୁ ମୋର ଛୋଟ ଉପହାର ନିଶ୍ଚିତ କାମରେ ଲାଗିଯିବ, ଅନ୍ୟମାନଙ୍କ ସହିତ ।

ଟିଭିରୁମ୍‌ରେ ପ୍ରାଥମିକ ଓ ମାଧମିକ ବହିଗୁଡିକର ଆଲୋଚନାର କାର୍ଯ୍ୟକ୍ରମରେ ସମ୍ମାନଜନକ ଡକ୍ଟରେଟମାନେ କିଛି ନୂତନତ୍ୱ ଆଣିଥିବାର ସ୍ମୃତି କିଛି ମନେପଡୁଛି । ଡକ୍ଟରେଟ ଶାସ୍ତ୍ରର ସମ୍ପୂର୍ଣ୍ଣ ଚିତ୍ର ପାଇଁ ପଦକ୍ଷେପ ଆରମ୍ଭ ହେଉଥିଲା ଠିକ୍ ପୂଜା ପୁର୍ବରୁ । ପଇସା କଲେକସନ କରି ଅନେକ କଷ୍ଟ ସହି, କିଛି ବିଦ୍ୱାନ୍ୟ ଛାତ୍ର ଆଣିଦେଉଥିଲେ ରାତ୍ରଭରି ଆନନ୍ଦର ଉତ୍ସବ । ମହାବୀର ମହିମାଭକ୍ତମାନେ ତା ଦ୍ୱାରା ଭୋଟ ମଧ ମାଗିଚାଲିଥିଲେ । କିଛି ଡକ୍ଟରେଟ ବନ୍ଧୁ ଏପରିକି ସଂଧ୍ୟା ଆଳତି ପାଇଁ ଚାଲିଯାଉଥିଲେ ପୋଷ୍ଟଅଫିସ ନିକଟସ୍ଥ ଠାକୁରାଣୀଙ୍କର ମନ୍ଦିରମାନ ସମ୍ମୁଖକୁ । ହେଲେ  ସତରେ କଣ ସେଠାରେ ଘଟୁଥିଲା, ତାହା ଏଯାବତ ଲୋକଲୋଚନ ଆଢୁଆଳ ରେ ରହିଗଲା ।

ଠିକ ଦଶ ବର୍ଷ ତଳର କଥା । ରୌପ୍ୟଜୁବୁଲି ଅବସରରେ ପତ୍ରିକା ପ୍ରକାଶନ ଦାୟିତ୍ୱରେ ଥିବା ଦୁଇ ବଳିଷ୍ଠ ସାହିତ୍ୟିକ କିଭଳି ହଟହଟା କରାଇଥିଲେ, ତାହାର ଅବତାରଣା ମଧ ସ୍ମୃତିର ମନ୍ଥନ ହୋଇପାରିବ । ବାଣୀବିହାରର ବନ୍ଧୁ ଓ ବାନ୍ଧବୀଙ୍କର ଚରିତ୍ର ଅବତାରଣା ପାଇଁ ସେମାନଙ୍କ ଆଖିରୁ ନିଦ ହଜିଯାଇଥିଲା । ଅବଶ୍ୟ ନୂଆ ଚରିତ୍ରର ଚିତ୍ରଣ ସହଜ ନଥିଲା ଓ ମାଦଳାପାଞ୍ଜିର ସହାୟତା ନିଆଯାଇଥିଲା ।  ଏଥିରେ ମଜିରହି, ସେମାନେ ଅଜାଣତରେ ପତି ପତ୍ନୀ ଅପହରଣ ଭଳି ଅନେକ ମହତ୍ତ୍ୱ କାର୍ଯ୍ୟ କରିବସିଥିଲେ । ପ୍ରଜାପତିଙ୍କ ଭଳି କାହା ପତ୍ନୀଙ୍କୁ ଅନ୍ୟ କାହା ସହିତ ଯୋଡି, କାହା ପିଲାକୁ ଅନ୍ୟ ପରିବାର ରେ ମିଶାଇ ଏକ ନୂଆ ପରିବାରର ଠିକଣା ତିଆରି କରିଥିଲେ ସ୍ମରଣିକାରେ । ଆଗରୁ ଠିକ୍ ହୋଇଥିଲା ଯେ ପରିବାର ସହିତ ବନ୍ଧୁମାନଙ୍କର ମଞ୍ଚ ଉପରେ ପରିଚୟ କରାଯିବ, ହେଲେ ଠିକ୍ ସମୟରେ ଜଣେ ବନ୍ଧୁଙ୍କ ସହଧର୍ମିଣୀ ଆଉଜଣଙ୍କ ସହିତ ଯୋଡି ହୋଇଯିବାର ପ୍ରଘଟ ହୋଇଯାଇଥିଲା, କେବଳ ଅନାବରଣ ହେବାକୁ ଥିବା ପତ୍ରିକାରେ । ଆଉ ଜଣେ ବନ୍ଧୁଙ୍କ ପତ୍ନୀ ତାଙ୍କ ପରିବାରରେ ନୂଆ ନାମର ସନ୍ତାନ ଦେଖି, ନିଜ ପତିଙ୍କୁ ସନ୍ଦେହ କରି ଚିତ୍କାର କରିବା ଆରମ୍ଭ କରିଦେଇଥିଲେ । ସବୁ କିଛି ଓଲଟପାଲଟ ହୋଇଯାଇଥିଲା । ମଞ୍ଚ ପରିଚୟ ବାତିଲ ହୋଇଥିଲା । ହେଲେ ପରେ ପରେ କିଛି ବନ୍ଧୁ ଅବସୋସ କରିଥିଲେ, ଏଭଳି ସୁଯୋଗ ହରାଇଥିବାରୁ । କିନ୍ତୁ ପ୍ରକାଶନ ମଣ୍ଡଳୀ ଏଭଳି କିଛି ଭୁଲ କରିନଥିଲେ, ଜଣଙ୍କୁ ସମସ୍ତଙ୍କୁ ଅର୍ପଣ କରି । ପରେ ମଧ ଅନୁରାଧ ଆସିଥିଲା ନିଜ ନିଜର ମନପସନ୍ଦର ଜୀବନସାଥୀ ବାଛିବା ପାଇଁ, ଯାହା ୨୦୨୪ ସଂସ୍କରଣ ରେ ସ୍ଥାନ ପାଇବ ବୋଲି ଆଶା ରହିଛି ।

ପୁଣି ମନ୍ଥନ ଆରମ୍ଭ ହେବ, ସ୍ମୃତିର । କିଛି ବର୍ଷ ତଳର କଥା ମନେପଡୁଛି । ହଁ ସାରା ଅଲ୍ଲୀ ଖାନ୍ ଏବେ ଫୋନ କରି କହିଥିଲେ ତାଙ୍କର ପ୍ରଶସ୍ତୀକରଣ ନ କରିବା ପାଇଁ ।

ସେ କିପରି ୟୁଟ୍ୟୁବ୍ ଦେଖୁ ଦେଖୁ ସେଣ୍ଟୁରିଆନ ସିଙ୍ଗର୍ ହୋଇଗଲେ, କିପରି ଭିପି ଭଳି ମର୍ଯ୍ୟାଦାଜନକ ଆସନରେ ପହଞ୍ଚିଲେ ଇତ୍ୟାଦି ଇତ୍ୟାଦି । କୋଭିଡ ବନ୍ଦ ସମୟରେ, ଲୋକେ ଭୟରେ ଚିତ୍କାର କରୁଥିବା ସମୟରେ, କିଛି ବନ୍ଧୁ ଓ ବାନ୍ଧବୀଙ୍କର ଉତ୍ସାହ ଆଣିଦେଇଥିଲା ଅଭୟ ର ସ୍ୱର । ସନ୍ଧ୍ୟାଧୂପରୁ ଆରମ୍ଭ ହୋଇଯାଉଥିଲା  ସଙ୍ଗୀତ ପରିବେଷଣ । ବହୁତ ନାମୀଦାମୀ ସଙ୍ଗରଙ୍କ ଆବିର୍ଭାବ ହୋଇଥିଲା ବାଣୀବିହାର ୮୯ ରେ । ବିଭିନ୍ନ ପଦପଦବୀରେ ପହଞ୍ଚିଯାଇଥିଲେ କିଛି ସିଙ୍ଗର । ମାଦକ ହୋଇଯାଇଥିଲେ ସେମାନଙ୍କ ଅଭିଭାବକ । ସେ ସମୟରେ ପ୍ରାୟ ପାଞ୍ଚ ହଜାରରୁ ଅଧିକ ଗୀତ ରେକର୍ଡ କରାଯାଇଥିଲା ବୋଲି ସିଇସି ରିପାର୍ଟରେ ଦର୍ଶାଯାଇଥିଲା । ଏହା ଥିଲା ସବୁଠାରୁ ବଡ ସ୍ମୃତି । ହେଲେ  ସେ ସ୍ମୃତିର ଅବସାନ ଘଟିଛି । ଆଉ ତାର କାଉ କାଉ ରାଉ ରାଉ  ଶବ୍ଦ ଉଚ୍ଚାରଣ ହେଉନାହିଁ । କିନ୍ତୁ ତିଆରି ହୋଇଯାଇଛି ମହାନଦୀର ବନ୍ଧ । ପଇଁତିରିଶତମ ଉତ୍ସବମୁଖର ବର୍ଷ ପୁଣି ଦେବ ଏକ ନୂତନ ଅନୁଭୂତି, ଯାହା ଆଉ ସ୍ମୃତି ହେବାନାହିଁ, କେବଳ ଉନ୍ମାଦନା । ସମୟର ଷାଠିଏ ପାହାଚ ଅତିକ୍ରମ କରିବା ସ୍ମୃତିର ଅବଲୋକନ ନୁହେଁ, କେବଳ ଉନ୍ମାଦିତ ହୋଇ ସାଇତି ରଖିବାର ବେଳ ଆସିବ  ଆଉ କିଛିଦିନ ପାଇଁ ।

ତେଣୁ let's celebrate Vanivihar ୮୯

# ସମ୍ପାଦକଙ୍କୁ ପତ୍ର...

**ସୁଜାତା ସାହୁ**
ଗଣିତ ବିଭାଗ

ପ୍ରିୟ ପବିତ୍ର ...

କେବେଠୁ କହିଲଣି କିଛି ଲେଖିବାକୁ ବାଣୀବିହାରର ସ୍ମୃତିକୁ ନେଇ। ଯେତେ ମନେ ପକେଇଲେ ବି କିଛି ମନେ ପଡୁ ନାହିଁ। ବିଗତ ବର୍ଷ ଗୁଡିକ ଏତେ stressful ଥିଲା ଯେ ତା ଭିତରେ memory crash କରି ଯାଇଚି mostly। ବଡ କଷ୍ଟରେ ଗାଟିଏ incident ମନେ ପଡିଲା। ମନେ ପଡିଲା ବୋଲି exactly କହି ହେବନି। ଏଇ ଘଟଣାଟିକୁ ଅନେକ ଥର ଶୁଣେଇଛି ସମସ୍ତଙ୍କୁ । ସେଥିପାଇଁ ମନେ ରହି ଯାଇଚି । ଚେଷ୍ଟା କରୁଛି ଶବ୍ଦରେ ପ୍ରକାଶ କରିବାକୁ । ପ୍ରକାଶ ଯୋଗ୍ୟ ହେଲେ ପ୍ରକାଶ କରିବ, ନହେଲେ ନାଇଁ। 5th year final exam ସରିଯାଇଥାଏ। Vacation ପରେ university କୁ ଫେରିଥାଏ। second hostel gate ରେ enter କରୁ କରୁ ଜଣେ ସାଙ୍ଗ first floor balcony ରୁ ମତେ ଡାକି କହିଲା Congratulations Sujata.. ତୁମେ top କରିଛ maths ରେ । ଆବାକାବା ହୋଇଗଲି ଏତେ ବଡ ଖବରଟିଏ ଶୁଣି। Graduation ର result କଥା ମନେ ପଡିଗଲା । ମୁଁ ଶୈଳବାଳା ମହାବିଦ୍ୟାଳୟର ଛାତ୍ରୀ ଥିଲି ସେତେବେଳେ। ଗଣିତରେ ଆମ college ରୁ ତିନିଜଣ ପ୍ରଥମ ଦଶ ଜଣଙ୍କ ଭିତରେ ସ୍ଥାନ ପାଇଥିଲେ ସେହି ବର୍ଷ। ପ୍ରଥମ ଦ୍ୱିତୀୟ ଏବଂ ଚତୁର୍ଥ ଏହି ତିନୋଟି ଯାକ ସ୍ଥାନ ଆମର ଥିଲା।ତା ମଧ୍ୟରୁ ଚତୁର୍ଥ ଟି ଥିଲା ମୋର।

ସେତେବେଳେ ମୁଁ ଘରେ ଥିଲି। ଖବରକାଗଜରେ ପରୀକ୍ଷା ଫଳ ଦେଖି ବାପା ଆସି ପ୍ରଥମେ ଖବରଟି ଶୁଣେଇଥିଲେ। ବାପା ଥିଲେ ଜେନାପୁର high school ର ପ୍ରଧାନ ଶିକ୍ଷକ। ତେଣୁ ମୋର ପ୍ରଥମ ଦଶ ଜଣଙ୍କ ଭିତରେ ରହିବା ଖବରଟା ଶିକ୍ଷକମାନଙ୍କ କାନରେ ପଡ଼ିବାକୁ ବିଳମ୍ବ ହେଲା ନାହିଁ। Matric ପରୀକ୍ଷାରେ school ର ନାଁ ରଖିବି ଭାବି ନିରାଶ ହେଇଥିବା ମୋର ପ୍ରିୟ ଗୁରୁମାନେ ଖୁବ ଖୁସି ହେଇଯାଇଥିଲେ ତାଙ୍କ school ର ଛାତ୍ରୀ ର ନାଁ ଖବରକାଗଜରେ ଦେଖି ।କିନ୍ତୁ ତୁମେ ପ୍ରଥମ ହୋଇ ପାରିଥାନ୍ତି ବୋଲି କହିବାକୁ କୁଣ୍ଠା ବୋଧ କରି ନଥିଲେ। ଖୁସି ଟା ଟିକିଏ ଊଣା ହେଇଯାଇଥିଲି । Marksheet ଆଣିବାକୁ ଯେତେବେଳେ college ଗଲି ସେତେବେଳେ HOD Sir କହିଲେ ଯେତେବେଳେ ମୁଁ ଜାଣିବାକୁ ପାଇଲି ଆମ college ର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛି ସେତେବେଳେ ଭାବିଥିଲି ତୁମେ ହୋଇଥିବ। class ପରୀକ୍ଷାରେ ସବୁବେଳେ highest ରଖୁଥିବାରୁ ତାଙ୍କର ଏ ଆଶା ଥିଲା। କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ଆମ କଲେଜ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା କିନ୍ତୁ ମୁଁ ପ୍ରଥମ ଦଶ ଜଣଙ୍କ ଭିତରେ ଥାଇ ବି ନଥିବା ପରି ହୋଇ ଯାଇଥିଲା। ଏଣୁ 5th year ରେ ଯେତେବେଳେ ପ୍ରଥମ ହେବାର ଖବର ଟି ଶୁଣିଲି ମୁଁ ହତବାକ୍ ହୋଇ ଗଲି। ଯେଉଁମାନେ ମୋର ଚତୁର୍ଥ ସ୍ଥାନ ଦ୍ୱାରା ଗୋଟେ ବର୍ଷ ଆଗରୁ ମନଦୁଃଖ କରିଥିଲେ ସେମାନେ ଏବେ ଏ ଖବର ଶୁଣିଲେ କେତେ ଯେ ଖୁସି ହେବେ ଭାବି ପାରୁ ନଥିଲି। class ସରିଲେ post office ରୁ post card ଏବଂ Inland letter ଆଣି କେମିତି ଏ ସୁସମ୍ବାଦ ମାର ସମସ୍ତ ଶୁଭାକାଂକ୍ଷୀ ମାନଙ୍କୁ ଜଣେଇବି ଭାବି ଭାବି ଖୁସି ରେ ଅସ୍ଥିର ହୋଇ ଯାଉଥିଲି। ଖୁସିର ଉଡାଜାହାଜରେ ବସି class ରେ ପହଞ୍ଚିଗଲି। ରାସ୍ତାରେ ଆହୁରି କେତେ ଜଣ ବି congratulate କରିଥିବେ। ଗୋଟିଏ ସାମ୍ରାଜ୍ଞୀର ଠାଣିରେ class କୁ ପଶିଗଲି। ପ୍ରଥମ class ଥିଲା BP ଆଚାର୍ଯ୍ୟ sir ଙ୍କର। class ରେ ପଶୁ ପଶୁ ମତେ ଠିଆ କରେଇ ଶୁଭେଚ୍ଛା ଜଣେଇଲେ । ମୁଁ ଉଡୁଥିଲି ଆକାଶ ରେ । ପୁରା class ସାର୍ କଣ ପଢେଇଲେ ଶୁଣିନି ଅତ୍ୟଧିକ ଖୁସି ଯୋଗୁ । next class ଥିଲା Prof G. Das ଙ୍କର। ଅପେକ୍ଷା କରିଥିଲି ସାର କେତେବେଳେ ଆସିବେ ଆଉ ମତେ ଶୁଭେଚ୍ଛା ଜଣେଇବେ । ସାର ଆସିଲେ ଆଉ ମତେ ଠିଆ କରେଇ ଆରମ୍ଭ କଲେ କହିବାକୁ କେମିତି ମୁଁ university ର ନାଁ କୁ ଗୌରବାନ୍ୱିତ କରିଛି।

କିନ୍ତୁ ଏ ଖୁସି ମୋର ଅଧିକ ସମୟ ରହିଲା ନାହିଁ। ପ୍ରଥମ ଧାଡି ର ଦ୍ୱିତୀୟ ବେଞ୍ଚରେ ବସିଥିବା ଆମର ସହାଧ୍ୟାୟୀ ଜଣେ ଠିଆ ହୋଇ ସାର ଙ୍କ ଶୁଭେଚ୍ଛା କୁ ପୂରା କରିବାକୁ ଦେଲେ ନାହିଁ ଆଉ କହିଲେ କି ନା ସାର, ସୁଜାତା ସାହୁ ନୁହଁ, ସୁଜାତା ରାଉତ ପ୍ରଥମ ସ୍ଥାନ ଅଧିକାର କରିଛି। ମୋର ପାଦତଳୁ ମାଟି ଖସି ଗଲା ପରି ପ୍ରତୀୟମାନ ହେଲା। ମୋର ଠିକ୍ ପଛରେ ବସିଥିବା ସ୍ୱଳ୍ପ ଭାଷୀ ଶାନ୍ତଶିଷ୍ଟ ସ୍ୱଭାବର ସୁଜାତା ରାଉତ ବ୍ୟସ୍ତ ହେଇଯାଇଥିଲା ହଠାତ୍ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ବନି ଯାଇ ଥିବାରୁ ଆଉ କହୁଥିଲା ନା, ନା, ମୁଁ ହେଇ ନଥିବି ।

ମୋର ପରାଜୟ ଯେମିତି ମୁଁ ଗ୍ରହଣ କରି ପାରୁ ନଥିଲି, ସିଏ ବି ନିଜର ଆକସ୍ମିକ ବିଜୟକୁ ବିଶ୍ୱାସ କରିପାରୁ ନଥିଲା ବୋଧେ।

ବହୁତ ରାଗ ଲାଗୁଥିଲା ସେହି ବନ୍ଧୁଙ୍କ ଉପରେ ଯିଏ ମୋର ସବୁ ଖୁସି ମୋ ଠୁ ଛଡେଇ ନେଇଥିଲେ ଗୋଟିଏ ମୁହୂର୍ତ୍ତରେ । ଯେମିତି ଜାଣିଶୁଣି ମୋ ନାଁ କୁ ମିଛଟାରେ ତଳକୁ କରିଦେଲେ । ଜୀବନ ସାରା ସେ ବନ୍ଧୁଙ୍କର ମୁହଁ ଚାହିଁବି ନାହିଁ ବୋଲି ମନେ ମନେ ଭାବିଥିଲି କିନ୍ତୁ ବିଧିର ବିଧାନ ବଡ ଅଦ୍ଭୁତ। ଜୀବନ ସାଥି ହୋଇ ଆଜିଯାଏଁ ସେହି ପରାଜିତ ମୁହୂର୍ତ୍ତଟିର ପ୍ରତିଶୋଧ ନେଇ ଚାଲିଛି।ଏତିକିରେ ସାରୁଛି ।ଆଉ କିଛି ମନେ ନାହିଁ। Marks ବଢେଇବାକୁ ଯାଇ ଦୁଇଟା paper repeat କରିଥିଲି। Algebra ରେ ୬୪ ଟା ୮୪ ହେଇଥିଲା ଆଉ Complex Analysis ରେ ୭୧ ଟା ୮୧ ହେଇଥିଲା। ଏତିକି ଜାଣିଛି Marksheet ରୁ। Final result ବେଳକୁ ମୁଁ Bangalore ରେ ଥିଲି JTO training ରେ। କେତେଜଣ ମୋ ଉପରେ ରହିଲେ ଜାଣିବାକୁ ଇଚ୍ଛା ଥିଲା କିନ୍ତୁ, ଏଯାଏଁ କୌଣସି ସୂତ୍ରରୁ ଜାଣିପାରି ନାହିଁ। ତୁମେ ଯଦି ଜାଣିଥିବ ଜଣେଇବ ।

ରହିଲି।.....

# ସ୍ମୃତି ଏକ ରୁପା ଜହ୍ନ

**ସନାତନ ପଣ୍ଡା**
ରାଜନୀତି ବିଜ୍ଞାନ ବିଭାଗ

ଗପ ଲେଖିବି କି କବିତା ଲେଖିବି
ଭାବୁଛି ମୁଁ ବସି ବସି
ବାଣୀବିହାରର ଅକୁହା ସ୍ମୃତି ମୁଁ
କହି କାଳେ ଯିବି ଫସି ।।

ଗ୍ଲାସ କ୍ୟାଣ୍ଟିନରେ ଭିଡ଼ ଲାଗୁଥିଲା
ଟେଲିଫୋନ ପାଖେ ଲାଇନ
ପରିଜା ଲାଇବ୍ରେରୀ ଡାକେ ହାତ ଠାରି
ଯିବାକୁ ନଥିଲା ଟାଇମ।।

ରୋଲ କଲ ହେଲେ ସାର ଯିବା ଯିବା
ଶୁଭୁଥିଲା କେତେ ରାବ
ମୁରୁକି ହସରେ ଗୁରୁଜୀ ଶ୍ରଦ୍ଧାରେ
ବୁଝୁଥିଲେ ଆମ ଭାବ ।।

ଟିଉସନ ରୋଷେଇ ସାଥେ ପାଠ ପଢା
କେତେ ଗୁଲିଖଟି ଗପ
ପାଖ ରୁମ ପିଲା ଚାକିରି ପାଇଲେ
ବଢ଼ି ଯାଉଥିଲା ଚାପ।।

ଧାଇଁ ଯାଉଥିଲୁ ମେଗାଜିନ ଷ୍ଟଲ
ଆଉ କି ଫର୍ମ ମିଳୁଛି
ସବୁ ଚାକିରିର ଠିକଣା ସେଇଠି
ପାଠୁଆଙ୍କ ଭିଡ଼ ଲାଗିଛି।।

ହଜିଲା ଅତୀତ ହଜିଯାଇନାହିଁ
ଆଜି ବି ଜୀବନ୍ତ ଅଛି
ଅତିକମରେ ବରଷକୁ ଥରେ
ସ୍ମୃତିକୁ ତାଜା କରୁଛି।।

ପଞ୍ଚତିରିଶି ବର୍ଷ ମିଳନ ଉତ୍ସବ
ଡାକିଲାଣି ହାତଠାରି
ଡିସେମ୍ବର ମାସ ଶେଷ ରବିବାର
ଆସ ପରିବାର ଧରି।।

ଦେଶବିଦେଶରେ ଯେଉଁଠି ଥାଅ
ଆସ ଗଣେଶ୍ୱର କହେ
ସ୍ମୃତି ରୁପା ଜହ୍ନ କେତେ ଆୟୋଜନ
ସକାଳଠୁ ସଞ୍ଜଯାଏଁ ।।

ନାଚିବା ଗାଇବା ଖେଳିବା ଖାଇବା
ସ୍ମୃତି ରୋମନ୍ଥନ କରି
ବୟସକୁ ଭୁଲି ଅଣାନବେ ମସିହା
ବାଣୀବିହାର ଯିବା ଫେରି ।।

# "ବାଣୀବିହାରର ସ୍ମୃତି ଅନୁଭୂତି"

ସୀତାରାମ ମହାରଣା
ଇତିହାସ ବିଭାଗ

ବାଣୀବିହାରର ସ୍ମୃତି ଅନୁଭୂତି
ମନେ ପଡିଯାଏ ଆଜି ॥
ପୁରୁଣା ଦିନକୁ ଭାବିଲା ବେଳକୁ
ଲୁହେ ଭିଜିଯାଏ ଆଖି ।୧।

ଓଡିଶାର ଏକ ଗର୍ବ ଗୌରବ
ଆମ ଉତ୍କଳ ବିଶ୍ୱବିଦ୍ୟାଳୟ ।
ସହସ୍ର ଛାତ୍ରଙ୍କୁ ଦେଇଅଛି ଆଜି
କେତେ ନୂଆ ପରିଚୟ ॥୨॥

ସାର୍‌ମାନେ ଯେବେ ପଢାନ୍ତି ଆମକୁ
ଅତିସୁନ୍ଦର ଭାବେ ।
କ୍ଲାସ ଛାଡିବାକୁ ଇଚ୍ଛାହୁଏ ନାହିଁ
ଭୁଲି ନାହୁଁ ଆଜି ଆମ୍ଭେ ॥୩ ॥

ହଷ୍ଟେଲର ସେହି ଶାନ୍ତ ପରିବେଶ
ବହୁ ସୁଖ ଦେଇ ଥାଇ ।
ସଙ୍ଘର୍ଷ ଭିତରେ ସେ ଯେଉଁ ଆନନ୍ଦ
ସାତ ସପନରେ ନାହିଁ ॥୪॥

ନୃସିଂହ, ଗଣେଶ, ଗାହାଣ, ବରେନ୍ଦ୍ର,
ବିଜୟ, ଦେବୀ, ନରେନ୍ଦ୍ର
ପବିତ୍ର, ଫକୀରା, ସୌଭାଗ୍ୟ, ବିଚିତ୍ର
ଶାରଦାକାନ୍ତ, ଜିତେନ୍ଦ୍ର ॥୫॥

ବୈକୁଣ୍ଠ, ଦେବେନ୍ଦ୍ର, ବିଚି, ରାମକୃଷ୍ଣ
ବିଭୁପ୍ରସାଦ, ବୀରେନ୍ଦ୍ର, ଚୂଳି ।
ଜୟ, ଦୁର୍ଗା, ସନା, କପିଳା, ସୁଧାଂଶୁ
ଯଶୋବନ୍ତ, କୁଳମଣି ॥୬॥

ମନୋଜ, କ୍ଷୀରୋଦ, ପ୍ରଭାତ, ହେମନ୍ତ
ସତ୍ୟବ୍ରତ, ତାରାକାନ୍ତ ।
ଅନନ୍ତ, ବିପ୍ଳବ, ସୁବାସ ଓ ବିନ୍ଦୁ
ସନ୍ତୋଷ, କାଳୀ, ବସନ୍ତ ॥୭॥

ଆଲୋକ, ଅମ୍ବିକା, ଅକ୍ଷୟ, ବିପିନି
ଦୁର୍ଗା, ବିଭୂତି, ମହେଶ ।
ବିନୋଦ ଓ ଚନ୍ଦ୍ର ଶେଖର, ସୁବୋଧ
ଗଙ୍ଗା,ରସାନନ୍ଦ,ଶ୍ରୀହର୍ଷ ॥୮॥

ମୃଦଳ, ବାଦଲ, ଗୋପାଳ, ପ୍ରଫୁଲ୍ଲ
ସୂର୍ଯ୍ୟକାନ୍ତ, ଲମ୍ବୋଦର ।
ପ୍ରଶାନ୍ତ, ସଂଜୟ, ନିହାର, ପ୍ରମୋଦ
ହରିହର, ନୀଳାମ୍ବର ॥୯॥

ମହାଦେବ, ନିଲୁ, ଅନିଲ, ଓଁକାର
ଅନ୍ନଦା, ସଂଜୟ, ପଦ୍ମ ।
ଶଶାଙ୍କ, ବାଦଲ, ଅରୁଣ, ଦିଲ୍ଲିପ,
ଜଳଧର, ଦେବାଶିଷ ॥୧୦॥

ଶଶି, ସୋମନାଥ, ନିହାର ରଞ୍ଜନ,
ଭରତ ଓ ସୌରଜିତ
ସାଗର, ସୁବ୍ରତ, ଅନୁପ, ରାଜେନ୍ଦ୍ର
ଜଳଧର, ନିତ୍ୟାନନ୍ଦ ॥୧୧॥

ବିଭୁ ସାଂସଦ, ପୃଥ୍ୱୀରାଜ ମନ୍ତ୍ରୀ
ଦେବରାଜ, ସୀତାରାମ ।
ଆହେ ପ୍ରିୟ ସାଥୀ ଏତିକି ଲେଖିଲି
ପାଇଲି ମୁଁ ଯାହା ନାମ ॥୧୨॥

ଚିରଶ୍ରୀ, ରାଜଶ୍ରୀ,ସସ୍ମିତା, ନୟନା
ଜ୍ୟୋସ୍ନା, ଲକ୍ଷ୍ମୀ, ହିରଣ୍ମୟୀ ।
ମାନିନୀ, ବନ୍ଦନା, ସୁମିତା, ସୁଜାତା
ଗୌରୀ, ଦେବୀ, ଆଭାମୟୀ ॥୧୩॥

ନିରୂପମା, ମଧୁମିତା, ପ୍ରୀତି ଲତା,
ଜ୍ୟୋତିର୍ମୟୀ,ପ୍ରଭାମଂଜରୀ ।
ସ୍ମୃତି-ରୂପା ଜହ୍ନ ବାଣୀବିହାର
ରୂପେଲି ପରଦା ପରି ॥୧୪॥

ଡିସେମ୍ବର ୨୯,ରବିବାର ଦିନ
ଏକାଠି ହୋଇବା ଆମେ ।
ପୁରାତନ ଛାତ୍ର ବୈଠକରେ
ମିଳନ ହେବାରେ ଆମେ ॥୧୫॥

ସ୍ମୃତି ଅନୁଭୂତି ବାଣ୍ଟିବା ଏକାଠି,
ନାଚ ଗୀତ ଭୋଜି ପୁଣି ।
ଗର୍ବରେ କହିବା "ବାଣୀ ବିହାର" ଟି
କରିଛି ଆମକୁ ଋଣୀ ॥୧୬॥

# Gone Are Those Days...

**Smita Dash Sahoo**
Dept. of Labour Welfare

It is such a pleasure that our Batch is celebrating 35 years at Vanivihar. In these 35 years the entire batch of 1989 has spread its wings all over the world. Some have made it big, some have made it work, some have worked at the grassroots level, and some must have built organisations. But that we are still bound by a registered VV89 like a bouquet, is beautiful.

Vanivihar - The Abode of Vani or Saraswati, was a Temple where those who got admissions felt proud. After graduation, the next stepping stone for students with some dreams or purpose, was to enter the gates of The Utkal University. The university was a cauldron of intelligent and aspiring young students from all over Odisha and other States, who gradually became knowledgeable and confident, and found it easy to decide and plan their career.

I have always wondered, what are memories made of - People, Places, Feelings, Moments? Sometimes memories could be a mixture of many aspects. To remember my time at Vanivihar I close my eyes, and easily glide through The Main Gate, glancing at The Lake on the right and the Playing Field on the left, The Auditorium, The Bus Stops, The Administrative Building, The Post Office, The Ladies Hostels, The Small Thatch-Roofed Hotels there beyond, The Central Canteen, The Library and the buildings of various Departments. What stood out inspite of the sea of students are the open spaces and numerous trees all over the campus. Some gave shade, some themselves stood under the shade of a building, some were in groups and some stood alone in the open field. Seeing that tree at Talapadeswari over the thatched roof of the hotel, swaying happily, while the hotel set around it ran its business peacefully, I realised how Humans, if they decide, they can co-exist with The Nature even in Cities.

The group of trees spread over the open space in front of the Ladies Hostel-1 fascinated me to no bounds, because it seemed like a set of Satin Curtains hung there as a shield. But two lonely trees were special. One near the Post Office which was big and gave us shade. And the other, a small tree that stood alone under the Sun unprotected in an open space on the right hand corner just before taking the turn towards the Philosophy Department. I took two life messages from them- If you grow well give shade. If you are weak or/and in difficulties, hold on.

Have we noticed how an object or subject may not be remembered for only its physicality but for the life message or philosophy it advocated? For example, The Library had books but did not have many or enough. I realised that it may be impossible to put together all the knowledge in the world at one place. It taught me to treasure books and never to give them away such that they reach a Chenachur shop. Try to see it reaches some student. I also liked the Study Center at the Library. It was so big yet so silent, I wondered if anything could go wrong there.

I was more into sports and dramatics during my school days, which had slowly got eclipsed by the social environment within Odisha. During Graduation, the joy of participating in NCC was compensated by the opportunity at 'Sanibaar Srujani Sandhya'. I have always felt thankful to the core committee members for running such a beautiful cultural

organisation and giving me opportunity to contribute in Hindi while everyone wrote in Odia. Not that I could not have written in Odia but we were not in Class 2 J

I have also wondered how are our memories stored- chronologically must be, or haphazardly, a few highlighted so as to pop up every now and then with an associated cue? We must be somewhere cautious of what memories we are making and that is why we have more of good memories and less of bad ones.

I hold a very bad memory of the untimely passing away of our batch mate Kishore Jena. I did not know him personally. Being a Day scholar, I had to leave the campus as early as possible. So I had very limited opportunity of knowing about many things that we come to know if we stay in the hostel. The situation in Vanivihar in those 2-3 days did scare me for life and has been a guiding incident till date. I understood that for certain situations sometimes "No one is at Fault'. It taught me many lessons. We should be very careful while dealing with people. Liking someone makes sense only if one is alive. We should never give wrong hopes to people, neither develop uncalled for attachments for people. Rejection is part of each one's life, we have to accept it graciously. As far as possible, we must help people, directly or indirectly, to be emotionally strong. I have always reiterated that the world is/will be a happier place if people understand the beauty of friendship. Nothing beats friendship.

One of the funny incidence of my time in Vanivihar was when a naughty boy, who treated me like a sister, shaved his head out of anger to declare my death to 200% of the Vanivihar fraternity, because I stopped speaking with him for some reason/principle. This was a superlative example of novelty. When we are friends with someone openly how to withdraw the entire support in one shot. It was a smash. I was quite worried until I saw him with his bare head. I accepted my death graciously, and happily celebrated Life, because neither I had died nor he, nor our friendship. And we both are still alive with nothing to fight for. I noted that it was also the best way he could have made a statement that defined his affection for me as one of his own. He still holds a special place in my heart.

The years of student life is more memorable because it is simple and full of hopes, and is a space where one can be responsible as well as carefree. As a responsibility, I never set my foot on both the sides beyond Talapadeswari and The library, but freely enjoyed the rest of the space. Infact I preferred not to go to these areas and instead use my imagination to paint pictures in my mind whenever I heard something from my friends like the Padhi Babu hotel or the Book stall. It had a Malgudi Days effect in my writer mind.

Some may wonder why I have discussed nature more than people. But that is not true. If we analyse we have been like one or the other of those trees during various phases of our lives. As on date, I feel comfortable to see the entire Batch of 1989 as ONE, beyond Departments & Districts.

I would like to end by remembering and paying my Respects to the Teachers and the environment they provided for our learning & growth. Without them we would have reached nowhere. I also pay my Tribute to all the Teachers as well as my classmates who have left for their heavenly abode, now must be our guardian angels. Covid/Corona years were trying times, which took away the near and dear ones of many families. May God continue giving them strength to lead life well.

It is therefore, important that we celebrate 35 years of our Batch at Vanivihar with pomp and fare and celebrate LIFE. We are a colossal batch and a force that can change a lot of things if and when desired. Let us Unite for common causes and make this world a better place to live.

# ସ୍ମୃତି ଏକ ରୂପାଜହ୍ନ

**ସୁଜାତା ପ୍ରହରାଜ**
ଅର୍ଥନୀତି ବିଭାଗ

ଜୀବନ ନଈର କୂଳରେ ତୁମେ ଗୋ
ଅଭୁଲା ପଥର ତୁଠ
ଅବଗାହି ଦିନେ ଉଠିଥିଲି, ଆଜି
କୋହଭିଜା ଦେହ ଓଠ ।
ଚାହିଁ କେବେ ନଦୀ ଫେରି କି ପାଇଛି
ଉଜାଣି ସ୍ରୋତର ଧାର !
ସ୍ମୃତି ସ୍ରୋତେ ଭାସ ରୂପା ଜହ୍ନ ଖଣ୍ଡେ
ତୁମେ ଗୋ 'ବାଣୀ ବିହାର' ।

ପି.ଜି.କରିବି !!! ଗୋଡ ତଳେ ଲାଗୁ ନ ଥାଏ । ସେ ପର୍ଯ୍ୟନ୍ତ ଗାଆଁରେ କୌଣସି ଝିଅ ଏକାଥରକେ ପି.ଜି. କରି ନଥିଲେ । ଜଣକର ମତ 'କଳା ବିଷୟ ନେଇ ଅଧିକ ପଢିବାର ଲାଭ କିଛି ନାହିଁ' । ଅନ୍ୟ ଜଣକର ଯୁକ୍ତି 'ସେ ଯୁଗ ଗଲାଣି । ଇକୋନୋମିକ୍ସ ନେଇ ପଢିବ, ବ୍ୟାଙ୍କ ଚାକିରି ହେବ' । ଦୁଇ ଭାଇଙ୍କ ଭିତରର ଯୁକ୍ତି ଶୁଣି ମନମାରି ରହିଥାଏ । ନାନୀଙ୍କ ପରି ମୋର ତ ଆଉ ବର୍ଷେ ନଷ୍ଟ ହୋଇଯିବନି ! ସଂଶୟ ଦୂର ହେଲା । ସର୍ତ୍ତ ରହିଲା ସାନ ଭାଇ ଦାୟିତ୍ୱ ନେବେ ।

ଆଡ୍‌ମିସନ୍ ଦିନ ଭାଇ ଭଉଣୀ ଓରିଜିନାଲ୍ ସାର୍ଟିଫିକେଟ୍ ନ ନେଇ ଯାଇଛୁ । ପିନ୍ ପିନ୍ ଧଳା ଧୋତି-ପଞ୍ଜାବି ପିନ୍ଧା ଟିକେ ବୟସ୍କ ଗେଡା ଗୋରା ଲୋକଟି ପଚାରିଲେ "ସାର୍ଟିଫିକେଟ୍ ନ ନେଇ କୁଆଡେ ଆସିଛ ?" "ଆପଣ କିଏ ଓ କ'ଣ କରନ୍ତି ?" ଭାଇନାଙ୍କ ଆଡକୁ ଚାହିଁ ସେ ପଚାରିଲେ । ଭାରି କଡା । 'ଇଏ ତ ମୁଖ୍ୟଜାଗାରେ ବସିଛନ୍ତି । ହେଲେ ପଢାଉ ନଥିବେ ।' ମୁଁ ଭାବୁଥାଏ । ତା' ହେଲେ ଆଡ୍‌ମିସନ୍ ହେବନି !!! ଦେହ ଥରିବାକୁ ଲାଗିଲା ।

ମୁଁ ଗାଁ'ରୁ ଆସିଥାଏ । ଗୋଟିଏ ଟ୍ରେନ୍, ସେ ବି ସନ୍ଧ୍ୟାବେଳେ । ଆଖିରେ ଆଖିଏ ଲୁହ ଦେଖି ସେ କଡା ଲୋକଜଣକ ତରଳି ଗଲେ ବୋଧେ । ହେଲେ ନିଜ ମନକୁ ଆୟତ୍ତ କରି କହିଲେ "ସାର୍ଟିଫିକେଟ୍ ନ ଆଣି ଆସିଛୁ । ପୁଣି କାନ୍ଦୁଛୁ । ଭାଇ ଡାକ୍ତର, ତାଙ୍କୁ ବି ଜଣା ନାହିଁ ।" ସବୁ ଶୁଣି କହିଲେ, ପଛରେ ଠିଆ ହୋଇଥା'ଏ । ସମସ୍ତଙ୍କର ଆଡ୍‌ମିସନ୍ ପରେ ପୁଣି ଡାକିଲେ । "ଆଜି ଆଡ୍‌ମିସନ୍ କରି ଦେଉଛି । ଗାଆଁକୁ ଯାଇ କାଲି ସାର୍ଟିଫିକେଟ ନେଇ ଆସିବୁ" ।

ଛ' ନମ୍ବର ବାଳିକା ବିଦ୍ୟାଳୟ ଓ ବିଜେବି କଲେଜରେ ପଢିବା ଯୋଗୁ ହଷ୍ଟେଲ୍‌ରେ ରହି ନଥିଲି । ଭାଇନାଙ୍କର ବଦଳି ହୋଇସାରିଥାଏ । ତେଣୁ ହଷ୍ଟେଲ୍ ଛଡା ଅନ୍ୟ ଉପାୟ ନଥିଲା । ବୋଉକୁ ଛାଡି ଆସିବା କଷ୍ଟ ଥିଲା । ତଥାପି ଆସିଲି । ନୂଆ ଅନୁଭୂତି । କୁନ୍ତଳା କୁମାରୀ ସାବତ ଓମେନ୍‌ସ ହଷ୍ଟେଲ, ଅଧିକ ପରିଚିତ ଫାର୍ଷ୍ଟ ହଷ୍ଟେଲ୍ ଭାବରେ । ଗଛ ଓ ଫୁଲରେ ଭରା । ଝାଉଁ - ଆକାସିଆ ଗଛଭର୍ତ୍ତି ଜମିଖଣ୍ଡକୁ ମୁହଁ କରି ସୁନ୍ଦରୀ ହଷ୍ଟେଲଟା ଠିଆ ହୋଇଛି । ତା' ଆରପଟେ କଳାନାଗ ପରି ଓସାରିଆ ରାସ୍ତାଟା ଧାଇଁ ମିଶିଯାଇଛି ତିନିକୋଣିଆ ଛକରେ ।

ସକାଳୁ ଗାଧେଇବା ପାଇଁ ବାଥରୁମ୍ ପାଖରେ ଧାଡି ଲଗାଅ । ଡେରି ହେଲେ ଧାଇଁ ଧାଇଁ କ୍ଲାସ୍ ଯାଅ । ଡିପାର୍ଟମେଣ୍ଟ ଏମିତି ବି ଦୂର ନୁହେଁ । ନୂଆ ଲୋକ, ଜଣାଅଜଣା ପାଠ । ଆରେ, ଏଇ ଗେଡା ଲୋକ ତ ସେଦିନ ଆଡ୍‌ମିସନ୍ ବେଳେ ଥିଲେ । କ'ଣ କ୍ଲାସ୍ ଭିତରକୁ ପଶି ଆସିଲେଣି ! ଚେଆର୍‌ଟାକୁ ପଛକୁ ଘୁଂଚେଇ ବସି ପଡି କହିଲେ "ମୁଁ ଭରତ ଚରଣ ମଲ୍ଲିକ । ମନିଟାରି ଇକୋନୋମିକ୍ସ ପଢେଇବି" । ଆଉ କିଛି ନାହିଁ । ସିଧା ପାଠ, ନନ୍‌ଷ୍ଟପ୍ । ନୂଆ ପରିବେଶ, ବଡ ବଡ ଲୋକ । ଇଂଲିଶ ମିଡିୟମ ଝିଅଙ୍କର ଇଂଲିଶ୍ ଚର୍ବଣ ଓ ଷ୍ଟାଇଲ୍ ଦେଖି ନିଜକୁ ବହୁତ ଅସହାୟ ଲାଗୁଥାଏ, ଇନଫେରିଅର୍ କମ୍ପ୍ଲେକ୍ସିଟି । ଦମ୍ଭ ଲାଗେ ବି ସି ମଲ୍ଲିକ ସାରଙ୍କୁ ଦେଖିଲେ ।

ଆମ ଏଚ୍.ଓ.ଡି. ଥାଆନ୍ତି ଡ. ଶିରୀଶ ଚନ୍ଦ୍ର ପଟ୍ଟନାୟକ । ସତରେ ଶିରିୟଶ୍ ଚନ୍ଦ୍ର ପଟ୍ଟନାୟକ । କଥାକଥାକେ ରାଗ । କୁମରବର ସାରଙ୍କ ଇକୋନୋମେଟ୍ରିକ୍ସ ମୋର ମୁଣ୍ଡ ଉପରେ ପଳାଏ । ସୁଧାକର ସାର ବସେଇବସେଇ ଦାନ୍ତ ଚିପିଚିପି ପଢେଇଲେ । ଜ୍ଞାନ ସାର ଜ୍ଞାନ ବିତରଣ କରିବେ । ଅଦ୍ୱୈତ ସାର ତାଙ୍କ ଢଙ୍ଗରେ ବୁଝେଇବେ । ପଦ୍ମଜା ମାମ୍ ପଛରେ ଆସିଲେ । ପ୍ରିୟ ଥିଲେ ବି ସି ମଲ୍ଲିକ ସାର । ମୁଁ, ଆରତୀ ବଂଶଲ୍ ଓ ସଞ୍ଜୁ (ମହାପାତ୍ର) ପ୍ରଥମ ଧାଡିରେ ସାରଙ୍କ ବାମ ପଟେ ବସୁ । ମୁଁ ସାର

ଙ୍କର ଠିକ୍ କଣକୁ । ବି ସି ମଲ୍ଲିକଙ୍କ କ୍ଲାସ ମାନେ ପିନ୍‌ଡ୍ରପ୍ ସାଇଲେନ୍ସ । ସାର୍ ଆସିବେ । ମୋ ନୋଟ୍‌ଖାତାଟା ନେବେ । ପୂର୍ବଦିନ ଯେଉଁଠି ଛାଡିଥିବେ ସେଇଠୁ ଆରମ୍ଭ କରିବେ । କେଉଁଠି ଅଟକିବେନି । ଚିରିକୁଟି ନାହିଁ । ଲେଖି ନ ପାରିଲେ କହିବେ ପଢିଦେବୁ । ତୁ ଆଉ ଟିକେ ବଡ ବଡ ଅକ୍ଷର ଲେଖୁନୁ, ମୁଁ ପରା ବୁଢା ହୋଇଆସିଲିଣି ।' କେତେ ଜ୍ଞାନ ଏଡିକି ଛୋଟିଆ ଲୋକଟି ଭିତରେ!! ଥରେ ଥରେ ପଚାରିବେ, ତୁମ ସମସ୍ତଙ୍କର ଫାର୍ଷ୍ଟକ୍ଲାସ୍ ହେବଟି ? ଦାମ କହିଲା " ସାର୍ କାହିଁ ଲାଗୁନି । "ପଢୁନୁ କିରେ ?" ଇକୋନୋମିକ୍ସ ପିଲାଙ୍କର ଆଉ ଗୋଟେ କିଛି କ୍ଲାସ୍ ଅଛି ? ତମେମାନେ ତ ପଢୁନ । ମୋ ବେଳେ ମୁଁ ରେଭେନ୍ସା କଲେଜ ଲାଇବ୍ରେରୀର ସବୁ ବହି ସାରିଦେଇଥିଲି ।"

ରାଗ ଲାଗିଥିଲା ସେ ଦିନ ତାଙ୍କ ଉପରେ । ପାଖରେ ଠିଆ ହୋଇଥିଲେ ପରୀକ୍ଷା ବେଳେ । ଗୋଟେ ପ୍ରଶ୍ନ ବୁଝି ନ ପାରି ଉତ୍ତର ପୁରା ଭୁଲ୍ ଲେଖିଲି । ହେଲେ ସେ ପଦେ ବି କିଛି କହି ନଥିଲେ । ପ୍ରଥମ ଥର ପାଇଁ ସେତେବେଳର ହୋଟେଲ୍ ନ୍ୟୁ କେନିଲ୍‌ୱର୍ଥରେ ହୋଇଥିବା ନେସନାଲ ସେମିନାର୍‌ରେ ପେପର୍ ପ୍ରେଜେଣ୍ଟ କରିଥିଲି । ସୁଧାକର ସାର୍ ଆବେଦିନ୍, ସ୍ନିଗ୍ଧା ତ୍ରିପାଠୀ ଓ ମୋତେ ବାଛି ନେଇଥିଲେ । ଜ୍ଞାନର ଭଣ୍ଡାର ଥିଲେ ସାର୍‌ମାନେ, ଭାରତର ପ୍ରସିଦ୍ଧ ଅର୍ଥନୀତିଜ୍ଞମାନଙ୍କ ଭିତରେ ଜଣେ ଜଣେ ଥିଲେ । ସେହି ବିଦ୍ଧାଣିମାନଙ୍କର ଋଣ ସାତ ଜନ୍ମରେ ମଧ ଶୁଝିହେବନି । ଗୁଶବ୍ଦସ୍ତ୍ୱନ୍ଧକାର ସ୍ୟାତ୍ ରୁଶବ୍ଦସ୍ତନ୍ନିରୋଧକଃ ଅନ୍ଧକାରନିରୋଧତ୍ୱାତ୍ ଗୁରୁରିତ୍ୟଭିଧୀୟତେ ।। (ଅଦ୍ୱୟତାରକ ଉପନିଷଦ)

'ଗୁ' ଶବ୍ଦର ଅର୍ଥ 'ଅନ୍ଧକାର', 'ରୁ ' ଶବ୍ଦର ଅର୍ଥ 'ନିରୋଧକ' । ଯିଏ ଅନ୍ଧକାରକୁ ନିରୋଧ କରିପାରେ ସେ ଗୁରୁ । ଅଜ୍ଞାନ ଅନ୍ଧକାର ନାଶ କରି ହାତ ଧରି ଯିଏ ଜ୍ଞାନାଲୋକର ମାର୍ଗଦର୍ଶନ କରି ଏକ ଜୀବନ ଗଢିଛନ୍ତି ସେହି ଯୋଗଜନ୍ମା ମହାନ ଗୁରୁମାନଙ୍କ ଚରଣରେ ମୋ ମଥା ଚିରନତ ।

ହଷ୍ଟେଲ୍ ଖାଇବା ବ୍ୟବସ୍ଥାର ଅନୁଭୂତି ନ ଥିବାରୁ ପ୍ରଥମଦିନର ଲଞ୍ଚ୍ ଗଲା । ସାରାଦିନ ଉପାସ । କେହି ସାଙ୍ଗ ଚିହ୍ନା ନାହାନ୍ତି । ଏକୁଟିଆ ଯାଇ ଅଳକା ମାର୍କେଟରେ ଜଳଖିଆ ଖାଇ ଆସିଲି । ଏହାଠୁ ବଳି ଥିଲା ରାତି ଖାଇବାର ଦୁଃଖ । ବୋଉ ଶହେଥର ଡାକିଲେ ଖାଇବାକୁ ବସୁ ନଥିଲି ମୁଁ । ଭାଉଜ ଖାଇବାକୁ ଦେଲେ ଏତେ ଖାଇବିନି ବୋଲିର ଜିଦ୍ଦି ଶୁଣି ଭାଉଜ କହନ୍ତି "ମୋତେ ଏତେ ହଇରାଣ କରୁଛ । ଖାଇବାରେ କଷ୍ଟପାଇବ" । ତାଙ୍କ କଥା ସତ ହେଲା । ଟ୍ରେ ଧରି କମ୍ ଆଲୁଅର ଡାଇନିଂହଲ୍‌କୁ ଯାଇ ଟ୍ରେ ଦେଖେଇ ଠିଆ ହେବା ଭାରି କଷ୍ଟ ହୋଉଥାଏ । ଧୀରେଧୀରେ ଅଭ୍ୟାସ ହୋଇଗଲା । ଏମିତି ହେଲା ଯେ ରୁମ୍‌ମେଟ୍ ବିଜୟା ନନ୍ଦ ଶୋଇ ପଡେ (ସତରେ ଶୋଇ ପଡେ କି ଯିବନି ବୋଲି ଛଳନା କରେ କେଜାଣି !) ତାର ମିଲ୍ସ ମୁଁ ପ୍ରାୟ ସବୁଦିନ ଆଣେ ।

କ୍ଲାସ୍ ସରିବା ପରେ ପାଞ୍ଚଟା ବେଳକୁ ଡ୍ରେସ୍ ପିନ୍ଧି ଫିଟ୍‌ଫାଟ୍ ହୋଇ ବୁଲିବାକୁ ସୁନ୍ଦରୀମାନେ ବାହାରିବେ । ଚିନିମନ୍ଦାକୁ ପିମ୍ପୁଡି ଧାଇଁବା ପରି ସେପଟୁ ବୋହି ଆସୁଥିବେ ହିରୋଗଣ । ଯୋଡିଯୋଡି ନ ହେଲେ ମନ୍ଦାମନ୍ଦା ହୋଇ ଗପ ଚାଲିବ । ଟିକିଏ ଡେରି ହେଲେ କଲ୍‌ଭର୍ଟ ଉପରେ ଜାଗା ନ ଥିବ । ଭାରି ରାଗ ଲାଗେ ସେପଟୁ ଆସି ସେ ହିରୋମାନେ 'ଆମ' କଲ୍‌ଭର୍ଟକୁ ମାଡିବସିଲେ । ମନେ ଅଛି ଥରେ ଏଲିଟ୍ ସୁନ୍ଦରିଏ ବୁଲୁଥିଲେ । ତାଙ୍କ ପଛରେ ବଡପାଟିଆ(ରାଜନୀତି ବିଜ୍ଞାନ) ବିଷୟରେ ଦଳେ... ଲାଇନ୍ ମାରି ଚାଲୁଥିଲେ । ବଗୁଲିଆ କିଏ ଜଣେ ଗୋଟିଏ ପୁରୁଣା ହିନ୍ଦୀ ଗୀତ ଗାଉଥିଲା – 'ଜରା ହୌଲେ ହୌଲେ ଚଲ୍ଲୋ ମେରେ ସଜନା ହମ୍ ଭି ପିଛେ ହେଁ ତୁହ୍ମାରେ' ... ସିଏ 'ହୌଲେ ହୌଲେ' କୁ 'ହଲେଇ ହଲେଇ' କହୁଥିଲା । ରାଗିଲେ ବି କିଛି କହିପାରୁ ନଥିଲେ ସୁନ୍ଦରୀଏ, ଯେହେତୁ  ଭାରି ହସ ମାଡୁଥିଲା । କେତେ ରକମର ନିକ୍ ନେମ୍ ପିଡିଆଦିଆ ମୁଣ୍ଡରେ! କାହିଁ ଗଲା ସେ ଦିନ! ଧୀରେଧୀରେ ହଷ୍ଟେଲ ଜୀବନ ଭରିଉଠୁଥିଲା । ବିଜୟା, ମୀନାକ୍ଷୀ, ରୁନୁ, କଲ୍ୟାଣୀ, ଡଲି, ଜୁଲି, ବବିତା, ସଞ୍ଜିତା, ଆରତି, ମିତା, ସଞ୍ଜୁ, ଶୁଭ୍ରା, ସବିତା, ମୁନ୍‌ମୁନ୍, ରୋଜି, ସୋନାଲି, ଲୁଲୁମିନା, ବୁଲବୁଲ, ସବିତା ନାନୀ, ସେବତୀ, ଲକ୍ଷ୍ମୀ, ମମତା, ଜ୍ୟୋତି, ମାନୀ, ହୀରା, ଚନ୍ଦନା, ସୂର୍ଯ୍ୟସ୍ନାତା ଆହୁରି କେତ । ଏକାଠି ଖାଇବା, ପଢିବା, ଆଡୁସ୍ୟାଡୁ ଯେତେକ କଥା.... । ଆମେ ଧୁମ୍ ବଦମାସୀ କରୁଥିବୁ, ଟିକି (ସଞ୍ଜୁକ୍ତା ମହାପାତ୍ର) କେଉଁଠି ଯାଇ ଖାତାବହିରେ ମୁହଁ ମାଡିଥିବ । ରବିବାର ପାଣି ମୁନ୍ଦେ ଢାଳି ହୋଇ କମନ୍‌ରୁମକୁ ଧାଅଁ, ମହାଭାରତର କି ସମ୍ମୋହନ !!

ହଷ୍ଟେଲ୍‌ର ଗୋଟେ ଆକର୍ଷଣ ଥାଏ ମୋ ରୁମ୍ । ହଷ୍ଟେଲ୍ ଆଗରେ ଦିନେ ଜଣେ ଆସି ମୋତେ ପଚାରିଲେ ତୁମ ଗାଆଁ କେଉଁଠି ? ଜମା କହିବାକୁ ଇଛା ନଥାଏ । ଦୁଇଥର ପଚାରିବା ପରେ ମୋତେ କୁଣ୍ଠିତ ଦେଖି ସେ କହିଲେ "ତୁମେ ଟୁଟୁନାନୀଙ୍କ ଭଉଣୀ ?" ମୁଁ ଆଶ୍ଚର୍ଯ୍ୟ ହୋଇ ମୁଣ୍ଡ ହଲେଇ ହଁ କହିଲି । ଆମ ଗାଁ ସୌକତ୍ ଭାଇ, ଏଠି ଇଲେକ୍‌ଟ୍ରିସିଆନ୍ । ତାଙ୍କୁ କହିବାରୁ ସେ ମୋ ରୁମ୍‌ରେ ଗୋଟେ ହିଟ୍‌ର ଲଗେଇଦେଲେ । ମୋର ଦୋଅଡା (ଚାରିଟା ବେଳେ ପଖାଳ) ଖାଇବା ଅଭ୍ୟାସ ଥାଏ । ମୁଁ ଗାଆଁରୁ ଚାଉଳ ନେଇ ଆସେ । ଗୋଟେ ଥର ବୋତଲରେ ତୋରାଣି ଆଣି ମହି ଦେଇ ପଖାଳ କରିଥାଏ । ଅତି

ସରୁସରୁ ଆଳୁ କାଟି ଭାଜି ଦିଏ । ତା ସହିତ ଲୁଣ-ଲଙ୍କା ପାଗ । ଥରେ କିଏ ଜଣେ ସେ ପାଗର ବାସ୍ନା ପାଇଗଲା । ତା' ପରଠୁ ସେଇଟା ନିତିଦିନର ଘଟଣା । ଖାଇ ଦେଇ 'ହେ ! ଆମେ ସବୁ ଖାଇ ସାରିଦେଲୁ" ବୋଲି କହି ପଳେଇବେ । ମୁଁ ଭକୁଆ । ଏମିତି ଏ ଜୀବନରେ ଆଉ କେବେ କିଏ କରନ୍ତେ ହେଲେ ।

ସକାଳୁ ମୁଁ ବହୁତ ଫୁଲ ତୋଳି ମାଳ କରିଦିଏ । ଟଗର, ପାଇକେରା ଓ କରବୀର । ବିରାଟ ମାଳ. ତାଳପଦେଶ୍ୱରୀଙ୍କୁ ନେଇ ଦେଇଆସେ । ଅନନ୍ତଶାନ୍ତି ସେ ଜାଗାରେ । ଆଜି ପର୍ଯ୍ୟନ୍ତ ଦେଖିଥିବା ଅତି ସୁନ୍ଦର ଠାକୁରାଣୀ ମୁର୍ତ୍ତି ଭିତରେ ତାଙ୍କ ମୂର୍ତ୍ତି ଅନ୍ୟତମ । ଯେତେ କଷ୍ଟ ଥାଉ ଯାଇ ବସିଗଲେ ମନହୃଦୟ ହାଲ୍‌କା ହୋଇଯିବା ନିଶ୍ଚିତ । ଥରେ ଶିବରାତ୍ରିକୁ ସମସ୍ତେ ଶିବ ମନ୍ଦିର ଯାଇଥାଉ । ବହୁତ ଭିଡ । ପୂଜାରୀ ଆମକୁ ଦେଖି ଯେତେ ଶ୍ଳୋକ ଜାଣିଥିଲେ ସବୁ ବୋଲି ଗଲେ । ଡେରି ହେବାର ଦେଖି ମୁଁ କହିଲି "କ୍ଷୀର ଆମେ ଢାଳିଦେବା" । ପୂଜାରୀ ବୁଢା ତ ନିଆଁ । "କିଏ ଏ କଥା କହିଲା ? ମାଇକିନିଆ ଝିଅ ଯଦି କ୍ଷୀର ଢାଳିବେ ଆମେ ଅଛୁ କାହିଁକି ?" ମୁଁ ପଛକୁ ଆସି ସାରିଥିଲି ।

ପରିଜା ଲାଇବ୍ରେରୀକୁ ଛାଡି ବାଣୀବିହାରର ବର୍ଣ୍ଣନା ଅକଳ୍ପନୀୟ । କେତେ ପ୍ରେମକାହାଣୀ ସେ ନିଜ ଭିତରେ ରଖିଛି । କେତେ ପ୍ରେମଭରା ଚାହାଣୀ, କେତେ ସ୍ୱପ୍ନ ! କେତେ ମିଳନ, ବିଛେଦ ଆଉ ବିରହ ! କେତେ ପ୍ରେମପତ୍ର ଲେଖା ଓ ଚିରା ! ! ! ଲକ୍ଷଲକ୍ଷ ପିଲାଙ୍କ ଜୀବନ ଗଢିଛି ପରିଜା ଲାଇବ୍ରେରୀ । ଚିର ବନ୍ଦନୀୟା ସେ । ତା'ର ଧୂଳି ଶେଷ ପର୍ଯ୍ୟନ୍ତ ମଥାରେ ଅନୁଭୂତ ହେଉଥାଉ ।

ଫିଫ୍‌ତ ଇଅର୍‌ର ହଷ୍ଟେଲ୍ ଆନୁଆଲ୍ ଫଙ୍କ୍‌ସନ୍ ଚିରସ୍ମରଣୀୟ । ଅର୍ଚ୍ଚନା ଅପା ସେକ୍ରେଟାରୀ ଥା'ନ୍ତି । ଗୋଟେ ବର୍ଷ ବରେଣ୍ୟ କବି ଶ୍ରୀ ସଚି ରାଉତରାୟ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ ଅତିଥି ହୋଇ ଆସିଥିଲେ । ଦ୍ୱିତୀୟ ବର୍ଷ ଡ. କିରଣ ବେଦୀ । ଉଭୟ ସେମାନଙ୍କ କ୍ଷେତ୍ରରେ ପ୍ରଥମ ମହିଳା । ମୁଁ କୋରସ୍ ଗାଇଥିଲି । ଉଭୟଙ୍କ ପାଖରୁ ପ୍ରାଇଜ୍ ମଧ୍ୟ ପାଇଥିଲି । ଗୁଡିଏ କପ୍ ଦେଖି କିରଣ ବେଦୀ ମାଡାମ୍ "ସୋ ମେନି ପ୍ରାଇଜେସ୍ ! !" ବୋଲି ମୋତେ କହିଥିଲେ । ମନ କୁଣ୍ଢେମୋଟ ହୋଇ ଯାଇଥିଲା ।

ସବୁଠୁ ମଜା ଥିଲା ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଳନ । ଉଭୟ ହଷ୍ଟେଲ୍‌ରେ ଓ ଡିପାଟ୍‌ମେଣ୍ଟରେ । ବୁଲିବୁଲି ମୂର୍ତ୍ତି ଦେଖିବାର ଖୁସି ସତରେ ନିଆରା । ପୂଜା ସମୟରେ ହଷ୍ଟେଲରେ ବହୁତ ଭଲ ସିନେମା ଦେଖା ହୋଇଛି । ହଷ୍ଟେଲ୍‌ରୁ ଥରେ ସିନେମା ଯାଇଥିଲୁ । ମିନାକ୍ଷୀ, ମୁଁ, ରୁନୁ, କଲ୍ୟାଣୀ, ସଞ୍ଜୁ । ଫେରିବା ବେଳକୁ ସଞ୍ଜୁ କମିଜ୍ ପଛପଟ ପାନପିକରେ ଭର୍ତ୍ତି । ବସ୍‌ରେ ଆସିଲା ବେଳେ ଜାଣିଜାଣି ଦେହକୁ ଲାଗି ଲୋକଟା କହିଲା – " ବସରେ ଗଲେ ଯଦି ଦେହରେ ଦେହ ବାଜି ଯାଉଛି ବାପକୁ କହୁନ ମାରୁତିଟେ କିଣିଦେବ ।" ଇଂଲିଶରେ ଯେତକ ଗାଳି ଶୁଣିଲା ।

ହଷ୍ଟେଲ୍ ସୁପରିଂଟେଣ୍ଡେଣ୍ଟ ଥାଆନ୍ତି ଡ. ରୀତା ରାୟ ଓ ଡେପୁଟି ସୁପରିଂଟେଣ୍ଡେଣ୍ଟ ପ୍ରଥମ ବର୍ଷ ଡ. ପଦ୍ମା ଗାହାଣ ଓ ଦ୍ୱିତୀୟ ବର୍ଷ ଡ. ପୁଷ୍ପା ଜେନା ମାଡାମ୍ । ଗୋଟେ ଭଲ କଥା ସେମାନେ ଆମମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ । ନ ହେଲେ ସବିତାନାନୀ ଓ ମୁଁ ସବୁ ଅସୁବିଧାକୁ ଗୀତ କରି ପାଲା କରି ଦେଉଥିଲୁ, ସେ ଗାୟକ ମୁଁ ପାଳିଆ । ଥରେ ଅଧେ ପାଣିବାଲା ରାତିରେ ହଷ୍ଟେଲରେ ପଶିଯିବା ଘଟଣା ଘଟିଛି । ପ୍ରଥମେ ଯେତେବେଳେ ଶାନ୍ତା ମାଉସୀର ଡାକ ଶୁଣି ମୁଁ ଚମକି ପଡିଥିଲି । ଆମ ଗାଆଁରେ ଘର ପୋଡି ଗଲେ ଛାତ ଉପରକୁ ଜଣେ ଯାଇ "ଘର ପୋଡି ଗଲା ହୋ ଧାଇଁ ଆସ" ବୋଲି ଯେମିତି ଡାକନ୍ତି ମୋତେ ସେମିତି ଲାଗିଥିଲା । 'ସୁଜାତା ପହରାଜ, ଗେଷ୍ଟ'– ଆଜି ବି କାନରେ ନିନାଦିତ । ସେ ବୟସରେ ସେ କେତେଥର ଉଠି ଡାକୁଥିଲେ ଆଜି ଭାବିଲେ କଷ୍ଟ ଲାଗେ ।

ବାଣୀ ବିହାର ଓ ପୀତବାସ କ୍ୟାମେରାମ୍ୟାନ୍ ଅବିଚ୍ଛିନ୍ନ । ମୋବାଇଲ୍ ବା ନିଜର କ୍ୟାମେରା ନ ଥିବା ଯୁଗରେ କେତେ ଫଟୋ ସେ ଉଠେଇ ନଥିଲେ ! ଆଜି ସେ ଫଟୋ ଜୀବନର ଅମୂଲ୍ୟସ୍ମୃତି ଭାବେ ସାଇତା । ସେଥିପାଇଁ ପୀତବାସ ସବୁବେଳେ ମନେରହିବେ ।

ଚାହୁଁଚାହୁଁ ଦୁଇବର୍ଷ ସରିଗଲା । କେତେ ମାନଅଭିମାନ, ମୁହଁ ଫଟା । ବାଥରୁମ୍‌କୁ କିଏ ଆଗ ଯିବ ? ସେ ଏତେ ସମୟ ଗାଧେଇଲେ କେମିତି ହେବ ? କମନ୍‌ରୁମ୍‌ରେ ନିଉଜ୍‌ପେପର୍ କିଏ ଆଗ ପଢିବ ? ଡିଡି ନେସନାଲ – ନିଉଜ୍ ନା ଫିର୍ ଓ୍ୱହି ତଲାସ୍– କିଏ କ'ଣ ଦେଖିବ ! ଗୋଟିଏ ତ ଟି.ଭି. । ସବୁ ସରିଲା । ଧୀରେଧୀରେ ହଷ୍ଟେଲ ଖାଲି ହେବାକୁ ଲାଗିଲା । ଝିଅ ଶାଶୁଘରକୁ ଗଲା ବେଳେ ଆଗ ଯେମିତି ବାହୁନା ପକାନ୍ତି ସେମିତି କାନ୍ଦ । କିଏ କେଉଁଠି ରହିଲେ । ଚାକିରି, ସଂସାର..... ପଞ୍ଚତିରିଶ ବର୍ଷ କାଲି ପରି ଲାଗୁଛି । ସେ ସ୍ମୃତି ସବୁବେଳେ ଏମିତି ରୂପାଜହ୍ନ ହୋଇ ହସୁଥାଉ ।

# ଭୁବନେଶ୍ୱରରେ ଗତ ଛ' ବର୍ଷର ଅନୁଭୂତି

**ସୁଧାଂଶୁ ଶେଖର ମିଶ୍ର**
ଇତିହାସ ବିଭାଗ

ମୁଁ, ମୋର ଧର୍ମ ପତ୍ନୀ ଓ ଦୁଇ ଝିଅ ଇନ୍ଦିରା ଓ ଇଶାନୀଙ୍କୁ ନେଇ ଆମ ସଂସାର। ସୁଦୂର ଦିଲ୍ଲୀ ସହରରେ ଚାକିରି। ଘରେ ବୃଦ୍ଧ ବାପା ମାଙ୍କ ପାଖକୁ କେବେ କେମିତି ଆସିବାର ସୁଯୋଗ। ଓଡିଶାରୁ ଦୂରରେ ରହି ଅନେକ କିଛି ହରାଇବା ପରି ଲାଗୁଥିଲା। ନିଜ ମାଟି, ଭାଷା, ରୁଚି ଠାରୁ ଦୂରରେ ରହିବା ଯେ କେତେ କଷ୍ଟ ତାହା ଯିଏ ଅଙ୍ଗେ ନିଭେଇଛି ସିଏ ଜାଣିଛି। ସାଙ୍ଗ ମାନଙ୍କର ସାନ୍ନିଧ ପୁଣି ଏତେ ଦୂରରେ ଦିବା ସ୍ୱପ୍ନ। ଥରେ ଗାହାଣ, ବରେନ୍ଦ୍ର ଆଉ ବିଚି ମୋ ଆରକେପୁରମ ବାସଭବନକୁ ଆସି ମତେ କୃତଜ୍ଞ କରିଥିଲେ। ୨୦୧୭ ମସିହା ରେ ବାପାଙ୍କ ଦେହାନ୍ତ ପରେ ମାକୁ ଥରେ ଦୁଇ ଥର ମୋ ଆର୍‌କେପୁରମ୍ ସ୍ଥିତ ବାସଭବନରେ ନେଇ ରଖିଲି। କିନ୍ତୁ ସେ ସେଠାରେ ଆଦୌ ରହିବାକୁ ପସନ୍ଦ କଲା ନାହିଁ। ଅଗତ୍ୟା ମା ଏକୁଟିଆ ଅନୁଭବ ନ କରୁ, ଏହା ଚିନ୍ତା କରି ଭୁବନେଶ୍ୱର ପାସପୋର୍ଟ କାର୍ଯ୍ୟାଳୟରେ ପାସପୋର୍ଟ ଅଧିକାରୀ ପଦରେ ୨୦୧୮ ଅକ୍ଟୋବରରେ Deputation ରେ ଯୋଗ ଦେଲି।

ଏହା ପରେ ଆରମ୍ଭ ହେଲା ଏକ ଭିନ୍ନ ଜୀବନ। ଏ ଜୀବନରେ ଥିଲା ଜନ୍ମ ମାଟିର ମହକ, ବନ୍ଧୁବାନ୍ଧବଙ୍କ ନିଆନିମିଉରେ ଯୋଗଦେବା ଓ ସାଙ୍ଗମାନଙ୍କର ସାନ୍ନିଧ ପାଇବାର ଅପାର ଆନନ୍ଦ।

ପବ୍ଲିକ୍ ଡିଲିଙ୍ଗର ଅନୁଭୂତି ଆଦୌ ନଥିଲା । କିନ୍ତୁ ଲୋକମାନଙ୍କର ସେବା। ବ୍ୟବସ୍ଥାର ସରଳିକରଣ , କର୍ମଚାରୀମାନଙ୍କ ମଧ୍ୟରେ ସେବା, ସହନଶୀଳତା, ଧୌର୍ଯ୍ୟ, ସମୟାନୁବର୍ତ୍ତିତା ଆଦି ସଦ୍ଗୁଣର ବିକାଶ କରିବାରେ ଥିଲା ଅଦମ୍ୟ ଉତ୍ସାହ। ମୋର ଚେଷ୍ଟାରେ ମୁଁ ବ୍ରତୀ ହେଲି। ଆମ ରାଜ୍ୟର ଅନେକ ଅଳ୍ପ ଶିକ୍ଷିତ ଲୋକ ମଧ୍ୟପ୍ରାଚ୍ୟ ଦେଶଗୁଡିକୁ କାମ କରିବାକୁ ଯାନ୍ତି। ପାସପୋର୍ଟ ଦରଖାସ୍ତରେ ଛୋଟବଡ ତ୍ରୁଟି ଯୋଗୁ ଆଗରୁ ସେମାନଙ୍କୁ ଫେରାଇ ଦିଆଯାଉଥିଲା, ଯାହା ଫଳରେ କି ସେମାନେ ପରେ ନିଜେ ସଂଶୋଧନ କରି ଆସିପାରିବେ। କିନ୍ତୁ ଏଥିପାଇଁ ସେମାନଙ୍କୁ ପୁଣି ଦଲାଲଙ୍କ ପାଖକୁ ଯାଇ ଅର୍ଥ ଶ୍ରାଦ୍ଧ କରିବାକୁ ପଡୁଥିଲା। ମୁଁ ଏହି ପ୍ରଥାକୁ ବନ୍ଦ କରିଦେଲି। ଛୋଟ ବଡ ତ୍ରୁଟିକୁ ପାସପୋର୍ଟ ସେବା କେନ୍ଦ୍ର ତରଫରୁ ସଂଶୋଧନ କରାଯିବାର ନିର୍ଦ୍ଦେଶ ଜାରି କରାଗଲା। ପ୍ରାୟ ପ୍ରତ୍ୟେକ ଦିନ ପାସପୋର୍ଟ ସେବା କେନ୍ଦ୍ରକୁ ଯାଇ tcs କର୍ମଚାରୀ ଓ ସାଧାରଣ ଲୋକଙ୍କୁ ଭେଟି ସୁବିଧା ଅସୁବିଧା ବୁଝୁଥିଲି । ସଂକୀର୍ଣ୍ଣତା ଠାରୁ ଦୂରରେ ରହି ଓ ଭାଷା, ଜାତି, ଧର୍ମ ଠାରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ ପ୍ରେରଣା ଦେଉଥିଲି। Corruption ବିରୁଦ୍ଧରେ ମୁ ଏକ ନୀରବ ସଂଗ୍ରାମ ଜାରି ରଖିଥିଲି। ସିଧା ସଳଖ ଲୋକମାନଙ୍କ ସମସ୍ୟା ବୁଝିବା ପାଇଁ ସମସ୍ତ ଅନୁସଂଧାନ ଫୋନର ଏକ୍ସଟେନଶନ ମୋ ଟେବୁଲରେ ଲଗାଇଥିଲି। ଅନେକ ସମୟରେ ନିଜେ ଫୋନ ଉଠାଇ ସମସ୍ୟା ଶୁଣୁଥିଲି ଓ ସମାଧାନ କରି ଆବେଦକକୁ ଜଣାଇ ଦେଉଥିଲି। Apply Anywhere ଯୋଜନା ଦ୍ୱାରା ଜଣେ ଆବେଦକ ସାଧାରଣ ଆବେଦନ ଯେ କୌଣସି ରାଜ୍ୟରେ କରିପାରିବେ। କିନ୍ତୁ ବାସ୍ତବ ପକ୍ଷେ ଏଭଳି ଆବେଦନକୁ କିଛି ନା କିଛି ବାହାନା ଦେଖାଇ objection କରାଯାଉଥିଲା । ଭୁବନେଶ୍ୱରରେ ଏ ପ୍ରଥା ବନ୍ଦ କରାଗଲା। Documents ଠିକ ଥିଲେ ଅନ୍ୟ ରାଜ୍ୟର ଆବେଦକମାନଙ୍କର ଆବେଦନରେ objection କରାଗଲା ନାହିଁ। ଓଡିଶାରେ processing ର ପ୍ରକ୍ରିୟା ସରଳ ଥିବାରୁ ଅନ୍ୟ ରାଜ୍ୟର ପ୍ରାୟ ଶହେ ଜଣ ଆବେଦକ ପ୍ରତିଦିନ ଏଠାରେ ଆବେଦନ କରୁଥିଲେ। Documentation ରେ ଆମେ କେବେ ସାଲିସ କରୁନଥିଲୁ ବରଂ document ଠିକ ଥିଲେ ଆବେଦକକୁ ରାଜା ଭଳି ବ୍ୟବହାର କରୁଥିଲୁ।

୨୦୨୧ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ହାରାହାରି ପୁଲିସ ଭେରିଫିକେଶନ ୬୭ ଦିନରେ ସମ୍ପୂର୍ଣ୍ଣ ହେଉଥିଲା। ଏହାପରେ ଅନଲାଇନ Police ଆପ୍ଲିକେଶନ ଲାଗୁ ହେବା ପରେ ଏହି ଅବଧି

ମାତ୍ର ୪ ଦିନକୁ ଖସି ଆସିଲା।  ଏ କ୍ଷେତ୍ରରେ ଆମ ରାଜ୍ୟ ସମଗ୍ର ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଲା। ଭାରତ ସରକାରଙ୍କର ନିର୍ଦ୍ଦେଶ ଅଛି ଯେ ଅତି ଜରୁରୀ ନ ପଡିଲେ ପୁଲିସବାଲା ଭେରିଫିକେଶନ ପାଇଁ  କାହା ଘରକୁ ଯିବେ ନାହିଁ କି କାହାକୁ ପୁଲିସ ଷ୍ଟେସନ୍ ଡାକିବେ ନାହିଁ। ପାସପୋର୍ଟ ସମ୍ବନ୍ଧୀୟ ଭେରିଫିକେଶନ କେବଳ ଅପରାଧିକ ପୃଷ୍ଠଭୂମି ଓ ଭାରତୀୟ ନାଗରିକତ୍ୱରେ ସୀମିତ। ଏହି ଦୁଇଟି ରିପୋର୍ଟ୍ ଛଡା ପୁଲିସ ଠାରୁ ଅନ୍ୟ କୌଣସି ରିପୋର୍ଟ୍ ଆଶା କରା ଯାଏ ନାହିଁ।  ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଅକାଦେମିରେ ପ୍ରତ୍ୟେକ  ବ୍ୟାଚର ଟ୍ରେନି ମାନଙ୍କୁ ପାସପୋର୍ଟ ସମ୍ବନ୍ଧୀୟ ଦୁଇଟି କ୍ଲାସ ନେବାର ସୁଯୋଗ ମିଳୁଥିଲା। ବିନା କୌଣସି ବିପଦରେ କିପରି ଅତି ସରଳ ଭାବରେ  ଭେରିଫିକେଶନ କରାଯାଇପାରିବ ତାହା ସେଠାରେ ବୁଝାଉଥିଲି। ଜିଲ୍ଲା ପୁଲିସ ଅଧିକାରୀ ମାନଙ୍କ ସହିତ ଅତି ନିବିଡ ଭାବରେ ଆମେ କାମ କରୁଥିଲୁ ଓ ସାଧାରଣ ନାଗରିକମାନଙ୍କର ସୁବିଧାକୁ ଅଗ୍ରାଧିକାର ଦେଉଥିଲୁ ।

ମୁଁ ପାସପୋର୍ଟ ବିଷୟରେ "friends first" ନୀତି ଅବଲମ୍ବନ କରିଥିଲି ।  ସାଙ୍ଗମାନଙ୍କୁ ମୋର ଆତ୍ମାର ଏକ ସମ୍ପ୍ରସାରଣ ବୋଲି ମୁଁ ମନେ କରୁଥିବାରୁ ସେମାନଙ୍କ କାର୍ଯ୍ୟକୁ ମୁଁ ଅଗ୍ରାଧିକାର ଦେଇ ସମ୍ପାଦନ କରିବାକୁ ଚେଷ୍ଟା କରୁଥିଲି।  ଭୁବନେଶ୍ୱରରେ ସାଙ୍ଗମାନଙ୍କ ସହିତ ଘନିଷ୍ଠତାକୁ ମୁଁ ସୁଦୂର ଦିଲ୍ଲୀ ସହରରେ ମିସ କରୁଥିଲି ତେଣୁ ସେମାନଙ୍କ କାମରେ ମତେ ଅପାର ଆନନ୍ଦ ଅନୁଭୂତ ହେଉଥିଲା ।

ଏବେ ମୋର deputation ସମୟ ସରିଯାଇଛି। ପୁଣି ମୁଁ ମୋର କର୍ମ କ୍ଷେତ୍ର ଦିଲ୍ଲୀ କୁ ଫେରିଯିବି।  ସାଙ୍ଗରେ ନେଇଯିବି ଅନେକ ମଧୁର ଅନୁଭୂତି । ପ୍ରତେକ ବର୍ଷ ବାର୍ଷିକ ମିଳନ ସମୟରେ ପୁଣି ଦେଖା ହେବ।  ଏତିକି ପ୍ରତିଶ୍ରୁତି ଦେଉଛି। ବିଦାୟ।

# ଗଛଟିଏ ଲଗାଇବା ମାଆ ନାଁରେ

**ହରିହର ସାହୁ**
ଗଣିତ ବିଭାଗ

ଗଛଟିଏ ଲଗାଇବି ମୋ ମାଆ ନାଆଁ ରେ
ହସୁଥିବ ସେଇ ଗଛ ଆମ ପ୍ରିୟ ଗାଁ ରେ ।

ମାଆର ନାଁରେ ଗଛ ଲଗାଇବା ଦେଖିକି
ମୋର ସାନ ଭାଇ ଗଛ ଲଗାଇବ ଶିଖିକି ।

ଅପା ଲଗାଇବ ଗଛ ମାଆ ପାଇଁ ଗୋଟିଏ
ଗୋଟି ଗୋଟି ଗଛ ମିଶି ହୋଇଯିବ କୋଟିଏ ।

ଗଛ ସବୁ ଫୁଲ ଫଳେ ବିମଣ୍ଡିତ ହୋଇବେ
ସବୁ ଲୋକ ମୋତେ ଭଲ ପିଲା ବୋଲି କହିବେ ।

ଅଙ୍ଗାରକାମ୍ଳକୁ ଗଛ ନେବ ଖାଦ୍ୟ ପାଇଁକି
ଆମକୁ ସେ ବଞ୍ଚାଇବ ଅମ୍ଳଜାନ ଦେଇକି ।

ଗଛ ଲଗାଇଲେ ବର୍ଷା ହେବ ଏଠି ଭଲରେ
ଫସଲ ହୋଇବ ଭଲ ଆମ ବିଲ ବାଡିରେ ।

ଗଛ ପରି ଉପକାରୀ ବନ୍ଧୁଟିଏ ନାହିଁ ରେ
ତା'ର ଉପକାର ମିଳେନାହିଁ ଅନ୍ୟ କାହିଁରେ
ମାଆ ପରି ଆମେ ତାକୁ ଭାରି ଭଲପାଇବା
ତା'ର ଯତନ ପାଇଁ ସବୁ କିଛି କରିବା ।

# ଅବସୋସ

**ହିମାଂଶୁ ପଣ୍ଡା**
ରସାୟନ ବିଜ୍ଞାନ ବିଭାଗ

ବାପା ବୃଦ୍ଧ ହୋଇ ଯାଇ ଥିଲେ ଏବଂ ଚାଲିବା ସମୟରେ କାନ୍ଥକୁ ଧରି ଚାଲୁଥିଲେ। ଫଳସ୍ୱରୂପ କାନ୍ଥଗୁଡ଼ିକ ଧୀରେ ଧୀରେ ମଇଳା ଦିଶିଲା। ଯେଉଁଠାରେ ସେ ସ୍ପର୍ଶ କରୁଥିଲେ, ସେଠାରେ ତାଙ୍କ ଆଙ୍ଗୁଠିର ଛାପ ବାରି ହୋଇ ଯାଉଥିଲା । ପତ୍ନୀ ଏହା ଦେଖି ଅନେକ ସମୟରେ ମଇଳା ଦେଖାଯାଉଥିବା କାନ୍ଥଗୁଡ଼ିକ ବିଷୟରେ ଅଭିଯୋଗ କରୁଥିଲେ।

ଦିନେ ବାପାଙ୍କ ମୁଣ୍ଡବିନ୍ଧା ହେଲା., ତେଣୁ ସେ ତାଙ୍କ ମୁଣ୍ଡରେ କିଛି ତେଲ ମାଲିସ କଲେ। ତେଣୁ ଚାଲିବା ସମୟରେ କାନ୍ଥରେ ତେଲ ଦାଗ ସୃଷ୍ଟି ହେଲା । ଏହା ଦେଖି ପତ୍ନୀ ଚିତ୍କାର କଲେ ଏବଂ ପତି ପରବର୍ତ୍ତି ସମୟରେ ବାପାଙ୍କୁ ପାଟି କରି ତାଙ୍କ ସହିତ କଥାବାର୍ତ୍ତା କଲେ, ଚାଲିବା ସମୟରେ କାନ୍ଥକୁ ସ୍ପର୍ଶ ନକରିବାକୁ ପରାମର୍ଶ ଦେଲେ।

ବାପା ଆଘାତପ୍ରାପ୍ତ ଦେଖାଯାଉଥିଲେ। ପତି ମଧ୍ୟ ନିଜ ଆଚରଣ ପାଇଁ ଲଜ୍ଜିତ ଅନୁଭବ କରୁଥିଲେ, କିନ୍ତୁ ତାଙ୍କୁ କିଛି କହିଲେ ନାହିଁ । ବାପା ଚାଲିବା ସମୟରେ କାନ୍ଥ ଧରିବା ବନ୍ଦ କରିଦେଲେ। ଏବଂ ଚାଲୁ ଚାଲୁ ଦିନେ ତଳେ ପଡ଼ି ଗଲେ । ସେ ଶଯ୍ୟାଶାୟୀ ହୋଇ ଶେଷରେ ଆମକୁ ଛାଡି ଚାଲି ଗଲେ। ପତିର ହୃଦୟରେ ନିଜକୁ ଅପରାଧୀ ଅନୁଭବ କଲେ ଏବଂ ତାଙ୍କ ଅଭିବ୍ୟକ୍ତିକୁ କେବେ ବି ଭୁଲି ପାରିଲେ ନାହିଁ ଏବଂ କିଛି ସମୟ ପରେ ପିତାଙ୍କ ଦେହାନ୍ତ ହେତୁ ପତି ନିଜକୁ କ୍ଷମା କରିପାରିଲେ ନାହିଁ । କିଛି ଦିନ ପରେ, ଆମେ ଆମ ଘରକୁ ରଙ୍ଗ କରିବାକୁ ଚାହୁଁଥିଲୁ। ଯେତେବେଳେ ଚିତ୍ରକାରମାନେ (ରଙ୍ଗ ମିସ୍ତ୍ରୀ) ଆସିଲେ, ପୁଅ, ଯିଏ କି ତାଙ୍କ ଜେଜେଙ୍କୁ ବହତ ଭଲ ପାଉଥିଲା, ଚିତ୍ରକାରମାନଙ୍କୁ ବାପାଙ୍କ ଆଙ୍ଗୁଠି ଛାପ ସଫା କରିବାକୁ ଏବଂ ସେହି ଅଂଶରେ ରଙ୍ଗ ଦେବାକୁ ଅନୁମତି ଦେଲା ନାହିଁ। ଚିତ୍ରକାରମାନେ ବହୁତ ଭଲ ଏବଂ ଅଭିନବ ଥିଲେ। ସେମାନେ ତାଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେମାନେ ମୋ ବାପାଙ୍କ ଫିଙ୍ଗର ପ୍ରିଣ୍ଟ ଅପସାରଣ କରିବେ ନାହିଁ, ବରଂ ଏହି ଚିହ୍ନଗୁଡିକର ଚାରିପାଖରେ ଏକ ସୁନ୍ଦର ବୃତ୍ତ ଅଙ୍କନ କରିବେ ଏବଂ ଏକ ନିଆରା ଡିଜାଇନ୍ ସୃଷ୍ଟି କରିବେ। ଏହିକାମ ଜାରି ରହିଲା ଏବଂ ସେହି ମୁଦ୍ରଣଗୁଡ଼ିକ ଆମ ଘରର ଅଂଶ ହୋଇଗଲା । ଆମ ଘରକୁ ପରିଦର୍ଶନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଆମର ଅନନ୍ୟ ଡିଜାଇନ୍‌କୁ ପ୍ରଶଂସା କରୁଥିଲେ। ସମୟ ସହିତ, ପତି ମଧ୍ୟ ବୃଦ୍ଧ ହୋଇଗଲେ। ବର୍ତ୍ତମାନ ଚାଲିବା ପାଇଁ ପତିକୁ କାନ୍ଥର ସହାୟତା ଆବଶ୍ୟକ ପଡୁଥିବା। ଦିନେ ଚାଲିବା ସମୟରେ, ପତି ବାପାଙ୍କୁ ଦେଇଥିବା କଥା ମନେ ପକାଇଲେ, ଏବଂ ବିନା କାନ୍ଥ ସାହାଯ୍ୟରେ ଚାଲିବାକୁ ଚେଷ୍ଟା କଲେ।

ପୁଅ ଏହା ଦେଖି ସଙ୍ଗେ ସଙ୍ଗେ ପତି ପାଖକୁ ଆସି ଚାଲିବା ସମୟରେ କାନ୍ଥର ସମର୍ଥନ ନେବାକୁ କହିଲା, ମୋ ବିନା ସାହାଯ୍ୟରେ ପଡିଯିବି ବୋଲି ଚିନ୍ତା କରି ପତି ଅନୁଭବ କଲେ ଯେ ପୁଅ ତାଙ୍କୁ ଧରିଛି। ବଡ଼ ଝିଅ ସଙ୍ଗେ ସଙ୍ଗେ ଆଗକୁ ଆସି ସ୍ନେହପୂର୍ଣ୍ଣ ଭାବରେ ତା'ବାପାଙ୍କୁ ସାହାଯ୍ୟ ପାଇଁ କାନ୍ଧରେ ହାତ ରଖିବାକୁ କହିଲା। ପତି ପ୍ରାୟ ଚୁପ୍ ହୋଇ କାନ୍ଦିବାକୁ ଲାଗିଲେ ।

ଯଦି ମୋ ବାପାଙ୍କ ପାଇଁ ସମାନ କାର୍ଯ୍ୟ କରିଥା'ନ୍ତି, ତେବେ ସେ ଅଧିକ ଦିନ ବଞ୍ଚିଥାନ୍ତେ ପତି ଭାବିଲେ। ବଡ଼ ଝିଅ ମୋତେ ସାଙ୍ଗରେ ନେଇ ସୋଫାରେ ବସାଇଲା। ତା'ପରେ ସେ ମୋତେ ଦେଖାଇବା ପାଇଁ ତାର ଚିତ୍ରାଙ୍କନ ପୁସ୍ତକ ବାହାର କଲା। ତାର ଶିକ୍ଷକ ତାର ଚିତ୍ରାଙ୍କନକୁ ପ୍ରଶଂସା କରିଥିଲେ ଏବଂ ତାକୁ ଉତ୍କୃଷ୍ଟ ମନ୍ତବ୍ୟ ଦେଇଥିଲେ। ଏହି ସ୍କେଚ୍‌ଟି କାନ୍ଥରେ ମୋ ବାପାଙ୍କ ହାତ ଛାପ ଥିଲା। ଶିକ୍ଷକଙ୍କର ମନ୍ତବ୍ୟ – ''ମୋର ଇଚ୍ଛା, ପ୍ରତ୍ୟେକ ପିଲା ବଡ଼ମାନଙ୍କୁ ସମାନ ଭାବରେ ଭଲ ପାଆନ୍ତୁ''।

ପତି ରୁମ୍‌କୁ ଫେରି ବାପାଙ୍କ ଠାରୁ କ୍ଷମା ମାଗି କାନ୍ଦିବାକୁ ଲାଗିଲେ, ସିଏ ଆଉ ସଂସାରରେ ନଥିଲେ । ସମୟ ସହିତ ଆମେ ବି ଦିନେ ବୃଦ୍ଧ ହେବା।

ଆସନ୍ତୁ ଆମେ ଆମର ବୟସ୍କ ପିତାମାତାଙ୍କର ଯତ୍ନ ନେବା ଏବଂ ଆମ ପିଲାମାନଙ୍କୁ ମଧ୍ୟ ସମାନ ଶିକ୍ଷା ଦେବା।

# ଜୀବନ ସଂଗୀତ

**ହିରଣ୍ମୟୀ ମିଶ୍ର**
ରାଜନୀତି ବିଜ୍ଞାନ ବିଭାଗ

ପଛକୁ ଚାହିଁଲେ କେତେ ମୁହଁ ଦିଶେ
କିଏ ରଖେ ତା'ହିସାବ
କିଏ ଗଲା ପରେ କିଏ ଜଣେ ଆସେ,
ଜୀବନ ତା' ବାଟେ ଯିବ ।

ଯିଏ ଗୋଳିଦେଲା ପବନେ ଅବିର
କେତେ କିଏ କଲେ ଈର୍ଷା
ପ୍ରଥମ ପରଶ ଭଲପାଇବାର,
ଆଜି ବି ଆଖିରେ ବର୍ଷା ।

ଯା' ହାତ ପ୍ରଥମେ ମୋ ହାତ ଛୁଇଁଲା
ସେ ମୁହୂର୍ତ୍ତ ଆଜି ଦିଶେ
ସେ ଦିନର ଲାଜ ମାଟିରେ ମିଶିଲା,
ଜାଣେନି ଭୁଲିବି କି ସେ ।

ଯେ ଦିନ ପ୍ରଥମେ ତା' ଆଖିରେ ମୋର
ଆଖି ମିଶିଥିଲା ଥରେ
ଶ୍ରାବଣ ଆସିଲେ ସେଇ ଲୁହଧାର,
ଆଜି ବି ତ ମନ ଝୁରେ ।

ପହିଲି ଚିଠି ସେ ଭଲପାଇବାର
ମିଠା ଶବଦରେ ଭରା
ହୃଦୟେ ଝରିଲା ପ୍ରୀତିର ନିର୍ଝର,
ସେ ରହିଲା ଦୂରେ ପରା ।

ଯେ ଦେହେ ମିଶିଲା ଏ ଦେହର ବାସ୍ନା
ଅନ୍ଧାରକୁ ପଛ କରି
ପରତେ ଆସିଲା ସକଳ ତୃଷ୍ଣା,
ଯିବ ତ ଏଥର ପୂରି ।

ଯାହା ସ୍ୱର ଦିନେ କରିଲା ପାଗଳ
ଗୀତ ଭଳି ମନ ଝୁରେ
ସେଦିନର ସେଇ ଚପଳ କୋମଳ
ବୟସ କି ସତେ ଫେରେ !

ଡେଇଁଥିଲି ଦିନେ ଯାହା ଇସାରାରେ
କେତେ ଗାର, କଣ୍ଟା, ଝଣ୍ଟା
ସିଏ ରହିଲାନି ଏ ମନର ଘରେ,
ଅଟକି ଯାଇନି ଘଣ୍ଟା ।

ଭଲପାଏ ବୋଲି ଦିନେ ଯେ କହିନି
ତା'ସାଥେ ଜୀବନ ଜୀଏଁ
ଜୀବନ ସତରେ ଅବୁଝା ଉଜାଣି,
ତା' ହସେ ସୁରୂଜ ଉଏଁ ।

ଟିପାଖାତା ସେଇ ପାପ ପୁଣ୍ୟର
ଏଇଠାରେ ଛାଡ଼ିଯିବି
ଡାକରା ଆସିଲେ ଦୂର ଆକାଶର
ପ୍ରେମରେ ମୁଁ ସରିଯିବି ।

# ମୋ ସ୍ମୃତିରେ ବାଣୀବିହାର

**ହେମନ୍ତ କୁମାର ନାୟକ**
ଇତିହାସ ବିଭାଗ

ବାଣୀବିହାରର ୧୯୮୭-୮୯ ବ୍ୟାଚର ୩୫ ବର୍ଷ ପୂର୍ତ୍ତି ବନ୍ଧୁ ମିଳନ ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ନିମନ୍ତେ ଲେଖାଟିଏ ପଠାଇବାପାଇଁ ବନ୍ଧୁ ପବିତ୍ର କରଙ୍କ ବାରମ୍ବାର ତାଗିଦ୍‌ରେ ଛାନିଆ ହୋଇ ଶେଷରେ କିଛି ଅନୁଭୂତି ରୋମନ୍ଥନ ପାଇଁ ବାଧହେଲି । ବାଣୀବିହାରରେ ବିତାଇଥିବା ଦିନଗୁଡ଼ିକର ଅନୁଭୂତି ଜୀବନର ସ୍ୱର୍ଣ୍ଣିମ ଅଧ୍ୟାୟ ଭାବରେ ସାଇତା ହୋଇ ରହିଛି । ସେସବୁକୁ ବଖାଣି ବସିଲେ ସରିବନି । ସେଥିମଧ୍ୟରୁ କେତେକ ଘଟଣା ଆଜି ବି ସ୍ମୃତିରେ ସତେଜ ହୋଇ ରହିଛି । ସେ ଅନୁଭୂତି ଆମ ବନ୍ଧୁମାନଙ୍କୁ ଅଜଣା ନୁହେଁ । ତଥାପି ସେସବୁକୁ ରୋମନ୍ଥନ କଲେ ମିଠା ଲାଗେ ।

